

ଭାରତ ସହ ଟକ୍କର ଦିଅନି
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 215 | ଭାଗ ୩୩ | ସଂଖ୍ୟା ୨୧୫ | Wednesday 29 October 2025 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୨୯ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ଅମଲାପୁରମ୍‌ରେ ଲ୍ୟାଣ୍ଡଫଲ୍ କଲା ମୋନ୍ଥା

## ୧୧୦ କିମି ବେଗରେ ବହୁଛି ପବନ

## ସକାଳ ପର୍ଯ୍ୟନ୍ତ ଯାନ ଚଳାଚଳ ଉପରେ କଟକଣା

## ଆଜି ଓଡ଼ିଶା ପାଇଁ ନିର୍ଣ୍ଣାୟକ

## ଦକ୍ଷିଣ ଓଡ଼ିଶାରେ ବର୍ଷା ଓ ପବନ ଜାରି

## ପୁରୀରେ କାନ୍ଥ ପଡ଼ି ୩ ଆହତ

## ଗଜପତିରେ ଭୂସ୍ଖଳନ

## କାର୍ଯ୍ୟରେ ଅବହେଳା ଯୋଗୁଁ କିରାଣୀ ନିଲମ୍ବିତ



ହାଇଦ୍ରାବାଦ/ଭୁବନେଶ୍ୱର,୨୮।୧୦: ଗଭୀର ଅବପାତରୁ କ୍ରମଶଃ ଭୀଷଣ ବାତ୍ୟାର ରୂପ ନେଇଥିବା 'ମୋନ୍ଥା' ଆଜି ମଧ୍ୟରାତ୍ରରେ କାକିନାଡ଼ାଠାରୁ ପ୍ରାୟ ୬୨ କିମି ଦୂରବର୍ତ୍ତୀ କେନ୍ଦ୍ରୀୟ-ଉତ୍ତର ଆନ୍ଧ୍ରପ୍ରଦେଶର ଅମଲାପୁରମ୍‌ଠାରେ ଲ୍ୟାଣ୍ଡଫଲ୍ କରିଛି। ଆଜି ରାତି ପ୍ରାୟ ସାଢ଼େ ୭ଟା ସମୟରେ ଆନ୍ଧ୍ର ପ୍ରଦେଶର କାକିନାଡ଼ା ନିକଟରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ଏହା ଶେଷ ହେବାକୁ ପ୍ରାୟ ୪ ଘଣ୍ଟା ସମୟ ଲାଗିଥିଲା। ଏଥିସହ ଲ୍ୟାଣ୍ଡଫଲ୍ ପରେ ଏହା କାକିନାଡ଼ା ପାଖାପାଖି ମଛଲିପଟ୍ଟନମ୍ ଓ କଳିଙ୍ଗପଟ୍ଟନମ୍ ମଧ ଉପକୂଳ ଅତିକ୍ରମ କରିବା ଆରମ୍ଭ କରିଦେଇଥିବା ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ତେବେ ଲ୍ୟାଣ୍ଡଫଲ୍ ପରେ ଏହାର ପ୍ରଭାବରେ କାକିନାଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଭୀଷଣ ବର୍ଷା ଓ ପବନ ଜାରି ରହିଛି। ଘଣ୍ଟା ପ୍ରତି ୧୧୦ କିମି ବେଗରେ ପବନ ବହୁଛି।

ଆଜି ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହେବା ପରେ ଆନ୍ଧ୍ର ପ୍ରଦେଶ ସରକାର ଜନସାଧାରଣଙ୍କୁ ରାତି ସାଢ଼େ ୮ଟାରୁ ଆସନ୍ତାକାଲି ପ୍ରାତଃ ୭ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଉପରେ କଟକଣା ଲାଗୁ କରିଛନ୍ତି। ଏହି ବାତ୍ୟାର ସର୍ବାଧିକ ପ୍ରଭାବ କ୍ରିଷ୍ଣା, ଏଲୁରୁ, ଇଷ୍ଟ ଗୋଦାବରୀ, ୱେଷ୍ଟ୍ ଗୋଦାବରୀ, ପୃଷ୍ଠା-୬

## ସବୁ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ

# କଣ୍ଟ୍ରୋଲ୍ ରୁମ୍‌ରେ ମୁଖ୍ୟମନ୍ତ୍ରୀ

### ରେଳମନ୍ତ୍ରୀଙ୍କ ସହ କଲେ ଆଲୋଚନା

### ୩୦ ଓଡ୍ରାଫ, ୫ ଏନ୍‌ଡିଆରଏଫ, ୧୨୩ ଅଗ୍ନିଶମ ଦଳ ନିୟୋଜିତ

### ୨୦୪୮ ଆଶ୍ରୟସ୍ଥଳ ପ୍ରସ୍ତୁତ

### ବିପଦସଂକୁଳ ସ୍ଥାନରେ କେହି ବି ରୁହନ୍ତୁନି

### ତୁରନ୍ତ ମିଳିବ ଫସଲ କ୍ଷତି ବାବଦ ସହାୟତା

### ୧୭,୮୧୭ ଜଣ ସ୍ଥାନାନ୍ତର



ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ବାତ୍ୟା ମୋନ୍ଥାର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ପ୍ରତ୍ୟେକ ବିପର୍ଯ୍ୟୟରେ ଆମର ଏକମାତ୍ର ଲକ୍ଷ୍ୟ ହେଉଛି ଜିରୋ କାଜୁଆଲ୍‌ଟି। ବାତ୍ୟା ଆନ୍ଧ୍ରପ୍ରଦେଶରେ ଅତିକ୍ରମ କରୁଥିଲେ ମଧ ଓଡିଶାର ବିଭିନ୍ନ ଜିଲ୍ଲାରେ, ବିଶେଷ କରି ଦକ୍ଷିଣ ଓଡିଶାର ଜିଲ୍ଲା ଗୁଡିକରେ ବ୍ୟାପକ ବର୍ଷା ସହିତ ପବନ ହେବାର ମଧ ସମ୍ଭାବନା ରହିଛି। ତେଣୁ, କୌଣସି ବିପଦ ସଂକୁଳ ଅଞ୍ଚଳରେ ଯେପରି ଜଣେ ବି ଲୋକ ରହିଯିବ ନାହିଁ, ସମସ୍ତେ ବାତ୍ୟା-ବନ୍ୟା ଆଶ୍ରୟ ସ୍ଥଳ କିମ୍ବା ଅନ୍ୟ ସୁରକ୍ଷିତ ସ୍ଥାନାନ୍ତରିତ ହେବେ, ତାକୁ ଅଧିକାରୀ ମାନେ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତବର୍ଷ ମଧ ବାତ୍ୟା ଦାନା ସମୟରେ ଆମେ ସଫଳ ଭାବରେ ଲୋକଙ୍କୁ ସ୍ଥାନାନ୍ତରିତ କରି ଜିରୋ କାଜୁଆଲ୍‌ଟି ହାସଲ କରିଥିଲୁ। ବାତ୍ୟା ପ୍ରଭାବିତ ଅଞ୍ଚଳରୁ ଲୋକଙ୍କ ସ୍ଥାନାନ୍ତରଣ ହେଉଛି ଆମର ଏକ ପ୍ରମୁଖ ଷ୍ଟ୍ରାଟେଜି। ତେଣୁ, ଏହି ଦିଗ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିବାକୁ ସେ ପରାମର୍ଶ ଦେଇଥିଲେ।

ସେହିପରି ବାତ୍ୟା ପରେ ଯେପରି ବିଭିନ୍ନ ଜରୁରୀ ବ୍ୟବସ୍ଥା ତୁରନ୍ତ ପୁନଃକ୍ଷମ କରାଯାଇପାରିବ ସେଥିପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ଇଞ୍ଜିନିୟରିଂ ବିଭାଗଗୁଡିକରୁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ପରେ ପରେ ଯେପରି ଭାଙ୍ଗିଯାଇଥିବା ଗଛ ଗୁଡିକ ଯୋଗୁ ରାସ୍ତା ଅବରୋଧ ନହୁଏ, ସେଥିପ୍ରତି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନ ସମୟ ହେଉଛି ଫସଲ ଅମଳର ସମୟ। ତେଣୁ, ବାତ୍ୟା ପରେ ପରେ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଚାଷୀ ଭାଇମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜସ୍ୱ ମନ୍ତ୍ରୀଙ୍କ ଅଧକ୍ଷତାରେ ଗତ ତିନି ଦିନ ଧରି ବାତ୍ୟା ମୁକାବିଲା ସମ୍ପର୍କରେ ନିୟମିତ ସମୀକ୍ଷା କରାଯାଉଛି ଓ ପ୍ରସ୍ତୁତିକୁ ସୁଦୃଢ଼ କରାଯାଉଛି। ପ୍ରାୟ ସମସ୍ତ ବିଭାଗ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। ତେବେ, ବିଭାଗୀୟ ସଚିବ ତଥା ଜିଲ୍ଲାପାଳ ମାନେ ସମସ୍ତ ପ୍ରସ୍ତୁତିକୁ ଠିକ୍ ଭାବେ ମନିଟରିଂ କରି ପୃଷ୍ଠା-୬

## ରେଳମନ୍ତ୍ରୀଙ୍କ 'ମୋନ୍ଥା' ପ୍ରସ୍ତୁତି ସମୀକ୍ଷା

# ତୁରନ୍ତ ସେବା ପୁନଃସ୍ଥାପନ ଉପରେ ଗୁରୁତ୍ୱ



ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ): କେନ୍ଦ୍ର ରେଳ, ଯୋଗାଯୋଗ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ପୂର୍ବତଟ ରେଳପଥ ଓ ଦକ୍ଷିଣ କେନ୍ଦ୍ରୀୟ ରେଳପଥ (ଏସ୍‌ସିଆର୍)ର ବରିଷ୍ଠ ଅଧିକାରୀଙ୍କ ସହ ଘୂର୍ଣ୍ଣିଝଡ଼ 'ମୋନ୍ଥା' ପ୍ରସ୍ତୁତି ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି। ପୂର୍ବତଟ ସହ ଆସନ୍ନ ଘୂର୍ଣ୍ଣିଝଡ଼କୁ ଦୃଷ୍ଟିରେ ରଖି ରେଳ ନେଟୱାର୍କର ପ୍ରସ୍ତୁତି ମୂଲ୍ୟାଙ୍କନ ପାଇଁ ଭିଡିଓ କନଫରେନ୍ସିଂ ମାଧମରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ମନ୍ତ୍ରୀ ଯାତ୍ରୀ ସୁରକ୍ଷା, ଟ୍ରେନ୍ ନିୟନ୍ତ୍ରଣ, ପୁନରୁଦ୍ଧାର ଯୋଜନା ଏବଂ ସ୍ଥାନୀୟ ପ୍ରଶାସନ ଓ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ସହ ସମନ୍ୱୟ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରିଛନ୍ତି। ପୂର୍ବତଟ ପୃଷ୍ଠା-୬

# ଧରାପଡ଼ିଲା ୩ କୋଟିର ବ୍ରାଉନସୁଗର, ୭ ଗିରଫ



## ୪ ଲକ୍ଷ ଟଙ୍କା, ୫ ଗାଡ଼ି ଓ ବନ୍ଧୁକ ଜବତ

ଖୋର୍ଦ୍ଧା,୨୮।୧୦(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ବୋଲଗଡ଼ ପୁଲିସକୁ ବଡ଼ ସଫଳତା ମିଳିଛି। ବ୍ରାଉନ୍‌ସୁଗର କାରବାର ଉପରେ ପୁଲିସ୍‌ର ଶକ୍ତ ପ୍ରହାର। ଦଲେଇସାହି ମାଣିକାଗଡ଼ା ଗ୍ରାମରେ ଏକ ଘରୁ ଚଢ଼ାଉ କରି ପୁଲିସ୍ ୩୧୪ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଏଥସହ ନଗଦ ୪ ଲକ୍ଷ ଟଙ୍କା, ୫ଟି ଗାଡ଼ି ଓ ଗୋଟିଏ ବନ୍ଧୁକ ମଧ ଜବତ କରାଯାଇଛି। ଉକ୍ତ ଜବତ ବ୍ରାଉନସୁଗରର ମୂଲ୍ୟ ୩ କୋଟି ୨୯ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ ଜଣେ ମହିଳା ସାମିଲ୍ ଥିବା ଜଣାପଡ଼ିଛି। ଏନେଇ ଆଜି ପୃଷ୍ଠା-୬

## ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ସାଧୁତାର ଶପଥ ପାଠ କରାଇଲେ ମୁଖ୍ୟମନ୍ତ୍ରୀ



### ଦୁର୍ନୀତି ବିରୋଧରେ ଲଢ଼ିବା ସମସ୍ତଙ୍କ ନୈତିକ ଦାୟିତ୍ୱ

### ୩୦ କର୍ମଚାରୀ ବହିଷ୍କୃତ ହେଲେଣି, ୬୮ଙ୍କ ପେନ୍‌ସନ୍ ବନ୍ଦ

### ଦୁର୍ନୀତି ନିବାରଣ ବିଭାଗ କାହାକୁ ଛାଡିବ ନାହିଁ - ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୧୦(ସଂଚାର ବ୍ୟୁରୋ): ଦୁର୍ନୀତି ନିବାରଣ ପାଇଁ କେବଳ ଏକ ପ୍ରତିକାତ୍ମକ କାର୍ଯ୍ୟକ୍ରମ ନୁହେଁ, ଏହା ଦୁର୍ନୀତିଖୋର୍ ଅଧିକାରୀଙ୍କୁ ଏବଂ ଦୁର୍ନୀତିରେ ଲିପ୍ତ ସିଷ୍ଟମକୁ ଦୁର୍ନୀତି ପ୍ରତି ଆମ ସରକାର ଶୂନ୍ୟ ସହନଶୀଳ କଠୋର ବାର୍ତ୍ତା ଦେବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି। ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେତେବେଳେ ଦୁର୍ନୀତି ଆମ ବ୍ୟବସ୍ଥାରେ ପ୍ରବେଶ କରେ, ସେତେବେଳେ ସାଧାରଣ ଲୋକଙ୍କ ବିଶ୍ୱାସ ଭାଙ୍ଗି ଯାଇଥାଏ। ଦୁର୍ନୀତି ଆମ ଶାସନର ମୂଳଦୁଆକୁ ଦୁର୍ବଳ କରିଥାଏ। ତେଣୁ, ଦୁର୍ନୀତି ବିରୋଧରେ ଲଢ଼ିବା କେବଳ ଏକ କର୍ତ୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କର ଏକ ନୈତିକ ଦାୟିତ୍ୱ। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଗଠନ ହେବା ପରେ ଦୁର୍ନୀତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲି। ପୂର୍ବ ବ୍ୟବସ୍ଥାକୁ ପରିବର୍ତ୍ତନ କରି ପୃଷ୍ଠା-୬

## ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଚିନ୍ତା

# ୧ରୁ ପୁରୀରେ ମାଛଧରା କଟକଣା



ପୁରୀ,୨୬।୧୦(ସଂଚାର ବ୍ୟୁରୋ): ଆସନ୍ତା ୧ରୁ ୨୦୨୬ ମେ ୩୧ ତାରିଖ ପର୍ଯ୍ୟନ୍ତ ପୁରୀ ସମୁଦ୍ର ଉପକୂଳରେ ମାଛଧରା ନେଇ କଟକଣା ଲାଗୁ ହେବ। ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ଏହି କଟକଣା ୭ ମାସ ଧରି ଲାଗୁ ହେବ। କାରଣ ଆସନ୍ତା ୧ରୁ ବିରଳ ଅଲିଭ ରିଡ୍‌ଲେ କଇଁଛ ବଙ୍ଗୋପସାଗରକୁ ଆସି ଏଠାରେ ସମାଗମ କରିଥାନ୍ତି। ଏଣୁ ଟ୍ରଲର ଓ ଯନ୍ତ୍ରଚାଳିତ ଡଙ୍ଗା ମାଡ଼ରେ ଯେଭଳି ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ନ ହୁଏ, ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ପୁରୀର ଦେବୀ ନଦୀ ଓ କେଳୁଣି ନଦୀ ମୁହାଣରୁ ୫ କିମି ଯାଏ ନିଷିଦ୍ଧାଞ୍ଚଳ ଘୋଷିତ ହେବ। ଏହି ଅଞ୍ଚଳରେ କୌଣସି ଡଙ୍ଗା, ଟ୍ରଲର ଚଳାଚଳ ଅନୁମତି ନ ଥାଏ। ସମୁଦ୍ର କୂଳରୁ ୨୦ କିମି ସମୁଦ୍ର ଭିତରେ ଟ୍ରଲର ଚାଳଚଳ ସମ୍ପୂର୍ଣ୍ଣ ନିଷିଦ୍ଧ ଥାଏ। ହେଲେ ଏହାକୁ କେତେକ ଟ୍ରଲର ଚାଳକ ଉଲ୍ଲଂଘନ କରି ନିଷିଦ୍ଧ ଅଞ୍ଚଳରେ ମାଛ ମାରୁଥିବାରୁ ଅନେକ ଅଲିଭ ରିଡ୍‌ଲେ କଇଁଛଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହୋଇଆସୁଛି।

ତେବେ ଚଳିତ ବର୍ଷ କିଭଳି ଅଲିଭ ରିଡ଼୍‌ଲେ କଇଁଛଙ୍କ ମୃତ୍ୟୁ କୁ ରୋକାଯାଇପାରିବ ସେ ନେଇ ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ, ମେରାଇନ୍ ପୋଲିସ, ସାଗର ମିତ୍ରଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କିଭଳି ସାମୁଦ୍ରିକ ପେଟ୍ରୋଲିଂ ଠିକଣା ଭାବେ ହୋଇପାରିବ, ବେଆଇନ ଟ୍ରଲର ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଏବଂ ପୃଷ୍ଠା-୬



## କାନ ଡେରିଥା

ଗଞ୍ଜାମ ମାଟିକୁ
ବିପଦ ଆସିଲା
"ମନ୍ଥା" ମନ୍ଥାମନ୍ଥି କଲା
ଅକ୍ଟୋବର ମାସେ
ବାତ୍ୟା ବିପତ୍ତି
ପୁଣି ଯେ ସୂଚାଇ ଦେଲା
କାହା ପାଇଁ
ଏହି ପାଲା...
ପରିବେଶ ଏଠି
ବିଗିଡି ଗଲାଣି
ଚିନ୍ତା କର ଟିକେ ଭଲା।

■ ଦେବାଶିଷ

# ମୋହନ-ନବୀନଙ୍କୁ ନୂଆପଡ଼ାରେ ଅପେକ୍ଷା

## ଗସ୍ତ ପରେ ବଦଳିବ ଚିତ୍ର

## ମନସ୍ଥିର କରିବେ ଭୋଟର



ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନ ପାଇଁ ତିନି ଦଳର ସେନାପତିମାନେ ଏବେ କ୍ଷେତ୍ରରେ ରହି ମଙ୍ଗ ଧରିଥିବା ବେଳେ ଅପେକ୍ଷା କିନ୍ତୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଗସ୍ତକୁ ନେଇ। ଏହି ଦୁଇ ନେତା ନୂଆପଡାରେ ନିର୍ବାଚନ ପ୍ରଚାର କରିବା ପରେ ମୌନ ଅବତାରରେ ରହିଥିବା ଭୋଟରମାନେ ନିଷ୍ପତ୍ତି ନେବେ ବୋଲି ଆକଳନ କରାଯାଉଛି।

ନୂଆପଡ଼ାରେ ଏବେ ବିଜେପି, ବିଜେଡି ଓ କଂଗ୍ରେସର ମାଳ ମାଳ ନେତା ନିର୍ବାଚନ ପ୍ରଚାରରେ ମାତିଛନ୍ତି। ପୂର୍ବତନ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ମନ୍ତ୍ରୀ, ମାଳ ମାଳ ସାଂସଦ, ବିଧାୟକ ଏବେ ନୂଆପଡ଼ାରେ ଡେରା ପକାଇଛନ୍ତି। ଘରକୁ ଘର ବୁଲି ଭୋଟ୍ ଭିକ୍ଷା କରୁଛନ୍ତି। ବାଣ୍ଟକୁଣ୍ଟ ହୋଇ ପଞ୍ଚାୟତ ଜଗିଛନ୍ତି। ଏମାନଙ୍କ ପ୍ରଚାରରେ ନୂଆପଡ଼ା ଏକରକମ ଦୁଲୁକୁଛି। ବ୍ୟାନର, ପୋଷ୍ଟର ମାରିବା ପାଇଁ ତିନି ଦଳ ପ୍ରତିଯୋଗିତା ଚଳାଇଥିବା ବେଳେ ଲୋକଙ୍କ ମନକୁ ଛୁଇଁବା ଭଳି ଗୀତ ସହ ପ୍ରଚାର ବେଶ୍ ଜୋର୍‌ସୋର୍‌ରେ ଚାଲିଛି। ଏତେସବୁ ସତ୍ତ୍ୱେ ବି ଭୋଟରମାନେ ନିଜର ପତା ଖୋଲିନାହାନ୍ତି। ସେମାନେ କେଉଁ ପଟକୁ ଢଳିବେ, ପ୍ରଚାର କରୁଥିବା ନେତାମାନେ ବି ଜାଣିପାରୁନାହାନ୍ତି। ସମସ୍ତଙ୍କ ଅପେକ୍ଷା ଏବେ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଗସ୍ତକୁ ନେଇ। ଇତିମଧରେ ବିଜେପି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡ଼ା ଗସ୍ତ କରିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ପ୍ରଚାର ମଇଦାନକୁ ଓହ୍ଲାଇନାହାନ୍ତି ସେ। ସେହିଭଳି ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ନୂଆପଡ଼ା ଯିବେ ବୋଲି ଦଳ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଛି।

ଓଡ଼ିଶା ରାଜନୀତିର ଦୁଇ ଭେଟେରାନଙ୍କ ଗସ୍ତ ପାଇଁ ନୂଆପଡ଼ାରେ କ୍ଷେତ୍ର ପ୍ରସ୍ତୁତ ହେଉଥିବା ବେଳେ ଉଭୟ ଦଳର ଛାମୁଆ କର୍ମୀମାନେ ଏଥିପାଇଁ ଲାଗି ପଡ଼ିଛନ୍ତି। ଯଦିଓ ଏହି ନେତାମାନେ କେଉଁ କେଉଁ ସ୍ଥାନରେ କେତୋଟି ସଭା କରିବେ, ଅଦ୍ୟାବଧି ତା'ର କୌଣସି ନିର୍ଦ୍ଦିଷ୍ଟ ସୂଚନା ଆସିନାହିଁ। ତଥାପି ଅତି କମ୍‌ରେ ଗୋଟିଏ ଦିନ ଗସ୍ତ କରି ଏକାଧିକ ସ୍ଥାନରେ ଭୋଟରଙ୍କୁ ନିଜ ଦଳ ସପକ୍ଷରେ ଭୋଟ ଦେବାକୁ ସେମାନେ ପ୍ରବର୍ତ୍ତାଇବେ ବୋଲି ଦଳୀୟ ନେତାମାନଙ୍କ ଆଲୋଚନାରୁ ପୃଷ୍ଠା-୬

## 'ମୋନ୍ଥା' ସତର୍କତା

# ଚନ୍ଦ୍ରଭାଗାରେ ଲାଗିଲା ନାଲି ପତାକା

କୋଣାର୍କ, ୨୮।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି କୋଣାର୍କ ଏନ୍‌ଏସି ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ବାତ୍ୟା ପ୍ରଭାବରେ ଚନ୍ଦ୍ରଭାଗା ସମୁଦ୍ର ଅଶାନ୍ତ ହୋଇ ଉଚ୍ଚ ଜୁଆର କୂଳକୁ ମାଡ଼ି ଆସୁଥିବାରୁ ଅଗ୍ନିଶମ ବାହିନୀ ପକ୍ଷରୁ ସମୁଦ୍ରକୂଳକୁ କୂଳକୁ ଯିବାକୁ ବାରଣ କରାଯାଇଛି। ଏଥିପାଇଁ ବିପଦ ସଂକେତ ଭାବେ ନାଲି ପତାକା ଲାଗିଛି। ପ୍ରଚାର ଗାଡ଼ି ମାଧମରେ ଲୋକମାନଙ୍କୁ ସଚେତନ କରାଯାଉଥିବା ବେଳେ ସମୁଦ୍ରକୂଳରେ ରହୁଥିବା ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଉଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଏଠାରେ ଥିବା ବିଭିନ୍ନ ଲଜ୍, ଧର୍ମଶାଳା, ହୋଟେଲ୍, ଗେଷ୍ଟ ହାଉସ୍ ଓ ରେଷ୍ଟୋରାଁରେ ପର୍ଯ୍ୟଟକମାନେ ରାତ୍ରିଯାପନ କରିପାରିବେ ନାହିଁ। ଏନେଇ କୋଣାର୍କ ବଜାର ସମେତ ବିଭିନ୍ନ ୱାର୍ଡରେ ଘନ ଘନ ପ୍ରଚାର କରାଯାଉଛି।

## ବଜ୍ରପାତରେ ଜଳିଗଲା ତିନିବଖରା ଚାଳ ଛପର ଘର



**ଗରଦପୁର,୨୮।୧୦(ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ତେଣ୍ଡାକୁଡା ଗ୍ରାମ ପଞ୍ଚାୟତ ମିଶର ନରସିଂହପୁର ଗ୍ରାମରେ ବଜ୍ରପାତ ହେବାରୁ ଦୁଇ ବଖରା ଘର ପୋଡି ଭସ୍ମୀଭୂତ ହୋଇଯାଇଛି । ଖରବନେବାରେ ଜଣାଯାଇଛି ଆଜି ପୂର୍ବାହ୍ନରେ ବାତ୍ୟା ମନ୍ଥା ପ୍ରଭାବରେ ବର୍ଷା ପବନ ଓ ବ୍ରଜପାତ ହୋଇଥିଲା । ଗ୍ରାମର କୁନିଲତା ସାହୁଙ୍କର ଘର ଓ ଗୁହାଳ ନିକଟ ଚାକୁଣ୍ଡା ଗଛରେ ବଜ୍ରପାତ ହୋଇ ଘର ଉପରେ ନିଆଁ ପଡିବାରୁ ଘର ସଂପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି । ଘରପୋଡି ଖବର ପାଇ ଗ୍ରାମବାସୀମାନେ ନିଆଁ ଲିଭାଇବାକୁ ପ୍ରୟାସ କରିଥିବାବେଳେ କୋରୁଆ ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ ମଧ ଘର ସଂପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା । ତେବେ ନିଆଁର ପ୍ରକୋପ ପ୍ରବଳ ଥିବାବେଳେ ବିପିନ ବିହାରୀ ସାହୁ ଙ୍କ ଘର ଉପରେ ନିଆଁ ଝୁଲ ପଡି ଆଂଶିକ କ୍ଷତି ହୋଇଥିବା ଜଣାଯାଇଛି। ଖବରପାଇ ତେଣ୍ଡାକୁଡା ରାଜସ୍ୱ ନିରୀକ୍ଷକ, ସରପଂଚ ମାନସ ରଂଜନ ରାଉତ, ସମିତି ସଭ୍ୟ ବାସୁଦେବ ବେହେରା, ବିଜେଡି ନେତା ସୁକାନ୍ତ ନାୟକ ଘଟଣାସ୍ଥଳରେ ପହଂଚି ଅଗ୍ନିବିପନ୍ନ ପରିବାରକୁ ଆଶାସ୍ୱନା ଦେଇଥିବାବେଳେ ସରକାରୀସ୍ତରରେ ସହାୟତା ପ୍ରଦାନ କରିବାକୁ ପ୍ରତିଶୃତି ଦେଇଛନ୍ତି ।

## କାର ବାଇକ୍ ମୁହାଁମୁହିଁ ଧକ୍କା, ବାଇକ ଚାଳକ ସମେତ ୩ ଗୁରୁତର

**ଡେରାବିଶ,୨୮।୧୦(ସଂଚାର ବ୍ୟୁରୋ):** କଟକ-ଚାନ୍ଦବାଲି ରାଜରାସ୍ତାର ଖମୋଳ ଛକ ନିକଟରେ ଆଜି ଅପରାହ୍ନରେ ଏକ କାର ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ସମେତ ୩ଜଣ ଗୁରୁତର ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଛନ୍ତି। ଘଟଣାରୁ ପ୍ରକାଶ ଖମୋଳ ଛକ



ନିକଟରେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଏକ ବାଇକ୍‌ରେ ପୁରୁଷ ଚାଳକ ଓ ପଛରେ ଦୁଇଜଣ ମହିଳା ରାସ୍ତାର ବାମପଟେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଏକ କାର (ସୁଜୁକି ଇର୍ଟିଗା) ଭାରସାମ୍ୟ ହରାଇ ବାକ୍‌କୁ ମୁହାଁମୁହିଁ ପିଟିଥିଲା। ଫଳରେ ବାଇକ୍ ଚାଳକ ଓ ଆରୋହୀ ଦୁଇଜଣ ମହିଳା ଗୁରୁତର ହୋଇପଡ଼ିଥିଲେ। ଅପରପକ୍ଷରେ କାରର ସମ୍ମୁଖ ବେଲୁନ୍ ବାହାରିବାରୁ କାର ଚାଳକ ଓ ଆରୋହୀ ସାମାନ୍ୟ ଆହତ ହୋଇଥିଲେ। ତେବେ ଦ୍ରୁତଗତିରେ ଥିବା କାରଟି ଭାରସାମ୍ୟ ହରାଇ ଏତେ ଯୋଜରରେ ବାଇକ୍‌ଟିକୁ ପିଟିଥିଲା ଯେ, କାରର ସମ୍ମୁଖ ଭାଗ ଓ ବାଇକ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ସ୍ଥାନୀୟ ଲୋକମାନେ ବାଇକ୍ ଚାଳକ ଓ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ମେଡ଼ିକାଲ୍‌କୁ ପଠାଇଥିଲେ।

## ଗୋମାଂସ ଚାଲାଣ, ୨ ଯୁବକ ଗିରଫ

**ମାହାଙ୍ଗା,୨୮।୧୦(ସଂଚାର ବ୍ୟୁରୋ):** କୁହୁଣ୍ଡା ପଞ୍ଚାୟତ କଲ୍ୟାଣପୁର ମୁସଲମାନ ବସ୍ତିରେ ଅବାଧରେ ଚାଲିଛି ଗୋ ହତ୍ୟା । ଏହି ବସ୍ତିରୁ କଟକ ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନକୁ ଗୋ ମାଂସ ଚାଲାଣ ହେଉଥିବା ଘଟଣା ସାମ୍ନାକୁ ଆସିଛି । ରବିବାର ବିଳମ୍ବିତ ରାତିରେ କୁମୁଡା ଜୟୀପୁର ଫାଣ୍ଡି ଅନ୍ତର୍ଗତ ଧଉଳିଆ ଗ୍ରାମର କିଛି ଯୁବକ ୨ ଜଣ ଗୋ ମାଂସ ଚାଲାଣକାରୀଙ୍କୁ କାବୁକାରି ପୋଲିସ ଜିମା ଦେବା ସୂଚନା ମିଳିଛି ।

## ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡା,୨୮।୧୦(ସଂଚାର ବ୍ୟୁରୋ):** ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ଡ଼ ମଥୁରି ଚରଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଆରମ୍ଭରେ ଅଧକ୍ଷ ସାମ୍ପ୍ରତିକ ସମୟରେ ପ୍ରତ୍ୟେକ କ୍ଷେତ୍ରରେ ହେଉଥିବା ଦୁର୍ନୀତିର କାରଣ ଓ ତା'ର ନିବାରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ବିଭାଗ କେନ୍ଦ୍ରାପଡ଼ାର ଉପଆରକ୍ଷୀ ଅଧୀକ୍ଷକ ଭାଗ୍ୟଲକ୍ଷ୍ମୀ ପୁହାଣ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିଭିନ୍ନ ବିଭାଗ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିବା ସହିତ ଦୁର୍ନୀତି ନିବାରଣ ସମସ୍ତଙ୍କର ସାମୂହିକ କର୍ତବ୍ୟ ବୋଲି ମତ ଉପସ୍ଥାପନ କରିଥିଲେ ।

# ବାତ୍ୟା 'ମୋନ୍ଥା' ପ୍ରଭାବରେ ପ୍ରବଳ ବର୍ଷା, ପବନ

### ସମୁଦ୍ରରେ ଉଠୁଛି ଉଚ୍ଚ ଜୁଆର
### ଭିତରକନିକାରେ ରାତ୍ରିଯାପନ ମନା



**ରାଜନଗର,୨୮।୧୦ (ସଂଚାର ବ୍ୟୁରୋ):** ବାତ୍ୟା ମୋନ୍ଥା ପ୍ରଭାବରେ ଅଶାନ୍ତ ହେଉଛି ବଙ୍ଗୋପସାଗର। ବଙ୍ଗୋପସାଗର ଅଶାନ୍ତ ହୋଇପଡିବା ସହ ଉଚ୍ଚ ଜୁଆର ଉଠି ସ୍ଥଳଭାଗକୁ ମାଡିଆସିଛି। ରାଜନଗର ପେଣ୍ଟ ନିକଟରେ ସମୁଦ୍ରର ଉଚ୍ଚ ଉଚ୍ଚ ଜୁଆର ମାଡ଼ ହେବା ଫଳରେ ସମୁଦ୍ର କୂଳରେ ନିର୍ମାଣ ହୋଇଥିବା ପଥର ବନ୍ଧ ଧସି ଯାଇଥିବା ବେଳେ ସାତଭାୟା, ହବାଳିଖିଟି ନିକଟରେ ସମୁଦ୍ର ଜୁଆର ସ୍ଥଳ ଭାଗକୁ ମାଡି ଆସିଛି। ହବାଳିଖିଟିରେ ପର୍ଯ୍ୟଟକଙ୍କ ପାଇଁ ଥିବା କଟେଜ ଭିତରେ ପାଣି ପଶିବା ସହିତ କ୍ୟାଣ୍ଟିନ ଉପରେ ମଧ ଜୁଆର ପାଣି ଭୟଙ୍କର ଭାବେ ମାଡ ନେଉଛି।

ଗତବର୍ଷ ବାତ୍ୟା ହବାଳିଖିଟି ନିକଟରେ ସ୍ଥଳ ଭାଗ ଛୋଇଁଥିଲା। ବାତ୍ୟା ମୋନ୍ଥା ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇପଡିଥିବାରୁ ସମୁଦ୍ର କୂଳରେ ଥିବା ବନ କର୍ମଚାରୀ ମାନଙ୍କୁ ହେଡ କ୍ୱାଟରକୁ ଫେରାଇ ଅଣାଯାଇଛି। ବାବୁବାଲି, ଅଗରନାସୀ-୧ ଓ ୨, ହବାଳିଖିଟି, କାଳିଭଞ୍ଜଡିଆ, ହୁକିଟୋଲା, ମାଦଳି, ସାତଭାୟାରେ ଥିବା ୬୦ ଜଣ ବନ କର୍ମଚାରୀଙ୍କୁ ହେଡ କ୍ୱାଟରକୁ ଫେରାଇ ଅଣାଯାଇଛି। ଭିତରକନିକା ଜାତୀୟ ଉଦ୍ୟାନରେ ପର୍ଯ୍ୟଟକଙ୍କ ରାତ୍ରି ଯାପନ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଥିବା ଏସିଏଫ ମାନସ କୁମାର ଦାସ ସୂଚନା ଦେଇଛନ୍ତି। ବାତ୍ୟା ପ୍ରଭାବରେ ରାଜନଗରରେ ପ୍ରବଳ ବର୍ଷା ଲାଗି ରହିଥିବା ବେଳେ ପବନର ଝଟକା ଦେଖିବାକୁ ମିଳିଛି।

### ଧସିଲା ପଥର ବନ୍ଧ

**ରାଜନଗର:** ବାତ୍ୟା 'ମୋନ୍ଥା' ପ୍ରଭାବରେ ଅଶାନ୍ତ ହୋଇଛି ବଙ୍ଗୋପସାଗର। ଗତକାଲି ରାତିରୁ ପାଗର ପରିବର୍ତ୍ତନ ହେବା ସହ ହାଲୁକା ପବନ ଓ ପ୍ରବଳ ବର୍ଷା ଲାଗି ରହିଛି। ବଙ୍ଗୋପସାଗରରେ ଉଞ୍ଚ ଜୁଆର ଉଠିବା ସହିତ ଜୁଆର ପଥର ବନ୍ଧରେ ମାଡ ନେଉଛି। ରାଜନଗର ବ୍ଲକ ପେଣ୍ଟ ନିକଟରେ ଥିବା ଓଡିଶାର ପ୍ରଥମ ଜିଓ ସିନ୍ଥେଟିକ ୱାଲ ଉପରେ ସମୁଦ୍ର ଜୁଆର ଭୟଙ୍କର ଭାବେ ମାଡ ନେଉଛି। ସମୁଦ୍ରର ଉଚ୍ଚ ଉଚ୍ଚ ଜୁଆର ମାଡ଼ ହେବା ଫଳରେ ସମୁଦ୍ର କୂଳରେ ନିର୍ମାଣ ହୋଇଥିବା ପଥର ବନ୍ଧ ଧସି ଯାଇଛି। ପାଖାପାଖି ୫ ଫୁଟ ସମୁଦ୍ର ମଧକୁ ଏହି ପଥର ବନ୍ଧ ଧସିବା ସହ ପଥର ଗୁଡିକୁ ସମୁଦ୍ରକୁ ଭସାଇ ନେଉଛି। ଏହି ଦୃଶ୍ୟ ଦେଖି ସ୍ଥାନୀୟ ଅଂଚଳବାସୀଙ୍କ ମନରେ ଛନକା ପଶିଛି ।

## କୋରୁଆ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ସଚେତନତା କର୍ମଶାଳା

**ଗରଦପୁର,୨୮।୧୦ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ସାନଅଢଙ୍ଗା ଗ୍ରାମ ପଞ୍ଚାୟତ କୋରୁଆ ସ୍ଥିତ କୋରୁଆ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଶୃଙ୍ଖଳା ଓ ମୋବାଇଲ୍ ଫୋନ୍ର ଅପବ୍ୟବହାର ସଂପର୍କୀତ ସଚେତନତା କର୍ମଶାଳାରେ ବିଦ୍ୟାଳୟର ଅଧକ୍ଷ ସୁବାସ ଚନ୍ଦ୍ର ଜେନା ଅଧକ୍ଷତା କରିଥିଲେ । ଶ୍ରୀ ଜେନା ନିଜ ବକ୍ତବ୍ୟରେ ବିଦ୍ୟାଳୟ ଏକ ମନ୍ଦିର ସଦୃଶ ହୋଇଥିବାରୁ ବିଦ୍ୟାଳୟ ପରିସରରେ ଶୃଙ୍ଖଳା ରକ୍ଷା କରିବା ସମସ୍ତଙ୍କର କର୍ତବ୍ୟ । ତତ୍ସହିତ ବର୍ତମାନ ପରିପ୍ରେକ୍ଷୀରେ ମୋବାଇଲ ଫୋନ୍ର ଯେପରି ଅବବ୍ୟବହାର କରାଯାଉଛି, ସେଥିରୁ ଆଜିର ଯୁବ ପୀଢି ନିବୃତ ନହେଲେ ଆଗାମୀ ଭବିଷ୍ୟତ ଅନ୍ଧକାରମୟ ହୋଇଯିବାର ସମ୍ଭାବନା ଥିବାରୁ ସେଥିପ୍ରତି ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ । ଏହି ସଚେତନତା କର୍ମଶାଳାରେ ଛାତ୍ରୀମାନଙ୍କୁ ସଚେତନତା ବାର୍ତା ପ୍ରଦାନ କରାଯାଇଥିଲା।

## ଗୌରାଙ୍ଗଙ୍କ ପରିବାରକୁ ସହାୟତା କଲା ଶ୍ରୀଜଗନ୍ନାଥ ଟ୍ରଷ୍ଟ

**କେନ୍ଦ୍ରାପଡ଼ା,୨୮।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ବେରାଡ଼ିଆ ଗ୍ରାମ ପଞ୍ଚାୟତର ଶିଆଳିଆ ଗ୍ରାମରେ ରୁହନ୍ତି ଗୌରାଙ୍ଗ ମଲ୍ଲିକଙ୍କ ପରିବାର। ଗୌରାଙ୍ଗ ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ତାଙ୍କ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଗତ ବର୍ଷ ଗୌରାଙ୍ଗଙ୍କ ପତ୍ନୀଙ୍କର ଦେହାନ୍ତ ହୋଇଛି। ସେ ରହୁଥିବା ଚାଳଛପର ଘରଟି ଗତ ବର୍ଷ ବର୍ଷା ଯୋଗୁଁ ସମ୍ପୂର୍ଣ ନଷ୍ଟ ହୋଇଯାଇଛି। ଯାହା ଫଳରେ ଏହି ପରିବାର ଏବେ ରାସ୍ତା କଡ଼ ରେ ପାଲ ମାରି ଛୋଟ କୁଡ଼ିଆ କରି ରହୁଛନ୍ତି । ଏଥିପାଇଁ କାହାରି ଦୃଷ୍ଟି ପଡୁ ନଥିବା ସାମାଜିକ ଗଣ ମାଧମ ରେ ଜାଣିବାକୁ ପାଇ



କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ସଦସ୍ୟମାନେ ପରିବାର ନିକଟରେ ପହଞ୍ଚି ରାସନ ସାମଗ୍ରୀ, ନୂତନ ବସ୍ତ୍ର ସମେତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି। ଆଜି ର କାର୍ଯ୍ୟକ୍ରମ ରେ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଉପସଭାପତି ରଶ୍ମି ରଞ୍ଜନ ବାରିକ, ତପନ କୁମାର ନାଥ, ଗିରିଧାରୀ ସାହୁ, କାଳନ୍ଦୀ ମଲ୍ଲିକ, ବିଭୁ ପ୍ରସାଦ ସାହୁ ଓ ଅହିତ୍ରାଂଶୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ସାତବର୍ଷ ହେବ ଅଧାପନ୍ତରିଆ ବାତ୍ୟା ଆଶ୍ରୟସ୍ଥଳୀ

### ● ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ଉଠିଲା ବଡ଼ ପ୍ରଶ୍ନ

**ଆଳି,୨୮।୧୦ (ସଂଚାର ବ୍ୟୁରୋ):** ୨୦୧୮ ମସିହା ଠାରୁ ଆଳି କୋଳିଡ଼ିହ ପଞ୍ଚାୟତ ଇଛାପୁର ଗ୍ରାମରେ ନିର୍ମାଣ ହୋଇଥିବା ବାତ୍ୟା ଆଶ୍ରୟ ସ୍ଥଳୀ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରୁନି । ପ୍ରତିବର୍ଷ ବାତ୍ୟା ବନ୍ୟା ଆସୁଥିବା ବେଳେ ଏହି ଆଶ୍ରୟ ସ୍ଥଳୀ କାର୍ଯ୍ୟକ୍ଷମ ହୋଇ ପାରୁ ନଥିବାରୁ ଗ୍ରାମବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। କଚ୍ଚା ଘର ଲୋକ ଅନ୍ୟତ୍ର ଆଶ୍ରୟ ନେଉଥିବା ବେଳେ ଅନେକ ସ୍କୁଲ ଗୃହରେ ଆଶ୍ରୟ ନିଅନ୍ତି । ତେବେ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ବାତ୍ୟା ଆଶ୍ରୟ ସ୍ଥଳୀ ପ୍ରକୃତରେ ଲୋକମାନଙ୍କ ଧନ ଜୀବନ ସୁରକ୍ଷା ପାଇଁ ନା ଠିକାଦାରଙ୍କ ଧନ ବୃଦ୍ଧି ପାଇଁ ତାହା ଏବେ ସନ୍ଦେହ ସୃଷ୍ଟି କରିଛି ।

ସୂଚନା ଅନୁଯାୟୀ ବାତ୍ୟା ମୋନ୍ଥା ପ୍ରଭାବରେ ଲଗାଣ ବର୍ଷା ଆରମ୍ଭ ହୋଇଥିବା ବେଳେ ନଦୀକୂଳିଆ ଲୋକ ବିଶେଷ ଭାବେ ଭୟବିତ ଅବସ୍ଥାରେ ରହୁଛନ୍ତି । ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦେଶ ଦିଆଯାଇଛି। କିନ୍ତୁ ଇଛାପୁରରେ ବାତ୍ୟା ଆଶ୍ରୟସ୍ଥଳୀ ଥିବା ବିଷୟରେ ସେ ଅବଗତ ନଥିବା ପ୍ରକାଶ କରିଛନ୍ତି। ୨୦୧୮ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ଇଛାପୁର



ଗ୍ରାମରେ ଏକ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା ମାତ୍ର ୨୦୨୫ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହୋଇ ପାରୁନି । ଲୋକମାନେ ବନ୍ୟା ବାତ୍ୟା ସମୟରେ ଭୟବିତ ଅବସ୍ଥାରେ କାଳାତିପାତ କରୁଥିବା ବେଳେ ପ୍ରଶାସନିକ ଅବହେଳା କଣ ପାଇଁ ସେ ଉତ୍ତର କାହା ପାଖରେ ନାହିଁ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଏହି ଆଶ୍ରୟସ୍ଥଳୀ ନିର୍ମାଣ କାର୍ଯ୍ୟ ଆରମ୍ଭରୁ ଠିକାଦାର ଏହାକୁ ନିମ୍ନମାନର କାର୍ଯ୍ୟ କରିବାରୁ ସେମାନେ ଏହାକୁ ବିରୋଧ କରିଥିଲେ । ଏ ନେଇ ସେମାନେ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ଯନ୍ତ୍ରୀ ଦିନେ ହେଲେ ଏଠାରେ ପାଦ ପକାଇଲେନି । ଯାହାଫଳରେ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରି ଚାଲିଲେ । ତେବେ ଏହି ବାତ୍ୟା ଆଶ୍ରୟ ସ୍ଥଳୀ କାର୍ଯ୍ୟ କେବେ ସରିବ ତାକୁ ନେଇ ପ୍ରଶ୍ନ ଉଠିଛି ।

## ପାରାସନ୍ତରଣ ପ୍ରତିଯୋଗିତାରେ ଚମକିଲା କେନ୍ଦ୍ରାପଡ଼ା




**କେନ୍ଦ୍ରାପଡା,୨୮।୧୦(ସଂଚାର ବ୍ୟୁରୋ):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାରାସନ୍ତରଣ ପ୍ରତିଯୋଗିତା ରେ କେନ୍ଦ୍ରାପଡ଼ାର ପାରା ସନ୍ତରଣକାରୀମାନେ ଅପୂର୍ବ ସଫଳତା ଅର୍ଜନ କରିଛନ୍ତି । ନିଜ ନିଜ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟ ଲାଭ ସହ ଏହି ପାରା ସନ୍ତରଣକାରୀମାନେ ଜାତୀୟ ରେକର୍ଡ ମଧ ସ୍ଥାପନ କରିବାରେ ସମର୍ଥ ହୋଇଛନ୍ତି।

କେନ୍ଦ୍ରାପଡ଼ାର ଆଳି ବ୍ଲକ୍ ନରେନ୍ଦ୍ରପୁର ଗ୍ରାମର ଦିବ୍ୟାଙ୍ଗ ପାରା ସନ୍ତରଣକାରୀ ମୋନାଲି ସ୍ୱାଇଁ ମହିଳା ବିଭାଗର ତିନୋଟି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟ ଲାଭ କରି ବ୍ୟକ୍ତିଗତ ରେକର୍ଡ ସୃଷ୍ଟି କରିବା ସହିତ ଜାତୀୟ ପାରା ସୁଇମିଙ୍ଗରେ ଥିବା ରେକର୍ଡକୁ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି । ସେହିପରି କେନ୍ଦ୍ରାପଡ଼ାର ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ଗ୍ରାମର ବଳରାମ ସ୍ୱାଇଁ ପୁରୁଷ ୧୦୦ ମିଟର ପାରା ସନ୍ତରଣ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟ ଲାଭ କରି ଜାତୀୟ କୀର୍ତ୍ତି ସ୍ଥାପନ କରିଛନ୍ତି । ଏହି ଦୁଇ ପାରା କ୍ରୀଡ଼ାବିତ୍‌ଙ୍କ ସଫଳତାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମ ମାନଙ୍କ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ "ପୁନର୍ବାସ" ଅନୁଷ୍ଠାନର ପ୍ରତିଷ୍ଠାତା ଓ ମୁଖ୍ୟ ଉପଦେଷ୍ଟା ଏବଂ କାର୍ଯ୍ୟନିର୍ବାହୀ ପରିଷଦର କର୍ମକର୍ତ୍ତା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏଠାରେ ପ୍ରକାଶଯୋଗ୍ୟ ଯେ ଦୀର୍ଘ ଏକବର୍ଷରୁ ଉର୍ଦ୍ଧ୍ୱକାଳ ପୁନର୍ବାସ ଅନୁଷ୍ଠାନ ଏହି ଦୁଇ ପାରାକ୍ରୀଡ଼ାବିତ୍‌ଙ୍କ ଦକ୍ଷତା ବିକାଶ ଦିଗରେ ଆର୍ଥିକ ପ୍ରୋତ୍ସାହନ ଓ ସହାୟତା ସହିତ ବିଭିନ୍ନ ଅବସରରେ ଉତ୍ସାହିତ କରି ଆସିଛି ।

## ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମୀକ୍ଷା ବୈଠକ



**କେନ୍ଦ୍ରାପଡା,୨୮।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମୀକ୍ଷା ବୈଠକ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଯୋଗ ଦେଇଥିବା ବେଳେ ଜିଲ୍ଲାର ସମସ୍ତ ସିଡିପିଓ, ସୁପର ଭାଇଜର, ପିଓ, ଡିସି ପୋଷଣ, ଡିସି ହବ, ଡିସି ମମତା ପ୍ରମୁଖ ଯୋଗ ଦେଇଥିଲେ । ଏହି ବୈଠକରେ ମହିଳା ଓ ଶିଶୁ ବିଭାଗର ବିଭିନ୍ନ ଯୋଜନା ସଂପର୍କରେ ସମୀକ୍ଷା କରାଯାଇ ଥିଲା। ଏଥିରେ ପୋଷଣ, ସୁଭଦ୍ରା, ମମତା, ମହିଳା ସଶକ୍ତି କରଣ, ଅଙ୍ଗନବାଡି ଗୃହର ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ, ଶୌଚାଳୟ ଓ ଅନ୍ୟାନ୍ୟ ଅସୁବିଧା ସଂପର୍କରେ ଆଲୋଚନା କରାଯାଇ ଥିଲା। ଏଥି ସହିତ ଜିଲ୍ଲାରେ ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର ଉପରେ ଗୁରୁତ୍ୱ ଦେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ମୃତ୍ୟୁହାର କମ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି । ମାତୃ ଓ ଶିଶୁର ସ୍ୱାସ୍ଥ୍ୟ ସଂପର୍କରେ ତଦନ୍ତ କରି ପଦକ୍ଷେପ ନେବାକୁ ଆଲୋଚନା କରାଯାଇ ଥିଲା। ସୁଭଦ୍ରା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନ ଯୋଜନାରୁ କୌଣସି ହିତାଧିକାରୀ ବଂଚିତ ନ ହୁଅନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ଅତିରିକ୍ତ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସଭା ଶେଷରେ ଡିସି ପୋଷଣ ସଂଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଛନ୍ତି ।

## ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି




**ଡେରାବିଶ,୨୮।୧୦(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ରତାଦିଆ ଖଣ୍ଡସାହି ହାଇସ୍କୁଲ ପରିସରରେ ହାଟବାଣପୁର ଉନ୍ନିତ ପ୍ରାଥମିକ ବିଦ୍ୟାଳୟ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ସାଧନକେନ୍ଦ୍ର ଅଧୀନ ୯ଟି ବିଦ୍ୟାଳୟ ଓ ଚାନ୍ଦୋଳ କଲେଜର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ପ୍ରବନ୍ଧ, ତର୍କ, କୁଇଜ୍, ସୃଜନଶୀଳ ଲିଖନ, ନୃତ୍ୟ ଓ ସଙ୍ଗୀତ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନ ତଥା ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବରେ ବିଆରସିସି ଦେବଦତ ଶତପଥି, ମୁଖ୍ୟବକ୍ତା ଭାବରେ ପଞ୍ଚସଖା ଶିକ୍ଷା ସେତୁ ସଭାପତି ନିବେଦିତା ଦ୍ୱିବେଦୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଉଭୟ ଅଧିବେଶନରେ ପ୍ରଧାନ ଶିକ୍ଷୟିତ୍ରୀ ଜୁଲି ମଲିକ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଶିକ୍ଷକ ରଘୁନାଥ ଦାଶ ମଞ୍ଚ ପରିଚାଳନା କରିଥିଲେ।

## ବନ୍ଦେ ମାତରମ ହାଇସ୍କୁଲରେ ଗୁରପୂଜନ ଉତ୍ସବ

**ପଟ୍ଟାମୁଣ୍ଡାଇ,୨୮।୧୦(ସଂଚାର ବ୍ୟୁରୋ):** ଅଣ୍ଡରା ବନ୍ଦେ ମାତରମ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୯୮ ମ୍ୟାଟ୍ରିକ ବ୍ୟାଚ ପକ୍ଷରୁ ରବିବାର ଏକ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଦାଶ,ପଣ୍ଡିତ ସୁରେଶ ଚନ୍ଦ୍ର ଦାଶ, ନିମାଇଁ ଚରଣ ମଲ୍ଲିକ, କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଅମୀର କୁମାର ସେଠି, ପ୍ୟାରୀ ମୋହନ ଦାଶ,ଚନ୍ଦ୍ର ଶେଖର ରାଉତ, ତ୍ରୈଲୋକନାଥ ସ୍ୱାଇଁ, କ୍ରୀଡା ଶିକ୍ଷକ ଅଶୋକ କୁମାର ମଲ୍ଲିକ, ଗୋବିନ୍ଦ ଚନ୍ଦ୍ର ନାୟକ, ବିଭୁତି ଭୂଷଣ ମଲ୍ଲିକ, ନଟବର ମଲ୍ଲିକ, କ୍ଷୀରୋଦା ମଲ୍ଲିକ, ମନୋରମା ମଲ୍ଲିକ, ବୈଜୟନ୍ତି ମଲ୍ଲିକ, ଦଶରଥ ମଲ୍ଲିକ, ବୁଦ୍ଧିମାନ ମଲ୍ଲିକ, ଶ୍ରୀଧର ବାରିକ ଓ କେଶବ ଦାସ ପ୍ରମୁଖ ଶିକ୍ଷକ ଓ କର୍ମଚାରୀ ଅତିଥି ଭାବରେ ଯୋଗଦେଇଥିଲେ। ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆମନ୍ତ୍ରିତ ଗୁରୁଜୀ ମାନଙ୍କୁ ଫୁଲ ଚନ୍ଦନ, ଉତ୍ତରୀୟ, ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ବନ୍ଧୁମିଳନ ଓ ଗୁରୁ ପୂଜନ ଉତ୍ସବରେ ୧୯୯୮ ମ୍ୟାଟ୍ରିକ ବ୍ୟାଚର ଅଧିକାଂଶ ଛାତ୍ର ଛାତ୍ରୀ ଯୋଗ ଦେଇ ଥିଲେ।




## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

**କେନ୍ଦ୍ରାପଡ଼ା,୨୮।୧୦(ସଂଚାର ବ୍ୟୁରୋ):** ଦୁର୍ନୀତି ନିବାରଣ ସଚେତନନା ସପ୍ତାହ (୨୭ଅକ୍ଟୋବର -୨ନଭେମ୍ବର) ପାଳନ ଅବସରରେ ସାଧୁତା ଶପଥ ପାଠ କରାଯାଇଛି । ଏହି ଉପଲକ୍ଷେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସମସ୍ତ ଅଧିକାରୀ କର୍ମଚାରୀଙ୍କୁ ଓସ୍ୱାନ ପ୍ଲାଟଫର୍ମରେ ସାଧୁତାର ଶପଥ ପାଠ କରାଇଛନ୍ତି ।

ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଭିଜିଲାନ୍ସ ଡିଏସପି ଭାଗ୍ୟଲକ୍ଷ୍ମୀ ପୁହାଣଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ରହି ସାଧୁତାର ଶପଥ ପାଠ କରିଥିଲେ । ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଏହାସହିତ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅବସରରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସ୍ଥାନୀୟ ତୁଳସୀ ମହିଳା ମହାବିଦ୍ୟାଳୟରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କୃତି ପ୍ରତିଯୋଗୀଙ୍କୁ ଆସନ୍ତା ୧ ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ।

### ବାତ୍ୟା 'ମୋନ୍ଥା' ଲାଗି ପ୍ରସ୍ତୁତ ଜିଲ୍ଲା ପ୍ରଶାସନ

# ପ୍ରତିଟି ପରିସ୍ଥିତିକୁ ନଜର ରଖାଯାଉଛି: ଜିଲ୍ଲାପାଳ

**କେନ୍ଦ୍ରାପଡ଼ା,୨୮।୧୦(ସଂଚାର ବ୍ୟୁରୋ):** ବାତ୍ୟା ମୋନ୍ଥା ପ୍ରଭାବରେ କେନ୍ଦ୍ରାପଡ଼ା ଜିଲ୍ଲାରେ ସୋମବାର ରାତିରୁ ମଙ୍ଗଳବାର ରାତି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଛି। ଏହାଦ୍ୱାରା ଲୋକମାନେ ଘରୁ ବାହାରକୁ ବାହାରି ପାରି ନାହାନ୍ତି । ଅତି ଜରୁରୀ କାମ ନଥିଲେ କେହି ଘରୁ ବାହାରକୁ ବାହାରି ନଥିଲେ। କାରଣ କେବଳ ବର୍ଷା ହୋଇ ନଥିଲା। ବରଂ ବର୍ଷା ସହ ବଜ୍ରପାତ ମଧ ହୋଇଥିଲା । ତେଣୁ ବଜ୍ରପାତ ଭୟରେ ପ୍ରାୟ ଲୋକମାନେ ଘରୁ ବାହାରକୁ ବାହାରିବା ପାଇଁ ସୁରକ୍ଷିତ ମନେ କରି ନଥିଲେ । ସେହିପରି ସରକାରୀ କାର୍ଯ୍ୟାଳୟଗୁଡିକ ମଧ ଖାଁ ଖାଁ ଲାଗୁଥିଲା। ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ ହୋଇଥିବାରୁ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଜିଲ୍ଲାପାଳ ରଘୁରାମ ଆର. ଆୟାର କାର୍ଯ୍ୟାଳୟରେ ରହି ବିଭିନ୍ନ ବ୍ଲକର ଅବସ୍ଥା ଜରୁରୀକାଳୀନ ଅଧିକାରୀ, ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ କ୍ଷେତ୍ର ଅଧିକାରୀଙ୍କ ସହ ଆଲୋଚନା କରି ଲୋକଙ୍କ ଅବସ୍ଥା ବୁଝିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରେ ମୋଟ ୧୯.୬୭ ମିମି ବର୍ଷା ହୋଇଥିବା ବେଳେ ଆଳି ବ୍ଲକରେ ସର୍ବାଧିକ ୪୩ ମିମି, ରାଜକନିକାରେ ୪୦ ମିମି, ପଟ୍ଟାମୁଣ୍ଡାଇରେ ୩୨ ମିମି ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ାରେ ୧୭ ମିମି, ମାର୍ଶାଘାଇରେ ୧୪ ମିମି, ମହାକାଳପଡ଼ାରେ ୧୧ ମିମି, ରାଜନଗରରେ ୧୦ ମିମି, ଗରଦପୁରରେ ୬ ମିମି ଓ ଡେରାବିଶରେ ୪ ମିମି ବର୍ଷା ହୋଇଛି । ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ଆୟାର ସୂଚନା ଦେଇଛନ୍ତି ।

ଜିଲ୍ଲାପାଳ କହିଛନ୍ତି ବାତ୍ୟା ନିମନ୍ତେ ମୁଖ୍ୟାଳୟ ନ ଛାଡିବା ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଲୋକଙ୍କୁ ବାତ୍ୟା ସଂକ୍ରାନ୍ତରେ ସୂଚନା ଦେବା ନିମନ୍ତେ ୨୪ ଘିଆ ନିୟନ୍ତ୍ରଣ କକ୍ଷ ଖୋଲା ଯାଇଛି। ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ବ୍ଲକ ଗୁଡିକରେ ବାତ୍ୟା ସୁପରିଚାଳନା ନିମନ୍ତେ ନିୟୋଜିତ କରାଯାଇଛି । ଯୋଗାଣ ବିଭାଗ ଶୁଖିଲା ଖାଦ୍ୟ ମହୁଜୁଦ ରଖିଛି । ଏହି ଖାଦ୍ୟ ବିପନ୍ନମାନଙ୍କୁ ଆବଶ୍ୟକ ସ୍ଥଳେ ଯୋଗାଇ ଦିଆଯିବ । ୪୧ ଜଣ ଗର୍ଭବତୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଆସନ୍ନ ପ୍ରସବାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଗୋଷ୍ଠୀ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଡିଜି ସେଟ ପ୍ରସ୍ତୁତ କରି ରଖାଯାଇଛି ।

ବିପନ୍ନମାନଙ୍କୁ ବିପଦପୂର୍ଣ୍ଣ ସ୍ଥାନରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଅଗ୍ନିଶମ ବିଭାଗ ସଜାଗ ରହିଛି। ବିପନ୍ନମାନଙ୍କ ପାଇଁ ବାତ୍ୟା ଆଶ୍ରୟସ୍ଥଳ, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ରାଜୀବଗାନ୍ଧୀ ସେବାକେନ୍ଦ୍ର ପ୍ରସ୍ତୁତ ରଖାଯାଇଛି।

## ବିପର୍ଯ୍ୟୟ ପ୍ରଶମନ ହ୍ରାସ ତାଲିମ ଶିବିର




**କେନ୍ଦ୍ରାପଡା,୨୮।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି ସଭାଗୃହରେ ବିପର୍ଯ୍ୟୟ ପ୍ରଶମନ ହ୍ରାସ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି। ସ୍ୱେଚ୍ଛାସେବୀ ସଂଗଠନ "ସୃଜନୀ"ର ପ୍ରକଳ୍ପ ପରିଚାଳକ ସୁଧିର କୁମାର ସୂତାରଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ କେନ୍ଦ୍ରାପଡା ବିଡ଼ିଓ ଅଭିଷେକ ସ୍ୱାଇଁ, ଏଡିଏମ୍ ନବକୃଷ୍ଣ ଜେନା,ଆପତ୍ କାଳୀନ ପ୍ରକଳ୍ପ ଅଧିକାରୀ, ଅଜୟ କୁମାର ମହାନ୍ତି, ଜିପିଓ ଶୁଭ୍ରଜିତ୍ ରାଉତ୍ ଅତିଥି ଭାବରେ ଯୋଗଦେଇଥିଲେ । କେନ୍ଦ୍ରାପଡା ଜିଲ୍ଲା ବିପର୍ଜୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୁଲ୍ୟରେ କେନ୍ଦ୍ରାପଡା ବ୍ଲକ ଓ ଡେରାବିଶ ବ୍ଲକ ମିଳିତ ସହଯୋଗ ଓ ଓସଡମାର ସହଯୋଗରେ ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଅଛି । ପ୍ରଶିକ୍ଷକ ଭାବରେ ନିରଞ୍ଜନ ସ୍ୱାଇଁ, ଲଳିତ କୁମାର ଦାଶ, ଯୋତି ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ, ବିପର୍ଯ୍ୟୟ ସମୟରେ ସୁରକ୍ଷିତ ଉଦ୍ଧାର ଏବଂ ପ୍ରାଥମିକ ଚିକିତ୍ସା କ୍ଷୟକ୍ଷତିର ହ୍ରାସ ସମ୍ପର୍କିତ ଉପସ୍ଥିତ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିଶେଷ କରି ପଞ୍ଚାୟତ କମିଟି, ଗ୍ରାମ୍ୟ କମିଟି, ଆଶ୍ରୟସ୍ଥଳ ପରିଚାଳନା କମିଟି ଗଠନ ବିଷୟରେ ତାଲିମ ଦିଆଯାଇଥିଲା ।

ଛଟ୍ ପୂଜା କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ପରମ୍ପରା, ସ୍ୱଚ୍ଛତା, ଶୃଙ୍ଖଳାର ଅଦ୍ଭୁତ ଉଦାହରଣ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ନୂଆ ବାଲିଯାତ୍ରା ପଡ଼ିଆଠାରେ ଆୟୋଜିତ ଛଟ୍ ପୂଜା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ ଯେ ଓଡ଼ିଶା ସରକାର 'ଭାଇଚାରା, ସୌହାର୍ଦ୍ଦ୍ୟ ଓ ସାଂସ୍କୃତିକ ଏକତା'ର ପରମ୍ପରାକୁ ଶକ୍ତିଶାଳୀ କରିବା ପାଇଁ ପ୍ରତିବଦ୍ଧ ଏବଂ ଓଡ଼ିଶାରେ ଛଟ୍ ପୂଜା ଏହି ସାଂସ୍କୃତିକ ଏକତାର ଉଦାହରଣ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ଧର୍ମପତ୍ନୀ ଡଃ ପ୍ରିୟଙ୍କା ମାଣ୍ଡି ମଧ୍ୟ ଯୋଗ ଦେଇଥିଲେ ଏବଂ ସମସ୍ତ ପୂଜାର ବିଧି ପାଳନ କରି ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ପ୍ରଦାନ କରି ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଛଟ୍ ପର୍ବ ଶିଖାଏ ଯେ ଜୀବନର ସତ୍ୟ ଆଧାର ହେଉଛି ପ୍ରକୃତି, ଜଳ, ବାୟୁ ଓ ସୂର୍ଯ୍ୟର ଶକ୍ତି। ଏହି ପର୍ବ ମାଧ୍ୟମରେ ଆମେ ପ୍ରକୃତି ଓ ପରିବେଶ ପ୍ରତି ଆପଣଙ୍କ ଋଣସ୍ୱୀକାର ବ୍ୟକ୍ତ କରୁଛୁ। ଏଣୁ ଆମେ ପ୍ରକୃତି ସହିତ ପ୍ରେରଣା ପାଉ। ଛଟ୍ ପର୍ବର ସବୁଠୁ ବଡ଼ ବିଶେଷତା ହେଉଛି ଯେ ଏହି ପର୍ବରେ କୌଣସି ଦେଖାଣିଆ କିମ୍ବା ଆଡ଼ମ୍ବର ନଥାଏ କେବଳ ନିଷ୍ଠା ଓ ଆତ୍ମିକ ଶ୍ରଦ୍ଧା ରହେ। ଏହି ପର୍ବ ସ୍ୱଚ୍ଛତା, ଶୃଙ୍ଖଳାର ଏକ ଅଦ୍ଭୁତ ଉଦାହରଣ। କହିବାକୁ ଗଲେ, ଛଟ ପୂଜାର ପରମ୍ପରା ଉତ୍ତର ଭାରତୀୟ ରାଜ୍ୟ ବିହାର, ଝାରଖଣ୍ଡ, ଉତ୍ତର ପ୍ରଦେଶ ରାଜ୍ୟରେ ପାଳନ କରାଯାଏ। ଏବେ ଓଡ଼ିଶାରେ ମଧ୍ୟ ଛଟ୍ ପୂଜାର ଉତ୍ସବ ବିଶେଷ ଉଲ୍ଲାସ ଓ ଭକ୍ତି ଭାବର ସହ ପାଳନ ହେବା ଖୁସିର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ଓଡ଼ିଶା ବିକାଶର ନୂତନ ମାର୍ଗରେ ଆଗକୁ ବଢ଼ୁ, ଚାଷୀ, ଶ୍ରମିକ, ଯୁବ ଓ ମାତୃଶକ୍ତି ସଶକ୍ତ ହୁଅନ୍ତୁ ଏବଂ ପ୍ରତ୍ୟେକ ଘରେ ଖୁସିର ଆଲୋକ ବିକିରଣ ହେଉ ବୋଲି ମୁଖ୍ୟମନ୍ତ୍ରୀ ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱାସ ଫାଉଣ୍ଡେସନର ସଭାପତି ରାଜକୁମାର, ଉପସଭାପତି, ଅଜୟ ବାହାଦୂର ସିଂହ, ସାଧାରଣ ସଚିବ, ଅଶୋକ ଭଗତ୍, ବିହାର ଉନ୍ନୟନ ପରିଷଦର ସଂଯୋଜକ, ଆନନ୍ଦ ମୋହନ ଉପସ୍ଥିତ ଥିଲେ।

ଆବାସିକ ବ୍ୟବହାରିକ ଦକ୍ଷତା ବିକାଶ ପ୍ରଶିକ୍ଷଣ

## ଦୁଇଟି ସ୍ଥାନରେ ଭିନ୍ନ ଟ୍ରେଡ୍ ଉପରେ ପ୍ରଶିକ୍ଷଣ



ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ): ଆଜି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଚାଲିଥିବା ପଞ୍ଚଦିବସୀୟ ଆବାସିକ ବ୍ୟବହାରିକ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏକାକାଳୀନ ଭାବେ ଦୁଇଟି ସ୍ଥାନରେ ବିଭିନ୍ନ ଟ୍ରେଡ୍‌କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସ୍ଥାନୀୟ ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି)ଠାରେ ଆଇଟି-ଆଇଟିଜ୍ ଟ୍ରେଡ୍ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଇଲେକ୍ଟ୍ରୋନିକ୍ସ ଓ ହାର୍ଡୱେୟାର୍ ଟ୍ରେଡ୍ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ସିଟିଟିସିଠାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ଆଜିର ଯୁଗରେ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରି ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ଦକ୍ଷ ହେବାକୁ ପ୍ରେରିତ କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ଭାବେ ସିଟିଟିସିର ସାଧାରଣ ପରିଚାଳକ ଏଲ୍. ରାଜଶେଖର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣର ଭରପୂର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସିଟିଟିସିର ବରିଷ୍ଠ ପରିଚାଳକ ଏମ୍‌କେ ରାଜନ୍ ଧନ୍ୟବାଦ ଦେଇଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ପ୍ରିନ୍ସିପାଲ ଟି. ଥମ୍ପିରାଜ, ସାମ୍ସ ଅଧିକାରୀ ଉମାକାନ୍ତ ସେଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦଘାଟନ କରିଛନ୍ତି। ସୂଚନାଯୋଗ୍ୟ ଯେ ସ୍ଥାନୀୟ ସେଞ୍ଚୁରିଆନ୍ ୟୁନିଭର୍ସିଟିଠାରେ ଗତକାଲିଠାରୁ ଏସ୍‌ପିଇଏଫ୍‌ଏଲ୍ ଟ୍ରେଡ୍‌କୁ ନେଇ ଏହି ପ୍ରଶିକ୍ଷଣ ଆରମ୍ଭ ହୋଇଛି। ସେଠାରେ ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଛନ୍ତି। ସେହିପରି ବିଶ୍ୱ ଦକ୍ଷତା କେନ୍ଦ୍ର ଓ ସିଟିଟିସିଠାରେ ୧୦୦ ଜଣ ଛାତ୍ରଛାତ୍ରୀ ମଧ୍ୟ ଯୋଗ ଦେଇଛନ୍ତି।

● ଶ୍ରୀମନ୍ଦିର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ

## ବଜେଟ୍ ଓ ଖାଲି ପଦବୀ ପୂରଣ ନେଇ ଆଲୋଚନା



ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ): ଲୋକସେବା ଭବନରେ ଶ୍ରୀମନ୍ଦିର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। ଶ୍ରୀମନ୍ଦିର ପ୍ରଶାସନର ବିଭିନ୍ନ ଦିଗ ସମ୍ପର୍କରେ ଏହି ବୈଠକରେ ଆଲୋଚନା ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ନିମନ୍ତେ ଆର୍ଥିକ ବଜେଟ୍, ମନ୍ଦିର ପ୍ରଶାସନର ଖାଲି ଥିବା ପଦବୀ ପୂରଣ, ନୂତନ ପଦବୀ ସୃଷ୍ଟି, ରତ୍ନଭଣ୍ଡାରର ପରବର୍ତ୍ତୀ ପର୍ଯ୍ୟାୟ କାର୍ଯ୍ୟକ୍ରମର ଗଣତି ମଣତି ଏବଂ ଓବିସିସି ଦ୍ୱାରା ଚାଲୁଥିବା ସମସ୍ତ ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଣବ କୁମାର ପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହର୍ଷି କଲେଜ ଅଫ୍ ନାଚୁରାଲ୍ ଲ'ରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ




ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ): ସୋମବାରଠାରୁ ରାଜ୍ୟରେ ଭିଜିଲାନ୍ସ ସଚେତନତା ସପ୍ତାହ ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ସ୍ଥାନୀୟ ମହର୍ଷି କଲେଜ ଅଫ୍ ନାଚୁରାଲ୍ ଲ'ଠାରେ ଏହା ପାଳିତ ହୋଇଛି। ଏହି ଅବସରରେ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀମାନେ ସେମାନଙ୍କ ପେସାଦାର ଜୀବନରେ କଦାପି ଉତ୍କୋଚ ଗ୍ରହଣ କରିବେ ନାହିଁ କି କଦାପି କାହାକୁ ଲାଞ୍ଚ ଦେବେ ନାହିଁ ବୋଲି ଶପଥ ନେଇଛନ୍ତି। ଦେଶର ଆର୍ଥିକ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଦୁର୍ନୀତି ସବୁଠାରୁ ବଡ଼ ପ୍ରତିବନ୍ଧକ ହୋଇଥିବା ବେଳେ ଏହାର ମୂଳୋତ୍ପାଟନ କ୍ଷେତ୍ରରେ ସରକାର ଓ ସାଧାରଣ ନାଗରିକଙ୍କ ସମାନ ଭୂମିକା ରହିଛି। ସମସ୍ତେ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ସର୍ବାଧିକ ସାଧୁତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ସଚ୍ଚୋଟତା ଓ ଆଇନର ଶାସନକୁ ଅନୁପାଳନ କରି କାର୍ଯ୍ୟ କଲେ ଦେଶ ପ୍ରଗତି ପଥରେ ଆଗେଇପାରିବ ବୋଲି ସେମାନେ ଅନୁଭବ କରିବା ସହ ଏହା ଉପରେ ଗୁରୁତ୍ୱ ଦେବାକୁ ଶପଥ ନେଇଥିଲେ। ଏଥିସହ ଜନସାଧାରଣଙ୍କ ହିତ ଦିଗରେ ସେମାନେ କାର୍ଯ୍ୟ କରିବେ ଏବଂ ନିଜ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖି ଅନ୍ୟମାନଙ୍କ ପାଇଁ ଉଦାହରଣ ହେବେ। ଦୁର୍ନୀତି ସଂକ୍ରାନ୍ତ କୌଣସି ସୂଚନା ପାଇଲେ, ଏନେଇ ପଦକ୍ଷେପ ସ୍ୱରୂପ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ବୋଲି କର୍ମଚାରୀମାନେ ଶପଥ ନେଇଛନ୍ତି।

## ଆଜି ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବନ୍ଦ




ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ): ଆସନ୍ତାକାଲି ପରିଦର୍ଶକଙ୍କ ପାଇଁ ବନ୍ଦ ରହିବ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ। ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଉପନିର୍ଦ୍ଦେଶକଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହି ସମୟରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି ଯେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଥିବା ଭୟଙ୍କର ବାତ୍ୟା 'ମୋନ୍ଥା' ଜନିତ ବର୍ଷା ଓ ପବନରେ ଯେପରି କୌଣସି ପର୍ଯ୍ୟଟକ ଓ ପ୍ରାଣୀ ଉଦ୍ୟାନର ଜୀବଜନ୍ତୁ କ୍ଷୟକ୍ଷତିର ସମ୍ମୁଖୀନ ନ ହେବେ, ତା' ଉପରେ ଗୁରୁତ୍ୱ ଦେବା ସକାଶେ ଏପରି ନିଷ୍ପତ୍ତି ନିଆଯାଇଛି। ଏଥିସହ ଉଭୟ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ କର୍ତ୍ତୃପକ୍ଷ ପର୍ଯ୍ୟଟକମାନଙ୍କୁ 'ମୋନ୍ଥା' ପ୍ରତି ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି।

## ଆଠ ରେଳ କର୍ମଚାରୀ ସମ୍ମାନିତ



ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ): ଉତ୍ସର୍ଗୀକୃତ ଓ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଟ୍ରେନ ପରିଚାଳନାର ନିରାପତ୍ତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ୮ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। କେନ୍ଦୁଆପଦାରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-୩ ମିହିର କୁମାର ରାଉତ, ପାରାଦୀପରେ କାର୍ଯ୍ୟରତ ସିନିଅର ଗୁଡ୍‌ସ ଟ୍ରେନ ମ୍ୟାନେଜର ଅନିଲ କୁମାର, ସମ୍ବଲପୁରରେ କାର୍ଯ୍ୟରତ ଟେକ୍ନିସିଆନ୍-୩/ ଟିଏଲ୍‌ଏଣ୍ଡ୍‌ଏସି ସିଦ୍ଧାନ୍ତ ଆଚାର୍ଯ୍ୟ, କୁମହାର ସୋଡରାରେ ଟ୍ରାକ ମେଣ୍ଟେନର-ଇଇ ଭାବେ କାର୍ଯ୍ୟରତ ରାକେଶ କୁମାର, ଆଲମଣ୍ଡାରେ କାର୍ଯ୍ୟରତ ପଏଣ୍ଟସମ୍ୟାନ 'ଏ' ଏମ ରାମାରାଓ, ଭେଜା ଷ୍ଟେସନରେ ଷ୍ଟେସନ୍ ମାଷ୍ଟର ଭାବେ କାର୍ଯ୍ୟରତ ଏ. ଦେବରଞ୍ଜନ ସ୍ୱାଇଁ, ମୁନିଗୁଡାରେ ଟ୍ରାକ ମେଣ୍ଟେନର-ଇବ ଭାବେ କାର୍ଯ୍ୟରତ ସୁରେନ୍ଦ୍ର ପାଲ ଓ ଦକ୍ଷିଣ କେନ୍ଦ୍ରୀୟ ରେଳପଥର ବିଜୟୱାଡା ମଣ୍ଡଳ ଅଧୀନରେ ସିନିଅର ଗୁଡ୍‌ସ ଟ୍ରେନ ମ୍ୟାନେଜର ଭାବେ କାର୍ଯ୍ୟରତ ପାଦେଲା ବୀରା ଭେଙ୍କଟ ରମଣ ଅସାଧାରଣ ସତର୍କତା ପ୍ରଦର୍ଶନ କରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଶ୍ରୀ ଫୁଙ୍କୱାଲ କର୍ମଚାରୀମାନଙ୍କର ପ୍ରତିବଦ୍ଧତା ଓ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ।

ମାରିଟାଇମ୍ ସପ୍ତାହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

## ବାଲିଯାତ୍ରା ବୁଲିବାକୁ ଦେଲେ ନିମନ୍ତ୍ରଣ



ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ): ମହାରାଷ୍ଟ୍ରର ମୁମ୍ବାଇଠାରେ ଆୟୋଜିତ ମାରିଟାଇମ୍ ସପ୍ତାହ ୨୦୨୫ରେ ଯୋଗ ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ମାରିଟାଇମ୍ ସପ୍ତାହ ମଞ୍ଚରୁ ଓଡ଼ିଶା ଓ ବାଲିଯାତ୍ରାକୁ ଆସିବାକୁ ଦେଲେ ଆହ୍ୱାନ। 'ଭାରତର ସାମୁଦ୍ରିକ ଐତିହ୍ୟ' ବାବଦରେ ମତ ରଖି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ଓଡ଼ିଶା ବା ପ୍ରାଚୀନ କଳିଙ୍ଗର ସାଧବ ପୁଅମାନେ ବର୍ତ୍ତମାନର ଶ୍ରୀଲଙ୍କା, ଜାଭା, ସୁମାତ୍ରା, ବାଲି, ଥାଇଲାଣ୍ଡ ଏବଂ ମିଆଁମାର ଆଦି ଦକ୍ଷିଣ ଏସିଆର ବିଭିନ୍ନ ସ୍ଥାନକୁ ବୋଇତ ଜରିଆରେ କେବଳ ସାମଗ୍ରୀ ନେଇ ଯାଉନଥିଲେ, ସେମାନେ ଭାରତ ତଥା ଓଡ଼ିଶା ମାଟିର ସଭ୍ୟତା ଓ ସଂସ୍କୃତିକୁ ସାଥିରେ ନେଇଯାଉଥିଲେ। ସେମାନେ ଓଡ଼ିଶା ମାଟିରୁ ବୁଦ୍ଧଙ୍କ ବିଚାର ଓ ଶ୍ରୀଜଗନ୍ନାଥ ସଂସ୍କୃତିକୁ ସାଥିରେ ନେଇ ଏହିସବୁ ସ୍ଥାନରେ ପହଞ୍ଚାଇ ପାରିଥିଲେ। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଧୁନିକ ଜାହାଜ ନିର୍ମାଣର ବହୁ ବର୍ଷ ପୂର୍ବରୁ ଆମ ପୂର୍ବ ପିଢ଼ିମାନଙ୍କ ନୌଯାତ୍ରାର ସ୍ୱର୍ଣ୍ଣିମ ଇତିହାସ ଆମ ଗର୍ବ ଓ ଗୌରବ। ଏହି ପରମ୍ପରାର ସ୍ମୃତିଚାରଣ କରି ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ରୌପ୍ୟ ନଗରୀ କଟକଠାରେ ଆୟୋଜିତ 'ବାଲିଯାତ୍ରା' ଅବସରରେ ଓଡ଼ିଶା ଆସିବା ପାଇଁ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରିଛନ୍ତି। ସେ କହିଛନ୍ତି ଯେ ମାରିଟାଇମ୍ ସପ୍ତାହ ୨୦୨୫ରେ ଓଡ଼ିଶାର ସାମୁଦ୍ରିକ ଅର୍ଥନୀତିର ବିକାଶ ପାଇଁ ୫୦ ହଜାର କୋଟି ଟଙ୍କାର ବିଭିନ୍ନ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ଅନୁସାରେ ହେବାକୁ ଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଉପକୂଳ ପର୍ଯ୍ୟଟନ, ପରିବହନ ଏବଂ ସବୁଜ ଶକ୍ତି ଅଭିଯାନ ଆଦି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବ। ମାରିଟାଇମର ବିକାଶରେ ଓଡ଼ିଶା ପର୍ଯ୍ୟଟନର ଅଧିକ ବିକାଶ ହେବ ବୋଲି ସେ କହିଛନ୍ତି।

## ଷ୍ଟେସନ ନିକଟରୁ ହଟିଲା ଜବରଦଖଲ

ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ): ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନସ୍ଥିତ ରେଳ ଷ୍ଟେସନ ସମ୍ପ୍ରସାରଣ ଲାଗି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଷ୍ଟେସନର ପୁନଃନବୀକରଣରେ ବାଧା ସୃଷ୍ଟି କରୁଥିବା ବେଆଇନ ଅବରୋଧକୁ ହଟାଯିବା ସହ ଷ୍ଟେସନରୁ ପିକ୍‌ଅପ ଓ ଡ୍ରପ ଲାଗି ରାସ୍ତାଓଯୋତ୍ରୀଙ୍କ ନିମନ୍ତେ ପାର୍କିଂ ସ୍ଥାନ ନିର୍ମାଣ ସକାଶେ ଆଜି ବିଡିଏ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବିଡିଏ ଏନଫୋର୍ସମେଣ୍ଟର ୬ଟି ଟିମ ମାଷ୍ଟର କ୍ୟାଣ୍ଟିନସ୍ଥିତ ରେଳ ଷ୍ଟେସନକୁ ଯିବା ରାସ୍ତାରେ ରହିଥିବା ବେଆଇନ ଅସ୍ଥାୟୀ ଦୋକାନଗୁଡ଼ିକୁ ହଟାଇଛନ୍ତି। ଏଥିରେ ୫ଟି ହୋଟେଲ, ୨୧ଟି ଫାଷ୍ଟଫୁଡ ଷ୍ଟଲ, ୪ଟି ଫଳ ଦୋକାନ, ୧୩ଟି କ୍ୟାବିନ ରହିଛି। ଆଜି ଦିନକ ମଧ୍ୟରେ ପ୍ରାୟ ୫ ହଜାର ବର୍ଗଫୁଟ ଅଞ୍ଚଳକୁ ଜବରଦଖଲମୁକ୍ତ



କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ପୁଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୁଲିସ ଘଟଣାସ୍ଥଳରେ ମୁତୟନ ରହିଥିଲେ। ସେହିପରି ବିଡିଏ ଏନଫୋର୍ସମେଣ୍ଟ ଅଫିସର (ଓଏସଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ କନିଷ୍ଠଏନଫୋର୍ସମେଣ୍ଟ ଅଫିସର ସିଦ୍ଧାର୍ଥ ସାହୁ ଉପସ୍ଥିତ ଥିଲେ।

## ଦୁଇଦିନିଆ ଅଦ୍ୱିକା ସମ୍ମିଳନୀ ଉଦ୍‌ଘାଟିତ



ଭାଗନେଲେ ୨୭ ଜିଲ୍ଲାର ୧୨୭ କିଶୋରକିଶୋରୀ

ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ): କିଶୋରକିଶୋରୀମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଦୁଇଦିନିଆ ଅଦ୍ୱିକା ସମ୍ମିଳନୀ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି। ଏଥିରେ ୧୦ରୁ ୧୯ ବର୍ଷ ବୟସ ମଧ୍ୟରେ ୨୭ଟି ଜିଲ୍ଲାରୁ ଶ୍ରେଷ୍ଠ ବିବେଚିତ ୧୨୭ ଜଣ କିଶୋର କିଶୋରୀ ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ନୃତ୍ୟ, ଗୀତ, କାହାଣୀ ପଠନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଛି। କିଶୋର ଅବସ୍ଥାରେ ଶାରୀରିକ ଓ ମାନସିକ ସ୍ତରରେ ହେଉଥିବା ପରିବର୍ତ୍ତନ, ସେମାନଙ୍କୁ ହିଂସା ଓ ବିପଜ୍ଜନକ କାର୍ଯ୍ୟକଳାପରୁ ଦୂରେଇ ରଖିବା ଏବଂ ସେମାନଙ୍କର ଅନ୍ତର୍ନିହିତ ଦକ୍ଷତାର ଉନ୍ମେଷ ସହ ଆର୍ଥିକ, ସାଂସ୍କୃତିକ ଓ ସମାଜ ବିକାଶ କ୍ଷେତ୍ରରେ ସେମାନଙ୍କ ବଳିଷ୍ଠ ଅବଦାନକୁ ପ୍ରତିପାଦିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଆଜି ପ୍ରଥମ ଦିନରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ସେବା ଓ ସାମାଜିକ ବିକାଶ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁମିତ୍ରା ପଟ୍ଟନାୟକ ଯୋଗଦେଇ ଅଦ୍ୱିକା କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଅତିଥିମାନେ କିଶୋରକିଶୋରୀମାନଙ୍କୁ ଶପଥ ପାଠ କରାଇବା ସହ ମିଳିତ ଭାବେ ଏକ ଉଜ୍ଜ୍ୱଳ, ଶକ୍ତିଶାଳୀ ଓ ସଶକ୍ତ ଓଡ଼ିଶା ଗଠନ ଦିଗରେ ପ୍ରତିଶ୍ରୁତିବଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତଙ୍କ ପାଇଁ ନିରାପଦ ସହଯୋଗର ବାତାବରଣ ସୃଷ୍ଟି କରିବା, ଶିକ୍ଷା ଓ ଉତ୍କର୍ଷ ଲାଭ ନିମନ୍ତେ ପ୍ରୟାସୀ ହେବା, ବୈଷୟିକ ଜ୍ଞାନର ସଦ୍‌ବ୍ୟବହାର, ବାଲ୍ୟବିବାହ ସହ ବିଭିନ୍ନ ଭେଦଭାବ ଓ ହିଂସା ରୋକିବା, ସମାନତା ଓ ସମସ୍ତ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବା ନିମନ୍ତେ କିଶୋରକିଶୋରୀମାନଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଯୋଗଶିକ୍ଷା, ଦକ୍ଷତା ବିକାଶ, କ୍ୟାରିୟର୍ କାଉନ୍‌ସେଲିଂ ଉପରେ ଗୁରୁତ୍ୱ ଦିଆଯାଉଛି। କ୍ରୀଡ଼ା ଓ ଯୁବସେବା ବିଭାଗ ସହ ବକୁଳ ଫାଉଣ୍ଡେସନ୍, ହମାରା ବଚପନ୍ ଟ୍ରଷ୍ଟ ଓ ବିଶ୍ୱ ଦକ୍ଷତା କେନ୍ଦ୍ରର ମିଳିତ ସହଯୋଗରେ କାର୍ଯ୍ୟମ ଆୟୋଜିତ ହୋଇଛି।

## ୪ ଷ୍ଟେସନରେ ରେଳବାଇର ଅମୃତ ସମ୍ବାଦ କାର୍ଯ୍ୟକ୍ରମ ଆୟୋଜିତ




ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ): 'ସ୍ୱଚ୍ଛତା ସ୍ୱତନ୍ତ୍ର ଅଭିଯାନ ୫.୦' ଅନ୍ତର୍ଗତ ଚାଲୁଥିବା ଅମୃତ ସମ୍ବାଦ କାର୍ଯ୍ୟକ୍ରମ ପଦକ୍ଷେପର ଅଂଶସ୍ୱରୂପ ଆଜି ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ତାଳଚେର, ତାଳଚେର ରୋଡ୍, ଅନୁଗୁଳ ଏବଂ ମେରାମଣ୍ଡଳୀ ପରି ୪ଟି ରେଳ ଷ୍ଟେସନରେ ଯାତ୍ରୀମାନଙ୍କ ସହ ପାରସ୍ପରିକ ଆଲୋଚନା ଅଧିବେଶନ ଆୟୋଜନ କରିଛି। ଆଲୋଚନା ସମୟରେ ରେଳ ଅଧିକାରୀମାନେ ଷ୍ଟେସନମାନଙ୍କରେ ପ୍ରଦାନ କରାଯାଇଥିବା ଯାତ୍ରୀ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ସମୟାନୁବର୍ତ୍ତିତା, ଖାଦ୍ୟ ଯୋଗାଣ, ସୁରକ୍ଷା ଓ ନିରାପତ୍ତା ଏବଂ ଅନ୍ୟାନ୍ୟ ଯାତ୍ରୀ-କୈନ୍ଦ୍ରିକ ସେବା ସମ୍ପର୍କରେ ମତାମତ ପାଇବା ପାଇଁ ଯାତ୍ରୀମାନଙ୍କ ସହ ଯୋଗାଯୋଗ କରିଥିଲେ। ଏକ ଆଧୁନିକ ଓ ଦକ୍ଷ ରେଳ ନେଟୱାର୍କ ବିକାଶ ପାଇଁ ଭାରତୀୟ ରେଳବାଇ ଦ୍ୱାରା ପଦକ୍ଷେପ ନିଆଯାଉଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଏବଂ ଭିତ୍ତିଭୂମି ଉନ୍ନତି ବିଷୟରେ ଯାତ୍ରୀଙ୍କୁ ସଚେତନ କରାଯାଇଥିଲା। ବାଣିଜ୍ୟିକ ବିଭାଗର ଅଧିକାରୀମାନେ ଏହି ଅଧିବେଶନଗୁଡ଼ିକରେ ଅଂଶଗ୍ରହଣ କରିବା ସହ ଯାତ୍ରୀଙ୍କ ପରାମର୍ଶ ପ୍ରତି ଧ୍ୟାନ ଦେଇଥିଲେ।

## ସ୍ମାର୍ଟ ସିଟି ପାଇଁ ୧୦୦୦ କୋଟି ଖର୍ଚ୍ଚ

ଭୁବନେଶ୍ୱର,୨୮।୧୦: ଭୁବନେଶ୍ୱର ସ୍ମାର୍ଟସିଟିରେ ପ୍ରାୟ ୧୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏଥିରେ ୨୬ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତେବେ ଏଥିରୁ ଅନେକ ପ୍ରକଳ୍ପରୁ ରାଜଧାନୀବାସୀ ଯେଭଳି ସୁଫଳ ପାଇବାକଥା ତାହା ପାଇପାରୁ ନାହାନ୍ତି। ୨୦୧୫-୧୬ ମସିହାରେ ସ୍ମାର୍ଟସିଟି ମିଶନ ଆରମ୍ଭ ହୋଇଥିବାବେଳେ ଏଥିରେ ଭୁବନେଶ୍ୱରକୁ ସାମିଲ କରାଯାଇଥିଲା। ଏହି ମିଶନରେ ରାଜଧାନୀ ନୂଆ ରୂପ ନେବ ବୋଲି ଦର୍ଶାଯିବା ସହିତ ସତ୍ୟନଗରରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ରାଜଧାନୀର ଚେହେରା ବଦଳିବ ବୋଲି ଚିତ୍ର ଦିଆଯାଇଥିଲା। ଏପରିକି ଦେଶର ବଡ ବଡ କମ୍ପାନୀମାନେ ଏଠାରେ ବହୁତଳ ବିଶିଷ୍ଟ ସୌଧ ନିର୍ମାଣ କରିବାର ନକ୍ସା ପ୍ରସ୍ତୁତ ହୋଇଥିଲା। ଇତି ମଧ୍ୟରେ ସ୍ମାର୍ଟ ମିଶନର କାର୍ଯ୍ୟକାଳ ସରିବା ସହିତ ଏହି ଯୋଜନାରେ ପୂର୍ଣ୍ଣଚ୍ଛେଦ ପଡିଛି। ତେବେ ଏଥିରେ କେନ୍ଦ୍ର ସରକାର ଭୁବନେଶ୍ୱର ସ୍ମାର୍ଟସିଟିକୁ ତାଙ୍କର ଅଂଶଧନ ବାବଦରେ ୪୯୦ କୋଟି ଟଙ୍କା ଯୋଗାଇ ଦେଇଥିବା ବେଳେ ରାଜ୍ୟ ସରକାର ୫୦୦ କୋଟି ଟଙ୍କା ଦେଇଥିଲେ। ଏହି ଯୋଜନାରେ ରାଜଧାନୀରେ ୨୬ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। କିନ୍ତୁ ଏଥିରୁ ଅଧିକାଂଶ ଏବେ ଅଚଳ କିମ୍ବା ସାଧାରଣ ଲୋକଙ୍କ କାମରେ ଯେଭଳି ଆସିବାକଥା ତାହା ଆସିପାରୁନାହିଁ। ସ୍ମାର୍ଟସିଟି ଯୋଜନାରେ ୨୦୧୮ ହକି ବିଶ୍ୱକପ୍ ସମୟରେ ଆରମ୍ଭ ହୋଇଥିବା ମୋ ସାଇକେଲ ଯୋଜନାର ଅକାଳ ମୃତ୍ୟୁ ଘଟିଛି। ମାଳ ମାଳ ବିଦେଶୀ ସାଇକେଲ ଆଣି ସହରସାରା ରଖାଯାଇଥିଲେ ମଧ୍ୟ ଏଥିରୁ କେତେ ଚୋରିହୋଇ ଯାଇଥିବା ବେଳେ ଆଉ କେତେକ ଭାଙ୍ଗିରୁଜି ଯାଇଥିଲା। ଏବେ ଆଉ ରାଜଧାନୀର ରାସ୍ତାକଡ଼ରେ ମୋ ସାଇକେଲ ଦେଖିବାକୁ ମିଳୁନାହିଁ। ସେହିଭଳି ସ୍ମାର୍ଟ ଜନପଥ ନିର୍ମାଣ ଯୋଗୁଁ ରାଜଧାନୀର ରାସ୍ତା ସଙ୍କୁଚିତ ହୋଇଗଲା। ଲୋକେ ଗାଡିମୋଟର ରଖିବାପାଇଁ ହଇରାଣ ହେଲେ। ବହୁତଳୀୟ ଗାଡି ପାର୍କିଂ ନିର୍ମାଣ ହୋଇଥିଲେ ମଧ୍ୟ ଦୋକାନ ବଜାରଠାରୁ ଏହା ଦୂରରେ ଥିବା ଏବଂ ଦର ବାଧୁଥିବାରୁ ଲୋକେ ସେଠାରେ ଗାଡି ରଖୁନାହାନ୍ତି। ସେହିଭଳି ସ୍ମାର୍ଟ ଜନପଥ କଡରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ରଙ୍ଗିନ ବାଉଁଶ ବାଡ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜିଗଲାଣି। ଏହା ସ୍ଥାନରେ ଲୁହାବାଡ ଲଗାଇବାକୁ ଯୋଜନା ଚାଲିଛି। ସହରରେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ଶୌଚାଳୟ ଓ ମୋ ସେବା କେନ୍ଦ୍ର ଅଚଳ। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ମାର୍ଟ କିଓସ୍କକୁ ବିଜ୍ଞାପନ ଖୁଣ୍ଟ କରିବା ପାଇଁ ନଗର ଉନ୍ନୟନ ବିଭାଗ ସ୍ଥିର କରିଛି। ସ୍ମାର୍ଟ ସିଟି ମିଶନ ବନ୍ଦ ହେବା ପରେ ପ୍ରକଳ୍ପର କିଭଳି ରକ୍ଷଣାବେକ୍ଷଣ କରାଯିବ, ତାହା ଚିନ୍ତାର କାରଣ ପାଲଟିଛି। ସ୍ମାର୍ଟ ସିଟି ଅର୍ଥରେ ଅତ୍ୟାଧୁନିକ ଟ୍ରାଫିକ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ ତାହା ବାରମ୍ବାର ଖରାପ ହେବାରେ ଲାଗିଛି। ସ୍ମାର୍ଟସିଟି ଅର୍ଥରେ ସହରର ବିଭିନ୍ନ ସ୍ଥାନରେ ସୁଉଚ୍ଚ ଇଲେକ୍ଟ୍ରୋନିକ ବୋର୍ଡ ସ୍ଥାପନ କରାଯାଇଥିବା ବେଳେ ଏଥିରେ କ'ଣ ପ୍ରଦର୍ଶିତ ହେଉଛି ଓ ଏହାକୁ କିଏ ଦେଖୁଛି ତା'ର ହିସାବ ନାହିଁ। ଅତି ଉଚ୍ଚ ବୋର୍ଡରେ ଛୋଟ ଛୋଟ ଅକ୍ଷରର ଲେଖାକୁ ଖାଲି ଆଖିରେ ଦେଖିବା କଷ୍ଟକର। ମୋଟାମୋଟି ଭାବେ ରାଜଧାନୀରେ ସ୍ମାର୍ଟସିଟି ଏକପ୍ରକାର ଅଧାପନ୍ତରିଆ ଅବସ୍ଥାରେ ରହିଥିବା ବେଳେ ଏହା ସରକାରଙ୍କ ପାଇଁ ବୋଝ ହୋଇଛି। (ତଥ୍ୟ)

ନୂଆପଡ଼ାରେ ରାଜ୍ୟ ସଭାପତିଙ୍କ ସାମ୍ବାଦିକ ସମ୍ମିଳନୀ

## ବିଜେପିର ସଂକଳ୍ପ ବିକଶିତ ନୂଆପଡ଼ା ଗଠନ: ମନମୋହନ



ନୂଆପଡ଼ା/ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଏହା ପ୍ରଥମ ଉପନିର୍ବାଚନ। ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ତାଙ୍କ ପୁଅ ଜୟ ଢୋଲକିଆଙ୍କୁ ବିଜେପି ପ୍ରାର୍ଥୀ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଜନମଙ୍ଗଳ କାର୍ଯ୍ୟ ପାଇଁ ରାଜ୍ୟରେ ବିଜେପି ସରକାର ଜନସାଧାରଣଙ୍କ ଆର୍ଶୀବାଦରୁ ୫୦୦ ଦିନ ପୂରଣ କରିଛି। ବିଜେପି ଯାହା ପ୍ରତିଶ୍ରୁତି ଦିଏ, ତାହା ପୂରଣ କରେ। ନିର୍ବାଚନ ପୂର୍ବରୁ ଇସ୍ତାହାରରେ ଯାହାସବୁ ଲେଖାଯାଇଥିଲା, ସରକାର ଗଠନ କରିବା ପରେ ସେସବୁ ଗୋଟିଏ ପରେ ଗୋଟିଏ ବିଜେପି ପୂରଣ କରୁଛି। ଧାନ କ୍ୱିଣ୍ଟାଲ ପିଛା ଏବେ ୩୧୦୦ ଟଙ୍କାରେ ପହଞ୍ଚିଛି, ଯାହାକି ଚାଷୀଙ୍କ ରୋଜଗାର ବଢ଼ାଇବାରେ ସହାୟକ ହୋଇଛି। ଗତ ୫୦୦ ଦିନର ବିଜେପି ସରକାରରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଓଡ଼ିଶାକୁ ଆସିବା ସ୍ୱାଧୀନତାର ୭୮ ବର୍ଷ ପରେ ପ୍ରଥମ ଥର ପାଇଁ ସମ୍ଭବ ହୋଇପାରିଛି। ନୂଆପଡ଼ା ବିଧାନସଭାରେ ୧୧୦୧ କୋଟି ଟଙ୍କାରେ ବିଭିନ୍ନ ପ୍ରକଳ୍ପ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏସବୁ କ୍ରିୟାନ୍ୱୟନ କରିବା ବିଜେପି ସରକାରର ପ୍ରାଥମିକତା ହେବ। ନୂଆପଡ଼ାରେ ମେଡିକାଲ କଲେଜ ଖୋଲିବା ପାଇଁ ମଧ୍ୟ କେନ୍ଦ୍ରରୁ ଅନୁମୋଦନ ମିଳିସାରିଛି।

ମୁଖ୍ୟମନ୍ତ୍ରୀ ନିଜେ ରାଷ୍ଟ୍ରୀୟ ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କ ସହ ଆଲୋଚନା କରିବା ପରେ ଏ ବିଷୟରେ ସୂଚନା ଦେଇଛନ୍ତି। ନୂଆପଡ଼ାରେ ଦାଦନ ସମସ୍ୟାର ସମାଧାନ ପାଇଁ ବିଜେପି ସରକାର ସଂକଳ୍ପ ନେଇଛି ବୋଲି ନୂଆପଡ଼ାସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି ଯେ ନୂଆପଡ଼ାର ଯେଉଁସବୁ ସମସ୍ୟା ବିଷୟରେ ସ୍ଥାନୀୟ ଲୋକେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି, ସେସବୁର ସମାଧାନ କରାଯିବ। ଏଥିପାଇଁ ଜୟଙ୍କୁ ବିଜୟୀ କରାଇବାକୁ ସେ ଆହ୍ୱାନ ଦେଇଛନ୍ତି। ଏହାଛଡ଼ା ପ୍ରାର୍ଥୀ ଜୟ ଢୋଲକିଆଙ୍କ ସମେତ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ନୂଆପଡ଼ା ଜିଲ୍ଲା ସଭାପତି କମଳେଶ ଦୀକ୍ଷିତ, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



ବୁଧବାର ୨୯ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Wednesday 29 October 2025, Bhubaneswar

# ବିହାରରେ ପରିବାରଗତ ରାଜନୀତି




ବିହାରର ରାଜନୀତି ପ୍ରାୟତଃ ଏକ ପରିବାରଗତ ସାମ୍ରାଜ୍ୟର ରୂପ ନେଇଛି। ୨୦୨୫ ବିଧାନସଭା ନିର୍ବାଚନରେ ପ୍ରାୟ ୨୮.୮୧ ପ୍ରତିଶତ ସାଂସଦମାନେ ପରିବାରର ଉତ୍ତରାଧିକାରୀ, ଯାହା ଗଣତନ୍ତ୍ରର ମୂଳକାଙ୍କୁ ଚ୍ୟାଲେଞ୍ଜ ଦେଉଛି। ଆରଜେଡି, ବିଜେପି, ଜେଡିୟୁ ସମେତ ସମସ୍ତ ଦଳରେ ପରିବାରଗତ ପ୍ରାର୍ଥୀଙ୍କୁ ଟିକେଟ୍ ବାନ୍ଟନ ଏକ ନିଆନ୍ତ୍ରଣୀୟ ପ୍ରବୃତ୍ତି। ଲାଲୁ ପ୍ରସାଦ ଯାଦବଙ୍କ ପୁତ୍ର ତେଜସ୍ୱୀ, କନ୍ୟା ମେନକା; ନିତୀଶ କୁମାରଙ୍କ ପୁତ୍ର ନିଶାନ୍ତ; ଏବଂ ୨୨ଟି ମାଫିଆ ପରିବାରର ଉତ୍ତରାଧିକାରୀମାନେ ନିର୍ବାଚନୀ ମୟଦାନରେ ଲଢ଼ୁଛନ୍ତି। ଏହା କେବଳ ନେପୋଟିଜମର ଉଦାହରଣ ନୁହେଁ, ବରଂ ଲୋକତନ୍ତ୍ରର ଏକ ବିକୃତ ରୂପ।

ବିହାରର ରାଜନୀତିରେ ପରିବାରଗତ ଆଧିପତ୍ୟର ଇତିହାସ ଲମ୍ବା। ୧୯୯୦ ଦଶକରୁ ଆରଜେଡିରେ ୪୨ ପ୍ରତିଶତ ସାଂସଦମାନେ ପରିବାରର ସଦସ୍ୟ, ଯାହା ଦଳର ମୂଳ ଭିତ୍ତିକୁ ପ୍ରଭାବିତ କରୁଛି। ବିଜେପି ଓ ଜେଡିୟୁ ମଧ ଏଥିରୁ ମୁକ୍ତ ନାହାଁ ପ୍ରଥମ ପର୍ଯ୍ୟାୟରେ ୨୫ ପ୍ରତିଶତ ଟିକେଟ୍ ପରିବାରଗତଙ୍କୁ। ଏହା କାହିଁକି? କାରଣ ରାଜନୈତିକ ଦଳମାନେ ମନେ କରନ୍ତି ଯେ ପରିଚିତ ନାମର ପ୍ରଭାବ ଦ୍ରୁତ ଭୋଟ୍ ଆଣିବ। କିନ୍ତୁ ଏହା ଗଣତନ୍ତ୍ରର ମୂଳ ସିଦ୍ଧାନ୍ତ – ଯୋଗ୍ୟତା ଓ ଲୋକମାନଙ୍କର ଚୟନ – କୁ ଅସ୍ୱୀକାର କରୁଛି। ନୂଆ ପ୍ରଜନମର ଯୁବକମାନେ, ଯେଉଁମାନେ ବିହାରର ବିକାଶ ପାଇଁ ନୂତନ ଚିନ୍ତାଧାରା ଆଣିପାରନ୍ତି, ସେମାନେ ପଛକୁ ଠେଲାଯାଉଛନ୍ତି।

ଏହାର ପ୍ରଭାବ ବିହାରର ସାମାଜିକ-ଅର୍ଥନୈତିକ ବ୍ୟବସ୍ଥାରେ ଦେଖାଯାଉଛି। ପରିବାରଗତ ରାଜନୀତି ଭ୍ରଷ୍ଟାଚାର ଓ ମାଫିଆ ସମୀକରଣକୁ ପ୍ରୋତ୍ସାହିତ କରୁଛି। ୨୨ଟି ମାଫିଆ ପରିବାରର ସଦସ୍ୟମାନେ ଜେଲ୍‌ରୁ ବାହାରହୋଇ ନିର୍ବାଚନ ଲଢ଼ୁଛନ୍ତି, ଯାହା ଆଇନନିୟମର ଉପରେ ପରିବାରର ଆଧିପତ୍ୟକୁ ପ୍ରମାଣିତ କରୁଛି। ବିହାରର ଗରିବୀ, ବେକାରୀ ଓ ଅଶିକ୍ଷାର ସମସ୍ୟାଗୁଡ଼ିକ ଅପରିବର୍ତ୍ତନୀୟ ରହିଛି, କାରଣ ନେତୃତ୍ୱ ପରିବାରଗତ ସ୍ୱାର୍ଥରେ ବନ୍ଧିତ। ଏହା ଲିଙ୍ଗ ଅସମାନତାକୁ ମଧ ବଢ଼ାଉଛି; ପୁରୁଷପ୍ରଧାନ ପରିବାରରେ କନ୍ୟାମାନେ କେବଳ ସାନ୍ଦର୍ଭିକ ଭୂମିକାରେ ସୀମିତ।

କିନ୍ତୁ ଏହାର ସମାଧାନ କ'ଣ? ପ୍ରଥମେ, ନିର୍ବାଚନ କମିସନ୍ ପାର୍ଟିମାନଙ୍କୁ ପରିବାରଗତ ପ୍ରାର୍ଥୀଙ୍କ ସଂଖ୍ୟା ସୀମିତ କରିବା ପାଇଁ ନିୟମ କଢ଼ାଇବା ଉଚିତ୍। ଦ୍ୱିତୀୟ, ଯୁବକମାନେ ଓ ମହିଳାମାନେ ପାଇଁ ସ୍ୱତନ୍ତ୍ର ରିଜର୍ଭେସନ୍। ତୃତୀୟ, ସାମାଜିକ ମିଡିଆ ଓ ସ୍ୱାଧୀନ ମଧମ ମାଧମରେ ଲୋକମାନଙ୍କୁ ସଚେତନ କରିବା। ବିହାରର ବୁଦ୍ଧିଜୀବୀ ଓ ସମାଜସେବୀମାନେ ଏହାର ବିରୋଧରେ ଆନ୍ଦୋଳନ କରିବା ଆବଶ୍ୟକ।

ଅନ୍ତିମେ, ବିହାରର ମାଟିରୁ ଉଠିଆସିଥିବା ଗଣତନ୍ତ୍ରକୁ ପରିବାରଗତ ରାଜତ୍ୱରୁ ମୁକ୍ତ କରିବା ଆଜିର ଆବଶ୍ୟକତା। ନହେଲେ, ଏହା ଏକ ଅନ୍ତହୀନ ରାଜ୍ୟରେ ପରିଣତ ହେବ। ଲୋକମାନେ ଏବେ ଜାଗ୍ରତ ହୁଅନ୍ତୁ, ଯୋଗ୍ୟତାକୁ ପ୍ରାତିନିଧ କରନ୍ତୁ। ତତ୍ପରେ, ବିହାରର ଭବିଷ୍ୟତ ପରିବାରର ନୁହେଁ, ପୂରା ଜାତିର ଉତଥାନ ।

# ରାଷ୍ଟ୍ରୀୟ ଏକତା ଦିବସର ଅନୁଚିନ୍ତା

ଚିତ୍ତରଞ୍ଜନ ପୃଷ୍ଟି



ଈଶ୍ୱରଙ୍କ ଏହି ମଧୁମୟ ସୃଷ୍ଟିରେ କେହି କାହାରିଠାରୁ ଭିନ୍ନ ନୁହଁନ୍ତି।ସମସ୍ତେ ଏକତାର ମହାମନ୍ତ୍ରରେ ବନ୍ଧା।ବେଳେବେଳେ ମାନବ ସମାଜ ଏକତାର ମହାମନ୍ତ୍ରକୁ ଭୁଲିଯାଇ ଆପଣାଉଛି ହିଂସାର ମାର୍ଗ।ଅତୀତରେ ଏହି ଏକତାର ଅଭାବରୁ ଏ ଭାରତଭୂମି ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ହୋଇଥିଲା।ଗ୍ରୀକ, ଶକ, ହୁଣ, କୁଶାଣ, ମୋଗଲ ସମ୍ରାଟ ଭାରତକୁ ବହୁବାର ଆକ୍ରମଣ କରି ଲୁଟି ନେଇଥିଲେ ଅନେକ ଧନ ସମ୍ପତ୍ତି।ଶେଷରେ ବିଦେଶୀ ଇଂରେଜ ଜାତି ଭାରତୀୟ ମାନଙ୍କ ମଧରେ ଏକତାର ଅଭାବର ସୁଯୋଗ ନେଇ ଶତାଧିକ ବର୍ଷ ଲୁଣ୍ଠିତ କରି ରଖିଥିଲେ। ପୁଣି ଏକତାର ଅପ୍ରତିହତ ଶକ୍ତି ବଳରେ ଭାରତ ସ୍ୱାଧୀନତା ଲାଭ କଲା।ସେଥିପାଇଁ ଇଂରାଜୀରେ କୁହାଯାଇଛି-

"UNITED WE STAND DIVIDED WE FALL"

ଭାରତ ଆଜି ଯେଉଁ ଅଖଣ୍ଡତାକୁ ନେଇ ଗର୍ବ କରୁଛି ତାହାର କର୍ଣ୍ଣଧାର ହେଉଛନ୍ତି ଲୌହ ମାନବ ସର୍ଦ୍ଦାର ଭଲଭଭାଇ ପଟେଲ।ଅଖଣ୍ଡ ଆଧୁନିକ ଭାରତର ନିର୍ମାତା, ପ୍ରଥମ ଉପପ୍ରଧାନମନ୍ତ୍ରୀ, ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଲୌହ ମାନବ ସର୍ଦ୍ଦାର ଭଲଭଭାଇ ପଟେଲ ୧୮୭୫ ମସିହା ଅକ୍ଟୋବର ୩୧ ତାରିଖରେ ଗୁଜୁରାଟର କ୍ଷୁଦ୍ର ଗ୍ରାମ ନାଡିୟାଡ଼ର ସାଧାରଣ କୃଷକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ଜନ୍ମତିଥିକୁ ୨୦୧୪ ମସିହାରୁ 'ରାଷ୍ଟ୍ରୀୟ ଏକତା ଦିବସ' ରୂପେ ପାଳନ କରାଯାଉଛି।ସେ ଜଣେ ମହାନ ବ୍ୟକ୍ତି ଯିଏକି ବିଖଣ୍ଡ ଭାରତକୁ ଏକତ୍ର କରି ଅଖଣ୍ଡ ଭାରତ ବର୍ଷରେ ପରିଣତ କରିଥିଲେ।୧୯୪୭ ମସିହାର ପ୍ରଥମାର୍ଦ୍ଧ ଭାରତ ଇତିହାସ ପାଇଁ ଥିଲା ଏକ ସଂକଟମୟ ସମୟ।ବିଦେଶୀ ଶାସନର ଅନ୍ତଃ ଘଟିଥିଲେ ମଧ ଭାରତର ଅଖଣ୍ଡତା ପ୍ରତି ବିପଦ ରହିଥିଲା।ଦେଶର ରାଜନୈତିକ ଅବସ୍ଥା ସଙ୍କଟ ଜନକ ପରିସ୍ଥିତି ଦେଇ ଗତି କରୁଥିବାବେଳେ ଉପ ପ୍ରଧାନମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ସର୍ଦ୍ଦାର ପଟେଲଙ୍କ ଦୃଢ଼ ନେତୃତ୍ୱ ଏବଂ ନିଷ୍ପତ୍ତି ଅଖଣ୍ଡ ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା।ଗୁଜୁରାଟର ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସର୍ଦ୍ଦାର ପଟେଲ ସ୍ୱାଧୀନ ଭାରତର ଜଣେ ମହାନ ଜନନେତା ହୋଇପାରିଥିଲେ। ତାଙ୍କର ଦୃଢ଼ ନେତୃତ୍ୱ ବଳରେ ଭାରତ ସହିତ ୫୬୫ଟି ସ୍ୱାଧୀନ ଗଡ଼ଜାତ ରାଜ୍ୟ ମିଶିଥିଲେ।ସ୍ୱାଧୀନତା ସମୟରେ ବିନା ରକ୍ତପାତରେ ଭାରତର ପ୍ରାୟ ସମସ୍ତ ରାଜ୍ୟଗୁଡ଼ିକୁ ଏକାଠି କରିବା, ତାଙ୍କର ଦକ୍ଷତାର ପ୍ରମାଣ ଦିଏ। ତାଙ୍କର ଏହି ବଳିଷ୍ଠ ଅବଦାନ ନିମିତ୍ତ ତାଙ୍କୁ 'ଲୌହ ମାନବ 'ର ଉପାଧି ମିଳିଥିଲା। ସ୍ୱାଧୀନତା ପରବର୍ତ୍ତୀ ସମୟରେ ସେ ଅଳ୍ପ ଦିନ ବଞ୍ଚିଥିଲେ।ସେହି ସୀମିତ ଅବଧି ମଧରେ ଦେଶୀୟ ରାଜ୍ୟ ଗୁଡିକର ସମ୍ମିଶ୍ରଣରେ ସର୍ଦ୍ଦାର ପଟେଲ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।ଦେଶର ଏକତା କ୍ଷେତ୍ରରେ ପଟେଲଙ୍କ ଯୋଗଦାନକୁ ମନେରଖିବାପାଇଁ ଗୁଜୁରାଟର ନର୍ମଦା ନଦୀ ତଟରେ ତାଙ୍କର ୧୮୨ ମିଟର ଉଚ୍ଚତାର ଏକ ବିଶାଳ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ସ୍ଥାପନ କରାଯାଇଛି।

ଲୌହ ମାନବ ସର୍ଦ୍ଦାର ବଲଭଭାଇ ପଟେଲ ଥିଲେ ଜଣେ ବିଶ୍ୱାସୀ ସଚ୍ଚୋଟ ମଣିଷ।ଭାରତର କୃଷକ, ଶ୍ରମିକ, ଦରିଦ୍ର ଜନସାଧାରଣ ସମସ୍ତେ ତାଙ୍କ ଉପରେ ଅତୁଟ ବିଶ୍ୱାସ ରଖିଥିଲେ।ସମଗ୍ର ମାନବଜାତି ମଧରେ ଶାନ୍ତି, ଏକତା ଏବଂ ଅଖଣ୍ଡତାର ସର୍ବଶ୍ରେଷ୍ଠ ପ୍ରଚାରକ ଥିଲେ ଲୌହ ମାନବ ସର୍ଦ୍ଦାର ବଲଭଭାଇ ପଟେଲ।ଯେଉଁ ସମୟରେ ଅନେକ ଦେଶୀୟ ରାଜ୍ୟ ବିଭାଜିତ ହୋଇଥିଲା, ସେହି ସମୟରେ ସ୍ୱର୍ଗତ ପଟେଲ ଅଖଣ୍ଡ ଭାରତର ପରିକଳ୍ପନା କରିଥିଲେ। ଇତିହାସରେ 'ଭାରତର ଏକତାକାରୀ' ଭାବେ ପରିଚିତ ଥିଲେ ସର୍ଦ୍ଦାର ପଟେଲ।ଏହି ଦିବସ ଲୌହ ମାନବ ସର୍ଦ୍ଦାର ଭଲଭଭାଇ ପଟେଲ ଓ ଅନ୍ୟମାନଙ୍କ ଦ୍ୱାରା ଦେଶକୁ ଏକଜୁଟ କରିବା ପାଇଁ ହୋଇଥିବା ସଂଗ୍ରାମକୁ ମନେ ପକାଇ ଦେଇଥାଏ। ଏହା ଏକତାକୁ ସୁଦୃଢ଼ କରିବା ସହ 'ବିବିଧତା ମଧରେ ଏକତା'ର ଭାବନାକୁ ପ୍ରୋତ୍ସାହିତ କରେ ଏବଂ ଜାତୀୟ ଅଖଣ୍ଡତା ବଜାୟ ରଖିବାକୁ ଗୁରୁତ୍ୱାରୋପ କରିଥାଏ। ଭାରତ ପରି ବିବିଧତାପୂର୍ଣ୍ଣ ଦେଶରେ ଲୋକମାନଙ୍କ ମଧରେ ଏକତାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଭାରତ ହେଉଛି ଏକ ଗଣତାନ୍ତ୍ରିକ, ସାର୍ବଭୌମ, ସମାଜବାଦୀ ଏବଂ ଧର୍ମ ନିରପେକ୍ଷ ରାଷ୍ଟ୍ର।ଏହି ବିଶାଳ ଭୂଖଣ୍ଡରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ସମ୍ପ୍ରଦାୟର ଲୋକ ବାସ କରନ୍ତି।ଏହି ବିଭିଧତା ମଧରେ ଏକତା ଭାରତର ପରିଚୟ ଅଟେ।ଏହି ଏକତା ହିଁ ଭାରତକୁ ଅଦ୍ୱିତୀୟ କରିଛି।ଏହି ବିଶାଳ ଭୂଖଣ୍ଡକୁ ଏକତା ସୂତ୍ରରେ ବାନ୍ଧି ରଖିବା ସମସ୍ତଙ୍କର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ।ଆମ ରାଷ୍ଟ୍ରକୁ ପ୍ରଗତି ପଥରେ ଆଗେଇ ନେବାକୁ ହେଲେ ସାମ୍ପ୍ରଦାୟିକ ସଦ୍ଭାବକୁ ବଜାୟ ରଖିବାକୁ ହେବ।ବିଶ୍ୱରେ ଶାନ୍ତି ଓ ସଦ୍ଭାବ ପ୍ରତିଷ୍ଠା ଲାଗି ବିଶ୍ୱସମୁଦାୟ ମଧରେ ଏକତାର ଆବଶ୍ୟକତା ରହିଛି।ଏକତା ଓ ଅଖଣ୍ଡତାର ପ୍ରତୀକ ଭାବେ ସାରା ବିଶ୍ୱରେ ଭାରତ ଉଦାହରଣ ସାଜିଛି।ଏକ ଶାନ୍ତ ସମୃଦ୍ଧ ମାନବ ସମାଜପାଇଁ ଭାରତ ଯୁଗଯୁଗ ଧରି ବିଶ୍ୱକୁ ଦିଗଦର୍ଶନ ଦେଇଛି।ଏକତାର ଅଭାବରୁ ସାରା ବିଶ୍ୱରେ ଅଶାନ୍ତି ଦେଖାଦେଇଛି।ସନ୍ତ୍ରାସବାଦୀ ଏବଂ ଆତଙ୍କବାଦୀ ଗୋଷ୍ଠୀ ସାରା ବିଶ୍ୱରେ ଅଶାନ୍ତ ପରିବେଶ ସୃଷ୍ଟିକରି ସେଥିରୁ ଫାଇଦା ନେବାପାଇଁ ଚକ୍ରାନ୍ତ କରୁଛନ୍ତି।ଯାହା ଫଳରେ ସାରା ବିଶ୍ୱରେ ଏବେ ଅଶାନ୍ତ ଏବଂ ଭୟର ବାତାବରଣ ସୃଷ୍ଟି ହୋଇଛି।ବିଶ୍ୱରେ ଶାନ୍ତି ଓ ସଦ୍ଭାବ ବଜାୟ ରଖିବାଲାଗି ବିଶ୍ୱ ସମୁଦାୟ ମଧରେ ଏକତାର ଆବଶ୍ୟକତା ରହିଛି।ବିଭିନ୍ନ ରାଷ୍ଟ୍ର ମାନଙ୍କ ମଧରେ ପାରସ୍ପରିକ ସହଯୋଗ ରହିଲେ ବିଶ୍ୱରେ ଶାନ୍ତି ଫେରିପାରିବ ଏବଂ ପ୍ରଗତି ସମ୍ଭବ ହୋଇପାରିବ।

ଦେଶରେ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାକୁ ହେଲେ ସର୍ଦ୍ଦାର ବଲଭଭାଇ ପଟେଲଙ୍କ ନୀତିକୁ ଅପଣାଇବାକୁ ପଡ଼ିବ। ସମଗ୍ର ମାନବଜାତି ଏକତା ରଜୁରେ ବାନ୍ଧିହେଲେ ପରସ୍ପର ପ୍ରତି ସ୍ନେହ, ପ୍ରେମ ଭାତୃଭାବ ଜାଗ୍ରତ ହେବ ଯାହାଫଳରେ ଦେଶ ଉନ୍ନତି ଏବଂ ପ୍ରଗତି ପଥରେ ଅଗ୍ରସର ହୋଇପାରିବ।ସମଗ୍ର ମାନବ ଜାତି ଯଦି ଏକତା ଓ ଅଖଣ୍ଡତା କୁ ଅନୁସରଣ କରିବେ ତେବେ ତାହାହିଁ ହେବ ଲୌହ ମାନବ ସର୍ଦ୍ଦାର ବଲଭଭାଇ ପଟେଲଙ୍କ ମହନୀୟ କୃତି ଓ ଦେଶଭକ୍ତିପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି।

**ନିମାପଡା, ପୁରୀ, ମୋବାଇଲ୍: ୯୭୭୮୧୭୭୫୦୧**

# ସଂସ୍କୃତି ଓ ଏକତାର ପର୍ବ ଛଟ ପୂଜା



ଡକ୍ଟର ଲକ୍ଷ୍ମଣ ସାହୁ

ଆମଦେଶରେ ଛଟ୍ ପୂଜା ବଡ଼ ଧୁମ୍ ଧାମରେ ପାଳନ କରାଯାଏ। କାର୍ତ୍ତିକ ଶୁକ୍ଳପକ୍ଷ ଷଷ୍ଠୀରେ ଭଗବାନ୍ ସୂର୍ଯ୍ୟ ଦେବତାଙ୍କୁ ପୂଜା କରିବା ପାଇଁ ପୂର୍ବ, ପୂର୍ବ ଉତ୍ତର ଭାରତୀୟ ନାରୀମାନେ ନଦୀତଟରେ ଏକତ୍ର ହୋଇ ଅର୍ଘ୍ୟଦାନ କରି ଏହି ପରମ୍ପରାକୁ ବଜାୟ ରଖନ୍ତି। ଭୟାଦୂଜ ପରେ ଏହି ଛଠ୍ ଆରମ୍ଭ ହୋଇ ଚାରିଦିନ ଅନୁଷ୍ଠିତ ହୋଇଥାଏ। ପ୍ରଥମ ଦିନରେ ସୈନ୍ଧବ ଲବଣ ଓ ଘିଅରେ ତିଆରି ହୋଇଥିବା ଅରୁଆ ଅନ୍ନ ଓ କଖାରୁରେ ରୋଷେଇ ହୋଇଥିବା ତରକାରୀକୁ ପ୍ରସାଦ ରୂପେ ଭୋଗ କରାଯାଇଥାଏ। ଦିନସାରା ଉପବାସ ରହି ସନ୍ଧ୍ୟା ସମୟରେ ବ୍ରତୀ ମହିଳାମାନେ ପ୍ରସ୍ତୁତ କରିଥିବା ଖିରିକୁ ଗ୍ରହଣ କରିଥାନ୍ତି। ଚତୁର୍ଥ ଦିନରେ ବ୍ରତଧାରୀଙ୍କ ବ୍ରତ ସମ୍ପନ୍ନ ହେଲା ପରେ ପ୍ରସାଦକୁ ବଣ୍ଟନ କରି ଅନ୍ନ ଗ୍ରହଣ କରିଥାନ୍ତି। ଏହି ପର୍ବର ଉଦ୍ଦେଶ୍ୟ ହେଲା ସ୍ୱାମୀ, ସନ୍ତାନଙ୍କ ଦୀର୍ଘାୟୁ ଓ ପାରିବାରିକ ସୁଖ ଓ ସମୃଦ୍ଧି ପାଇଁ ପାଳନ କରାଯାଇଥାଏ। ଛଟ୍ କେବଳ ଏକ ରୀତି ନୁହେଁ, ବରଂ ଆତ୍ମ-ସଂଯମ, କୃତଜ୍ଞତା ଓ ଏକତାର ଏକ ଅଭ୍ୟାସ। ଏହି ପର୍ବ ଆମକୁ ଆମର ମାଟି, ଆମ ମାତା, ଆମ ପରିବାର ତଥା ଆମର ପ୍ରକୃତି ସହିତ ଯୋଡେ। ଯେପର୍ଯ୍ୟନ୍ତ ଏହି ପର୍ବ ବଞ୍ଚି ରହିବ, ସେପର୍ଯ୍ୟନ୍ତ ଭାରତୀୟ ସମାଜର ଆତ୍ମା ବଞ୍ଚି ରହିବ।

ମହାଭାରତ ସମୟରେ ଏହି ଛଠ ପୂଜା ପାଳନ କରାଯାଇଥିଲା। ଏହି ପର୍ବର ଆରମ୍ଭ ପ୍ରଥମେ ଅଙ୍ଗ ଦେଶର ରାଜା ତଥା ଆଧୁନିକ ଭାଗଲପୁରର ରାଜା କର୍ଣ୍ଣ କରିଥିଲେ। ସେ ପ୍ରତିଦିନ ପାଣିରେ ଗୋଟିଏ ଘଣ୍ଟା ଧରି ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରୁଥିଲେ। ସୂର୍ଯ୍ୟଙ୍କ କୃପାରୁ ସେ ଜଣେ ମହାନ୍ ଯୋଦ୍ଧା ହୋଇଥିଲେ। ଦ୍ରୌପଦୀ ମଧ ପରିଜନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ କାମନା କରି ସୂର୍ଯ୍ୟଙ୍କୁ ପୂଜା କରିବା କଥା ମଧ ଉଲ୍ଲେଖ ରହିଛି। ଲଙ୍କା ବିଜୟ ପରେ ରାମରାଜ୍ୟ ସ୍ଥାପନା ଦିନ କାର୍ତ୍ତିକ ଶୁକ୍ଳ ପକ୍ଷ ଷଷ୍ଠୀରେ ଭଗବାନ୍ ରାମ ଓ ସୀତା ମଧ ଛଠ ପୂଜା କରିଥିଲେ।

ଛଟ ପର୍ବର ପରମ୍ପରାର ବୈଜ୍ଞାନିକ ଓ ଜ୍ୟୋତିଷଶାସ୍ତ୍ରୀୟ ମହତ୍ତ୍ୱ ମଧ ରହିଛି। କୁହାଯାଏ ଷଷ୍ଠୀ ତିଥି ଏକ ବିଶେଷ ଜ୍ୟୋତିର୍ବିଜ୍ଞାନ ପର୍ବ। ଯେଉଁ ସମୟରେ ସୂର୍ଯ୍ୟ ପୃଥିବୀର ଦକ୍ଷିଣ ଗୋଲାର୍ଦ୍ଧରେ ଥାଆନ୍ତି ଓ ଦକ୍ଷିଣାୟନ ସୂର୍ଯ୍ୟଙ୍କ ଅଲ୍ଟ୍ରାଭାୟୋଲେଟ୍ କିରଣ ସାଧାରଣ ଅପେକ୍ଷା ଅଧିକ ପରିମାଣରେ ପୃଥିବୀ ଉପରେ ଏକତ୍ରିତ ହୁଏ। ଏହି ଦୂଷିତ କିରଣ ସାଧାରଣ ଲୋକଙ୍କ ଆଖି, ପେଟ, ଚର୍ମ ଇତ୍ୟାଦି ଉପରେ ସିଧାସଳଖ ପ୍ରଭାବ ପକାଏ। ଏହି ପର୍ବ ପାଳନ କରି ସାଧାରଣ ଲୋକମାନେ ସୂର୍ଯ୍ୟକିରଣର ଏହି ଅଲ୍ଟ୍ରାଭାୟୋଲେଟ୍ କିରଣ ଦ୍ୱାରା କ୍ଷତିଗ୍ରସ୍ତ ହେବା ଉଚିତ୍ ନୁହେଁ। ସୂର୍ଯ୍ୟ ପୂଜାର ଗଭୀର ରହସ୍ୟ ଏହି ଉଦ୍ଦେଶ୍ୟରେ ଲୁକ୍କାୟିତ। ଏହି ଉପବାସର ମୁଖ୍ୟ ଉଦ୍ଦେଶ୍ୟ ସ୍ୱାମୀ, ସ୍ତ୍ରୀ, ପୁଅ, ନାତି ସମେତ ପରିବାରର ସମସ୍ତ ସଦସ୍ୟଙ୍କ ମଙ୍ଗଳ କାମନା କରିବା ସହିତ ମଧ ଜଡିତ।

ଲୋକ ପରମ୍ପରା ଅନୁଯାୟୀ, ସୂର୍ଯ୍ୟ ଦେବତା ଛଠି ମୈୟାଙ୍କ ମଧରେ ଭାଇ-ଭଉଣୀ ସମ୍ପର୍କ ରହିଛି। ତେଣୁ ଛଟ ଅବସରରେ ସୂର୍ଯ୍ୟଙ୍କୁ ପୂଜା କରିବା ଫଳପ୍ରଦ ବୋଲି ବିବେଚନା କରାଯାଏ। କାର୍ତ୍ତିକ ଶୁକ୍ଳ ପକ୍ଷର ଷଷ୍ଠୀରେ ଛଟ ପୂଜା ପାଳନ କରାଯାଏ। ଯଦି ଆମେ ଛଟ ସହିତ ଜଡିତ ପୌରାଣିକ ବିଶ୍ୱାସ ଓ ଲୋକକଥା ଦେଖିବା, ତେବେ ଆମେ ଜାଣିପାରିବା ଯେ ଏହା ଭାରତର ପ୍ରାଚୀନ ସୂର୍ଯ୍ୟବଂଶୀ ରାଜାମାନଙ୍କର ମୁଖ୍ୟ ପର୍ବ ଥିଲା। ସ୍କନ୍ଦ ପୂଜାର ପରମ୍ପରା ମଧ ଛଟ ସହିତ ଜଡିତ। ଭଗବାନ ଶିବଙ୍କ ତେଜରୁ ଜନ୍ମିତ ଶିଶୁ ସ୍କନ୍ଦଙ୍କୁ ଛଅଟି କୃତ୍ତିକ ସ୍ତନ୍ୟପାନ କରାଇ ସୁରକ୍ଷା ଦେଇଥିଲେ। ଏହି କାରଣରୁ ସ୍କନ୍ଦଙ୍କର ଛଅଟି ମୁଖ ଥିଲା ଓ ସେ କାର୍ତ୍ତିକେୟ ନାମରେ ପରିଚିତ ହୋଇଥିଲେ। କାର୍ତ୍ତିକେଙ୍କ ସହିତ ସମ୍ପର୍କ ଯୋଗୁଁ, ଷଷ୍ଠୀ ଦେବୀଙ୍କୁ ସ୍କନ୍ଦଙ୍କ ପତ୍ନୀ ଦେବସେନା ଭାବରେ ମଧ ପୂଜା କରାଯାଇଥିଲା।

ଏକ ପୋରୋଣିକ ବିଶ୍ୱାସ ଅନୁଯାୟୀ, ମହାଭାରତ ଯୁଗରେ ସୂର୍ଯ୍ୟପୁତ୍ର କର୍ଣ୍ଣ ସୂର୍ଯ୍ୟଙ୍କୁ ପୂଜା କରି ପ୍ରଥମେ ଛଟ ପର୍ବ ଆରମ୍ଭ କରିଥିଲେ। କର୍ଣ୍ଣ ଭଗବାନ ସୂର୍ଯ୍ୟଙ୍କର ଜଣେ ମହାନ ଭକ୍ତ ଥିଲେ ଓ ସେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ପାଣିରେ ଅଣ୍ଟା ଗଭୀରରେ ଠିଆ ହୋଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରୁଥିଲେ। ସୂର୍ଯ୍ୟଙ୍କ କୃପାରୁ ହିଁ ସେ ଜଣେ ମହାନ ଯୋଦ୍ଧା ହୋଇଗଲେ। ଆଜି ମଧ ଛଟ ସମୟରେ ଅର୍ଘ୍ୟ ଅର୍ପଣ କରିବାର ଏହି ପରମ୍ପରା ପ୍ରଚଳିତ। ଛଟ ପର୍ବ ବିଷୟରେ ଆଉ ଏକ କାହାଣୀ ଅଛି। ଏହି କାହାଣୀ ଅନୁସାରେ, ଯେତେବେଳେ ପାଣ୍ଡବମାନେ ଜୁଆ ଖେଳରେ ସେମାନଙ୍କର ସମସ୍ତ ରାଜ୍ୟ ହରାଇଥିଲେ, ଦ୍ରୌପଦୀ ଛଟ ଉପବାସ ପାଳନ କରିଥିଲେ। ଏହି ଉପବାସ ସହିତ, ତାଙ୍କର ଇଚ୍ଛା ପୂରଣ ହୋଇଥିଲା ଓ ପାଣ୍ଡବମାନେ ସେମାନଙ୍କର ରାଜ୍ୟ ଫେରି ପାଇଥିଲେ।

ଛଟ୍ ମହାନ ପର୍ବ ହେଉଛି ହିନ୍ଦୁ ଧର୍ମରେ ଏକମାତ୍ର ପର୍ବ ଯାହା କେବଳ ଉଦୀୟମାନ ସୂର୍ଯ୍ୟଙ୍କୁ ନୁହେଁ ବରଂ ଅସ୍ତଗାମୀ ସୂର୍ଯ୍ୟଙ୍କୁ ମଧ ପୂଜା କରେ। ବିଶ୍ୱାସ କରାଯାଏ ଯେ ଦେବୀ ଛଟ ହେଉଛନ୍ତି ସୂର୍ଯ୍ୟ ଦେବଙ୍କ ଭଉଣୀ, ଓ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ସୂର୍ଯ୍ୟଙ୍କୁ ପୂଜା କରାଯାଏ। ଏହି ପର୍ବ ଆରମ୍ଭ ହୁଏ, ଯେତେବେଳେ ଭକ୍ତମାନେ ସ୍ନାନ କରି ଅରୁଆ ଚାଉଳ, ଚଣା ଡାଲି ଓ କଖାରୁ ତରକାରୀ ଖାଇଥାନ୍ତି। ନହୟ-ଖୟ ଦ୍ୱିତୀୟ ଦିନ, ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ପକ୍ଷ ପଞ୍ଚମୀରେ, ଭକ୍ତମାନେ ଦିନସାରା ଉପବାସ ରଖନ୍ତି ଓ ସନ୍ଧ୍ୟାରେ ସେମାନେ ଗୁଡ଼ରୁ ତିଆରି ରୋଟି ଓ ଖୀର ଖାଇଥାନ୍ତି। ଏହି ବ୍ରତକୁ ଖରଣା କୁହାଯାଏ। ପରଦିନ, କାର୍ତ୍ତିକ ଶୁକ୍ଳ ପକ୍ଷର ଷଷ୍ଠ ଦିନ, ଭକ୍ତମାନେ ଉପବାସ ପାଳନ କରନ୍ତି। ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରନ୍ତି। ସପ୍ତମ ଦିନ ସକାଳେ ଉଦୀୟମାନ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରି ଉପବାସ ଭଙ୍ଗ କରାଯାଏ।

ଯେଉଁମାନେ ଛଟ ପୂଜା ଉପବାସ କରନ୍ତି ସେମାନେ ଏହି ଦିନଗୁଡ଼ିକରେ ସମାନ ଜଳରୁ ବିରତ ରୁହନ୍ତି। ଏହି ପୂଜା ସମୟରେ ମୁଖ୍ୟତଃ ସୂର୍ଯ୍ୟ ଦେବତାଙ୍କୁ ପୂଜା କରାଯାଏ, ତାଙ୍କ ଭଉଣୀ ଛଟ ଦେବୀଙ୍କୁ ମଧ ପୂଜା କରାଯାଏ। ଏହି ଦିନ ପୁରୁଷ ଓ ମହିଳା ନଦୀ କୂଳରେ ପୂଜା କରିବା ପାଇଁ ଏକାଠି ହୁଅନ୍ତି। ଛଟ ମାତାଙ୍କ ପୂଜା ଆପଣଙ୍କ ପିଲାମାନଙ୍କ ପାଇଁ ମଧ ଲାଭଦାୟକ ବୋଲି ବିଶ୍ୱାସ କରାଯାଏ।

ଛଟ ଅତ୍ୟନ୍ତ ଜରୁରୀ କାରଣ ଏହା ଆମକୁ ମନେ ପକାଇ ଦିଏ ଯେ ଆମେ କେଉଁଠାରୁ ଆସିଛୁ ଓ ଆମର ସଭ୍ୟତା କେଉଁ ମୂଲ୍ୟବୋଧ ଉପରେ ନିର୍ଭର କରେ। ଆଜିର ସମୟରେ ଯେତେବେଳେ ଗାଁରୁ ସହରକୁ ସ୍ଥାନାନ୍ତର ସାଧାରଣ ହୋଇଗଲାଣି, ଲୋକମାନେ ନିଜ ଜନ୍ମଭୂମିରୁ ଦୂରେଇ ଯାଇ ମହାନଗରର ଗହଳି ଭିତରେ ଅନ୍ତର୍ହିତ ହୋଇଗଲେଣି, ଛଠ ସେହି ଅବସର ହୁଏ, ଯେତେବେଳେ ଘରକୁ ଫେରିବାର ପରମ୍ପରା ପୁନର୍ଜୀବିତ ହୁଏ। ବର୍ଷସାରା କାମରେ ବ୍ୟସ୍ତ ପୁଅମାନେ ଏହି ପର୍ବ ପାଇଁ ଘରକୁ ଫେରନ୍ତି। ମାସ ମାସ ଧରି ଆକାଶକୁ ଚାହିଁ ନିଜ ପିଲାମାନଙ୍କୁ ଅପେକ୍ଷା କରୁଥିବା ମାଆମାନେ ଏହି ଅବସରରେ ସେମାନଙ୍କୁ ନିଜ ସମ୍ମୁଖରେ ଦେଖି କାନ୍ଦି ପକାଇଥାନ୍ତି। ଆର୍ଥିକ ପ୍ରତିବନ୍ଧକ ଓ ଦୂରତା ଦ୍ୱାରା ଖଣ୍ଡିତ ପରିବାରଗୁଡ଼ିକ ଛଟରେ ପୁନଃମିଳନ ହୁଅନ୍ତି - ଏହା ହେଉଛି ଏହି ପର୍ବର ପ୍ରକୃତ ଶକ୍ତି।

ଛଟ କେବଳ ସୂର୍ଯ୍ୟଙ୍କ ପୂଜା ନୁହେଁ, ବରଂ ପରିବାର, ସମାଜ ଓ ପ୍ରକୃତିର ମିଳିତ ପୂଜା। ଏହା ଆମକୁ ମନେ ପକାଇ ଦିଏ ଯେ କୌଣସି ଗଛ ମୂଳରୁ କାଟି ଦିଆଗଲେ ଫଳ ଦେଇପାରିବ ନାହିଁ। ଏହି ପର୍ବ ଏକ ସମାଜ ପାଇଁ ଏକ ସୁଯୋଗ ଯାହା ପ୍ରଯୁକ୍ତିବିଦ୍ୟା ପ୍ରଗତି ପଛରେ ପ୍ରକୃତିଠାରୁ ଦୂରେଇ ଯାଇଛି। ଛଟ ସମୟରେ, ନଦୀ, ପୋଖରୀ ଓ ହ୍ରଦ ସବୁ ଜୀବନ୍ତ ହୋଇଯାଏ। ସହରଗୁଡ଼ିକରେ, ଲୋକମାନେ ପ୍ରକୃତି ସହିତ ଯୋଡ଼ି ହେବାକୁ ଚେଷ୍ଟା କରନ୍ତି, ଯଦିଓ କେବଳ କୃତ୍ରିମ ପୋଖରୀ ସୃଷ୍ଟି କରି। ଏହି ପ୍ରୟାସ ଦର୍ଶାଏ ଯେ ମାନବଜାତି ଯେତେ ଆଗକୁ ବଢ଼ିଲେ ମଧ, ଏହାର ଆତ୍ମା ପୃଥିବୀ ଓ ଜଳ ସହିତ ଯୋଡ଼ି ହୋଇ ରହିଥାଏ।

ଏହି ପରମ୍ପରା ପୁରୁଷପ୍ରଧାନ ମାନସିକତାକୁ ଚ୍ୟାଲେଞ୍ଜ କରେ ଯାହା ବିଶ୍ୱାସ କରେ ଯେ ଧର୍ମ ପରିଚାଳନା କେବଳ ପୁରୁଷଙ୍କ ପାଇଁ। ଛଟ କୁହନ୍ତି, 'ବିଶ୍ୱାସରେ କୌଣସି ଲିଙ୍ଗ ନାହିଁ, ବିଶ୍ୱାସରେ ସମାନତା ଅଛି।' ଏହା ସେହି ପର୍ବ ଯାହା ଅସ୍ତଗାମୀ ସୂର୍ଯ୍ୟଙ୍କୁ ମଧ ପ୍ରଣାମ କରେ, ଯାହା ନମ୍ରତା ଓ ସନ୍ତୁଳନର ଏକ ଅଦ୍ଭୁତ ପ୍ରତୀକ।ଛଟ ଅତ୍ୟନ୍ତ ଜରୁରୀ କାରଣ ଏହା ଲୋକ ପରମ୍ପରା ସହିତ ଜଡିତ ହଜାର ହଜାର ହାତଙ୍କ କଠିନ ପରିଶ୍ରମକୁ ଜୀବିତ ରଖେ। ଗ୍ରାମୀଣ ମହିଳାମାନେ ମାସ ମାସ ପୂର୍ବରୁ ମାଟି ଦୀପ, ବାଉଁଶ ଟୋକେଇ ଓ ପୂଜା ସାମଗ୍ରୀ ପ୍ରସ୍ତୁତ କରନ୍ତି। ଏହି ପର୍ବ କେବଳ ଭକ୍ତିର ପ୍ରକାଶ ନୁହେଁ, ବରଂ ନିଯୁକ୍ତି ଓ ସମ୍ମାନର ଏକ ମାଧମ ମଧ। କଳସୀ, ଲେମ୍ବୁ, ଆଖୁ ଓ ନଡ଼ିଆ ପ୍ରସାଦ କେବଳ ସ୍ୱାଦର ଏକ ଅଂଶ ନୁହେଁ, ବରଂ ସମଗ୍ର ଗ୍ରାମୀଣ ଅର୍ଥନୀତିକୁ ମଧ ଚାଳିତ କରେ। ସହରଗୁଡ଼ିକରେ ପ୍ୟାକେଜ୍ ହୋଇଥିବା ପୂଜା ସାମଗ୍ରୀ ବିକ୍ରି ହେଉଥିଲେ ମଧ, ଛଟ ସମୟରେ ଗ୍ରାମୀଣ ପରଂପରାର ଗୁରୁତ୍ୱ ଅକ୍ଷୁର୍ଣ୍ଣ ରହିଥାଏ କାରଣ ଲୋକମାନେ ଜାଣିପାରନ୍ତି ଯେ ଏଗୁଡ଼ିକ କେବଳ ସାମଗ୍ରୀ ନୁହେଁ ବରଂ ପରମ୍ପରାର ଆତ୍ମା। ତେଣୁ ଛଟ ପର୍ବ କେବଳ ସଂସ୍କୃତିର ଉତ୍ସବ ନୁହେଁ ବରଂ ଆର୍ଥିକ ପୁନଃର୍ଜାଗରଣର ମଧ, ଯେଉଁଠାରେ କାରିଗର, କୃଷକ ଓ ମହିଳାମାନେ ସମାନ ସ୍ଥାନ ପାଆନ୍ତି। ଜଳାଶୟ କୂଳରେ କରାଯାଉଥିବା ଛଟ ପୂଜା କେବଳ ଏକ ରୀତି ନୁହେଁ ବରଂ ଏକ ସାଂସ୍କୃତିକ ପୁନଃପ୍ରତିଷ୍ଠା। ଏହା ଦର୍ଶାଏ ଯେ ଭାରତୀୟ ସଂସ୍କୃତିର ପ୍ରବାହ ଭୌଗୋଳିକ ସୀମା ଅତିକ୍ରମ କରେ।

ଏହି ଛଟ ପର୍ବ ଲକ୍ଷ ଲକ୍ଷ ଭାରତୀୟ ପ୍ରବାସୀ ପାଇଁ ଅତ୍ୟାବଶ୍ୟକ, ଯେଉଁମାନେ ନିଜ ଜନ୍ମଭୂମିରୁ ଦୂରରେ ରହୁଥିବା ସତ୍ତ୍ୱେ, ଏହି ପର୍ବ ମାଧମରେ ନିଜ ଜନ୍ମଭୂମି ସହିତ ଜଡିତ ଅନୁଭବ କରନ୍ତି। ଦୁବାଇ, ଲଣ୍ଡନ, ନ୍ୟୁୟର୍କ କିମ୍ବା ମରିସସରେ, ଯେତେବେଳେ ଏକ ପ୍ରତୀକାତ୍ମକ ଗଙ୍ଗା ପୂଜା କରାଯାଏ। ଭାରତ ବ୍ୟତୀତ ମରିସସ୍, ତ୍ରିନିଦାଦ, ସୁମାତ୍ରା, ଜାଭା ସମେତ ଅନ୍ୟ ଦ୍ୱୀପମାନଙ୍କରେ ମଧ ଏହି ପର୍ବ ପାଳନ କରାଯାଏ। ଭାରତରେ ବିହାର, ଝାଡ଼ଖଣ୍ଡ, ଓଡିଶା ଓ ପୂର୍ବ ଉତ୍ତରପ୍ରଦେଶର କିଛି ଅଞ୍ଚଳରେ ଛଟ ପର୍ବ ପାଳନ କରାଯାଏ। ଭକ୍ତମାନେ ବିଶ୍ୱାସ କରନ୍ତି ଯେ, ଛଟ ଦିନ ସୂର୍ଯ୍ୟଙ୍କ ପୂଜାରେ ଛଟି ମା' ଖୁସି ରହିଥାନ୍ତି। ଛଟର ପ୍ରଥମ ଦିନକୁ 'ନାହାୟ ଖାୟ' ଭାବରେ ପାଳନ କରାଯାଏ ଯେଉଁଥିରେ ଘର ସଫା କରିବା, ତା'ପରେ ଗାଧୋଇବା ଓ ଶାକାହାରୀ ଖାଦ୍ୟ ସହିତ ଉପବାସ ଆରମ୍ଭ କରାଯାଏ। ଦ୍ୱିତୀୟ ଦିନରେ ଭକ୍ତମାନେ ଦିନସାରା ଉପବାସ କରିବା ପରେ ସନ୍ଧ୍ୟାରେ ଖାଦ୍ୟ ଖାଇଥାନ୍ତି ଯାହାକୁ ଖରନା କୁହାଯାଏ।

ଛଟ ହେଉଛି ପ୍ରବାସୀମାନଙ୍କ ପାଇଁ ଏକ ଭାବପ୍ରବଣ ସେତୁ। ଯେଉଁମାନେ ବିଦେଶରେ ରହି ମଧ ନିଜ ଜନ୍ମଭୂମି ସହିତ ସଂଯୋଗ ପାଇଁ ଆଗ୍ରହୀ। ଏହି ପର୍ବ ପରିବାର, ପଡ଼ୋଶୀ ଓ ସମ୍ପ୍ରଦାୟକୁ ଏକତ୍ରିତ କରେ। ଅନ୍ୟ ପର୍ବଗୁଡ଼ିକ ମହିମା ପ୍ରଦର୍ଶନ କରୁଥିବା ବେଳେ, ଛଟ ସଂଯମ, ସରଳତା ଓ ଏକତାକୁ ପ୍ରତିଫଳିତ କରେ। ଉଚ୍ଚ ଓ ନୀଚ ମଧରେ କୌଣସି ପାର୍ଥକ୍ୟ ନାହିଁ, କୌଣସି ଜାତି ନାହିଁ, କେବଳ ଏକ ସାମୂହିକ ଭାବନା: ସୂର୍ଯ୍ୟ ଦେବତା ସମସ୍ତଙ୍କର।

ଏବେ ଯେତେବେଳେ ପର୍ବଗୁଡ଼ିକ କେବଳ ଫଟୋ ଓ ସୋସିଆଲ ମିଡିଆ ପୋଷ୍ଟ ହୋଇଯାଉଛନ୍ତି, ସେତେବେଳେ ଛଟ ଅଭିଜ୍ଞତାର ପର୍ବ ହୋଇ ରହିଛି। ଏହା ଆମକୁ ଶିକ୍ଷା ଦିଏ ଯେ ପରମ୍ପରାର ଅର୍ଥ ଜଡ଼ତା ନୁହେଁ, ବରଂ ନିରନ୍ତରତା। ପ୍ରତିବର୍ଷ, ଏହି ପର୍ବ ଆମକୁ ମନେ ପକାଇ ଦିଏ ଯେ ଆଧୁନିକତା ଓ ଆଧାତ୍ମିକତା ପରସ୍ପର ବିପରୀତ ନୁହେଁ, ବରଂ ପରିପୂରକ। ସ୍ମାର୍ଟଫୋନ୍, ଏଲିଡି ଲାଇଟ୍ ଓ ଡ୍ରୋନ୍ କ୍ୟାମେରା ମଧରେ ମଧ ଯେତେବେଳେ ଜଣେ ମହିଳା ଓଦା କେଶରେ ଉପବାସ ପାଳନ କରନ୍ତି। ଏହା ଦର୍ଶାଏ ଯେ ସଂସ୍କୃତି ଜୀବନ୍ତ ଅଛି, କେବଳ ଏହାର ରୂପ ପରିବର୍ତ୍ତନ ହୋଇଛି।

ଛଟ ହେଉଛି ପ୍ରମାଣ ଯେ ଆମ ସଭ୍ୟତାର ମୂଳଦୁଆ କୌଣସି ପୁସ୍ତକ କିମ୍ବା ଆଦେଶ ଉପରେ ନୁହେଁ, ବରଂ ଅଭିଜ୍ଞତା ଓ ଜୀବନ ଶକ୍ତି ଉପରେ ନିର୍ମିତ। ଏହି ପର୍ବ କୌଣସି ନିର୍ଦ୍ଦିଷ୍ଟ ଜାତି କିମ୍ବା ବର୍ଗର ନୁହେଁ, ବରଂ ଏହା ଲୋକଙ୍କ ସଂସ୍କୃତିର ଏକ ଉତ୍ସବ ଯାହା କୁହେ, 'ଯେଉଁଠାରେ ସୂର୍ଯ୍ୟ ଅଛି, ସେଠାରେ ଜୀବନ ଅଛି।' ଛଟ କେବଳ ଏକ ଧାର୍ମିକ ବିଶ୍ୱାସ ନୁହେଁ, ବରଂ ସାମାଜିକ ଶୃଙ୍ଖଳାର ଏକ ଶିକ୍ଷା। ଏହା ଶିକ୍ଷା ଦିଏ ଯେ ସମାଜ ସମର୍ପଣ ଓ ସଂଯମତା ମାଧମରେ ସ୍ଥାୟୀ ହୁଏ। ଯେତେବେଳେ ପରିବାର, ପଡ଼ୋଶୀ ଓ ସମ୍ପ୍ରଦାୟ ଘାଟରେ ଏକାଠି ହୁଅନ୍ତି, ସେତେବେଳେ ଏକ ସାମୂହିକ ଚେତନା ଜନ୍ମ ହୁଏ, ଯାହା ଘୋଷଣା କରେ ଯେ ଆମେ ଏକ। ଆଜିର ସମୟରେ, ଯେତେବେଳେ ବିଭାଜନ, ବିଚ୍ଛେଦ ଓ ଅସମାନତାର ରେଖା ଗଭୀର ହେଉଛି, ଛଟ ଭଳି ଏକ ପର୍ବ ଆମକୁ ଏକତ୍ର ବାନ୍ଧିଥାଏ। ଏହା କୌଣସି ଧର୍ମର ସମର୍ଥନରେ ନୁହେଁ କିମ୍ବା କୌଣସି ବିରୁଦ୍ଧରେ ନୁହେଁ; ଏହା ପ୍ରକୃତ ମାନବ ଧର୍ମର ଏକ ପର୍ବ ଯାହା କୁହେ, 'ସୂର୍ଯ୍ୟ ସମସ୍ତଙ୍କର, ଜଳ ସମସ୍ତଙ୍କର, ଜୀବନ ସମସ୍ତଙ୍କର।' ଛଟ କେବଳ ଏକ ପୂଜା ନୁହେଁ, ବରଂ ଆତ୍ମ-ନିୟନ୍ତ୍ରଣ, କୃତଜ୍ଞତା ଓ ଏକତାର ଅଭ୍ୟାସ। ଏହି ପର୍ବ ଆମକୁ ଆମର ମାଟି, ଆମର ମାତା, ଆମର ପରିବାର ଓ ଆମର ପ୍ରକୃତି ସହିତ ସଂଯୋଗ କରେ। ଯେପର୍ଯ୍ୟନ୍ତ ଏହି ପର୍ବ ଜୀବିତ ଅଛି, ସେପର୍ଯ୍ୟନ୍ତ ଭାରତୀୟ ସମାଜର ଆତ୍ମା ଜୀବିତ ଅଛି...!!!

**ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪ ୭୫**

# ପଢ଼ିବା, ଗଢ଼ିବା: ଓଡ଼ିଶାର ଶୁଭାରମ୍ଭ



ସତ୍ୟ ମହାପାତ୍ର

ଆଜିକାଲି ବିଭିନ୍ନ କ୍ଷେତ୍ରରେ ସୁଯୋଗ ସୀମିତ। ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରନ୍ତୁ। ପିଲାମାନଙ୍କୁ ନିଜ ଇଛାରେ ଉଡିବାକୁ ଦିଅନ୍ତୁ, ସ୍ୱପ୍ନ ଦେଖିବାକୁ ସୁଯୋଗ ଦିଅନ୍ତୁ ଏବଂ ସ୍ୱପ୍ନକୁ ପୂରଣ କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ କାମ କରନ୍ତୁ ବୋଲି ନିକଟରେ ଓଡ଼ିଶା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି। ଆଜିର ଶିକ୍ଷା ପଦ୍ଧତିରେ ଆମ ପାଇଁ ସବୁଠାରୁ ବଡ଼ ଦୁଇଗୋଟି ଆହ୍ୱାନ ରହିଛି। ପ୍ରଥମଟି ହେଲା ଡ୍ରପଆଉଟ ହାରକୁ ଆଶାତୀତ ଭାବେ ହ୍ରାସ କରିବା ଏବଂ ଦ୍ୱିତୀୟଟି ହେଉଛି ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ବ୍ୟବସ୍ଥା। ଡ୍ରପ ଆଉଟ ହାରକୁ ରୋକିବା ପାଇଁ ମିଡ ଡେ ମିଲ ବା ମଧାହ୍ନ ଭୋଜନ କାର୍ଯ୍ୟକ୍ରମ ଏକ ସଫଳ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି। ବର୍ତ୍ତମାନ ଆମେ ମଧାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଛୁ ଏବଂ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟର ମଧ ବ୍ୟବସ୍ଥା କରିଛୁ। ଜନଜାତି ବର୍ଗର ପିଲାମାନଙ୍କୁ ମଧ ମେଧା ସିଂ ହାତଖର୍ଚ୍ଚ ଯୋଜନା ଜରିଆରେ ସହାୟତା ପ୍ରଦାନ କରାଯାଉଛି। ଏହି ସବୁ ଯୋଜନା ଆଗାମୀ ଦିନରେ ଡ୍ରପଆଉଟ ହାର କମ କରିବାରେ ନିଶ୍ଚିତ ରୂପେ ସଫଳ ହେବ। ସେହିଭଳି ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମ ଶିକ୍ଷା ପ୍ରଦାନ ପାଇଁ ଲୋକପ୍ରିୟ ମୋହନ ମାଝୀଙ୍କ ସରକାର ନୂତନ ଶିକ୍ଷାନୀତି ଲାଗୁ କରିଛନ୍ତି।

ନୂତନ ଶିକ୍ଷା ନୀତି ଅଧୀନରେ ଛାତ୍ରଛାତ୍ରୀ ମାନଙ୍କୁ ସୃଜନଶୀଳ ଓ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ କରିକୁଲମ ଫ୍ରେମୱାର୍କ ଆରମ୍ଭ କରାଯାଇଛି। ପିଲାମାନଙ୍କ ପାଇଁ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟ ମାଧମରେ ଭାଷା ସମ୍ପର୍କିତ ଦକ୍ଷତା ବୃଦ୍ଧି ପାଇଁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଗତବର୍ଷ ଠାରୁ ଆରମ୍ଭ ହୋଇଛି। ଆଜି ଠାରୁ ପଢ଼ିବା, ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହେଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗୁଡ଼ିକୁ ସୁନ୍ଦର ଓ ଆକର୍ଷଣୀୟ ପଠନ ସ୍ଥାନରେ ପରିଣତ କରି ସରଳ କାହାଣୀ ପୁସ୍ତକ ମାଧମରେ ପିଲାମାନଙ୍କର ପଢ଼ିବା ଓ ବୁଝିବା ଶକ୍ତିକୁ ବିକଶିତ କରାଯିବ। ସରକାର ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ୫ରୁ ୭କୋଟି ଟଙ୍କା ଖର୍ଚ୍ଚରେ ୮୩୫ଟି ବିଦ୍ୟାଳୟ ନିର୍ମାଣ ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥି ସହିତ ତିନି ବର୍ଷ ମଧରେ ପ୍ରାଥମିକ ସ୍ତରରେ ୪୫ ହଜାର ଶିକ୍ଷକ ପଦବୀ ମଧ ପୂରଣ କରାଯିବ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଓଡ଼ିଶାର ମୋହନ ଚରଣ ମାଝୀଙ୍କ ନେତୃତ୍ୱର ଡବଲ ଇଞ୍ଜିନ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ପ୍ରତିଭା ଉପରେ ଆମ ସମୃଦ୍ଧ ଓଡ଼ିଶାର ଭିତ୍ତି ନିର୍ଭରଶୀଳ। ପିଲାମାନଙ୍କୁ କିପରି ଗାଇଡ଼ କରି ଭଲ ମଣିଷ କରିବେ ତାହାର ଦାୟିତ୍ୱ କେବଳ ବିଦ୍ୟାଳୟ ବା ଶିକ୍ଷକ ଶିକ୍ଷୟିତ୍ରୀଙ୍କର ନୁହେଁ ବରଂ କହିବାକୁଗଲେ ବଣମଲ୍ଲୀ ପରି ଅନେକ ପ୍ରତିଭାବାନ ବିକଶିତ କଳିକା ମାନଙ୍କୁ ଆଗେଇ ନେବା ସହ ସେମାନଙ୍କୁ ସୁଚାରୁରୂପେ ଶିକ୍ଷାବ୍ରତୀ ହେବା ଦାୟିତ୍ୱ ଆମ ସମସ୍ତଙ୍କର।

ସୂଚନାଥାଉକି ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରି ପ୍ରଥମ ସ୍ଥାନରେ ଥିବା ଝାରସୁଗୁଡ଼ା ଜିଲ୍ଲାକୁ ୩ କୋଟି ଟଙ୍କା, ଦ୍ୱିତୀୟ ସ୍ଥାନରେ ଖୋର୍ଦ୍ଧା ଜିଲ୍ଲାକୁ ୨ କୋଟି ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ଜଗତସିଂହପୁର ଜିଲ୍ଲାକୁ ୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ୭୦ଜଣ ଶିକ୍ଷକଙ୍କ ସମେତ ତିନୋଟି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ତିନି ଜଣ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ୧୦ଜଣ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ ପୁରସ୍କୃତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଧାରିତ ଙଯସତ୍ସଷବ ଉଙ୍କକ୍ସକ୍ସସମଙ୍କଷଙ୍କଙ୍ଖଳ ରକ୍ସବଙ୍କର ଙ୍ଗକ୍ଟକ୍ସଳ ଲକ୍ଟକ୍ସ ସ୍ମମଷକ୍ଟକ୍ଟକ୍ଷ ରୟଙ୍କମବସ୍ୱସକ୍ଟଭ-୨୦୨୫ ପୁସ୍ତକ, ନିପୁଣ ଓଡ଼ିଶା ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କଫି ଟେବୁଲ ବୁକ ନିକଟରେ ଉନ୍ମୋଚନ ହେବାସହ ମୁଖ୍ୟମନ୍ତ୍ରୀ ପଢ଼ିବା, ଗଢ଼ିବା ଓ ଓଡ଼ିଶା ଅଭିଯାନର ଶୁଭାରମ୍ଭ କରିଥିଲେ। ଆମ ସମାଜରେ ଗୁରୁ ଶିଷ୍ୟର ପରମ୍ପରା ଆଦିମ କାଳରୁ ରହି ଆସିଛି। ଶିକ୍ଷକମାନେ ବିଦ୍ୟାର୍ଥୀ ମାନଙ୍କୁ ବ୍ୟକ୍ତିତ୍ୱ ନିର୍ମାଣ, ଶୃଙ୍ଖଳା, ଆଦର୍ଶ ସମାଜ ନିର୍ମାଣ ଆଦି ବିଷୟରେ ଶିକ୍ଷାଦେଇ ସେମାନଙ୍କୁ ଗଢ଼ି ତୋଳିଥାନ୍ତି। ରାଜ୍ୟରେ ସର୍ବୋତ୍ତମ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଲୋକପ୍ରିୟ ମୋହନ ଚରଣ ମାଝୀଙ୍କ ସରକାର ଆମ ସରକାର ପ୍ରଚେଷ୍ଟା କରୁଛନ୍ତି। ଜୀବନ କୌଶଳ, ଏଆଇ, ଧନ୍ଦାମୂଳକ ଶିକ୍ଷା ମାଧମରେ ଛାତ୍ରଛାତ୍ରୀ ମାନଙ୍କ ଦକ୍ଷତା ବିକାଶ କରାଯାଉଛି ଯାହାଫଳରେ ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ପାଠପଢ଼ା ଶେଷ କରିବା ପରେ ଆତ୍ମ ନିର୍ଭର ହୋଇପାରିବେ। ରାଜ୍ୟରେ ଡ୍ରପ ଆଉଟ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଚାଇଲ୍ଡ ଟ୍ରାକିଂ ସର୍ଭେ ମାଧମରେ ଅଧାରୁ ପାଠ ଛାଡ଼ିଥିବା ପିଲମାନଙ୍କୁ ପୁଣି ଥରେ ବିଦ୍ୟାଳୟକୁ ଫେରେଇ ଆଣିବା ପାଇଁ ଉଦ୍ୟମ କରାଯାଉଛି। ଯାହା ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛି। ଶିକ୍ଷା ବିଭାଗର ବଜେଟରେ ସର୍ବାଧିକ ୩୧ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବଭାରତର ବିକାଶ କେନ୍ଦ୍ର ଓଡ଼ିଶା ହୋଇଥିବାବେଳେ ଶିକ୍ଷା କ୍ଷେତ୍ରରେ ଓଡ଼ିଶାରେ ନୂଆ ସୋପାନରେ ପହଞ୍ଚିଛି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨**



# ଅଷ୍ଟମ ବେତନ କମିଶନ ସୁପାରିସରେ କ୍ୟାବିନେଟ ମୋହର

ନୂଆଦିଲ୍ଲୀ, ୨୮।୧୦ଃ କେନ୍ଦ୍ର ସରକାର ମଙ୍ଗଳବାର ଦିନ ଅଷ୍ଟମ ବେତନ କମିଶନର ଟର୍ମସ ଅଫ୍ ରେଫରାନ୍ସକୁ ମଞ୍ଜୁରି ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ୫୦ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଓ ୬୯ ଲକ୍ଷ ପେନସନ୍ ଧାରୀ ଉପକୃତ ହେବାକୁ ଯାଉଛନ୍ତି। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏନେଇ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ମୁତାବକ ଅଷ୍ଟମ ବେତନ କମିଶନ ୧୮ ମାସ ମଧ୍ୟରେ ସୁପାରିଶ ପ୍ରଦାନ କରିବେ। ସରକାର ଜାନୁଆରି ମାସରେ ଏନେଇ କମିସନ ସେଟଅପ୍ କରିବାକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ଏବେ ଟର୍ମସ ଅଫ ରେଫରାନ୍ସ ମିଳିବା ପରେ ତୁରନ୍ତ କମିଶନ ତା'ର କାର୍ଯ୍ୟ ଆରମ୍ଭ କରିବ। ଏହି କମିସନ ସାଲାରୀ ଷ୍ଟ୍ରକଚର, ପେନସନ୍ ଓ ଅନ୍ୟାନ୍ୟ ଭତ୍ତା ନେଇ ସରକାରଙ୍କୁ ପରାମର୍ଶ ଦେବ। କ୍ୟାବିନେଟର ସୂଚନା ମୁତାବକ ଅଷ୍ଟମ ବେତନ କମିସନ ପାଇଁ ଏକ ଅସ୍ଥାୟୀ କମିଟି ହେବ। ଏଥିରେ ଜଣେ ଚେୟାର ପର୍ସନ, ଜଣେ ପାର୍ଟ ଟାଇମ୍ ମେମ୍ବର ଓ ଜଣେ ମେମ୍ବର ସେକ୍ରେଟାରୀ ସାମିଲ ହେବେ। ସରକାର କହିଛନ୍ତି ଯେ, ଟର୍ମସ ଅଫ୍ ରେଫରାନ୍ସ ପ୍ରସ୍ତୁତ ବେଳେ ମନ୍ତ୍ରଣାଳୟ, ରାଜ୍ୟ ଓ କର୍ମଚାରୀଙ୍କ ପ୍ରତିନିଧୀଙ୍କ ପରାମର୍ଶ ନିଆଯିବ। ନୂତନ କମିଟିରେ ଜଷ୍ଟିସ ରଞ୍ଜନା ପ୍ରକାଶ ଦେଶାଇ ଚେୟାରମ୍ୟାନ ହେବେ। ତାଙ୍କ ସହ ପ୍ରଫେସର ପୁଲକ ଘୋଷ ଓ ପଙ୍କଜ ଜୈନ ସାମିଲ ହେବେ। ଆଶା କରାଯାଉଛି କି, ଏଥିରେ ସାଲାରୀ ଷ୍ଟ୍ରକଚର ଓ ଅନ୍ୟାନ୍ୟ ଭତ୍ତାରେ ସୁଧାର ହେବ।

**୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଓ ୬୯ ଲକ୍ଷ ପେନସନଧାରୀ ହେବେ ଉପକୃତ**

# ସୁଦାନ ନରସଂହାରରେ ବ୍ରିଟିଶ ଅସ୍ତ୍ରଶସ୍ତ୍ରର ବ୍ୟବହାର

**ୟୁଏଇ ଅସ୍ତ୍ରଶସ୍ତ୍ର ଯୋଗାଇଥିବା ଅଭିଯୋଗ**

**ଜାତିସଂଘ ଦ୍ୱାରା ପ୍ରାପ୍ତ ତଥ୍ୟଗୁଡ଼ିକରୁ ପ୍ରକାଶ**

ନ୍ୟୁୟର୍କ,୨୮।୧୦ : ଜାତିସଂଘ ଦ୍ୱାରା ପ୍ରାପ୍ତ ତଥ୍ୟଗୁଡ଼ିକରୁ ଜଣାପଡିଛି ଯେ, ସୁଦାନର ଏକ ଅର୍ଦ୍ଧସାମରିକ ବାହିନୀ, ଆରଏସଏଫ, ବ୍ରିଟିଶ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲା। ଏହି ଉପକରଣଗୁଡ଼ିକ ବ୍ରିଟେନରୁ ୟୁଏଇକୁ ବିକ୍ରି କରାଯାଇଥିଲା କିନ୍ତୁ ଶେଷରେ ଆରଏସଏଫ ପାଖରେ ପହଞ୍ଚିଥିଲା। ଏହି ବିବାଦ ବ୍ରିଟେନର ଅସ୍ତ୍ରଶସ୍ତ୍ର ରପ୍ତାନି ନୀତି ଏବଂ ଅନ୍ତର୍ଜାତୀୟ ଆଇନର ପାଳନ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ପ୍ରାପ୍ତ ତଥ୍ୟ ଗୁଡ଼ିକରୁ ଜଣାପଡିଛି ଯେ, ସୁଦାନରେ ଚାଲିଥିବା ଗୃହଯୁଦ୍ଧରେ ବ୍ରିଟିଶ ନିର୍ମିତ ସାମରିକ ଉପକରଣ ବ୍ୟବହାର କରାଯାଉଛି। ଏହି ଉପକରଣ ଗଣହତ୍ୟା ଏବଂ ଯୁଦ୍ଧ ଅପରାଧର ଅଭିଯୁକ୍ତ ଏକ ଅର୍ଦ୍ଧସାମରିକ ଗୋଷ୍ଠୀ ରାପିଡ୍ ସପୋର୍ଟ ଫୋର୍ସ ପାଖରେ ମିଳିଥିଲା। ସୁଦାନ ସଶସ୍ତ୍ର ବାହିନୀ ଏବଂ ରାପିଡ୍ ସପୋର୍ଟ ଫୋର୍ସ ମଧ୍ୟରେ ଏପ୍ରିଲ ୨୦୨୩ରେ ସଂଘର୍ଷ ଆରମ୍ଭ ହୋଇଥିଲା। ଏହି ତଥ୍ୟ ଗୁଡ଼ିକ ଦର୍ଶାଉଛି ଯେ, ସୁଦାନର ଯୁଦ୍ଧ କ୍ଷେତ୍ରରୁ ବ୍ରିଟିଶ ନିର୍ମିତ ଛୋଟ ଅସ୍ତ୍ରଶସ୍ତ୍ର ଟାର୍ଗେଟିଂ ସିଷ୍ଟମ ଏବଂ ସଶସ୍ତ୍ର ଯାନ ଇଞ୍ଜିନଗୁଡ଼ିକ



ଉଦ୍ଧାର କରାଯାଇଛି। ଅଭିଯୋଗ କରାଯାଇଛି ଯେ, ଏହି ଉପକରଣଗୁଡ଼ିକ ବ୍ରିଟେନରୁ ସଂଯୁକ୍ତ ଆରବ ଏମିରେଟ୍ସକୁ ବିକ୍ରି କରାଯାଇଥିଲା, କିନ୍ତୁ ପରେ ୟୁଏଇ ଦ୍ୱାରା ଆରଏସ୍ଏଫ୍‌କୁ ପ୍ରଦାନ କରାଯାଇଥିଲା। ତେବେ ୟୁଏଇ ଏହି ଅଭିଯୋଗକୁ ଅସ୍ୱୀକାର କରିଛି।

ଏହି ସଂଘର୍ଷ ଏବେ ତୃତୀୟ ବର୍ଷରେ ପହଞ୍ଚିଛି। ପ୍ରାୟ ୧୫୦,୦୦୦ ଲୋକ ପ୍ରାଣ ହରାଇଛନ୍ତି ଓ ୧୨ ନିୟୁତ ଲୋକ ଭିଟାମାଟି ଛାଡିବାକୁ ବାଧ୍ୟ ହୋଇଛନ୍ତି। ପ୍ରାୟ ୨୫ ନିୟୁତ ଲୋକ କ୍ଷୁଧା ଏବଂ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଆରଏସ୍ଏଫ୍ ଏବଂ ସୁଦାନୀ ସେନା ଉପରେ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିବା ଏବଂ ଯୁଦ୍ଧ ଅପରାଧ କରିବାର ଅଭିଯୋଗ ଆସିଛି। ଜୁନ୍ ୨୦୨୪ ଏବଂ ମାର୍ଚ୍ଚ ୨୦୨୫ ତାରିଖର ଏହି ଦୁଇଟି ରିପୋର୍ଟ ସୁରକ୍ଷା ପରିଷଦରେ ଦାଖଲ କରାଯାଇଥିଲା। ଏଥିରେ କୁହାଯାଇଛି ଯେ ୟୁଏଇ ଆରଏସ୍ଏଫ୍‌କୁ ବ୍ରିଟିଶ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଛି। ରିପୋର୍ଟଗୁଡ଼ିକରେ ସୁଦାନର ରାଜଧାନୀ ଖାର୍ତ୍ତୁମ୍ ଏବଂ ନିକଟସ୍ଥ ଓମଡୁରମାନ ସହରରେ ଉଠାଯାଇଥିବା ଫଟୋଗ୍ରାଫ୍ ଅନ୍ତର୍ଭୁକ୍ତ। ଚିତ୍ରଗୁଡ଼ିକରେ ଦେଖାଯାଉଥିବା ଉପକରଣଗୁଡ଼ିକ ମିଲିଟେକ୍ ନାମକ ଏକ ବ୍ରିଟିଶ କମ୍ପାନିର ଲେବଲ୍ ରହିଛି। ଯାହା ଛୋଟ ଅସ୍ତ୍ରଶସ୍ତ୍ର ତାଲିମ ଏବଂ ଟାର୍ଗେଟିଂ ସିଷ୍ଟମ ନିର୍ମାଣ କରିଥାଏ।

**ଜଳବାୟୁ ପରିବର୍ତ୍ତନର ପ୍ରଭାବ**

# ସାଂଘାତିକ କ୍ଷତି ପହଞ୍ଚାଇବ 'ମେଲିସା'



ଜାମାଇକା,୨୮।୧୦ଃ ଘୂର୍ଣ୍ଣିଝଡ଼ 'ମୋନ୍ଥା' ଆନ୍ଧ୍ରପ୍ରଦେଶ ଉପକୂଳକୁ ବିପଦରେ ପକାଇଥିବା ବେଳେ, କାରିବିଆନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ଼ 'ମେଲିସା' ଏବେ ଏକ ଅତ୍ୟନ୍ତ ବିପଦପୂର୍ଣ୍ଣ ବର୍ଗ ୫ ଘୂର୍ଣ୍ଣିଝଡ଼ରେ ପରିଣତ ହୋଇଛି। ଏହା ବହୁତ ଧୀର ଗତିରେ ଗତି କରୁଛି, ଯାହା ପ୍ରବଳ ବର୍ଷା, ପ୍ରବଳ ପବନ ଏବଂ ଉଚ୍ଚ ତରଙ୍ଗ ସହିତ ଗୁରୁତ୍ୱପୂର୍ଣ୍ଣ କ୍ଷୟକ୍ଷତି ଘଟାଇପାରେ। ବୈଜ୍ଞାନିକମାନେ କହିଛନ୍ତି ଯେ, ଝଡ଼ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ କେତେକ ସମୟରେ ଗୋଟିଏ ସ୍ଥାନରେ ଅଟକି ମଧ୍ୟ ଯାଉଛି । ଏହା ସବୁ ବୃଦ୍ଧି ପାଉଥିବା ତାପମାତ୍ରା ଯୋଗୁଁ ହେଉଛି, ଯାହାକୁ ଜଳବାୟୁ ପରିବର୍ତ୍ତନ କୁହାଯାଏ। ଶନିବାର ଦିନ ମେଲିସା ଘଣ୍ଟା ପ୍ରତି ୧୧୦ କିଲୋମିଟର ବେଗରେ ପବନ ବହିବା ଆରମ୍ଭ କରିଥିଲା, କିନ୍ତୁ ମାତ୍ର ୨୪ ଘଣ୍ଟା ମଧ୍ୟରେ ଏହାର ବେଗ ଘଣ୍ଟା ପ୍ରତି ୨୨୫ କିଲୋମିଟରକୁ ବୃଦ୍ଧି ପାଇଲା ଯାହା ଏହାକୁ ୫ ବର୍ଗର ଘୂର୍ଣ୍ଣିବାତ୍ୟାରେ ପରିଣତ କଲା। ଏହି ଶକ୍ତିଶାଳୀ ଝଡ଼ରେ ଦୃଢ଼ କୋଠା ମଧ ଭୁଶୁଡ଼ି ପଡ଼ିପାରେ ବୋଲି ଆନୁମାନ କରାଯାଉଛି।

ଏକ ରିପୋର୍ଟ ଅନୁଯାୟୀ, ବୈଜ୍ଞାନିକ କେରି ଇମାନୁଏଲ କହିଛନ୍ତି, ଏଥର ଆଟଲାଣ୍ଟିକରେ ବହୁତ ଝଡ଼ ହୋଇନଥିଲା, କିନ୍ତୁ ଯେକୌଣସି ଝଡ଼ ସୃଷ୍ଟି ହେଲା, ସେଗୁଡ଼ିକ ବହୁତ ଦ୍ରୁତ ଗତିରେ ଶକ୍ତିଶାଳୀ ହୋଇଗଲା। ଏହା ଜଳବାୟୁ ପରିବର୍ତ୍ତନର ଏକ ସ୍ପଷ୍ଟ ପ୍ରଭାବ।

**ଦୁର୍ଗାପୁର ଦୁଷ୍କର୍ମ ମାମଲା**

# ଟିଆଇ ପରେଡ୍ ରିପୋର୍ଟ ଅଦାଲତରେ ଦାଖଲ



କୋଲକାତା, ୨୮।୧୦(ସଂଚାର ବ୍ୟୁରୋ)ଃ ବେସରକାରୀ ମେଡିକାଲ କଲେଜର ଦ୍ୱିତୀୟ ବର୍ଷର ଛାତ୍ରୀ ଗଣଦୁଷ୍କର୍ମର ଶିକାର ନୁହଁନ୍ତି। ପୋଲିସ ପୂର୍ବରୁ ଏ ବିଷୟରେ ସୂଚନା ଦେଇଥିଲା। ପୀଡିତା ଦାବି କରିଛନ୍ତି ଯେ, ଟିଆଇ ପରେଡରେ ଜଣେ ଅଭିଯୁକ୍ତ 'ବଳାତ୍କାରୀ' ଥିଲେ। ସୋମବାର ଏହି ମାମଲାରେ ଅଭିଯୁକ୍ତମାନଙ୍କୁ ଦୁର୍ଗାପୁର ମହକୁମା ଅଦାଲତରେ ହାଜର କରାଯିବାର କଥା ଥିଲା। କିନ୍ତୁ ଦୁର୍ଗାପୁର ଅଦାଲତରେ ଏଦିନ ଛଟ୍ ପୂଜା ଉପଲକ୍ଷେ କର୍ମବିରତି ଥିବାରୁ ଅଭିଯୁକ୍ତମାନଙ୍କୁ ଭର୍ଚୁଆଲ ଜେଲରୁ ବିଚାରପତିଙ୍କ ସମ୍ମୁଖରେ ହାଜର କରାଯାଇଥିଲା। ସେହି ଶୁଣାଣିରେ ଟିଆଇ ପରେଡ ରିପୋର୍ଟ ଉପସ୍ଥାପିତ ହୋଇଥିଲା।

ଟିଆଇ ପରେଡ୍ ରିପୋର୍ଟରୁ ଜଣାପଡ଼ିଛି ଯେ, ପୀଡିତା ୫ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିପାରିଛନ୍ତି। ଅଭିଯୁକ୍ତ ବଳାତ୍କାରୀଙ୍କ ନାମ ମଧ ପ୍ରକାଶ ପାଇଛି। ଗିରଫମାନେ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରି ଜାମିନ ପାଇଁ ଆବେଦନ କରିଥିଲେ। କିନ୍ତୁ, ଦୁର୍ଗାପୁର ମହକୁମାର ଅତିରିକ୍ତ ମୁଖ୍ୟ ସେସନ୍ସ ଜଜ୍ ଶୁଭ୍ରକାନ୍ତି ଧର ଏହି ଆବେଦନକୁ ତୁରନ୍ତ ଖାରଜ କରିଦେଇଥିଲେ। ସେ ଛାତ୍ରୀଙ୍କ ସହପାଠୀ ୱାସିଫ୍ ଅଲି ସମେତ ୫ ଜଣ ଅଭିଯୁକ୍ତଙ୍କୁ ଆଉ ଚାରି ଦିନ ପାଇଁ ଜେଲ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ପୀଡିତାଙ୍କୁ ପୋଲିସ ସୁରକ୍ଷା ଦେଇ ବାଲେଶ୍ୱରରେ ତାଙ୍କ ଘରକୁ ନିଆଯାଇଛି। ଛାତ୍ରୀଙ୍କ ତରଫରୁ ଆଇନଜୀବୀ ପାର୍ଥ ଘୋଷ କୋର୍ଟକୁ ଏକଥା ଜଣାଇଛନ୍ତି।

**ପୁଣି ଜେଲ ହେପାଜତରେ ଅଭିଯୁକ୍ତ**

# ରାଜଧାନୀ ଦିଲ୍ଲୀର ନାମ ପରିବର୍ତ୍ତନ କରିବାକୁ ଦାବି



ନୂଆଦିଲ୍ଲୀ,୨୮।୧୦ଃ ଅନେକ ସହରର ନାମ ପରିବର୍ତ୍ତନ ହେବା ପରେ ଏବେ ରାଜଧାନୀ ଦିଲ୍ଲୀର ନାମ ପରିବର୍ତ୍ତନ କରିବାକୁ ଦାବି ହେଉଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ବିଜୟ ଗୋଏଲ ରାଜଧାନୀର ଇଂରାଜୀ ନାମ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି। ସେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଏକ ଚିଠି ମଧ ଲେଖିଛନ୍ତି। ନଭେମ୍ବର ୧ରେ ଦିଲ୍ଲୀ ସରକାର ନାମ ପରିବର୍ତ୍ତନ କରି ନୂତନ ସରକାରୀ ଲୋଗୋ ପ୍ରକାଶ କରିବାକୁ ଦାବି କରିଛନ୍ତି। ବିଜୟ ଗୋଏଲଙ୍କ ଏଭଳି ଦାବିକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ବିଜେପି ନେତା ଦାବି କରିଛନ୍ତି ଯେ, ୧୧ଶ ଶତାବ୍ଦୀରେ ଦିଲ୍ଲୀକୁ ଧିଲି କୁହାଯାଉଥିଲା, ଯାହାକୁ ପରେ ପାର୍ସୀରେ ଦେହଲି ଭାବରେ ଅନୁବାଦ କରାଗଲା। ପରେ ବ୍ରିଟିଶ ଶାସନ ସମୟରେ ଏହାକୁ ଦିଲ୍ଲୀରେ ପରିବର୍ତ୍ତନ କରାଯାଇଥିଲା। ମହାଭାରତ ସମୟରେ ଏହାର ନାମ ଇନ୍ଦ୍ରପ୍ରସ୍ଥ ଥିଲା। କିଛି ଲୋକ ଦିଲ୍ଲୀକୁ ଇନ୍ଦ୍ରପ୍ରସ୍ଥ କରିବାକୁ ମଧ ଦାବି କରିଛନ୍ତି। ଦିଲ୍ଲୀର ମୂଳ ନାମ ସଂସ୍କୃତ ଶବ୍ଦ 'ଧିଲ୍ଲିକା'ରୁ ଆସିଛି। ଏହି ନାମ ଲୋକଗୀତ, କବିତା ଏବଂ ସାହିତ୍ୟରେ ମଧ ଦେଖିବାକୁ ମିଳେ। ଡିଜିଟାଲ ଯୁଗରେ ନାମ ପରିବର୍ତ୍ତନ କରିବା ବହୁତ ସହଜ। ତେବେ ଏହା ପ୍ରଥମ ଥର ନୁହେଁ ଏହା ପୂର୍ବରୁ ମଧ ବିଜୟ ଗୋଏଲ ଦିଲ୍ଲୀର ନାମ ପରିବର୍ତ୍ତନ କରିବାକୁ ଦାବି କରିଆସିଛନ୍ତି।

**ସର୍ କ୍ରୀକ୍ ନିକଟରେ ଭାରତର ସମରାଭ୍ୟାସ**

# ପାକିସ୍ତାନ ଛାନିଆ, ବାୟୁସୀମା ବନ୍ଦକଲା



ନୂଆଦିଲ୍ଲୀ,୨୮।୧୦ଃ ଭାରତର ସାମରିକ ଅଭ୍ୟାସ 'ତ୍ରିଶୂଳ' ପୂର୍ବରୁ ଭୟରେ ପାକିସ୍ତାନ ଏହାର କେନ୍ଦ୍ର ଓ ଦକ୍ଷିଣ ବାୟୁସୀମା (ରାଜସ୍ଥାନ-ଗୁଜରାଟକୁ ଲାଗିଥିବା ଅଞ୍ଚଳ)କୁ ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ପାଇଁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଶନିବାର ଏନେଇ 'ନୋଟାମ୍ (ନୋଟିସ ଟୁ ଏୟାରମ୍ୟାନ୍)' ଜାରି ହୋଇଛି। ଦୁଇଦିନ ଏହି ଅଞ୍ଚଳରେ ବାୟୁସୀମା ଉପଲବ୍ଧ ରହିବ ନାହିଁ ଏବଂ ଉଡ଼ାଣ ଉପରେ ରୋକ୍ ଲାଗିବ ବୋଲି ପାକିସ୍ତାନ କହିଛି। ତେବେ ପାକ୍ ସରକାର ନିଜର ଏହି ନିଷ୍ପତ୍ତି ପଛରେ କୌଣସି କାରଣ ଦର୍ଶାଇ ନାହିଁ। ପ୍ରତିରକ୍ଷା ବିଶେଷଜ୍ଞଙ୍କ ଅନୁସାରେ ଏହା କୌଣସି ସୈନ୍ୟ ଅଭିଯାନ କିମ୍ବା ଅସ୍ତ୍ରଶସ୍ତ୍ର ପରୀକ୍ଷଣ ସହ ଜଡ଼ିତ ଥାଇପାରେ। ଅନ୍ୟମାନେ ଏହାକୁ ଭାରତର 'ତ୍ରିଶୂଳ' ଯୁଦ୍ଧାଭ୍ୟାସ ସହ ଯୋଡ଼ିଛନ୍ତି। ଏହି ଯୁଦ୍ଧାଭ୍ୟାସ ସର୍ କ୍ରୀକ୍ ନିକଟରେ ଅର୍ଥାତ ପାକିସ୍ତାନ ସୀମାକୁ ଲାଗିକରି ଥିବା ଅଞ୍ଚଳରେ ହେବ। ଏହା ୨୮ ହଜାର ଫୁଟ ଉଚ୍ଚତା ମଧ୍ୟରେ ହେବ, ଯାହା କି ନିକଟ ବର୍ଷଗୁଡ଼ିକରେ ସବୁଠୁ ବଡ଼ ସୈନ୍ୟ ଅଭିଯାନ ମଧ୍ୟରୁ ଅନ୍ୟତମ।

# ବିହାର ପାଇଁ ମହାଗଠବନ୍ଧନର ଘୋଷଣାପତ୍ର ଜାରି




ପାଟନା,୨୮।୧୦ଃ ବିହାର ବିଧାନସଭା ନିର୍ବାଚନ ପାଇଁ ମହାଗଠବନ୍ଧନ ପକ୍ଷରୁ ଘୋଷଣାପତ୍ର ପ୍ରକାଶିତ ହୋଇଛି। ଏହି ଉନ୍ମୋଚନ ଅବସରରେ ମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ ଯାଦବ ଓ ଉପମୁଖ୍ୟମନ୍ତ୍ରୀ ଚେହେରା ମୁକେଶ ସାହାଣୀ ଉପସ୍ଥିତ ଥିଲେ। ଘୋଷଣାପତ୍ରର ଉନ୍ମୋଚନ କରି ତେଜସ୍ୱୀ ଯାଦବ କହିଛନ୍ତି, ଆଜି ଆମ ସମସ୍ତଙ୍କ ପାଇଁ ଏକ ବିଶେଷ ଦିନ। ଆମେ କେବଳ ସରକାର ଗଠନ କରିବାକୁ ଚାହୁଁନାହୁଁ, ଆମେ ବିହାରକୁ ଗଢ଼ି ତୋଳିବାକୁ ଚାହୁଁଛୁ। ଏହା ବହୁତ ଖୁସିର କଥା ଯେ, ମହାଗଠବନ୍ଧନର ସମସ୍ତ ସଦସ୍ୟ ବିହାରର ସଂକଳ୍ପ ବିହାର ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ଆମେ ଆମର ପ୍ରତିଜ୍ଞା ପୂରଣ କରିବୁ, ଯଦିଓ ଏଥିପାଇଁ ଆମ ଜୀବନ ବଳିଦାନ ଦେବାକୁ ପଡ଼ିଥାଏ।

ମେଣ୍ଟ ସରକାର ଗଠନ ହେବା ମାତ୍ରେ, ୨୦ ଦିନ ମଧ୍ୟରେ, ରାଜ୍ୟର ପ୍ରତ୍ୟେକ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ପ୍ରଦାନ କରିବା ପାଇଁ ଏକ ଆଇନ ପାସ୍ କରାଯିବ। ଆମର ସରକାର, ଯୁବକମାନଙ୍କୁ ଚାକିରି ପ୍ରଦାନ କରିବାର ପ୍ରତିବଦ୍ଧତା ପୂରଣ କରି ୨୦ ମାସ ମଧ୍ୟରେ ଚାକିରି ପ୍ରଦାନ କରିବାର ପ୍ରକ୍ରିୟା ଆରମ୍ଭ କରିବ। ସମସ୍ତ ଜୀବିକା ସମ୍ପ୍ରଦାୟ ମୋବିଲାଇଜର୍ସ ଦିଦିମାନଙ୍କୁ ସ୍ଥାୟୀ କରାଯିବ ଏବଂ ସରକାରୀ କର୍ମଚାରୀ ମାନ୍ୟତା ଦିଆଯିବ। ସେମାନଙ୍କର ଦରମା ପ୍ରତି ମାସ ୩୦,୦୦୦ ଟଙ୍କା ସ୍ଥିର କରାଯିବ। ଏହା ସହିତ, ସେମାନଙ୍କ ଦ୍ୱାରା ନିଆଯାଇଥିବା ଋଣର ସୁଧ ଛାଡ କରାଯିବ ଏବଂ ଦୁଇ ବର୍ଷ ପାଇଁ ସୁଧମୁକ୍ତ ଋଣ ଯୋଗାଇ ଦିଆଯିବ। ଜୀବିକା କ୍ୟାଡରର ଦିଦିମାନେ ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ ପ୍ରତି ମାସରେ ୨୦୦୦ ଟଙ୍କା ଭତ୍ତା ପାଇବେ। ଏହା ସହିତ, ଜୀବିକା କ୍ୟାଡରର ସଭାପତି ଏବଂ କୋଷାଧକ୍ଷ ମଧ ସମ୍ମାନଜନକ ଦରମା ପାଇବେ। ସମସ୍ତ ଚୁକ୍ତିଭିତ୍ତିକ ଏବଂ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରାଯିବ। ରାଜ୍ୟରେ ପୁରୁଣା ପେନସନ ସ୍କିମ ଲାଗୁ କରାଯିବ। ୧ ଡିସେମ୍ବରରୁ ମହିଳାମାନଙ୍କୁ ପ୍ରତିମାସରେ ୨୫୦୦ ଟଙ୍କା ଦିଆଯିବ ବୋଲି କୁହାଯାଇଛି।।

**ବିହାର ଓ ପଶ୍ଚିମବଙ୍ଗର ଭୋଟର ତାଲିକାରେ ନାଁ**

# ପ୍ରଶାନ୍ତ କିଶୋରଙ୍କୁ କାରଣ ଦର୍ଶାଅ ନୋଟିସ



ପାଟନା,୨୮।୧୦ : ରାଜନୈତିକ ରଣନୀତିକାରରୁ ରାଜନେତା ବନିଥିବା ପ୍ରଶାନ୍ତ କିଶୋରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ନିର୍ବାଚନ କମିସନ। ଦୁଇଟି ରାଜ୍ୟ ବିହାର ଓ ପଶ୍ଚିମବଙ୍ଗର ଭୋଟର ତାଲିକାରେ ନାଁ ଥିବାରୁ ତାଙ୍କୁ ଏହି ନୋଟିସ ଜାରି କରାଯାଇଛି।

ସୂଚନାଯୋଗ୍ୟ ଯେ, ବିହାରର ସାସାରାମର ରିଟର୍ଣ୍ଣିଂ ଅଫିସର ପ୍ରଶାନ୍ତ କିଶୋରଙ୍କୁ ଏକ ନୋଟିସ ଜାରି କରିଛନ୍ତି, ତାଙ୍କ ପକ୍ଷ ଉପସ୍ଥାପନ କରିବାକୁ ତାଙ୍କୁ ତିନି ଦିନ ସମୟ ଦେଇଛନ୍ତି। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ପ୍ରଶାନ୍ତ କିଶୋରଙ୍କୁ ଏକ ନୋଟିସ ପଠାଇଛନ୍ତି, କାରଣ ତାଙ୍କ ନାମ ଦୁଇଟି ଭିନ୍ନ ସ୍ଥାନ, ବିହାର ଏବଂ ପଶ୍ଚିମବଙ୍ଗର ଭୋଟର ତାଲିକାରେ ପଞ୍ଜିକୃତ ହୋଇଥିବା ଜଣାପଡିଛି। ତାଙ୍କୁ ତିନି ଦିନ ମଧ୍ୟରେ ଏହି ଦୁଇଥର ନାମଲେଖା ପାଇଁ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଛି।

ଅନ୍ୟପକ୍ଷରେ, କୋଲକାତାର ରିଟର୍ଣ୍ଣିଂ ଅଫିସର କହିଛନ୍ତି ଯେ, ସରକାରୀ ରେକର୍ଡ ଅନୁଯାୟୀ, ପଶ୍ଚିମବଙ୍ଗରେ ଭୋଟର ଭାବରେ ପଞ୍ଜିକୃତ କିଶୋରଙ୍କ ଠିକଣା ୧୨୧, କାଲିଘାଟ ରୋଡ୍ ଭାବରେ ତାଲିକାଭୁକ୍ତ, ଯାହା କୋଲକାତାର ଭବାନୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ତୃଣମୂଳ କଂଗ୍ରେସ ମୁଖ୍ୟାଳୟର ଠିକଣା। ଭବାନୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ହେଉଛି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏବଂ ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀଙ୍କ ନିର୍ବାଚନ ମଣ୍ଡଳୀ। ଅଧିକାରୀ କହିଛନ୍ତି, ତାଙ୍କର ମତଦାନ କେନ୍ଦ୍ର ସେଣ୍ଟ ହେଲେନ୍ ସ୍କୁଲ, ବି. ରାଣୀଶଙ୍କରୀ ଲେନ୍ ଭାବରେ ତାଲିକାଭୁକ୍ତ।

# ୨୦୨୮ରେ ଉପରାଷ୍ଟ୍ରପତି ପଦ ପାଇଁ ଲଢ଼ିବେନି ଟ୍ରମ୍ପ



ନୂଆଦିଲ୍ଲୀ,୨୮।୧୦ : ଆମେରିକାରେ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ହୋଇଛନ୍ତି ଡୋନାଲ୍ଡ ଟ୍ରମ୍ପ। ଆମେରିକାର ସମ୍ବିଧାନ ଅନୁସାରେ ସେ ତୃତୀୟ ଥର ରାଷ୍ଟ୍ରପତି ହୋଇପାରିବେନି। ତେବେ ଆଗାମୀ ନିର୍ବାଚନରେ ଉପରାଷ୍ଟ୍ରପତି ପଦ ଲାଗି ସେ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏହାରି ଭିତରେ ଚର୍ଚ୍ଚାର ଅନ୍ତ ଘଟାଇଛନ୍ତି ଟ୍ରମ୍ପ। କହିଛନ୍ତି ଯେ, ସେ ୨୦୨୮ ନିର୍ବାଚନରେ ଉପରାଷ୍ଟ୍ରପତି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ।

ଟ୍ରମ୍ପଙ୍କ କିଛି ସମର୍ଥକ ତାଙ୍କୁ ହ୍ୱାଇଟ୍ ହାଉସକୁ ଫେରାଇ ଆଣିବା ପାଇଁ ଉପରାଷ୍ଟ୍ରପତି ହେବାକୁ ପରାମର୍ଶ ଦେଉଥିଲେ। ଟ୍ରମ୍ପ କହିଥିଲେ, ମୁଁ ୨୦୨୮ରେ ଉପରାଷ୍ଟ୍ରପତି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାର କୌଣସି ସମ୍ଭାବନା ନାହିଁ। ଏହି ଧାରଣା ଭୁଲ। ସେ ପୂର୍ବରୁ ଏହି ବିଷୟରେ ମଜାରେ କହିଥିଲେ ଏବଂ ତାଙ୍କ ସମର୍ଥକମାନଙ୍କୁ 'ଟ୍ରମ୍ପ-୨୦୨୮' ଲେଖାଥିବା ଟୋପି ବାଣ୍ଟିଥିଲେ।

ଆମେରିକାର ସମ୍ବିଧାନର ୨୨ତମ ସଂଶୋଧନ ଅନୁଯାୟୀ, କୌଣସି ବ୍ୟକ୍ତି ତୃତୀୟ ଥର ପାଇଁ ରାଷ୍ଟ୍ରପତି ହୋଇପାରିବେ ନାହିଁ। ତଥାପି, କିଛି ଲୋକ ଯୁକ୍ତି ଦେଇଛନ୍ତି ଯେ, ଟ୍ରମ୍ପ ଅନ୍ୟ ପ୍ରାର୍ଥୀଙ୍କ ସହିତ ଉପରାଷ୍ଟ୍ରପତି ଭାବରେ ନିର୍ବାଚନ ଲଢ଼ିପାରିବେ ଏବଂ ତା'ପରେ ଯଦି ରାଷ୍ଟ୍ରପତି ଇସ୍ତଫା ଦିଅନ୍ତି, ତେବେ ଟ୍ରମ୍ପ ପୁନର୍ବାର ପଦ ଗ୍ରହଣ କରିପାରିବେ। ଆଇନଗତ ବିଶେଷଜ୍ଞ ଏବଂ ବିରୋଧୀମାନେ ଏହି ଧାରଣାକୁ ସାମ୍ବିଧାନିକ ଭାବରେ ଅବୈଧ ବୋଲି କହିଛନ୍ତି। ଟ୍ରମ୍ପ ଉପରାଷ୍ଟ୍ରପତି ଜେଡି. ଭାନ୍ସ ଏବଂ ରାଜ୍ୟ ସଚିବ ମାର୍କୋ ରୁବିଓଙ୍କୁ ପ୍ରଶଂସା କରି କହିଛନ୍ତି ଯେ, ସେମାନେ ଭବିଷ୍ୟତର ଭଲ ରାଷ୍ଟ୍ରପତି ପ୍ରାର୍ଥୀ ହୋଇପାରିବେ। ଟ୍ରମ୍ପ ଆହୁରି କହିଛନ୍ତି ଯେ, ରିପବ୍ଲିକାନ୍ ପାର୍ଟିରେ ପ୍ରତିଭାର ଅଭାବ ନାହିଁ।

# ବିମାନ ଦୁର୍ଘଟଣାରେ ୧୨ ମୃତ



ନାଇରୋବି,୨୮।୧୦ : କେନିଆରେ ତଟବର୍ତ୍ତୀ ଅଞ୍ଚଳରେ ହୋଇଛି ବଡ଼ ବିମାନ ଦୁର୍ଘଟଣା। ଘଟଣାରେ ୧୨ ଜଣ ଲୋକଙ୍କ ଜୀବନ ଯାଇଥିବା କୁହାଯାଉଛି। କେନିଆ ଅଧିକାରୀ ଏହି ଦୁର୍ଘଟଣା ବିଷୟରେ ସୂଚନା ଦେଇଛନ୍ତି। ଅଧିକାରୀଙ୍କ କହିବା ମୁତାବକ, ବିମାନଟି ମାସାଇ ମାରା ରାଷ୍ଟ୍ରୀୟ ରିଜର୍ଭରେ ଏକ ଲୋକ ପର୍ଯ୍ୟଟକ ସ୍ଥଳକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ଦୁର୍ଘଟଣା ଡାୟନୀ ବିମାନବନ୍ଦରଠାରୁ ପ୍ରାୟ ୪୦ କିମି ଦୂର ପାହାଡିଆ ଏବଂ ଜଙ୍ଗଲ ଅଞ୍ଚଳରେ ହୋଇଛି। ବିମାନଟି ଉଡ଼ାଣର କିଛି ମିନିଟ ମଧ୍ୟରେ ଦୁର୍ଘଟଣା ହୋଇ ନିଆଁ ପିଣ୍ଡୁଳା ହୋଇଯାଇଥିଲା। ଘଟଣାସ୍ଥଳରେ କେବଳ ଜଳିଯାଇଥିବା ଅଂଶବିଶେଷ ମିଳିଛି। ସ୍ଥାନୀୟ ଲୋକ କେବଳ ଏକ ବିସ୍ଫୋରଣ ଶବ୍ଦ ଶୁଣିଛନ୍ତି ବୋଲି କହିଛନ୍ତି। ତେବେ କେନିଆ ଆଭିଏସନ ଅଥରିଟିର ଅଧିକାରୀଙ୍କ କହିବାନୁଯାୟୀ, ଦୁର୍ଘଟଣା ବିଷୟରେ ଯାଞ୍ଚ କରାଯାଉଛି। ପ୍ରାରମ୍ଭିକ ଯାଞ୍ଚରୁ ବିମାନର ଇଂଜିନ ଅଚଳ କିମ୍ବା ପାଇଲଟଙ୍କ ଭୁଲ୍ ଯୋଗୁଁ ହୋଇଥିବା କୁହାଯାଉଛି। ପ୍ରାଣ ହରାଇଥିବା ପରିବାରକୁ ଯଥାସମ୍ଭବ ସହାୟତା ଯୋଗାଇ ଦିଆଯିବ ବୋଲି କାଲେ କାଉଣ୍ଟି କମିଶନର କହିଛନ୍ତି।

# ତୁର୍କୀରେ ଶକ୍ତିଶାଳୀ ଭୂମିକମ୍ପ, ବହୁ ଘର କ୍ଷତିଗ୍ରସ୍ତ

ଇସତାନବୁଲ,୨୮।୧୦ : ତୁର୍କୀରେ ହୋଇଛି ଶକ୍ତିଶାଳୀ ଭୂମିକମ୍ପ। ରିକ୍ଟର ସ୍କେଲରେ ଏହି ଭୂମିକମ୍ପର ତୀବ୍ରତା ୬.୧ ଥିବା ଜଣାପଡ଼ିଛି। ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିଚାଳନା ସଂସ୍ଥା ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ବାଲିକେସିର ପ୍ରଦେଶର ସିଣ୍ଡିର୍ଗି ସହରରେ ଥିଲା। ବହୁଘର ଭୁଶୁଡିଥିବା ସୂଚନା ମିଳିଛି। ତୁର୍କୀର ଏମର୍ଜେନ୍ସି ରେସପନ୍ସ ଟିମ କୌଣସି କ୍ଷୟକ୍ଷତିର ରିପୋର୍ଟ ଦେଇନାହିଁ। ଇସ୍ତାନବୁଲ, ବୁର୍ସା, ମାନିସା ଏବଂ ଇଜମିର ପ୍ରଦେଶରେ ମଧ ଭୂମିକମ୍ପ ଅନୁଭୂତ ହୋଇଥିଲା। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ କୌଣସି କ୍ଷୟକ୍ଷତିର ରିପୋର୍ଟ ହୋଇନାହିଁ। ତୁର୍କୀ ଏକ ପ୍ରମୁଖ ଫଲ୍ଟ ଲାଇନ ଉପରେ ଅବସ୍ଥିତ ଏବଂ ପ୍ରାୟତଃ ଭୂମିକମ୍ପ ଦ୍ୱାରା ପ୍ରଭାବିତ ହୁଏ। ତୁର୍କୀ ସର୍ବାଧିକ ପ୍ରଭାବିତ ଦେଶମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ। ଗତ ଅଗଷ୍ଟ ମାସରେ ଉତ୍ତର-ପଶ୍ଚିମ ପ୍ରଦେଶ ବାଲିକେସିରରେ ସିନ୍ଦିର୍ଗିରେ ୬.୧ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏଥିରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିଲେ। ସେବେଠାରୁ ଏହି ଅଞ୍ଚଳରେ ଛୋଟ ଛୋଟ ଭୂମିକମ୍ପ ଅନୁଭୂତ ହୋଇଛି।



ସେପ୍ଟେମ୍ବର ମାସରେ, ତୁର୍କୀର ବାଲିକେସିର୍ ପ୍ରଦେଶରେ ୪.୯ ତୀବ୍ରତାର ଭୂମିକମ୍ପ ହୋଇଥିଲା। ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ରିପୋର୍ଟ କରିଛନ୍ତି ଯେ, ବାଲିକେସିର୍ର ସିନ୍ଦିର୍ଗି ଅଞ୍ଚଳରେ ଘଟିଥିବା ଭୂମିକମ୍ପର ଗଭୀରତା ୭. କିଲୋମିଟର ଥିଲା। ତୁର୍କୀ ରାଷ୍ଟ୍ରପତି ରେସେପ୍ ଏର୍ଡୋଗାନ୍ ତାଙ୍କ ଦେଶବାସୀଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରି ଏକ ବିବୃତ୍ତି ଜାରି କରିଛନ୍ତି।

**ଆମେରିକାର ପୂର୍ବତନ ବାଣିଜ୍ୟ ସଚିବଙ୍କ ବୟାନ**

# ଭାରତ ସହ ଟକ୍କର ଦିଅନି

ନୂଆଦିଲ୍ଲୀ,୨୮।୧୦ଃ ଟ୍ରମ୍ପ ପ୍ରଶାସନର ନୀତି ଏବଂ ବିଶ୍ୱ ବାଣିଜ୍ୟ ସମ୍ପର୍କ ଉପରେ ବଡ଼ ବୟାନ ଦେଇଛନ୍ତି ପୂର୍ବତନ ଆମେରିକା ବାଣିଜ୍ୟ ସଚିବ ଜିନା ରାଇମୋଣ୍ଡୋ। ସେ କହିଛନ୍ତି ଯେ, ଭାରତ ସହିତ ଏକ ବଡ଼ ଭୁଲ କରୁଛି ଆମେରିକା। ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ'ରୁ 'ଆମେରିକା ଆଲୋନ୍' ପରିବର୍ତ୍ତନ 'ବିନାଶକାରୀ ଭୁଲ' ପ୍ରମାଣିତ ହେଉଛି।

ରାଇମୋଣ୍ଡୋ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଟ୍ରମ୍ପ ପ୍ରଶାସନର ନୀତି ଆମେରିକାର ସମସ୍ତ ସହଯୋଗୀଙ୍କୁ କ୍ରୋଧିତ କରିଛି। ସେ ଆମେରିକାର ସହଯୋଗୀ ଦେଶମାନଙ୍କ ସହିତ ସମ୍ପର୍କକୁ ବିଗାଡ଼ି ଦେଇଥିବା ଟ୍ରମ୍ପ ପ୍ରଶାସନର ନୀତିଗୁଡ଼ିକୁ ସମାଲୋଚନା କରିଥିଲେ। ସେ କହିଥିଲେ, ମୋ ମତରେ, ଏହି ପ୍ରଶାସନର ସବୁଠାରୁ ବଡ଼ ଭୁଲ ହେଉଛି ଆମର ସମସ୍ତ ସହଯୋଗୀଙ୍କୁ ଭଡ଼କାଇବା। ଆମେ ୟୁରୋପ, ଜାପାନ ଏବଂ ଦକ୍ଷିଣ ପୂର୍ବ ଏସିଆ ସହିତ ଦୃଢ଼ ବାଣିଜ୍ୟ ସହଭାଗୀତା ନିର୍ମାଣ କରିବା ଉଚିତ। ଡଚ୍ ସେମିକଣ୍ଡକ୍ଟର କମ୍ପାନୀ ଏଏସ୍ଏମଏଲ ର ଉଦାହରଣ ଦେଇ ରାଇମୋଣ୍ଡୋ କହିଛନ୍ତି ଯେ, ଆମେରିକାକୁ ୟୁରୋପୀୟ ଦେଶମାନଙ୍କ ସହିତ ଗଭୀର ବାଣିଜ୍ୟ ସମ୍ପର୍କ ବିକଶିତ କରିବାକୁ ପଡିବ। ଭାରତ ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ, ଆମେରିକା ଭାରତ ସହିତ ତାଙ୍କ ସମ୍ପର୍କକୁ ଗମ୍ଭୀରତାର ସହିତ ପୁନର୍ବିଚାର କରିବା ଉଚିତ। 'ମୁଁ ଭାବୁଛି ଆମେ ଭାରତ ସହିତ ଏକ ବଡ଼ ଭୁଲ କରୁଛୁ। ଭାରତ ଏକ ଅଂଶୀଦାର ଯାହା ଭବିଷ୍ୟତର ଅର୍ଥନୀତି ଏବଂ ବିଶ୍ୱ ସ୍ଥିରତା ପାଇଁ ଗୁରୁତ୍ୱପୂର୍ଣ୍ଣ। ରାଇମୋଣ୍ଡୋଙ୍କ ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ଭାରତୀୟ ସାମଗ୍ରୀ ଉପରେ ଶୁଳ୍କକୁ ଦ୍ୱିଗୁଣିତ କରି ୫୦% କରିଛି, ଏବଂ ଅତିରିକ୍ତ ଶୁଳ୍କ ଲାଗୁ କରିଛି ଏବଂ ରୁଷରୁ ଭାରତର ଅଶୋଧିତ ତୈଳ କ୍ରୟ ଉପରେ କଟକଣା ଲଗାଇଛି। ଭାରତ ଏହି ନୀତିଗୁଡ଼ିକୁ 'ଅନ୍ୟାୟପର ଏବଂ ଏକପାଖିଆ' ବୋଲି କହିଛି। ଗତ ସପ୍ତାହରେ, ଟ୍ରମ୍ପ ଦାବି କରିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସହିତ ଏକ ଫୋନ୍ ବାର୍ତ୍ତାଳାପ ସମୟରେ ରୁଷରୁ ତୈଳ ଆମଦାନୀ ହ୍ରାସ କରିବାକୁ ରାଜି ହୋଇଛନ୍ତି। ତଥାପି, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ଦାବିକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଛି।



ଭିଜିଲାନ୍ସ ସଚେତନତା ସପ୍ତାହରେ ବି ଥମୁନି ଦୁର୍ନୀତି

# ଧରାପଡ଼ିଲେ ଏଏସ୍‌ଆଇ

## ଅବସରପ୍ରାପ୍ତ ଜେସିଙ୍କୁ କାରାଦଣ୍ଡ

### ଏଏସ୍‌ଆଇଙ୍କ ସହଯୋଗୀ ବି ଗିରଫ



ଜୟପୁର,କଟକ,୨୮।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ଦିନକୁ ଦିନ ଦୁର୍ନୀତି ବୃଦ୍ଧି ପାଉଥିବା ବେଳେ ଏଥିରେ ରୋକ ଲଗାଇବା ସକାଶେ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏଥିରେ ଅନ୍ୟତମ ହେଉଛି ଭିଜିଲାନ୍ସ ସଚେତନତା ସପ୍ତାହ। ଚଳିତ ବର୍ଷ ଗତକାଲିଠାରୁ ଏହି ସପ୍ତାହ ପାଳନ ଆରମ୍ଭ ହୋଇଛି। କିନ୍ତୁ ଏଥିରେ କେତେ ଅଧିକାରୀ ଓ କର୍ମଚାରୀ ସଚେତନ ହେଉଛନ୍ତି ତା' ତ ପଛ କଥା, କିନ୍ତୁ ଆଜି ଦୁଇ ଜଣ କର୍ମଚାରୀ ଲାଞ୍ଚ ଗ୍ରହଣ ମାମଲାରେ ଦଣ୍ଡିତ ହୋଇଛନ୍ତି। ଜଣଙ୍କୁ ଭିଜିଲାନ୍ସ ଲାଞ୍ଚ ନେବା ସମୟରେ ଧରିଥିବା ବେଳେ ଅନ୍ୟ ଜଣେ ପୂର୍ବରୁ ଧରାପଡ଼ି ଆଜି ଜେଲ୍‌ଦଣ୍ଡାଦେଶ ପାଇଛନ୍ତି। ଏହାଛଡ଼ା ଲାଞ୍ଚ ନେବାରେ ସହଯୋଗ କରୁଥିବାରୁ ଜଣେ ସାଧାରଣ ଲୋକକୁ ମଧ ଭିଜିଲାନ୍ସ ଗିରଫ କରିଛି। ମିଳିଥିବା ସୂଚନାନୁସାରେ, ଆଜି କୋରାପୁଟ ଜିଲ୍ଲା ବି. ସିଂହପୁର ଥାନା ଏଏସ୍‌ଆଇ ନରସିଂହ ଦୋରା ଆଜି ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି। ଏକ ଘରୋଇ ହିଂସା ମାମଲାରେ ସେ ତଦନ୍ତକାରୀ ଅଧିକାରୀ ଥିବା ବେଳେ ଅଭିଯୋଗକାରୀଙ୍କୁ ଧମକଚମକ ଦେଇଥିଲେ। ତାଙ୍କଠାରୁ ୪୦ ହଜାର ଟଙ୍କା ଦାବି କରିବା ସହ ଏହି ଟଙ୍କା ନ ଦେଲେ ତାଙ୍କୁ ମିଥ୍ୟା ମାମଲାରେ ଫସାଇଦେବାର ଭୟ ଦେଖାଇଥିଲେ। ତେଣୁ ଅଭିଯୋଗକାରୀ ଜଣଙ୍କ ବାଧ ହୋଇ ଏ ସମ୍ପର୍କରେ ସ୍ଥାନୀୟ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏନେଇ ଭିଜିଲାନ୍ସ ୩୩/୨୦୨୫ରେ ମାମଲା ରୁଜୁ କରିବା ସହ ଆଜି ପୂର୍ବ ଯୋଜନା ମୁତାବକ ଥାନାରେ ପୂର୍ବରୁ ମହଜୁଦ ରହିଥିଲେ। ଅଭିଯୋଗକାରୀ ଜଣଙ୍କ ଏଏସ୍‌ଆଇ ଶ୍ରୀ ଦୋରାଙ୍କୁ ଲାଞ୍ଚ ବାବଦ ୪୦ ହଜାର ଟଙ୍କା ଦେବା ସମୟରେ ସେଠାରେ ମହଜୁଦ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଏଥିସହ ତାଙ୍କୁ ଲାଞ୍ଚ ନେବାରେ ସହଯୋଗ କରୁଥିବା ଜଣେ ସାଧାରଣ ଲୋକ ସୁନାଧର ଅମାନତ୍ୟଙ୍କୁ ମଧ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଶ୍ରୀ ଦୋରାଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି।

ଅନ୍ୟପକ୍ଷରେ ଲାଞ୍ଚ ଗ୍ରହଣ ମାମଲାରେ ପୂର୍ବରୁ ଗିରଫ ହୋଇଥିବା ଜଣେ ଅବସରପ୍ରାପ୍ତ କନିଷ୍ଠ କିରାଣି (ଜେସି)ଙ୍କୁ କାରାଦଣ୍ଡାଦେଶ ଦିଆଯାଇଛି। ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପୂର୍ବତନ କନିଷ୍ଠ କିରାଣୀ ଲକ୍ଷ୍ମୀଧର ସ୍ୱାଇଁଙ୍କୁ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରାଯିବା ସହ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ଜରିମାନା ଭରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୋସାଇଟି ଆକ୍ଟରେ ରେଜିଷ୍ଟ୍ରେସନ ସାର୍ଟିଫିକେଟ ଦେବାକୁ ସେ ଲାଞ୍ଚ ମାଗି ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଦୋଷୀ ସାବ୍ୟସ୍ତ ହେବା ପରେ ଓଡ଼ିଶା ଭିଜିଲାନ୍ସ ଏବେ ଲକ୍ଷ୍ମୀଧରଙ୍କ ପେନସନ ବନ୍ଦ କରିବା ପାଇଁ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ।

## ଗର୍ଭବତୀଙ୍କ ସ୍ୱତନ୍ତ୍ର ଯତ୍ନ ନିଆଯାଉଛି



ଭୁବନେଶ୍ୱର, ୨୮ ।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲାର ଗର୍ଭବତୀ ମହିଳା ଓ ଆସନ୍ନ ପ୍ରସବାମାନଙ୍କୁ ଆଗୁଆ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ସେମାନଙ୍କ ସ୍ୱତନ୍ତ୍ର ଯତ୍ନ ନିଆଯାଉଛି। ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଆବଶ୍ୟକୀୟ ବ୍ୟବସ୍ଥା ମଧ୍ୟ କରାଯାଇଛି। ସେମାନଙ୍କ ପାଇଁ ସୁଷମ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ଔଷଧ, ପାନୀୟ ଜଳ ବ୍ୟବସ୍ଥା ସହ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖ ନିୟୋଜିତ ହୋଇଛନ୍ତି। ସେହିପରି ବିଦ୍ୟୁତ କାଟକୁ ଦୃଷ୍ଟିରେ ରଖି ୨୪ଘଣ୍ଟିଆ ପାୱାର ବ୍ୟାକଅପ ମଧ୍ୟ କରାଯାଇଛି। ଗର୍ଭବତୀ ମହିଳାମାନଙ୍କୁ ସେମାନଙ୍କ ଘରୁ ଆଣିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏପରିକି ନବଜାତ ଶିଶୁ ଓ ମା'ମାନଙ୍କୁ ମଧ୍ୟ ନିକଟସ୍ଥ ଡାକ୍ତରଖାନାରେ ରଖାଯାଇ ସେମାନଙ୍କ ଯତ୍ନ ନିଆଯାଉଛି। କୌଣସି ଗର୍ଭବତୀ ମହିଳା ଯେପରି ବାଦ ନପଡ଼ନ୍ତି, ସେଥିପ୍ରତି ଆଶା ଓ ଅଙ୍ଗନବାଡ଼ି କର୍ମୀ ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯିବା ସହ ଏଥିପ୍ରତି ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଏହାଛଡ଼ା ସମ୍ଭାବ୍ୟ ବାତ୍ୟା ସମୟରେ ସରକାର ପ୍ରତ୍ୟେକ ବ୍ୟକ୍ତିଙ୍କ ଯତ୍ନ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଯାତ୍ରା ନହେବାରୁ ୨ କଳାକାରଙ୍କୁ ଅପହରଣ

ବାରିପଦା, ୨୮ ।୧୦ (ସଂଚାର ବ୍ୟୁରୋ): ଯାତ୍ରା ମଞ୍ଚସ୍ଥ ନହେବାରୁ କଳାକାରଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ତକତପୁର ଅଞ୍ଚଳର ଫାଗୁନ କଏଲ ଅପେରା ମାଲିକାଣୀ ରାକ୍ଷୀମଣି ମାଣ୍ଡି ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଝାରଖଣ୍ଡ ରାଜ୍ୟର ୱେଷ୍ଟ ସିଂହଭୂମ ଅଞ୍ଚଳର ଧବାଡିରେ ଯାତ୍ରା କରିବା ପାଇଁ ଅଗ୍ରୀମ ବୁକିଂ ହୋଇଥିଲା। କିନ୍ତୁ, କୌଣସି କାରଣବଶତଃ ଯାତ୍ରା ପାର୍ଟି ସେଠାକୁ ଯାତ୍ରା କରିବାକୁ ଯାଇ ପାରିନଥିଲେ। ଯାହାଫଳରେ ଝାରଖଣ୍ଡ ରାଜ୍ୟର ୱେଷ୍ଟ ସିଂହଭୂମର ଧବାଡି ଗ୍ରାମ କମିଟି ସଦସ୍ୟମାନେ ବାରିପଦା ଆସି ଯାତ୍ରା ପାର୍ଟିର ଦୁଇ ଜଣ କଳାକାର ସାଉନା ହେମ୍ବ୍ରମ ଓ ଲକ୍ଷ୍ମଣ ମାଝୀଙ୍କୁ ଅପହରଣ କରି ନେଇଛନ୍ତି। ଯେପର୍ଯ୍ୟନ୍ତ ତାଙ୍କ ଗ୍ରାମରେ ଯାତ୍ରା ପରିବେଷଣ ନ କରିଛନ୍ତି, ସେ ପର୍ଯ୍ୟନ୍ତ କଳାକାର ଦୁଇଜଣଙ୍କୁ ଛାଡିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ କ୍ରମେ ପୁଲିସ ପକ୍ଷରୁ ଭଞ୍ଜପୁର ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## କୁକୁର କାମୁଡ଼ାରେ ଶିଶୁପୁତ୍ର ଗୁରୁତର

ଧର୍ମଶାଳା, ୨୮ ।୧୦ (ସଂଚାର ବ୍ୟୁରୋ): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅଞ୍ଚଳରେ ଦିନକୁ ଦିନ କାମୁଡା କୁକୁରଙ୍କ ଆତଙ୍କ ବୃଦ୍ଧି ପାଇବାରେ ଲାଗିଛି। ଏହି କୁକୁର କାମୁଡାରେ ଜଣେ ଶିଶୁପୁତ୍ର ଗୁରୁତର ଆହତ ହୋଇ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଗୁରୁତର ଶିଶୁ ପୁତ୍ର ଜଣକ ହେଲେ ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ରେହେମତ ନଗର ଗ୍ରାମର ମହମ୍ମଦ ସାକାବାଦଙ୍କ ୭ ବର୍ଷୀୟ ପୁଅ ମହମ୍ମଦ ଅଦନାନ୍। ସେ ମାଆ ସହିତ ମାମୁଁ ଘର ଏହି ଥାନା ଅନ୍ତର୍ଗତ ଇସ୍ତମାପଡ଼ିଆ ଗ୍ରାମର ସେକ୍ ଆଜାଦଙ୍କ ଘରକୁ ଆସିଥିଲେ। ମାମୁଁ ଘର ମୁଖ୍ୟ ରାସ୍ତାରେ ଖେଳୁଥିବା ସମୟରେ ୧୧ ଗୋଟି କୁକୁର ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚିତ୍କାର କରିବାରୁ ମାମୁଁ ଘର ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲୋକଙ୍କୁ ଦେଖି ସମସ୍ତ କୁକୁର ପଳାଇ ଯାଇଥିଲେ। ଅଦନାନକୁ ଉଦ୍ଧାର କରି ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା।

## ଲାଇଫଗାର୍ଡଙ୍କୁ ଆକ୍ରମଣ କଲେ ପର୍ଯ୍ୟଟକ

ପୁରୀ, ୨୮ ।୧୦ (ସଂଚାର ବ୍ୟୁରୋ): ବାତ୍ୟା ମୋନ୍ଥା ପାଇଁ ସମୁଦ୍ର ଅଶାନ୍ତ ହେଉଛି। ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସତର୍କ ଓ ସଚେତନ ପାଇଁ ସମୁଦ୍ରସ୍ନାନ ନକରିବାକୁ ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା ମଧ୍ୟ କରୁଛି। ସମୁଦ୍ରରେ ପର୍ଯ୍ୟଟକମାନେ ସ୍ନାନ ନକରିବା ପାଇଁ ଲାଇଫ ଗାର୍ଡ ମୁତୟନ ହୋଇଛନ୍ତି। ମଙ୍ଗଳବାର ସକାଳେ କିଛି ବଙ୍ଗୀୟ ପର୍ଯ୍ୟଟକ ସମୁଦ୍ର ସ୍ନାନ ପାଇଁ ଉଦ୍ୟମ କରିଥିଲେ। ଲାଇଫ ଗାର୍ଡ ପର୍ଯ୍ୟଟକଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ ମନା କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ପର୍ଯ୍ୟଟକମାନେ ଲାଇଫ ଗାର୍ଡଙ୍କୁ ଆକ୍ରମଣ କରିଥିଲେ। ସମୁଦ୍ରକୂଳ ସେକ୍ଟର ୪ ନମ୍ବର ଜୋନରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଚପଲରେ ଲାଇଫଗାର୍ଡଙ୍କୁ ଜନୈକ ମହିଳା ପର୍ଯ୍ୟଟକ ମାଡ ମାରୁଥିବାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଅମାନିଆ ପର୍ଯ୍ୟଟକ ବିରୋଧରେ ଲାଇଫଗାର୍ଡ ମାନେ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ବିସିଂପୁର ଥାନା ଭିତରେ ଭିଜିଲାନ୍ସ ଚଢ଼ାଉ

ଜୟପୁର, ୨୮ ।୧୦ (ସଂଚାର ବ୍ୟୁରୋ): ବିସିଂପୁର ଥାନାରେ ଭିଜିଲାନ୍ସ ଚଢ଼ାଉ, ଲାଞ୍ଚ ନେଉଥିବା ବେଳେ ଏଏସଆଇ ନରସିଂହ ଦୋରାକୁ ଭିଜିଲାନ୍ସ କାବୁ କରିଥିବା ନେଇ ଆଜି ରାତ୍ର ୮ଟାରେ ଜୟପୁର ଭିଜିଲାନ୍ସ ତରଫରୁ ସୂଚନା ମିଳିଛି। ଏକ ମାମଲାର ରଫା ଦଫା ପାଇଁ କୁମୁଲି ଗ୍ରାମର ଜଣେ ବ୍ୟକ୍ତିଙ୍କ ଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିକଲାନ୍ସ ଧରିଥିବା ସୂଚନା ମିଳିଛି। ଏଏସଆଇ ନରସିଂହକୁ ଜୟପୁର ଭିଜିଲାନ୍ସ ଅଫିସକୁ ଆଣି ପଚରାଉଚରା କରୁଥିବା ଜଣାଯାଇଛି। ସୂଚନା ଅନୁଯାଇ କୋରାପୁଟର ଜିଲ୍ଲା ବିସିଂପୁର ଥାନାର ଏଏସଆଇ ଲାଞ୍ଚ ନେଉଥିବାବେଳେ କାବୁ କଲା ଭିଜିଲାନ୍ସ। ଘରୋଇ ହିଂସା ଘଟଣାରେ ଥାନାରେ ଜାମିନ ପ୍ରଦାନ ଲାଗି ତୁଟାଇଥିଲେ ୪୦ହଜାର ଟଙ୍କା ଲାଞ୍ଚ। ଘରୋଇ ହିଂସା ଥାନା କେସ ନଂ ୧୯୧/୨୫ ମାମଲାକୁ ରଫା ଦଫା ଲାଗି ଦାବି କରିଥିଲେ ୪୦ହଜାର ଲାଞ୍ଚ। ଏ ସମ୍ପର୍କରେ ଭିଜିଲାନ୍ସ ପାଖକୁ ପହଞ୍ଚିବା ପରେ ଭିଜିଲାନ୍ସ ଜାଲ ବିଛାଇଥିଲା।

## ଗଜପତି ଓ ରାୟଗଡ଼ାରେ ବର୍ଷା ତାଣ୍ଡବ

● ବାତ୍ୟା ପାଇଁ ପ୍ରଶାସନର ବ୍ୟାପକ ପ୍ରସ୍ତୁତି



ଗଜପତି/ରାୟଗଡା, ୨୮।୧୦ (ସଂଚାର ବ୍ୟୁରୋ): ଗଜପତିରେ ବାତ୍ୟା ମୋନ୍ଥାର ପ୍ରଭାବରେ ଗତକାଲିଠାରୁ ବର୍ଷା ହେଉଛି। ବର୍ଷା ଆହୁରି ବଢ଼ିବା ଆଶଙ୍କା ରହିଛି। ଏନେଇ ଚାଷୀ ଓ ଭୂସ୍ଖଳନ ପ୍ରବଣ ଅଞ୍ଚଳର ଲୋକେ ଭୟଭୀତ ହୋଇଛନ୍ତି। ସେପଟେ ଏହାର ମୁକାବିଲା ପାଇଁ ଗଜପତି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବର୍ତ୍ତମାନ ସୁଦ୍ଧା ୫ହଜାର ୪୭୦ଜଣ ଲୋକ ଓ ୧୬୦ଜଣ ଗର୍ଭବତୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସମସ୍ତଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ବିଭିନ୍ନ ବ୍ଲକରେ ନିଯୁକ୍ତ ନୋଡାଲ ଅଫିସରମାନେ ସ୍ଥିତିର ତଦାରଖ କରୁଛନ୍ତି।

ସେହିପରି ବାତ୍ୟା ମୋନ୍ଥା ପ୍ରଭାବରେ ରାୟଗଡା ଜିଲ୍ଲାରେ ସକାଳୁ ପ୍ରବଳ ବର୍ଷା ଲାଗି ରହିଛି। ପାଗ ବର୍ତ୍ତମାନ କୋହଲା ରହିଛି। ଜିଲ୍ଲା ପ୍ରଶାସନ ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଛି। ରାୟଗଡା ଜିଲ୍ଲାରେ ୪ଟି ଓଡ୍ରାଫ ଟିମ, ଅଗ୍ନିଶମ ବିଭାଗ ବିଭିନ୍ନ ଅଞ୍ଚଳରେ ରଖାଯାଇଛି। ଜିଲ୍ଲାର ୬ହଜାର ୩୧୪ ଟି ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସମସ୍ତ ୧୧ଟି ବ୍ଲକରେ ନୋଡାଲ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣରେ ଶୁଖିଲା ଖାଦ୍ୟ, ଆବଶ୍ୟକୀୟ ପଲିଥିନ, ଔଷଧ ରଖାଯାଇଛି। ପରିସ୍ଥିତିର ମୁକାବିଲା କରିବା ପାଇଁ ନିୟମିତ ରିଭ୍ୟୁ କରାଯାଉଛି। ଆଜି ରାତିରେ ମୋନ୍ଥା ଲ୍ୟାଣ୍ଡଫଲ କରିବା ପରେ ବି ବର୍ଷାର ପ୍ରକୋପ ୨୪ ଘଣ୍ଟା ରହିବ ବୋଲି କୁହାଯାଉଛି।

## ବାଇକ୍ - ଟ୍ରକ୍ ଧକ୍କା : ଜଣେ ମୃତ, ଜଣେ ଗୁରୁତର

ଜୟପୁର, ୨୮।୧୦ (ସଂଚାର ବ୍ୟୁରୋ): ବାଇକ ଓ ଟ୍ରକ ମଧ୍ୟରେ ଧକ୍କାରେ ଜଣକର ମୃତ୍ୟୁ ହୋଇଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ରାମ ଚନ୍ଦ୍ର ପ୍ରଧାନୀ। ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଜୟପୁରର ରାମ ଚନ୍ଦ୍ର ପ୍ରଧାନ (୧୯) ରାଣିପୁଟଠାରୁ କୁନ୍ଦୁରା ଯାଉଥିବା ସମୟରେ ଘାଟବାଗ୍ରା ନୂଆଗୁଡା ଛକ ନିକଟରେ ଟ୍ରକ ସହ ଧକ୍କା ହୋଇଥିଲା। ଟ୍ରକ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ଧକ୍କା ହୋଇଥିଲା। ଫଳରେ ରାମ ଚନ୍ଦ୍ର ପ୍ରଧାନି ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଇକରେ ବସିଥିବା ଅନ୍ୟ ଜଣେ ଗୁରୁତର ହେବାରୁ କୋରାପୁଟକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ଜୟପୁର ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଚମ୍ପୁଆ, ୨୮ ।୧୦ (ସଂଚାର ବ୍ୟୁରୋ): ଚମ୍ପୁଆ ଥାନା ଅନ୍ତର୍ଗତ ରଜିଆ ଗ୍ରାମରେ ପୋଖରୀରେ ଭାସୁଥିବା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ରଜିଆ ଗ୍ରାମ ଲାଗୁରୀ ସାହିର ଲକ୍ଷ୍ମଣ ମୁଣ୍ଡାଙ୍କ ସ୍ତ୍ରୀ କମଳି ମୁଣ୍ଡା (୨୮)। ଗତକାଲି ଅପରାହ୍ନରେ କମଳି ନିକଟସ୍ଥ ଅସନବାହାଳି ସାହିକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଆଜି ସକାଳୁ ଗ୍ରାମବାସୀ ପୋଖରୀ ତୁଠରେ କମଳିଙ୍କ ଚପଲ ଥୁଆ ହୋଇଥିବା ଦେଖିବା ସହ କମଳିଙ୍କ ମୃତଦେହ ପୋଖରୀରେ ଭାସୁଥିବା ଅବସ୍ଥାରେ ଦେଖିଥିଲେ। ସଙ୍ଗେ ସଙ୍ଗେ ଏ ନେଇ ଘର ଲୋକଙ୍କ ସହ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଚମ୍ପୁଆ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଶୌଚ ହେବାକୁ ଯାଇ ମହିଳା ଜଣଙ୍କ ପୋଖୋରିରେ ବୁଡି ଯାଇଥିବା ନେଇ ଅନୁମାନ କରାଯାଉଛି।

## ୭୭୦ କିଲୋ ଗଞ୍ଜେଇ ଜବତ: ୩ ଗିରଫ

ମାଲକାନଗିରି, ୨୮ ।୧୦ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସକୁ ମିଳିଛି ବଡ଼ ସଫଳତା। ଅଭିନବ ଉପାୟରେ କଣ୍ଟେନରରେ ସିକ୍ରେଟ ଚ୍ୟାମ୍ବର ମାଧ୍ୟମରେ ଗଞ୍ଜେଇ ଚୋରା ଚାଲାଣ ବେଳେ ୭୭୦ କିଲୋ ଗଞ୍ଜେଇ ଜବତ କରିଛି ପୋଲିସ। ଘଟଣାରେ ୩ ଜଣଙ୍କୁ ଗିରଫ କରିଛି ପୋଲିସ। ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ସମୟରେ ଚିତ୍ରକୋଣ୍ଡା ଏସଡିପିଓ ପ୍ରଦୋଷ ପ୍ରଧାନ ତମସା ମୁଖ୍ୟ କେନାଲ ଦେଇ ସୋରଲୁକୋଣ୍ଡା ବ୍ୟାରେଜ ଆଡକୁ ଏକ ଗଞ୍ଜେଇ ଗାଡି ଆସୁଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହାପରେ ତାଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏଏସଆଇ ମିଳନ ବରିହା ଏବଂ ଟିମ ସୋରଲୁକୋଣ୍ଡା ବ୍ୟାରେଜ ନିକଟରେ ଗାଡ଼ି ଯାଞ୍ଚ୍ କରିବା ଆରମ୍ଭ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅମଲାପୁରମରେ...

କାକିନାଡ଼ା, ଡ. ବିଆର୍ ଆମ୍ବେଦକର କୋନାସିମା ଆଦି ଜିଲ୍ଲାରେ ସର୍ବାଧିକ ଅନୁଭୂତ ହେବା। ସେହିପରି ବାତ୍ୟା ପ୍ରଭାବରେ ନେଲୋର୍ ଜିଲ୍ଲାରେ ସର୍ବାଧିକ ବର୍ଷା ହୋଇଥିବା ବେଳେ ବିଶାଖାପଟ୍ଟନମ୍ ଓ ଶ୍ରୀକାକୁଲମ୍‌ରେ ମଧ ଭୀଷଣ ବର୍ଷା ହୋଇଥିବା ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କରିଥିବା ଏକ ସମୀକ୍ଷା ବୈଠକରୁ ସ୍ପଷ୍ଟ ହୋଇଛି।

ସେହିପରି ଉପକୂଳବର୍ତ୍ତୀ ଅଞ୍ଚଳରେ ୪୦୩ଟି ମଣ୍ଡଳରୁ ପାଖାପାଖି ୭୬ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଭୀଷଣ ବର୍ଷା ହେବା ଫଳରେ ଆନ୍ଧ୍ରପ୍ରଦେଶରେ ପାଖାପାଖି ୧.୭ ଲକ୍ଷ ହେକ୍ଟର ଫସଲ କ୍ଷତିଗ୍ରସ୍ତ ହୋଇଛି। ଆସନ୍ତାକାଲି 'ମୋନ୍ଥା' ଉପକୂଳ ଅତିକ୍ରମ କରିବା ସମୟରେ ରାଜ୍ୟର ୧୨ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବ ବୋଲି ଆନ୍ଧ୍ର ପ୍ରଦେଶ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏପିଏସ୍‌ଡିଏମ୍) ପକ୍ଷରୁ ସତର୍କ କରାଇ ଦିଆଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ୮୧ଟି ୱାୟରଲେସ୍ ଟାୱାର୍ ଓ ୨୧ଟି ବଡ଼ ଆକାରର ଲ୍ୟାମ୍ପ୍ ବ୍ୟବସ୍ଥା କରାଯାଇଛି।

ଅନ୍ୟପକ୍ଷରେ ବାତ୍ୟା 'ମୋନ୍ଥା' ସ୍ଥଳଭାଗ ଛୁଇଁବା ପରେ ଆସନ୍ତାକାଲି ଓଡ଼ିଶା ଦେଇ ଛତିଶଗଡ଼ମୁହାଁ ହେବାକୁ ଥିବାରୁ ଆସନ୍ତାକାଲି ଓଡ଼ିଶା ପାଇଁ ନିର୍ଣ୍ଣାୟକ ହେବ। ଆଜି 'ମୋନ୍ଥା' ଯୋଗୁଁ ଦକ୍ଷିଣ ଓଡ଼ିଶାର ୮ଟି ରାଜ୍ୟରେ ଭୀଷଣ ବର୍ଷା ଜାରି ରହିଛି। ପବନ ପ୍ରଭାବରେ କେତେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିବା ବେଳେ ଆଉ କେତେକ ସ୍ଥାନରେ ଭୂସ୍ଖଳନ ଘଟିଥିବା ଖବର ମିଳିଛି। ଉପକୂଳବର୍ତ୍ତୀ ଜିଲ୍ଲା ପୁରୀର କଣାସ ବ୍ଲକ୍ ସାହୁପଡ଼ାରେ କାନ୍ଥ ପଡ଼ି ୩ ଜଣ ଆହତ ହୋଇଛନ୍ତି। ବାତ୍ୟା ମୋନ୍ଥାର ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ସାହୁପଡ଼ା ଗ୍ରାମର ରୋହିତ ମାର୍ଥାଙ୍କ ଦୁଇ ବଖରା ମାଟି ଘର ମଧ୍ୟରୁ ଗୋଟିଏର କାନ୍ଥ ପଡିଯିବାରୁ ସେହି ଘରେ ଥିବା ରୋହିତ ମାର୍ଥା (୩୫) ତାଙ୍କ ପତ୍ନୀ ସୁଚରିତା ମାର୍ଥା (୩୦) ଓ ତାଙ୍କ ଝିଅ ଶୁଭସ୍ମିତା ମାର୍ଥା (୮) ଆହତ ହୋଇଛନ୍ତି। ସେମାନେ ସ୍ଥାନୀୟ ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ସାହୁପଡ଼ା ସରପଞ୍ଚ ଭିକାରୀ ଚରଣ ବାରିଆରସିଂହ ଆହତଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ସେପଟେ ବାତ୍ୟା ଯୋଗୁଁ ଯାଇ ନ ପାରି ପୁରୀ ବ୍ରହ୍ମଗିରି ବାଲିହରଚଣ୍ଡୀ ନିକଟରେ ଏକ ଆନ୍ଧ୍ର ଟ୍ରଲର ଅଟକି ରହିଛି। କିନ୍ତୁ ସେଥିରେ ଥିବା ୧୦ ଜଣ ମତ୍ସ୍ୟଜୀବୀ ସୁରକ୍ଷିତ ଥିବା ଜଣାପଡ଼ିଛି।

ଏହାଛଡ଼ା ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ଏହାର ପ୍ରଭାବ ଗଜପତି ଜିଲ୍ଲାରେ ଦେଖିବାକୁ ମିଳିଛି। ବର୍ଷା କାରଣରୁ ରାୟଗଡ଼ ବ୍ଲକ ଅଧିନ ଲକ୍ଷ୍ମୀପୁର ଗ୍ରାମ ପଞ୍ଚାୟତ ତପଙ୍ଗ ଗ୍ରାମରେ ଗଛ ପଡି ୩ଟି ଘର ଭାଙ୍ଗିଯାଇଛି। ତେବେ ଅଳ୍ପକେ ବର୍ତ୍ତିଯାଇଛନ୍ତି ପରିବାର ସଦସ୍ୟ। ସମସ୍ତଙ୍କୁ ଉଦ୍ଧାର କରି ବାତ୍ୟା ଆଶ୍ରୟସ୍ଥଳୀକୁ ନିଆଯାଇଛି। ଏହାଛଡ଼ା କନ୍ଧମାଳ ଜିଲ୍ଲାର ଟିକାବାଲିଠାରେ ଗଛ ଭାଙ୍ଗିଯାଇ ରାସ୍ତା ଅବରୋଧ କରିଥିବା ବେଳେ ସେଠାରେ ଅଗ୍ନିଶମ ବାହିନୀର ସଦସ୍ୟମାନେ ପହଞ୍ଚି ଗଛ କାଟି ଯାତାୟାତ ସ୍ୱାଭାବିକ କରିଛନ୍ତି।

ତେବେ ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୌଣସି ପ୍ରକାର ଅବହେଳାକୁ ଗୁରୁତର ସହକାରେ ନେଉଥିବାରୁ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା କାରଣରୁ ଦୁଇ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କ ମଧ୍ୟରୁ ଆସିକା ବ୍ଲକର ଅତିରିକ୍ତ ବିଡିଓ ସୁଶାନ୍ତ ବେହେରାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବେଳେ ଶେରଗଡ ବ୍ଲକର କିରାଣୀ ସଦାନନ୍ଦ ବେହେରାଙ୍କୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ଗଞ୍ଜାମ ଜିଲ୍ଲାପାଳ ନିଲମ୍ବନ କରିଛନ୍ତି।

ଏହାଛଡ଼ା ଆଜି ସକାଳେ ଗଜପତି ଜିଲ୍ଲାର କାଶୀନଗର ବ୍ଲକରେ ଭୂସ୍ଖଳନ ଘଟିବା ଫଳରେ ପାର୍ତ୍ତିଡା ପଞ୍ଚାୟତ ଅଧୀନ ଲିଙ୍ଗା-ବାରଭା ରାସ୍ତା ଉପରକୁ ବଡ଼ ବଡ଼ ପଥର ଖସିପଡ଼ିଥିଲା। ଫଳତଃ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଫଳରେ ଅନେକ ଗାଁ ସହ ସଂଯୋଗ ବିଚ୍ଛିନ୍ନ ହୋଇପଡ଼ିଛି।

ଘଟଣା ସମ୍ପର୍କରେ ସୂଚନା ପାଇ ପ୍ରଶାସନ ଟିମ୍ ପହଞ୍ଚି ରାସ୍ତା ସଫା କାମ ଆରମ୍ଭ କରିଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ ମଧ୍ୟମରୁ ହାଲୁକା ବର୍ଷା ଚାଲିଥିବାରୁ ସଫେଇ କାମ ବିଳମ୍ବିତ ହେଉଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଯାତାୟାତରେ ସତର୍କ କରାଯାଇଛି। ଏପରିକି ଅତି ଆବଶ୍ୟକ ନହେଲେ ଘରୁ ନ ବାହାରିବାକୁ ବି ନିବେଦନ କରାଯାଇଛି। ଆହୁରି ଉଦୟଗିରି ବ୍ଲକ ଅନଘା ଗ୍ରାମପଞ୍ଚାୟତରେ ରାସ୍ତା କଡ଼ ପାହାଡ଼ରୁ ବିରାଟକାୟ ପଥର ଖସି ବଡଗାଁ ରାସ୍ତା ଅବରୋଧ ହୋଇଛି। ଫଳରେ ଯାତାୟାତ ଠପ୍ ହୋଇଯାଇଛି। ଖବର ପାଇ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ ହଟାଇଛି। ଆହୁରି ଲଗାଣ ବର୍ଷା ଯୋଗୁଁ ମୁରେଇସାହି ବ୍ରିଜ ନିକଟରେ ଥିବା ମଣ୍ଡଳସାହି-ମୁରେଇସାହି ରାସ୍ତା ଧୋଇଯାଇଛି । ଫଳରେ ଡମ୍ବାଳ ଓ ଅମେଡା ପଞ୍ଚାୟତକୁ ଗମନାଗମନ ବାଧାପ୍ରାପ୍ତ ହୋଇଛି ।

### ତୁରନ୍ତ ସେବା...

ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ପ୍ରମୁଖ ବିଭାଗ ମୁଖ୍ୟ ଏବଂ ବିଭାଗୀୟ ରେଳ ପରିଚାଳକମାନଙ୍କ ସହ ସମୀକ୍ଷାରେ ଅଂଶଗ୍ରହଣ କରିଥିଲେ ଓ ବିଶେଷକରି ବାତ୍ୟା ପ୍ରଭାବରେ ଆସୁଥିବା ୱାଲଟେୟାର ଏବଂ ଖୋର୍ଦ୍ଧା ରୋଡ୍ ଡିଭିଜନରେ ପୂର୍ବରୁ ଆରମ୍ଭ କରାଯାଇଥିବା ସତର୍କତାମୂଳକ ପଦକ୍ଷେପ ବିଷୟରେ ମନ୍ତ୍ରୀଙ୍କୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ବୈଷ୍ଣବ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା, ନିରବଚ୍ଛିନ୍ନ ଯୋଗାଯୋଗ ବ୍ୟବସ୍ଥା ବଜାୟ ରଖିବା ଓ ବିପର୍ଯ୍ୟୟ ମୁକାବିଲା ଦଳଗୁଡ଼ିକୁ ପୂର୍ବରୁ ନିୟୋଜିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ ରେଳ ଜୋନକୁ ଉଚ୍ଚ ସତର୍କତା ଅବଲମ୍ବନ କରିବା ସହ ଘୂର୍ଣ୍ଣିଝଡ଼ ପ୍ରଭାବ ପରେ ଟ୍ରେନ୍ ସେବାକୁ ଶୀଘ୍ର ପୁନଃସ୍ଥାପନ କରିବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ସାଧୁତାର...

ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଛୋଟରୁ ବଡ ସମସ୍ତ ଦୁର୍ନୀତି ଗ୍ରସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦେଶର ଅଗ୍ରଣୀ ଦୁର୍ନୀତି ବିରୋଧୀ ସଂସ୍ଥା ଭାବେ ସୁନାମ ଅର୍ଜନ କରିଛି। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପର୍ଯ୍ୟନ୍ତ କାହାରିକୁ ଛଡାଯାଇନାହିଁ। ଏସବୁ ସମ୍ଭବ ହୋଇଛି ଭିଜିଲାନ୍‌ସ ଅଧିକାରୀ ମାନଙ୍କୁ ସ୍ୱାଧୀନ ଭାବେ କାର୍ଯ୍ୟକରିବାର ଅଧିକାର ପ୍ରଦାନ ଫଳରେ। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଦଣ୍ଡ ବିଧାନ ହାର ମଧ୍ୟ ୫୦ ପ୍ରତିଶତରୁ ଅଧିକ ରହିଛି। ଦୁର୍ନୀତି ନିବାରଣ ବିଭାଗ ଆଜିର ଦିନରେ କାହାକୁ କ୍ଷମା କରିବ ନାହିଁ ଏବଂ କାହାକୁ ଛାଡିବ ନାହିଁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଶୂନ୍ୟ ସହନଶୀଳ ନୀତିର ଅଂଶ ଭାବରେ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୩୦ ଜଣ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି ଓ ୬୮ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ବନ୍ଦ କରଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଚ୍ଚୋଟତା ଓ ସାଧୁତାର ଶପଥ ପାଠ କରାଇଥିଲେ। ଶ୍ରେଷ୍ଠ ଦୁର୍ନୀତି ନିବାରଣ ଡିଭିଜନ ଭାବେ କଟକ ଡିଭିଜନ, ଶ୍ରେଷ୍ଠ ୟୁନିଟ୍ ଭାବେ ସୁବର୍ଣ୍ଣପୁର ୟୁନିଟ୍, ଶ୍ରେଷ୍ଠ ତଦନ୍ତକାରୀ ପୁରୁଷ ଅଧିକାରୀ ଭାବେ ମନୋରଞ୍ଜନ ପାଇକରାୟ, ଶ୍ରେଷ୍ଠ ତଦନ୍ତକାରୀ ମହିଳା ଅଧିକାରୀ ଭାବେ ପ୍ରଣୀତା ରାୟ ଏବଂ ଶ୍ରେଷ୍ଠ ପବ୍ଲିକ ପ୍ରୋସିକ୍ୟୁଟର ଭାବେ ବ୍ରହ୍ମପୁରର ସୁରେନ୍ଦ୍ର ପଣ୍ଡାଙ୍କୁ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଦୁର୍ନୀତି ନିବାରଣ ବିଭାଗର ମହାନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରି କହିଥିଲେ। ଦୁର୍ନୀତି ନିବାରଣ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ଅସୀତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ।

### ୧ରୁ ପୁରୀରେ...

କଇଁଛଙ୍କ ଅଣ୍ଡାକୁ କିଭଳି ସୁରକ୍ଷିତ ରଖିହେବ, ସେନେଇ ଆଲୋଚନା ହୋଇଛି। ପୁରୀ ଜିଲ୍ଲା ସାମୁଦ୍ରିକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ କହିଛନ୍ତି ଯେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଆସନ୍ତା ୧ରୁ ଆସନ୍ତା ବର୍ଷ ମେ' ମାସ ୩୧ ଯାଏ କଇଁଛଙ୍କ ସୁରକ୍ଷା ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। କଇଁଛଙ୍କ ସୁରକ୍ଷା ପାଇଁ ଜଏଣ୍ଟ ପେଟ୍ରୋଲିଂ ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ, ମେରାଇନ ପୋଲିସ ଦ୍ୱାରା ହେବ। କଇଁଛଙ୍କ ସୁରକ୍ଷା ପାଇଁ ଆମେ ସମୁଦ୍ରକୁ ଯାଉଥିବା ମତ୍ସ୍ୟଜୀବିଙ୍କୁ ସଚେତନ କରୁଛୁ। ତେବେ ଯେଉଁ ମାନେ ନିୟମ ଉଲଘଂନ କରି କଇଁଛ ଙ୍କ ସୁରକ୍ଷା ବିପନ୍ନ କରିବେ ତାଙ୍କ ବିରୋଧ ରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଯେଉଁ ଅଞ୍ଚଳରେ କଟକଣା ରହିଛି ସେହି ଅଞ୍ଚଳର ମତ୍ସ୍ୟଜୀବି ପରିବାରକୁ ବିଭାଗ ପକ୍ଷରୁ ୧୫ ହଜାର ଟଙ୍କା କ୍ଷତି ପୂରଣ ରାଶି ପ୍ରଦାନ କରାଯାଉଛି।

### ଧରାପଡ଼ିଲା...

ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି। ସେ ଦେଇଥିବା ସୂଚନାନୁଯାୟୀ, ଗତକାଲି ଅଭିଯୁକ୍ତମାନେ ବ୍ରାଉନସୁଗର ମାଣିକାଗଡା ଗ୍ରାମସ୍ଥିତ ଏକ ଘରେ ରଖି କାରବାର କରୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏହି ସୂଚନାକୁ ଆଧାର କରି ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ଘରେ ଅଚାନକ ଚଢ଼ାଉ କରିଥିଲା। ଘର ଭିତରୁ ୩୧୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରାଯାଇଥିବା ବେଳେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ ଗଞ୍ଜାମ ବଡ଼ବଜାରର ପ୍ରଣୟ ରଥ, ସତ୍ୟଲୋଚନ ସାହୁ, ଖୋର୍ଦ୍ଧାର ମହେଶ୍ୱର ସ୍ୱାଇଁ, ମୀର ଅତାଉଲ୍ଲା, ବୋଲଗଡ଼ର ମୀର ଅବଦୁଲ୍ଲା, ମୀର ମୁସ୍ତାଫ ଅଲ୍ଲୀ ଓ ମଇନା ବେଗମ। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସପି ଶ୍ରୀ ଶର୍ମା କହିଛନ୍ତି। ଏଥିସହ ଏହି ସିଣ୍ଡିକେଟ୍‌ର ଅନ୍ୟ ସଦସ୍ୟମାନଙ୍କୁ ଗିରଫ କରିବା ସକାଶେ ଓ ସେମାନଙ୍କ ଯୋଗାଣ ଉତ୍ସ ଠାବ କରିବା ସକାଶେ ପୁଲିସ୍ ତଦନ୍ତକୁ ଅଧିକ ବ୍ୟାପକ କରିଥିବା ଏସ୍‌ପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଖୋର୍ଦ୍ଧା ନିହାର ରଞ୍ଜନ ପ୍ରଧାନ, ବୋଲଗଡ଼ ଆଇଆଇସି ସ୍ୱିଗ୍ଧାମୟୀ ବରାଳ ଉପସ୍ଥିତ ଥିଲେ।

### ମୋହନ-ନବୀନଙ୍କୁ...

ଜଣାଯାଇଛି। ଉଲ୍ଲେଖନୀୟ ଯେ ନୂଆପଡ଼ାରେ ଗତ ନିର୍ବାଚନରେ ବିଜେଡି ୬୨ ହଜାରରୁ ଅଧିକ ଭୋଟ ପାଇ ଆସନଟିକୁ ନିଜ ପାଖରେ ରଖିଥିବା ବେଳେ ବିଜେପି ପ୍ରାର୍ଥୀ ୪୪ ହଜାର ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ୫୦ ହଜାରରୁ ଅଧିକ ଭୋଟ ପାଇଥିବା ସ୍ୱାଧୀନ ପ୍ରାର୍ଥୀ ତଥା ଏଥର ନୂଆପଡ଼ାରୁ କଂଗ୍ରେସ ଟିକଟରେ ଲଢୁଥିବା ବେଳେ ଦଳୀୟ କର୍ମୀମାନେ ମଧ ଆଗ ଧାଡ଼ିର କଂଗ୍ରେସ ନେତାଙ୍କ ପ୍ରଚାରକୁ ଚାହିଁବସିଛନ୍ତି। କଂଗ୍ରେସର ପ୍ରଚାର ତାଲିକାରେ ସଚିନ୍ ପାଇଲଟ ଓ କହ୍ନେୟା କୁମାର ଭଳି ନେତାଙ୍କ ନାମ ଥିବା ବେଳେ ବିହାର ନିର୍ବାଚନ ପରିପ୍ରେକ୍ଷୀରେ ସେମାନେ କେତେଦୂର ନୂଆପଡ଼ା ଉପନିର୍ବାଚନକୁ ଆସିବେ ତାହାକୁ ନେଇ କର୍ମୀମାନେ ସନ୍ଦେହରେ ଅଛନ୍ତି। ଏଠାରେ ତ୍ରିକୋଣୀୟ ଲଢ଼େଇ ଏକପ୍ରକାର ନିଶ୍ଚିତ ହେଉଥିବା ବେଳେ ମୋହନ ଓ ନବୀନଙ୍କ ପ୍ରଚାର ପରେ ଚିତ୍ର ଧିରେ ଧିରେ ସ୍ପଷ୍ଟ ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

### କଣ୍ଟ୍ରୋଲ୍ ରୁମ୍‌ରେ...

ସମସ୍ତ ପଦକ୍ଷେପକୁ ସୁନିଶ୍ଚିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର, ପୋଲିସ ମହାନିର୍ଦ୍ଦେଶକ ଓ ବିଭିନ୍ନ ବିଭାଗର ସଚିବ ମାନେ ବିଭାଗୀୟ ପ୍ରସ୍ତୁତି ଉପରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତଥ୍ୟ ଉପସ୍ଥାପନା କରିଥିଲେ।

ଆଲୋଚନାରୁ ଜଣାଯାଇଛି ଯେ ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଆଦି ୮ଟି ଜିଲ୍ଲାରେ ବାତ୍ୟାର ସର୍ବାଧିକ ପ୍ରଭାବ ରହିବ। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ୨୦୪୮ଟି ବାତ୍ୟା-ବନ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ କରି ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୮ଟି ଜିଲ୍ଲାରେ ୧୧,୩୯୬ ଜଣ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ଆବଶ୍ୟକହେଲେ ଆହୁରି ୩୦,୫୫୪ ଜଣଙ୍କୁ ସ୍ଥାନାନ୍ତରିତ କରାଯିବ। ୧୮୭୧ ଜଣ ଗର୍ଭବତୀ ମହିଳାଙ୍କୁ ମଧ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି ଏବଂ ଆହୁରି ୮୨୨ ଜଣଙ୍କୁ ସ୍ଥାନାନ୍ତରିତ କରାଯିବ। ସମୁଦାୟ ୨୬୯୩ ଜଣ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯିବ। ବାତ୍ୟାର ମୁକାବିଲା ପାଇଁ ୩୦ ଟି ଓଡ୍ରାଫ, ୫ଟି ଏନ୍.ଡି.ଆର୍.ଏଫ ଏବଂ ୧୨୩ଟି ଅଗ୍ନିଶମ ଦଳକୁ ମୁତୟନ କରାଯାଇଛି। ଆହୁରି ଅଧିକ ଟିମ୍ ଆଲର୍ଟରେ ଅଛନ୍ତି। ଆବଶ୍ୟକ ପଡିଲେ ନିୟୋଜିତ କରାଯିବ। ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲାରେ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରଗୁଡିକୁ ୩୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଆବଶ୍ୟକହେଲେ ଛୁଟିର ସମୟସୀମା ବଢ଼ାଯିବ। ଏହାଛଡ଼ା ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ଓ ପାନୀୟ ଜଳ ଯୋଗାଣ ପାଇଁ ଇଞ୍ଜିନିୟରିଂ ବିଭାଗଗୁଡିକ ପ୍ରସ୍ତୁତ ହୋଇ ଅଛନ୍ତି। ବିକଳ୍ପ ଭାବେ ସମସ୍ତ ଜରୁରୀ ସେବା ସଂସ୍ଥାଗୁଡିକରେ ଡିଜି ସେଟ୍ ମହଜୁଦ ରଖାଯାଇଛି। ସମସ୍ତ ପ୍ରଭାବିତ ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ପର୍ଯ୍ୟାପ୍ତ ପରିମାଣର ସାପକାମୁଡା ଇଞ୍ଜେକ୍ସନ୍, ଔଷଧ ଓ ଚିକିତ୍ସା କିଟ୍ ମହଜୁଦ୍ ରଖାଯାଇଛି। ଆହୁରି ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଓ ପାହାଡିଆ ଅଞ୍ଚଳରେ ଭ୍ରମଣ ପାଇଁ ପର୍ଯ୍ୟଟକମାନଙ୍କୁ ବାରଣ କରାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ମଧ ସମୁଦ୍ର ଭିତରକୁ ନଯିବା ପାଇଁ ସତର୍କ କରାଯାଇଛି।

ସେହିପରି ମୁଖ୍ୟମନ୍ତ୍ରୀ ସନ୍ଧ୍ୟାରେ ଏସ୍‌ଆର୍‌ସିଙ୍କ ସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସେଣ୍ଟ୍ରାଲ୍ ରୁମ୍‌ରେ ମୋନ୍ଥାର ସମୀକ୍ଷା କରିଛନ୍ତି। ଏହି ସମୟରେ ସେ ୮ ଜିଲ୍ଲାର ଜିଲ୍ଲାପାଳ ଓ ଆର୍‌ଡିସିଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଗଜପତି ଓ ଗଞ୍ଜାମ କିଛି ସ୍ଥାନରେ ୧୧୫ ମିଲିମିଟର ବର୍ଷା ରେକର୍ଡ ହୋଇଛି। ବାତ୍ୟା ମୋନ୍ଥାର ଲ୍ୟାଣ୍ଡଫଲ ସମୟରେ ବି ମାଲକାନଗିରି ଜିଲ୍ଲାରେ ବିଶେଷ ପ୍ରଭାବ ନାହିଁ। କୌଣସି ବଡ଼ ଧରଣର ଅଘଟଣ ବର୍ତ୍ତମାନ ସୁଦ୍ଧା ଘଟିନାହିଁ। ରେଡ୍ ଜୋନରେ ଥିବା ଥିବା ୮ ଜିଲ୍ଲାରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ ଆଲର୍ଟରେ ରହିଛନ୍ତି। ଆସନ୍ତାକାଲି ସୁଦ୍ଧା ମୋଟ ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରିବା ଲକ୍ଷ୍ୟ ରହିଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟା ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ। ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

## ଯୁବତୀ ଅପହରଣ ଉଦ୍ୟମ ଘଟଣାରେ ନୂଆ ମୋଡ଼

# ମୁଖ୍ୟ ଅଭିଯୁକ୍ତର ଆତ୍ମସମର୍ପଣ

**ଯାଜପୁର,୨୮।୧୦ (ସଂଚାର ବ୍ୟୁରୋ):** ଧର୍ମଶାଳା ଥାନା ଅଧୀନ ମୁରାଲିପୁର–କଣ୍ଟାମାଳିଆ ରାସ୍ତାରେ ଘଟିଥିବା ଯୁବତୀ ଅପହରଣ ଉଦ୍ୟମ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଶେଷେ ଧର୍ମଶାଳା ଥାନାରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ଅଭିଯୁକ୍ତ ଜଣକ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଅଞ୍ଚଳର ଥିବା ଜଣାପଡ଼ିଛି। ସେ ଘଟଣା ପଛର ମୁଖ୍ୟ ମାଷ୍ଟରମାଇଣ୍ଡ ବୋଲି ପୁଲିସ ଉତ୍ସରୁ ଜଣାଇଛି। ଯଦିଓ ଆତ୍ମସମର୍ପଣ ବିଷୟରେ ପୁଲିସ ପକ୍ଷରୁ ଆଧିକାରିକ ଭାବରେ କୌଣସି ସ୍ପଷ୍ଟ ବିଜ୍ଞପ୍ତି ଜାରି ହୋଇନି, ତଥାପି ଘଟଣା ଅଞ୍ଚଳରେ ଚର୍ଚ୍ଚାର ନୂଆ ରୂପ ନେଇଛି। ଗତ ବୁଧବାର ରାତି ପ୍ରାୟ ୮ଟା ସମୟରେ ମୁରାଲିପୁର ଗ୍ରାମର ଦୁଇ ଯୁବତୀ ଜାରକା ବଜାରରୁ ଘରକୁ ଫେରୁଥିବା ବେଳେ ଏକ ଦଳ ଅଭିଯୁକ୍ତ କାରରେ ଆସି ଅପହରଣ ଚେଷ୍ଟା କରିଥିଲେ। ସେହି ସମୟରେ ସ୍ଥାନୀୟ ଲୋକମାନେ ଧାଇଁ ଆସି ଜିତେନ୍ଦ୍ର ଦୋରା ନାମକ ଜଣକୁ ଧରି ପୁଲିସଙ୍କ ହାତକୁ ଦେଇଥିଲେ, ଯାହାକୁ ପୁଲିସ ପରେ କୋର୍ଟଚାଲାଣ କରିଥିଲା। ଅନ୍ୟ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଥିଲେ। ଘଟଣା ସମ୍ପର୍କରେ ଯୁବତୀ ନିଜେ ଥାନାରେ ଅଭିଯୋଗ ଦାଖଲ କରିଥିଲେ। ତଦନ୍ତରେ ଜଣାପଡ଼ିଛି ଯେ ମୁଖ୍ୟ ଅଭିଯୁକ୍ତର ମାମୁ ସେହି ଯୁବତୀଙ୍କ ବାପା ହେବା ସହିତ, ଏହି ଅପହରଣ ଚେଷ୍ଟା ପଛରେ ଏକତରଫା ପ୍ରେମ ହିଁ ମୁଖ୍ୟ କାରଣ ବୋଲି ଅଞ୍ଚଳରେ ଜୋର ଚର୍ଚ୍ଚା ଚାଲିଛି। ଘଟଣା ନେଇ ପୁଲିସ ଅଧିକାରୀମାନେ ତଦନ୍ତ ଜାରି ରଖିଛନ୍ତି। ଅଭିଯୁକ୍ତଙ୍କୁ ଆଦାଲତରେ ଉପସ୍ଥାପନ କରିବା ସହ ସମ୍ପୃକ୍ତ ଅନ୍ୟମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଚାଲିଛି।

## ବେଆଇନ ଗୋରୁ ଚାଲାଣ ନେଇ ଉତ୍ତେଜନା



**ଯାଜପୁର,୨୮।୧୦ (ସଂଚାର ବ୍ୟୁରୋ):** ଯାଜପୁର ସଦର ଅଞ୍ଚଳରେ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ଘଟଣାକୁ ନେଇ ଗତକାଲି ସଦର ଥାନା ପରିସରରେ ଉତ୍ତେଜନା ଦେଖାଯାଇଥିଲା। ନବଭାରତ ହିନ୍ଦୁ ସଂଗଠନ ଓ ବଜରଙ୍ଗ ଦଳ ପକ୍ଷରୁ ମିଳିତ ଭାବେ ଯାଞ୍ଚ ଚାଲିଥିବା ବେଳେ ଗୋଟିଏ ଟାଟା ଏସି ଗାଡ଼ି (ଓଡିଶା ୦୨-ଉଇ-୫୭୮୦)କୁ ବରୁଆଁ ଛକ ନିକଟରେ ଅଟକାଇ ଥିଲେ। ଗାଡ଼ି ଭିତରେ ତିନୋଟି ଗୋରୁ ଥିବା ଦେଖି ସଂଗଠନ କର୍ମୀମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଚାଳକ ବସନ୍ତ ପତିଙ୍କୁ ଅଟକ କରିଥିଲେ। ଗାଡ଼ିରେ ଥିବା ଗୋରୁମାନଙ୍କୁ ପରେ କୁଆଖିଆ ଗୋଶାଳାରେ ରଖାଯାଇଥିବା ସୂଚନା ମିଳିଛି। ଏହି ଘଟଣା ପରେ ନବ ଭାରତ ହିନ୍ଦୁ ସଂଗଠନ ଓ ବଜରଙ୍ଗ ଦଳର ଜିଲ୍ଲା କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସଦର ଥାନା ସମ୍ମୁଖରେ ଏକତ୍ରିତ ହୋଇ ପୁଲିସ ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ। ସେମାନେ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇ ଗୋଚାଲାଣ ରୋକିବା ପାଇଁ ତତ୍କାଳ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଯଦି ପୋଲିସ ଶୀଘ୍ର ବେଆଇନ ଗୋରୁ ଚାଲାଣ ଉପରେ ରୋକ ଲଗାଇ ଦୃଢ଼ ପଦକ୍ଷେପ ନନିଏ, ତେବେ ସେମାନେ ରାଜପଥରେ ଆଗାମୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ପୁଅର ଟାଙ୍ଗିଆ ଚୋଟରେ ବୃଦ୍ଧ ବାପା ମୃତ



**ନବରଙ୍ଗପୁର/ଉମରକୋଟ,୨୮।୧୦ (ସଂଚାର ବ୍ୟୁରୋ):** ପୁଅର ଟାଙ୍ଗିଆ ମାଡ଼ରେ ୮୦ ବର୍ଷୀୟ ବୃଦ୍ଧ ବାପାର ମୃତ୍ୟୁ। ଏହିଭଳି ଅଭାବନୀୟ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ବଡ଼ବାସିନୀ ଗ୍ରାମରେ, ପିତୃହନ୍ତା ପୁଅ ବିଶ୍ୱନାଥ ରାଜଗଣ୍ଡ ନିଜ ୮୦ ବର୍ଷୀୟ ବୃଦ୍ଧ ବାପା ସାଧୁ ରାଜଗଣ୍ଡଙ୍କୁ ଶୋଇଥିବା ସମୟରେ ଟାଙ୍ଗିଆରେ ଆକ୍ରମଣ କରି ହତ୍ୟା କରିଛି । ଉମରକୋଟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ପୁଅକୁ ଓ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ବର୍ତ୍ତମାନ ସୁଦ୍ଧା ହତ୍ୟାର କାରଣ ଅସ୍ପଷ୍ଟ ରହିଛି ।

## ବ୍ରାଉନ ସୁଗାର ଜବତ, ଜଣେ ମହିଳା ଗିରଫ



**ଖୋର୍ଦ୍ଧା,୨୮।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ଅବକାରୀ ୟୁନିଟ ପକ୍ଷରୁ ମଙ୍ଗଳବାର ଦିନ ଖୋର୍ଦ୍ଧା ସହରର ଭାଲିଆବାଡ଼ିରେ ଏକ ଘରେ ଚଢ଼ାଉ କରି ୧୦.୫୦ ଲକ୍ଷ ଟଙ୍କା ମୂଲ୍ୟର ୧୦୫ ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି। ଚଢ଼ଉ ସମୟରେ ମହିଳା ନିଶା ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ମହିଳା ନିଶା ବ୍ୟବସାୟୀ ସରସ୍ୱତୀ ପଲେଇ (୩୬) ବୋଲି ଚିହ୍ନଟ କରାଯାଇଛି। ଭାଲିଆବାଡ଼ିର ସରସ୍ୱତୀଙ୍କ ଘରେ ଚାଲିଥିବା ବ୍ରାଉନ୍ ସୁଗାର କାରବାର ସମ୍ପର୍କରେ ଜିଲ୍ଲା ମୋବାଇଲ୍ ୟୁନିଟ୍ ସୂଚନା ପାଇବା ପରେ ଆଜି ସକାଳେ ଏହି ଚଢ଼ାଉ କରାଯାଇଥିଲା। ଜିଲ୍ଲା ମୋବାଇଲ୍ ୟୁନିଟ୍‌ର, ଇନିସପେକ୍ଟର ତପସ୍ୱିନୀ ବରାଳ, ସବଇନିସପେକ୍ଟର,ସୁଜିତ କୁମାର ନାଗ, ଏ.ଏସ.ଆଇ.ସଞ୍ଜୟ କୁମାର ରାଉତ, ଜିତେନ୍ଦ୍ର ହେମ୍ବ୍ରମ, ଅବକାରୀ କନଷ୍ଟେବଳ, ସତ୍ୟବନ୍ତ ମାଝୀ, ସ୍ୱପ୍ନା ରାଣୀ ବେହେରା, ଟିଟୁ ସାହୁ, ପ୍ରଣବ ବେହେରାଙ୍କ ନେତୃତ୍ୱରେ ଏକ ଦଳ ଚଢ଼ାଉ କରିବା ସହିତ ଅଭିଯୁକ୍ତ ର ଘରେ ତଲାସୀ କରି ବ୍ରାଉନ୍ ସୁଗାର ଜବତ କରିଥିଲେ। ଘଟଣାସ୍ଥଳରୁ ୧୫୦୦ ଟଙ୍କା ମଧ ଜବତ କରାଯାଇଥିଲା। ଏନ.ଡ଼ି.ପି.ଏସ.ଆଇନ ଅନୁଯାୟୀ ଏକ ମାମଲା ପି.ଆର.ନଂ-୨୯୨/୨୦୨୫-୨୬ରେ ରୁଜୁ କରାଯାଇ ଅଭିଯୁକ୍ତାଙ୍କୁ ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦିଆଯାଇଛି।

## କିଓସ୍କ ବ୍ୟାଙ୍କ କର୍ମଚାରୀଙ୍କ ଠାରୁ ଲୁଟ୍ ଅଭିଯୋଗ

**ଡାବୁଗାଁ,୨୮।୧୦ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲା ଡ଼ାବୁଗାଁ ବ୍ଲକ ଅଧିନ ଛେରାଗୁଡ଼ା ଗ୍ରାମ ନିକଟ ରାସ୍ତା ଉପରେ ମଙ୍ଗଳବାର ସକାଳ ୧୦ ଘ. ସମୟରେ କିଓସ୍କ ବ୍ୟାଙ୍କ କର୍ମଚାରୀଙ୍କ ଠାରୁ ୩ଟି ଲାପଟପ୍ ଓ ୧ଲକ୍ଷ ୧୮ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ନେଇ ମଙ୍ଗଳବାର ଅପରାହ୍ନରେ ଡ଼ାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନଯୋଗ୍ୟ ଡ଼ାବୁଗାଁ ବ୍ଲକ ଅଧିନ ବଡଓଲମା ଗ୍ରାମର ବସନ୍ତ ବିଷୋୟୀ (୩୩) ଜବାଗୁଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ କିଓସ୍କ ବ୍ୟାଙ୍କକୁ ମଙ୍ଗଳବାର ସକାଳ ପ୍ରାୟ ୧୦ଘ ସମୟରେ ଯାଉଥିବା ବେଳେ ବଡଓଲମା-ଜବାଗୁଡ଼ା ମୁଖ୍ୟ ରାସ୍ତାର ଛେରାଗୁଡ଼ା ଗ୍ରାମ ଛକ ନିକଟରେ ୩ ଜଣ ଦୁର୍ବୃତ୍ତ ବସନ୍ତଙ୍କୁ ଅଟକାଇ ଆଖିରେ ଲଙ୍କାଗୁଣ୍ଡ ମିଶା ପାଣି ସ୍ପ୍ରେ କରି ତାଙ୍କ ପାଖରେ ଥିବା ୩ଟି ଲାପଟପ୍ ଓ ୧ ଲକ୍ଷ୧୮ ହଜାର ଟଙ୍କା ଲୁଟିନେଇ ଥିଲେ । ଏନେଇ ବସନ୍ତ ଡ଼ାବୁଗାଁ ଥାନାରେ ଏତଲା ଦେଇଛନ୍ତି।

# ଇନ୍ଦ୍ରାବତୀରୁ ଜଳ ନିଷ୍କାସନ ନେଇ ସତର୍କ ସୂଚନା ଜାରି

**ନବରଙ୍ଗପୁର/ତେନ୍ତୁଳୀଖୁଣ୍ଟି,୨୮।୧୦ (ସଂଚାର ବ୍ୟୁରୋ):** ସାମୁଦ୍ରିକ ଝଡ଼ 'ମୋନ୍ଥା' ପ୍ରଭାବରେ ଜିଲ୍ଲାରେ ତେନ୍ତୁଳୀଖୁଣ୍ଟି ବ୍ଲକ ଖାତିଗୁଡା ଠାରେ ଥିବା ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପର ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ହେବାର ଆଶଙ୍କା ରହିଛି। ସମ୍ଭାବ୍ୟ ସ୍ଥିତିକୁ ନେଇ ଯେକୌଣସି ମୁହୂର୍ତ୍ତରେ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳ ନିଷ୍କାସନ କରାଯିବା ନେଇ ସତର୍କ ସୂଚନା ଜାରି କରାଯାଇଛି ଜିଲ୍ଲା ପ୍ରଶାସନ। ଏ ସମ୍ପର୍କରେ ଡାକବାଜି ସାହାଯ୍ୟରେ ଲୋକଙ୍କୁ ସତର୍କ କରାଉଛନ୍ତି। ଇନ୍ଦ୍ରାବତୀ ଜଳ ଭଣ୍ଡାରର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୪୨ ମିଟର ରହିଥିବା ବେଳେ ଆଜି ସୁଦ୍ଧା ୬୪୦.୮୧ ମିଟର ରହିଛି।



ଇନ୍ଦ୍ରାବତୀ ନଦୀର ନିମ୍ନ ଭାଗରେ ଥିବା ଜନସାଧାରଣ ନଦୀରେ କୌଣସି ପ୍ରକାର ବ୍ୟବହାର ନକରିବାକୁ ନିବେଦନ କରାଯିବା ସହ ନିଜର ପଶୁ ସମ୍ପଦକୁ ନଦୀ ପାର୍ଶ୍ୱରୁ ଅପସାରଣ କରିବାକୁ ଅନୁରୋଧ କରିଛନ୍ତି ଡ୍ୟାମ କର୍ତ୍ତୃପକ୍ଷ। ରାତି ସମୟରେ ନଦୀ ଗର୍ଭରେ ଯାତାୟାତ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏଥିସହ ନିର୍ଦ୍ଦେଶର ଅବମାନନା କରି କ୍ଷୟକ୍ଷତି ହେଲେ କର୍ତ୍ତୃପକ୍ଷ ଦାୟୀ ନୁହଁ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି ଉପର ଇନ୍ଦ୍ରାବତୀବନ୍ଧ ମଣ୍ଡଳର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ। ଯଦି ପାଣି ନିଷ୍କାସନ କରାଯାଏ ତାହାହେଲେ ତଳଭଗରେ ଥିବା ତେନ୍ତୁଳୀଖୁଣ୍ଟି, ନନ୍ଦାହାଣ୍ଡି, ନବରଙ୍ଗପୁର ଓ କୋସାଗୁମୁଡା ବ୍ଲକର ନଦୀ ତଟବର୍ତ୍ତୀ ଅଞ୍ଚଳ ପ୍ରଭାବିତ ହେବାର ଆଶଙ୍କା ରହିଛି। ଅପରପକ୍ଷରେ ଜଳଭଣ୍ଡାରରେ ବର୍ତ୍ତମାନ ୮୯.୦୬ ପ୍ରତିଶତ ଜଳ ଥିବାରୁ ବର୍ଷାର ପରିମାଣ କେତେ ରହିବ ଓ ଜଳଭଣ୍ଡାର ରେ କେତେ ପରିମାଣର ଜଳ ଗଚ୍ଛିତ ହେଉଛି ତାହା ଦେଖିବା ପରେ ଜଳ ନିଷ୍କାସନ ନେଇ ଆଲୋଚନା କରାଯିବ ବୋଲି ଜଣାଯାଇଛି।

## ଶିକ୍ଷାମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ସରକାରୀ ଆଦେଶକୁ ଫୁଁ'

**ନବରଂଗପୁର/ରାଇଘର,୨୮।୧୦ (ସଂଚାର ବ୍ୟୁରୋ):** ବାତ୍ୟା 'ମୋନ୍ଥା'କୁ ନେଇ ରାଜ୍ୟ ସରକାର ନବରଙ୍ଗପୁର ଜିଲ୍ଲାକୁ ରେଡ ଜୋନ୍ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଗୁଡିକୁ ତିନି ଦିନ ପାଇଁ ବନ୍ଦ ଘୋଷଣା କରିଛନ୍ତି। କିନ୍ତୁ ଏହି ସ୍କୁଲ ବନ୍ଦ ଘୋଷଣାରେ କେବଳ ଛାତ୍ରଛାତ୍ରୀ ସ୍କୁଲକୁ ନ ଆସିବାକୁ ନିର୍ଦ୍ଦେଶ ରହିଛି କିନ୍ତୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ନୁହଁ। କିନ୍ତୁ ନବରଙ୍ଗପୁର



ଜିଲ୍ଲା ରାଇଘର ବ୍ଲକରେ ଏହାର ବିପରୀତ ଦେଖିବାକୁ ମିଳିଛି। ବ୍ଲକର ଅଧିକାଂଶ ସ୍କୁଲରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ସ୍କୁଲ କୁ ନଆସି ସ୍କୁଲରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି।

ଏନେଇ ଆମେ ବିଇଓଙ୍କ ସହ ଯୋଗାଯୋଗ କରିବାରୁ କହିଥିଲେ ଯେ ବ୍ଲକ ଅଧୀନରେ ଥିବା ସମସ୍ତ ସ୍କୁଲକୁ ଚିଠି କରାଯାଇଥିଲା ଯେ ସମସ୍ତ ଶିକ୍ଷକ ସକାଳ ଦଶଟାରୁ ଚାରିଟା ଯାଏଁ ସ୍କୁଲରେ ଉପସ୍ଥିତ ରହିବେ। କିନ୍ତୁ ଯେହେତୁ ଏମାନେ ବ୍ୟତିକ୍ରମ କରିଛନ୍ତି ତ ଆସନ୍ତାକାଲି ଏହା ଉପରେ ଆଲୋଚନା କରିବା ନେଇ ପ୍ରକାଶ କରିଥିଲେ।

## ବାତ୍ୟା ମୁକାବିଲା କରିବାକୁ ଅଗ୍ନିଶମ ବାହିନୀ ସଜାଗ



**କାକଟପୁର/ଅସ୍ତରଙ୍ଗ,୨୮।୧୦ (ସଂଚାର ବ୍ୟୁରୋ):** ବଙ୍ଗୋପ ସାଗର ସୃଷ୍ଟ ଲଘୁଚାପ କ୍ରମଶଃ ଘନୀଭୂତ ହେଉଥିବା ବେଳେ ମୋନ୍ଥା ଉପକୂଳ ଅଂଚଳ ମୁହାଁ। ଯାହାକୁ ନେଇ ଉପକୂଳ ବର୍ତ୍ତୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳ ଲୋକେ ଭୟଭୀତ ଥିବା ବେଳେ ବାତ୍ୟା ପାଇଁ ଅଗ୍ନିଶମ ବାହିନୀ ତରଫରୁ ପ୍ରସ୍ତୁତ ଆରମ୍ଭ ହୋଇଛି। କଳ ତୟାର, ବଳ ବି ତୟାର। ବାତ୍ୟା ମୋନ୍ଥା ନିଜ ଦମ୍ ଦେଖାଇବା ଆଗରୁ ଏହାର ମୁକାବିଲା କରିବାକୁ ବିପର୍ଯ୍ୟୟ ଯୋଦ୍ଧା ତୟାର। ଅଗ୍ନିଶମ ବାହିନୀ ଆଧୁନିକ ସରଞ୍ଜାମ ସହ ଗ୍ରାଉଣ୍ଡରେ ଆରମ୍ଭ କଲେଣି ସମରସଜ୍ଜା। ବାତ୍ୟା ବାଟ ଉଗାଳିବା ସିନା ମୁସ୍କିଲ କିନ୍ତୁ ଏହାର କ୍ଷୟ କ୍ଷତି କମ୍ କରିବା ଅସମ୍ଭବନୁହେଁ। ବାତ୍ୟା ଯିବା ମାତ୍ରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ମଧ ପ୍ରସ୍ତୁତ ହେଲଣି।ଜୀବନ ଯାତ୍ରା ସ୍ୱାଭାବିକ କରିବାକୁ ସମସ୍ତେ ହୋଇ ସାରିଲେଣି ଭୀଷ୍ମ ପ୍ରତିଜ୍ଞା। ସ୍ଥିତି ମୁକାବିଲା କରିବା ପାଇଁ ପାୱାର ବୋଟ, କଟର, ଲାଇଫ ଜ୍ୟାକେଟ, ଆସ୍କା ଲାଇଟି, ଜେନେରେଟର ପ୍ରଭୃତି ରଖିଛି ଅଗ୍ନିଶମ ବିଭାଗ।ପୁରୀ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଅସ୍ତରଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ପ୍ରସ୍ତୁତ ଥିବା ବେଳେ ବାତ୍ୟା ପୂର୍ବରୁ ସ୍ଥାନାନ୍ତର ଓ ବାତ୍ୟା ପରେ ଉଦ୍ଧାର ସହ ରିଲିଫ ପରିଚାଳନା ଇତ୍ୟାଦି ରେ ଅଗ୍ନିଶମ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

# ବାତ୍ୟା 'ମୋନ୍ଥା' ପାଇଁ ପ୍ରଶାସନର ପ୍ରସ୍ତୁତି ଶେଷ

**ମୁଖ୍ୟମନ୍ତ୍ରୀ କଲେ ସମୀକ୍ଷା**

**ଆସନ୍ତା ୨୪ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ**

**କାର୍ଯ୍ୟରେ ଅବହେଳା ପାଇଁ ବରିଷ୍ଠ କର୍ମଚାରୀ ନିଲମ୍ବିତ**

**ଛତ୍ରପୁର,୨୮।୧୦ (ସଂଚାର ବ୍ୟୁରୋ):** ବାତ୍ୟା 'ମୋନ୍ଥା'ର ଆସନ୍ନ ଘଟଣାକୁ ଦୃଷ୍ଟିରେ ରଖି, ଗଞ୍ଜାମ ପ୍ରଶାସନ ଆସନ୍ତା ୨୪ ଘଣ୍ଟାରେ ଅତ୍ୟନ୍ତ ସବଧାନ ଏବଂ ସକ୍ରିୟ ଅବସ୍ଥାରେ ରହିଛି। ଆଜି ସକାଳେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍ଫରେନ୍ସିଂ ମାଧମରେ ବାତ୍ୟା ପରିସ୍ଥିତିର ସମୀକ୍ଷା କରି, ବାତ୍ୟା ପରବର୍ତ୍ତୀ କ୍ଷତି ଆକଳନକୁ ଦ୍ରୁତ ଭାବେ ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି।

ଏହାକୁ ନେଇ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଜନସାଧାରଣଙ୍କ ଉଦ୍ୟଶରେ ସୂଚନା ଦେଇ କହିଛନ୍ତି ସମସ୍ତ ବିଭାଗ ବାତ୍ୟା ପରବର୍ତ୍ତୀ ପରିସ୍ଥିତିକୁ ମୁକାବିଲା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିଅଛି। କାର୍ଯ୍ୟରେ ଅବହେଳା ଦେଖାଯାଇଥିବାରୁ, ଶେରଗଡ଼ ବ୍ଲକର ବରିଷ୍ଠ କର୍ମଚାରୀ ସଦାନନ୍ଦ ବେହେରାଙ୍କୁ ସସ୍ପେଣ୍ଡ କରାଯାଇଛି। ସେହିପରି ୩୭୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବରେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ପୋଡମପେଟା ଅଞ୍ଚଳରେ ଭାଙ୍ଗିଥିବା ଘରଗୁଡ଼ିକୁ ବ୍ୟାରିକେଡ୍ କରି ଜନସାଧାରଣଙ୍କ ପ୍ରବେଶ ରୋକାଯାଇଛି। ଜଳଭଣ୍ଡାରଗୁଡ଼ିକରେ ପାଣିର ସ୍ତର ନିରନ୍ତର ନୀରକ୍ଷଣ ରହିଛି। ୯୭୦ ଗର୍ଭବତୀ ମହିଳାଙ୍କୁ ପୂର୍ବସତର୍କତା ଭାବେ ସୁରକ୍ଷିତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା ସୁବିଧା ଯୋଗାଯାଇଛି। ଓଡ୍ରାଫର ୪ଟି ଦଳ ବ୍ରହ୍ମପୁର, ଆସ୍କା, ଭଞ୍ଜନଗର ଓ ଛତ୍ରପୁରରେ ନିୟୋଜିତ ଅଛନ୍ତି। ଆକସ୍ମିକ ଆପଦକାଳୀନ ସହଯୋଗ ପାଇଁ ପ୍ରସ୍ତୁତ ରଖାଯାଇଥିବା ସହ ଆର୍ମି ଏୟାର ଡିଫେନ୍ସ କଲେଜର ୨ଟି ବିଶେଷ ଦଳ ବିକଳ୍ପ ଭାବରେ ନିୟୋଜିତ କରାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସୁରକ୍ଷିତ ରଖାଯାଇଛି, ଗଞ୍ଜାମର କୌଣସି ଟ୍ରଲରକୁ ସମୁଦ୍ରକୁ ଯିବାକୁ ଅନୁମତି ନାହିଁ। ଆନ୍ଧ୍ରରୁ ଆସିଥିବା ଟ୍ରଲରମାନଙ୍କୁ ଗୋପାଳପୁର ପୋର୍ଟରେ ଆଶ୍ରୟ, ଖାଦ୍ୟ ଓ ପାଣି ସାହାଯ୍ୟ ଯୋଗାଯାଇଛି। ସତର୍କ ବିଜ୍ଞପ୍ତି ଅନୁସାରେ, ଆଗାମୀ ୨ ଦିନ ସମୁଦ୍ରକୂଳ ଭ୍ରମଣ ପୂର୍ଣ୍ଣରୂପେ ନିଷିଦ୍ଧ କରାଯାଇଛି। ପ୍ରଶାସନ ଲୋକଙ୍କୁ ଘରୁ ବାହାରୁ ନ ଆସିବାକୁ ଆହ୍ୱାନ କରିଛି, ଯାହା ନିଜେ ଓ ଅନ୍ୟମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବ।

## କାଳୀପୂଜା ବୁଲିଲେ ଯୁବନେତା ସଂଗ୍ରାମ



**ଯାଜପୁର,୨୮।୧୦ (ସଂଚାର ବ୍ୟୁରୋ):** ଯାଜପୁରର ଗଣ ପର୍ବ କାଳୀ ପୂଜା ଅବସରରେ ଗତକାଲି ଶେଷଦିନରେ ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ଉପସଭାପତି ତଥା ଯାଜପୁର ନିର୍ବାଚନ ମଣ୍ଡଳୀର ୟୁଥ୍ ଆଇକନ୍ ସଂଗ୍ରାମ କେଶରୀ ପାତ୍ର ସହରର ବିଭିନ୍ନ ପୂଜା ମଣ୍ଡପକୁ ଶତାଧିକ ସମର୍ଥକଙ୍କ ସହ ଆଶୀର୍ବାଦ ଯାତ୍ରା କଲେ। ସଂଗ୍ରାମ ପାତ୍ର ପ୍ରତ୍ୟେକ ମଣ୍ଡପରେ ମା' କାଳୀ ଓ ଲକ୍ଷ୍ମୀ ନାରାୟଣଙ୍କ ଆଶୀର୍ବାଦ ନେଇ, ଯାଜପୁରବାସୀଙ୍କ ଶାନ୍ତି, ସମୃଦ୍ଧି ଓ ଉନ୍ନତି ପାଇଁ ପ୍ରାର୍ଥନା କଲେ। ସେ କହିଲେ, "ମା କାଳୀଙ୍କ ଆଶୀର୍ବାଦ ରହିଲେ ଯାଜପୁର ଉନ୍ନତିର ନୂଆ ଅଧ୍ୟାୟ ଲେଖିବ।" ସଂଗ୍ରାମଙ୍କ ଆଗମନକୁ ନେଇ ସ୍ଥାନୀୟ ଯୁବକ, ନାଗରିକ ଓ ମହିଳାମାନେ ବିଶେଷ ଉତ୍ସାହ ଜଣାଇଲେ। ଅନେକ ସ୍ଥାନରେ ସମର୍ଥକମାନେ ତାଙ୍କୁ ଫୁଲମାଳା ପିନ୍ଧାଇ ସ୍ୱାଗତ କଲେ। ସୋସିଆଲ୍ ମିଡିଆରେ ମଧ ତାଙ୍କ ଏହି ପୂଜା ଦର୍ଶନର ଫଟୋ ଓ ଭିଡିଓ ଭାଇରାଲ୍ ହୋଇ ଯୁବପିଢ଼ି ମଧରେ ଭାବନାର ସୃଷ୍ଟି କରିଛି।

## ଅଶ୍ଳୀଳ ଭିଡିଓ ଭାଇରାଲ ଧମକ ଦେଇ ଯୁବକ ଗିରଫ

**ବାଲିଅନ୍ତା,୨୮।୧୦ (ସଂଚାର ବ୍ୟୁରୋ):** ଅଭିଯୋଗକାରିଣୀଙ୍କର ଲିଖିତ ରିପୋର୍ଟ ଆଧାରରେ ଆଜି ବାଲିଅନ୍ତା ଥାନା ପୁଲିସ ଜଣେ ମହିଳାଙ୍କ ଅଶ୍ଳୀଳ ଭିଡିଓ ଏବଂ ଫଟୋ ଭାଇରାଲ ମାମଲାରେ ମୟୁରଭଞ୍ଜ ଜିଲ୍ଲା ଅଧୀନ ବାରିପଦା ଥାନା ଅଞ୍ଚଳର ରାକେଶ ମିଶ୍ର ( ୩୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଯୋଗ୍ୟ ଯେ, ବାଲକାଟି ଫାଣ୍ଡି ଅଞ୍ଚଳର ଅଭିଯୋଗକାରିଣୀ ତା. ୦୯.୦୨.୨୦୨୨ ରେ ଫେସବୁକ୍ ମାଧମରେ ଅଭିଯୁକ୍ତ ରାକେଶ କୁମାର ମିଶ୍ରଙ୍କ ସହିତ ପରିଚିତ ହୋଇଥିଲେ। କ୍ରମେ ସେ ଅଡିଓ ଓ ଭିଡିଓ ଯୋଗାଯୋଗ ମାଧମରେ ତାଙ୍କ ସହିତ ନିକଟତର ହୋଇ ଭୁବନେଶ୍ୱରର କଳ୍ପନା ଛକକୁ ଡାକିଥିଲେ ଏବଂ ତାଙ୍କ ସହ ଶାରୀରିକ ସମ୍ପର୍କ ନ କଲେ ତାଙ୍କ ବ୍ୟକ୍ତିଗତ ଭିଡିଓ ପ୍ରଚାର କରିବାକୁ ଧମକ ଦେଇଥିଲେ। ପୁଲିସ ଅଭିଯୁକ୍ତ ରାକେଶକୁ ୨୭ ତାରିଖ ଅପରାହ୍ନ ରେ ଗିରଫ କରି କୋର୍ଟ ଚାଲାଣ କରିବା ସହ ମାମଲାର ଅଧିକ ତଦନ୍ତ ଜାରି ରଖିଛି।

# ହିତାଧିକାରୀଙ୍କ ଭତ୍ତା ବନ୍ଦ ନେଇ ଉତ୍ତେଜନା

## ୩ରେ ବିଞ୍ଝାରପୁର ବ୍ଲକ ଅଫିସ୍ ସାମ୍ନାରେ ଗଣଧାରଣା ଚେତାବନୀ

**ଯାଜପୁର,୨୮।୧୦ (ସଂଚାର ବ୍ୟୁରୋ):** ବିଞ୍ଝାରପୁର ବ୍ଲକର ଜରୀ ପଞ୍ଚାୟତ ଅନ୍ତର୍ଗତ ଶତାଧିକ ହିତାଧିକାରୀ ବୃଦ୍ଧାଭତ୍ତା, ବିଧବା ଭତ୍ତା ଓ ଦିବ୍ୟାଙ୍ଗ ଭତ୍ତାରୁ ବଞ୍ଚିତ ହେବାରୁ ଅଞ୍ଚଳରେ ତିବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ହଠାତ ଚଳିତ ମାସରୁ ଏହି ଭତ୍ତା ସ୍ଥଗିତ ହୋଇଯିବାକୁ ନେଇ ହିତାଧିକାରୀମାନେ ଜିଲ୍ଲାପାଳ, ବିଡିଓ, ବିଧାୟିକା ଓ ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି।



ଜଣାପଡ଼ିଛି ଯେ, ଜରୀ ପଞ୍ଚାୟତର କିଛି ବ୍ୟକ୍ତି ଉଚ୍ଚନ୍ୟାୟାଳୟରେ ମାମଲା କରିଥିବାରୁ ହିତାଧିକାରୀମାନଙ୍କ ଭତ୍ତା ଅସ୍ଥାୟୀଭାବେ ସ୍ଥଗିତ ହୋଇଛି। ଏହାକୁ ନେଇ ସମସ୍ତ ହିତାଧିକାରୀ ମଧରେ ଅସନ୍ତୋଷ ରହିଛି। ସେମାନଙ୍କ ଦାବି, ଦୀର୍ଘ ଚାରି ବର୍ଷ ଧରି ସେମାନେ ଯୋଗ୍ୟ ହିସାବରେ ଭତ୍ତା ଉପଭୋଗ କରୁଥିଲେ, ତେଣୁ ହଠାତ ଏହା ବନ୍ଦ ହେବା ଅନ୍ୟାୟ। ହିତାଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯଦି ନଭେମ୍ବର ୨ ତାରିଖ ପୂର୍ବରୁ ଭତ୍ତା ପୁନର୍ବାର ମୁକ୍ତ ନହେବ, ତେବେ ନଭେମ୍ବର ୩ ତାରିଖରେ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଗଣଧାରଣା ଦେବେ।ଏହି ଅଭିଯୋଗ ପତ୍ରରେ ଜରୀ ସରପଞ୍ଚ ନନ୍ଦକିଶୋର ମଲ୍ଲିକ, ସୁବ୍ରତ କୁମାର ସାମଲ, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ମନୋଜ କୁମାର ସାମଲ, ଯୁବନେତା ସୁବ୍ରତ କୁମାର ସାମଲ, ପ୍ରାକ୍ତନ ସମିତିସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ପ୍ରମୋଦ କୁମାର ସାମଲ, ଅମର ମଲ୍ଲିକ ଓ ଅନ୍ୟାନ୍ୟ ସ୍ଥାନୀୟ ନାଗରିକଙ୍କ ଅସ୍ତାକ୍ଷର ରହିଛି। ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ତଦନ୍ତ କରି ନ୍ୟାୟସଙ୍ଗତ ଭାବରେ ହିତାଧିକାରୀଙ୍କୁ ଭତ୍ତା ମୁକ୍ତ କରିବା ପାଇଁ ପ୍ରଶାସନ ଶୀଘ୍ର ପଦକ୍ଷେପ ନେଉ।

## ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷକ ନିରୀକ୍ଷକ ସଂଘର ବୈଠକ

**ଫୁଲବାଣୀ,୨୮।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ଗାନ୍ଧୀସ୍ମୃତି ଭବନ ଠାରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଜିଲ୍ଲା ସ୍ତରୀୟ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।




ଉକ୍ତ ବୈଠକଟି ଜିଲ୍ଲା ସଭାପତି ସୁରଥ ଚନ୍ଦ୍ର ମୁନିଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ମୁଖ୍ୟ ଅତିଥିଭାବେ କନ୍ଧମାଳ ଜିଲ୍ଲାର ବରିଷ୍ଠ ସରକାରୀ ଆଇନଜୀବୀ ତଥା ସଂଘର ଆଇନ୍ ପରାମର୍ଶଦାତା ଶ୍ରୀଯୁକ୍ତ ବିଜୟ କୃଷ୍ଣ ପଟ୍ଟନାୟକ ଓ ସମ୍ମାନିତ ଅତିଥିଭାବେ ରାଜ୍ୟ ସଂଘର ରାଜ୍ୟ ଉପସଭାପତି ଡକ୍ଟର ଦୈତାରି ଦିଗାଲ,ରାଜ୍ୟ ଯୁଗ୍ମ ସମ୍ପାଦକ ଡକ୍ଟର ତ୍ରିଲୋଚନ ପଣ୍ଡା, ଉପଦେଷ୍ଟା ରଞ୍ଜନ କୁମାର ପାଢ଼ୀ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାବୃନ୍ଦ ଯୋଗ ଦେଇଥିଲେ । ଶିକ୍ଷକ ସଂଘ ମଧ୍ୟରେ ଜାତୀୟ ଶିକ୍ଷା ନୀତି -୨୦୨୦ ଓ ଏଥିରେ ଶିକ୍ଷକଙ୍କ ଭୂମିକା ସଂମ୍ପର୍କରେ ଆଲୋଚନା କରିବା ସହ, ଜିଲ୍ଲା ଶିକ୍ଷକ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଜିଲ୍ଲା ଅଧିକାରୀଙ୍କ ନିକଟରେ ସକାରାତ୍ମକ ଆବେଦନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ତୀର୍ଥବାସୀ ଘଡ଼େଇ ପରିଚାଳନା କରିବା ସହ ନୁକ୍ସସନ୍ସ ସଂଘକୁ ଆଗକୁ କେମିତି ମଜଭୁତ ହେବ ସେ ନେଇ ଆଲୋଚନା କରିଥିଲେ ।

# ବାତ୍ୟା 'ମୋନ୍ଥା' ଡରଃ କଳାବଜାରୀ ଆରମ୍ଭ

## ପରିବା, ଅତ୍ୟାବଶ୍ୟକ ଜିନିଷ ଦର ବଢ଼ାଇଲେ, କିଣା ଅଧିକ କହି ଦୋକାନୀ ଭୁଆଁ ବୁଲାଉଛନ୍ତି

**କାକଟପୁର/ଅସ୍ତରଙ୍ଗ,୨୮।୧୦ (ସଂଚାର ବ୍ୟୁରୋ):** ବାତ୍ୟା ସୂଚନା ପାଇବା ପରେ ଲୋକେ ମାର୍କେଟରୁ ଅଧିକ ରାସନ, ପରିବା ଆଦି ଆବଶ୍ୟକ ସାମଗ୍ରୀ କିଣୁଥିବା ଦେଖିବାକୁ ମିଳୁଛି। ବାତ୍ୟା ଖବର ପ୍ରକାଶିତ ହେବା ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ସାପ୍ତାହିକ ହାଟରେ କିଛି ଅସାଧୁ ବ୍ୟବସାୟୀ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରିବା ସହ ଅଧିକ ଦାମରେ ଆଳୁ କିଣୁଛୁ କହି କଳା ବଜାରୀ କରିଛନ୍ତି। କିନ୍ତୁ ବାତ୍ୟା ନାଁରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ପରିବା ଦର ବଢ଼ାଇଲେଣି ଅସାଧୁ ବ୍ୟବସାୟୀ ।



ମଙ୍ଗଳବାର ସକାଳୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ କେତେକ ସ୍ଥାନରେ ଥିବା ଖୁଚୁରା ବ୍ୟବସାୟୀମାନେ ଆଳୁ କିଲୋ ପ୍ରତି ୨୫ରୁ ୩୦ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ପିଆଜ ଦର ୨୫ ଟଙ୍କା ଥିବାବେଳେ ତାହା ୩୦ରୁ ୪୦କୁ ବଢ଼ାଇ ଦେଇଛନ୍ତି। ଏ ବାବଦରେ ପଚାରିଲେ ବେପାରୀଙ୍କ ଅଜବ ଉତ୍ତର । 'ବାତ୍ୟା ଆସୁଛି, ଆଳୁ ଗାଡ଼ି ଆସିନପାରେ । ଯେତିକି ଅଛି ସେତିକିରେ ବେପାର କରୁଛୁ।' ଏହା ସହ ଆଳୁ ପ୍ୟାକେଟ ପିଛା କିଣା ଅଧିକ ଦାମ ରହିଛି। ହଠାତ୍ ବେପାରୀମାନେ ମନଇଚ୍ଛା ଏମିତି ଦର ବଢ଼ାଇବାକୁ ନେଇ ଗ୍ରାହକଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ତେଣୁ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ସରକାର ଏଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**THE CAPITAL COOPERATIVE HOUSING LTD**
Regn.No.19/PU of 1953 having Regd. Office at Plot No.151, Bapuji Nagar, BBSR-9, email-cchl1953@gmail.com

**OUTRIGHT PURCHASE OF LAND**

**This is for information of all concerns that, as per the Management Committee resolution dtd.10.10.2025 the society is willing to purchase not less than 1(one) Acre patch of Freehold Non-cultivated/non-agricultural land having Road connectivity suitable for development of plotting/housing scheme within Capital/Bhubaneswar.**

Interested members/individuals are to place offer(s) in writing (preference to ROR(Patta) holders, rectangular sized, homestead land) along with all related deeds & documents in person before 05.11.2025 but not above its benchmark price.

The management reserves the right to accept or reject any offer after careful analysis, but without assigning any reason thereto.

By order of the management
Chief-executive (i/c)

Date: 13.10.2025

### ଆଉ ଜମି ରେଜିଷ୍ଟ୍ରେସନ ପାଇଁ ହନ୍ତସନ୍ତ ହେବେନି

# ନିଶ୍ଚିନ୍ତକୋଇଲିବାସୀଙ୍କ ସ୍ୱପ୍ନ ପୂରଣ କଲେ ସାରଦା



ମାହାଙ୍ଗା,୨୮।୧୦(ସଂଚାର ବ୍ୟୁରୋ): ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଦୀର୍ଘ ବର୍ଷ ହେଲା ବିଜେଡି ଦଖଲରେ ଥିଲା। ଖୋଦ ବିଜେଡିର ଟାଣୁଆ ନେତା ପ୍ରତାପ ଜେନା ଏହାକୁ ପ୍ରତିନିଧିତ୍ୱ କରୁଥିଲେ। ସେ କିଛିବର୍ଷ ବିଜେଡି ସରକାରରେ ମନ୍ତ୍ରୀ ବି ଥିଲେ। ହେଲେ ନିଶ୍ଚିନ୍ତକୋଇଲି ବ୍ଲକରେ ଗୋଟେ ସବରେଜିଷ୍ଟ୍ରାର ଅଫିସ ଖୋଲିପାରୁନଥିଲେ। ଜମିଜମା ସମ୍ପର୍କିତ କାମ ପାଇଁ ନିଶ୍ଚିନ୍ତକୋଇଲି ବ୍ଲକର ଲୋକଙ୍କୁ ସାଲେପୁର ସବରେଜିଷ୍ଟ୍ରାର ଅଫିସ ଉପରେ ନିର୍ଭର କରିବାକୁ ପଡୁଥିଲା। ହେଲେ ଚଳିତ ଥର ସ୍ୱାଧୀନ ଭାବେ ନିର୍ବାଚନ ହୋଇଥିବା ସାରଦା ପ୍ରଧାନଙ୍କ ଉଦ୍ୟମରୁ ନିଶ୍ଚିନ୍ତକୋଇଲି ବ୍ଲକରେ ଆସନ୍ତା ୧ ତାରିଖରୁ କାର୍ଯ୍ୟକ୍ଷମ ହେବ ସବରେଜିଷ୍ଟ୍ରାର ଅଫିସ। ନିଶ୍ଚିନ୍ତକୋଇଲି ବ୍ଲକରେ ରହିଛି ୪୧ଟି ପଞ୍ଚାୟତ। ଏଠାରେ ବ୍ଲକ ମୁଖ୍ୟାଳୟ ସହ ପିଏଚସି ଓ ତହସିଲ ଅଫିସ ବି ରହିଛି। ହେଲେ ବ୍ଲକ ଲୋକଙ୍କ ପାଇଁ ନଥିଲା ଗୋଟିଏ ସବରେଜିଷ୍ଟ୍ରାର ଅଫିସ। ଲୋକଙ୍କୁ

### ନଭେମ୍ବର ୧ରୁ କାର୍ଯ୍ୟକ୍ଷମ ହେବ ସବରେଜିଷ୍ଟ୍ରାର ଅଫିସ

ଜମିଜମା ସମ୍ପର୍କିତ ସବୁ କାମ ପାଇଁ ସାଲେପୁର ଦୌଡିବାକୁ ପଡୁଥିଲା। ଲୋକଙ୍କ ସମସ୍ୟାକୁ ଦେଖି ବିଧାୟକ ସାରଦା ପ୍ରଧାନ ଗତ ଅକ୍ଟୋବର ୧୦ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସବରେଜିଷ୍ଟ୍ରାର ଅଫିସ ଖୋଲିବାକୁ ଅନୁରୋଧ କରିଥିଲେ। ଆଉ ମାହାଙ୍ଗା ବିଧାୟକଙ୍କ ଅନୁରୋଧ ରକ୍ଷା କରି ଆସନ୍ତା ୧ ତାରିଖରେ ତହସିଲ କାର୍ଯ୍ୟାଳୟରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଗତ ୧୭ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିଶ୍ଚିନ୍ତକୋଇଲି ତହସିଲ ଦ୍ୱାରା ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକଙ୍କ ଅନୁରୋଧ କ୍ରମେ ଘୋଷଣା କରିଥିଲେ ଯେ, ନଭେମ୍ବର ୧ ତାରିଖରୁ ନିଶ୍ଚିନ୍ତକୋଇଲି ତହସିଲରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବ। ଏହାଦ୍ୱାରା ନିଶ୍ଚିନ୍ତକୋଇଲି ତହସିଲ ଅଞ୍ଚଳର ସମସ୍ତ ଜନସାଧାରଣ ଜମି କ୍ରୟ ଓ ବିକ୍ରୟ ସହ ସବୁ ସୁବିଧା ପାଇପାରିବେ ବୋଲି କହିଥିଲେ। ରାଜସ୍ୱ ମନ୍ତ୍ରୀ ନିଜ ଘୋଷଣା ମୁତାବକ ତୁରନ୍ତ ଆସନ୍ତା ୧ ତାରିଖ ଠାରୁ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିପାଇଁ ରାଜସ୍ୱ ମନ୍ତ୍ରୀଙ୍କୁ ସାରଦା ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।



ବାତ୍ୟାସ୍ଥଳକୁ ରିଲିଫ ସାମଗ୍ରୀ ପଠାଇବା ପାଇଁ ଭୁବନେଶ୍ୱର ରେଡ୍‌କ୍ରସ ଭବନରେ ପ୍ରସ୍ତୁତି ଚାଲିଛି।

## କେରମେଲି ଗ୍ରାମରେ ବିଜେପିର ନିର୍ବାଚନୀ ସଭା



ନୂଆପଡା,୨୮।୧୦(ସଂଚାର ବ୍ୟୁରୋ): ଆଜି ନୂଆପଡ଼ା ନିର୍ବାଚନ ମଣ୍ଡଳୀର ଯୋଗେଶ୍ୱର ମଣ୍ଡଳ ଅନ୍ତର୍ଗତ କେରମେଲି ଗ୍ରାମ ପଞ୍ଚାୟତଠାରେ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ତଥା ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେପି ନେତୃବୃନ୍ଦ ଉପସ୍ଥିତ କର୍ମୀ ଓ ଗ୍ରାମବାସୀଙ୍କୁ ଏକ ବିକଶିତ ନୂଆପଡ଼ା ଗଠନ ପାଇଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ସମର୍ଥନରେ ନିର୍ବାଚନ ପ୍ରଚାର କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗେଶ୍ୱର ମଣ୍ଡଳ ଦାୟିତ୍ୱରେ ଥିବା ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ମୟୂରଭଞ୍ଜ ସଂସାଦ ନବ ଚରଣ ମାଝି, ବିଜେପି ରାଜ୍ୟ ସମ୍ପାଦକ ଭଗବାନ ମହାନ୍ତି, ମଣ୍ଡଳ ସଭାପତି ସନ୍ତୋଷ ସାହୁ, କେରମେଲି ଶକ୍ତି କେନ୍ଦ୍ର ଦାୟିତ୍ୱରେ ଥିବା ଘନଶ୍ୟାମ ନାଏକଙ୍କ ସମେତ ସତାଧିକା ବିଜେପି କର୍ମୀ ଉପସ୍ଥିତ ଥିଲେ।

## ବିଜୁଳି କ୍ୟାମ୍ପରୁ ତମ୍ବାତାର ଚୋରି

କେନ୍ଦୁଝର,୨୮।୧୦ (ସଂଚାର ବ୍ୟୁରୋ): ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଳତି ବିଦ୍ୟୁତ୍ ଫିଡର କ୍ୟାମ୍ପରେ ଗତ ରାତି ପ୍ରାୟ ୬୦ ହଜାର ଟଙ୍କାର ତମ୍ବାତାର ଚୋରି ହୋଇଛି। ଦୁର୍ବୃତ୍ତମାନେ କ୍ୟାମ୍ପର ତାଲା ଭାଙ୍ଗି ପ୍ରବେଶ କରିଥିଲେ। ଦିନରେ କ୍ୟାମ୍ପରେ ପହଞ୍ଚିଥିବା କର୍ମଚାରୀମାନେ ଭଙ୍ଗା ତାଲା ଏବଂ ୯୦ ମିଟରରୁ ଅଧିକ ତମ୍ବା ତାର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏହି ଘଟଣା ପରେ ବିଦ୍ୟୁତ୍ ବିଭାଗୀୟ କର୍ତ୍ତୃପକ୍ଷ ରାମଚନ୍ଦ୍ରପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ୍ ଘଟଣାସ୍ଥଳୀରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗତ କିଛି ଦିନରେ ବିଦ୍ୟୁତ୍ ବିଭାଗର ବିଭିନ୍ନ ସ୍ଥାନରୁ ଯନ୍ତ୍ରାଂଶ ଓ ତାର ଚୋରି ହେବାର ଘଟଣା ବାରମ୍ବାର ଘଟୁଥିବା ଦେଖାଯାଉଛି। ପୋଲିସ୍ କଡ଼ା ନଜର ରଖିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି।

## ଏକସଙ୍ଗେ ଜଳିବ ମା’-ପୁଅଙ୍କ ଜୁଇ

● ପୁଅ ମୃତ୍ୟୁ ଖବର ଶୁଣି ମା’ର ଆତ୍ମହତ୍ୟା

ଭଦ୍ରକ,୨୮।୧୦(ସଂଚାର ବ୍ୟୁରୋ): ମୃତ୍ୟୁ ଜୀବନର ଏକ ବଡ଼ ସତ ହୋଇଥିଲେ ମଧ୍ୟ କାହାକୁ ହରାଇବାର ଦୁଃଖ ସବୁବେଳେ ଥାଏ। କାହିଁକିନା ମୃତ୍ୟୁ ପରେ ଚାହିଁଲେ ବି ସେ ଆଉ କେବେ ଫେରି ପାରେନା। ସେଥିପାଇଁ ଇଏ ସତ ହେଲେ ଜୀବନର ଏକ ବଡ଼ ଦୁଃଖ କହିଲେ ଭୁଲ୍ ହେବନି। ସେମିତି ଏଠି ପୁଅର ମୃତ୍ୟୁ ଖବରକୁ ଶୁଣି ମା’ କରିଛନ୍ତି ଆତ୍ମହତ୍ୟା , ଭଉଣୀ ମଧ୍ୟ ଗୁରୁତର। ଏମିତି ହୃଦୟ ବିଦାରକ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଧୀନ ଦୋବଲ ସ୍ଥିତ କୋରକୋଦା ଗାଁରେ। ଗାଁର ସତ୍ୟରଞ୍ଜନ ତ୍ରିପାଠୀ ଦୀର୍ଘଦିନ ହେବ କିଡନୀ ଜନିତ ରୋଗରେ ପୀଡ଼ିତ ଥିଲେ। କିଡନୀ ଟ୍ରାନ୍ସପ୍ଲାଣ୍ଟ ଆବଶ୍ୟକତା ଥିବାରୁ ମା’ ମୀରା ତ୍ରିପାଠୀ ତାଙ୍କୁ କିଡନୀ ଦେଇଥିଲେ। ଦୀର୍ଘ ଦିନର ଚିକିତ୍ସା ପରେ ସତ୍ୟରଞ୍ଜନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଆରମ୍ଭ ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ମେଡିକାଲ୍ ନେଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପାଇବା ପରେ ଘରେ ତାଙ୍କ ମାଆ ମୀରା ତ୍ରିପାଠୀ ଦୁଃଖରେ ଭାଙ୍ଗିପଡ଼ିବା ସହ ଘର ଭିତରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ପରେ ଭାଇର ମୃତ୍ୟୁ ଖବର ପାଇବା ପରେ ଭଉଣୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବା ଯୋଗୁଁ ତାଙ୍କୁ ଧାମନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

## ଗଜପତିରେ ଭୂସ୍ଖଳନ: ଜିଲ୍ଲାର ଅନେକ ସ୍ଥାନରେ ରାସ୍ତା ଅବରୋଧ

● ଯୋଗାଣ ସହାୟକଙ୍କ ମୃତ୍ୟୁ



ଭୁବନେଶ୍ୱର,୨୮।୧୦ (ସଂଚାର ବ୍ୟୁରୋ): ସାମୁଦ୍ରିକ ବାତ୍ୟା ‘ମୋନ୍ଥା’ ପ୍ରଭାବରେ ଗଜପତି ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଛ ପଡ଼ିଥିବା ନେଇ ୨୨ଟି ଅନୁରୋଧ ମିଳିଛି। ଗଛ ପଡ଼ିବା ସହିତ ମାଟି ଅତଡ଼ା ମଧ୍ୟ ଖସିଛି । ଆର. ଉଦୟଗିରି, କାଶୀନଗର, ଅନାଗାଁ ଠାରୁ ଆରମ୍ଭ କରି ଗୁମ୍ମା ପର୍ଯ୍ୟନ୍ତ ଏହି ଭଳି ଘଟଣା ଦେଖିବାକୁ ମିଳିଛି। ଗଞ୍ଜାମ ଜିଲ୍ଲାର ଚିକିଟି, ପାଟପୁରରେ ବର୍ଷା ଲାଗି ରହିଛି । ପୁରୀ ସହରରେ ପାଣି ପ୍ରବେଶ କରିଥିବା ବେଳେ ଭୁବନେଶ୍ୱରରେ ସ୍ଥିତି ଠିକ୍ ଅଛି। ୮ଟି ସ୍ଥାନରେ ଜଳ ନିଷ୍କାସନ ପାଇଁ ପ୍ରସ୍ତୁତି କରାଯାଇଛି। ୨୪ ଘଣ୍ଟିଆ ହେଲ୍‌ପଲାଇନ୍ ଖୋଲାଯାଇଛି। ବର୍ତ୍ତମାନ ସୁଦ୍ଧା ୨୮ଟି କଲ୍ ଆସିଥିବା ବେଳେ ୨୨ଟି ସ୍ଥାନରେ କାମ ଶେଷ କରିବା ସହ ଅନ୍ୟ ସ୍ଥାନରେ ଟିମ୍ କାମ କରୁଛି। ଜନସାଧାରଣଙ୍କର ସୁରକ୍ଷା ପାଇଁ ପୁରୀରେ ଶହେ ଜଣ ଲାଇଫ୍ ଗାର୍ଡ ମୁତୟନ ଅଛନ୍ତି। ଡାକବାଜି ଯନ୍ତ୍ରଦ୍ୱାରା ସମସ୍ତଙ୍କୁ ସଚେତନ କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପର୍ଯ୍ୟଟକମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ପୋତାର ପଞ୍ଚାୟତରେ ବାତ୍ୟା ‘ମୋନ୍ଥା’ର ମୁକାବିଲା କାର୍ଯ୍ୟରେ ନିୟୋଜିତ ଥିବା ଜଣେ ଯୋଗାଣ ସହାୟକ ସୁରେନ୍ଦ୍ର ଗମାଙ୍ଗଙ୍କ ମୃତ୍ୟୁ ହୋଇଛି। ସୁରେନ୍ଦ୍ର ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକଙ୍କୁ ଆଣିବା ସହିତ ସେମାନଙ୍କ ରହଣୀ ଓ ଖାଦ୍ୟପେୟ ବ୍ୟବସ୍ଥା ବୁଝୁଥିଲେ। ତାଙ୍କ ନିଜ ଡିଉଟି ସାରି ଖାଇବା ପରେ ଶୋଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ୩୧ ଲକ୍ଷର ବ୍ରାଉନସୁଗର ଜବତ, ୨ ଗିରଫ



କଟକ,୨୮।୧୦(ସଂଚାର ବ୍ୟୁରୋ): ୩୧୨ ଗ୍ରାମ ବ୍ରାଉନସୁଗର ଜବତ କରାଯିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ୨ଟି ସ୍ଥାନରେ ଚଢ଼ାଉ କରି ବ୍ରାଉନସୁଗର ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବରପାଇ ଟାଙ୍ଗୀ ଏବଂ ମଙ୍ଗୁଳି ଛକ ନିକଟରେ ନଜର ରଖିଥିଲା ଅବକାରୀ ଟିମ୍। ଯାଜପୁର ବୈରୀ ଥାନା ଚମ୍ପାପୁର ଅଞ୍ଚଳର ବାସୁଦେବ ଦାସ ଓ ସରୋଜ କୁମାର ରାଉତକୁ ଗିରଫ କରିଛି ଅବକାରୀ ବିଭାଗ। ତେବେ ବାସୁଦେବ ଠାରୁ ୧୮୦ ଗ୍ରାମ ଏବଂ ସରୋଜ ଠାରୁ ୧୩୨ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଜବତ ବ୍ରାଉନସୁଗରର ମୂଲ୍ୟ ୩୧ ଲକ୍ଷ ଟଙ୍କା ହେବ।

## ଜୟଙ୍କୁ ଜିତାଇବା ସବୁ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ

- ବିଜେପି ସରକାର ଉପରେ ନୂଆପଡ଼ାବାସୀଙ୍କ ଆସ୍ଥା ବଢ଼ିଛି
- ଲକ୍ଷାଧିକ ଭୋଟ ବ୍ୟବଧାନରେ ଜିତିବେ ଜୟ ଢୋଲକିଆ



ନୂଆପଡ଼ା,୨୮।୧୦(ସଂଚାର ବ୍ୟୁରୋ): ଓଡ଼ିଶାର ଜନସାଧାରଣଙ୍କ ଆର୍ଶୀବାଦରେ ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିଛି। ନୂଅପଡ଼ାରେ ମଧ୍ୟ ଜନସାଧାରଣଙ୍କ ଆର୍ଶୀବାଦ ରହିବ। ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଜିତାଇବା ପାଇଁ ଜନସାଧାରଣ ମନ ବନେଇ ସାରିଲେଣି। ବିରୋଧୀ କେବଳ ନିର୍ବାଚନ ସମୟରେ ଲୋକଙ୍କ ନିକଟତର ହେବାକୁ ଉଦ୍ୟମ କରୁଥିବାବେଳେ ବିଜେପି ସଂଗଠନ ସବୁବେଳେ ସକ୍ରିୟ ରହିଛି। ଲୋକଙ୍କ ସଙ୍ଗେ ଯୋଡ଼ି ହୋଇ ରହିଛି। ସେମାନଙ୍କ ସୁଖ ଓ ଦୁଃଖରେ ସାଙ୍ଗରେ ରହିଛି। ଏଥିଯୋଗୁ ଚଳିତ ଉପନିର୍ବାଚନରେ ବିଜେପି ନିଶ୍ଚୟ ବିଜୟ ଲାଭକରିବ ବୋଲି ବରିଷ୍ଠ ନେତା ଅଭିନନ୍ଦନ ପଣ୍ଡା କହିଛନ୍ତି।

ଶ୍ରୀ ପଣ୍ଡା କହିଛନ୍ତି, ଯୁବ ଚେହେରା ଭାବେ ଜୟ ଢୋଲକିଆ ପ୍ରଭାବିତ କରିଛନ୍ତି। ତାଙ୍କୁ ଜିତାଇ ବିଧାନସଭାକୁ ପଠାଇବା ପାଇଁ ମୋ ଭଳି ସବୁ କାର୍ଯ୍ୟକର୍ତ୍ତାମାନେ ଅହରହ ଉଦ୍ୟମ କରୁଛନ୍ତି। ଜଣେ କାର୍ଯ୍ୟକର୍ତ୍ତା ଭାବେ ବିଜେପିର ଶୀର୍ଷ ନେତୃତ୍ୱ ଯାହାବି ନିର୍ଦ୍ଦେଶ ଦେବେ ତାକୁ ମାନିବାକୁ ପଡିବ। ଯାହାକୁ ବି ବିଜେପି ପ୍ରାର୍ଥୀ କରିବ ତାକୁ ଜିତାଇବା ଦାୟିତ୍ୱ ଆମ ସମସ୍ତଙ୍କ ରହିଛି। ଜୟ ଲକ୍ଷାଧିକ ଭୋଟ ବ୍ୟବଧାନରେ ଏହି ଉପନିର୍ବାଚନରେ ବିଜୟୀ ହେବେ ବୋଲି ଆମ ସମସ୍ତଙ୍କ ଆଶା ଓ ବିଶ୍ୱାସ ରହିଛି। ନୂଆପଡ଼ାବାସୀଙ୍କ ଆସ୍ଥା ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ଚିକିତ୍ସା ବେଳେ ଛାତରୁ ଖସୁଛି ସିମେଣ୍ଟ ଖଣ୍ଡ

### ଭୟରେ ଅଛନ୍ତି ରୋଗୀ ଓ ସଂପର୍କୀୟ




ବାଙ୍କୀ,୨୮।୧୦ (ସଂଚାର ବ୍ୟୁରୋ): ବିପଦପୂର୍ଣ୍ଣ ଛାତ ତଳେ ଚାଲିଛି ସ୍ୱାସ୍ଥ୍ୟ ସେବା। ଡାକ୍ତରଖାନାରେ ଡାକ୍ତର ଚିକିତ୍ସା କରୁଥିବା ବେଳେ ଉପରୁ ଖସୁଛି ସିମେଣ୍ଟ ଖଣ୍ଡ। କେତେବେଳେ ରୋଗୀଙ୍କ ଉପରେ ପଡୁଛି ତ କେତେବେଳେ ଚିକିତ୍ସା କରୁଥିବା ଡାକ୍ତରଙ୍କ ଉପରେ ପଡୁଛି। ପୁରୁଣା ସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ସାଙ୍ଘାତିକ । ଯାହାକୁ ଦେଖିଲେ ଡାକ୍ତରଖାନାକୁ ଆସିବାକୁ ଭୟ କରୁଛନ୍ତି ରୋଗୀ ଓ ସଂପର୍କୀୟ। ଡାକ୍ତରଖାନାର ସମସ୍ତ କୋଠରୀରୁ ଖସୁଛି ସିମେଣ୍ଟ ଖଣ୍ଡ। ନୂଆ କୋଠା ଘର ନ ଥିବାରୁ ବାଧ୍ୟ ହୋଇ ପୁରୁଣା ଡାକ୍ତରଖାନାରେ ଚିକିତ୍ସା କରୁଛନ୍ତି ଡାକ୍ତରମାନେ ।

କଟକ ଜିଲ୍ଲାର ବାଙ୍କୀ ବ୍ଲକ୍ ଅନ୍ତର୍ଗତ ବୈଦେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖାଯାଇଛି ଏଭଳି ସ୍ଥିତି। ୧୯୮୨ ମସିହାରେ କାର୍ଯ୍ୟକ୍ଷମ ହେଲା ପରେ ଏକ ଚାଳ ଘରେ ଆରମ୍ଭ ହୋଇଥଲା ସ୍ୱାସ୍ଥ୍ୟ ସେବା । ପରେ ୧୯୮୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ନୂତନ ଡାକ୍ତରଖାନା ଉଦଘାଟନ ହୋଇଥିଲା। ହେଲେ ଏବେ ସବୁ କୋଠରୀର ଛାତରୁ ଖସୁଛି ସିମେଣ୍ଟ ଖଣ୍ଡ । ଲୋକେ ଉପରୁ ସିମେଣ୍ଟ ଖଣ୍ଡ ଖସିବା ଦେଖି ଭୟ କରୁଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଛାତର ଗ୍ରିଡ଼ିଂ କରାଯାଇଥିଲେ ବି ସବୁ ବେଳେ ଛାତରୁ ପାଣି ଗଳୁଛି । କାନ୍ଥରୁ ସିମେଣ୍ଟ ପ୍ଲାଷ୍ଟରିଂ ଛାଡ଼ିଲାଣି ।

ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି ପାଞ୍ଚଟି ଗ୍ରାମ ପଞ୍ଚାୟତର ୧୨ ଗୋଟି ରାଜସ୍ୱ ଗାଁର ଲୋକେ। ହେଲେ ନାହାନ୍ତି ସ୍ଥାୟୀ ଡାକ୍ତର । ଆୟୁଷ ଡାକ୍ତରଙ୍କ ଦ୍ୱାରା ଚାଲିଛି ସ୍ୱାସ୍ଥ୍ୟ ସେବା। ଡାକ୍ତରମାନେ ବସୁଥିବା କୋଠରୀ ସହିତ ପରୀକ୍ଷାଗାରର ଛାତରୁ ସିମେଣ୍ଟ ଖସିବାରୁ ବାହାରେ ଚାଲିଛି ପରୀକ୍ଷା । ଭୟରେ ଅଛନ୍ତି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ।

### ନୂଆପଡା ଉପନିର୍ବାଚନରେ ବିଜେପିକୁ ଝଟକା

## ବିଜେଡିରେ ମିଶିଲେ ବସନ୍ତ ପଣ୍ଡାଙ୍କ ପୁତୁରା

- ନୂଆପଡାର ଦୁଇ ବିଜେପି ସଂଗଠକ ମଧ୍ୟ ବିଜେଡିରେ ମିଶିଲେ
- ତିନି ଯୁବନେତା ନବୀନଙ୍କୁ ଭେଟିବା ପରେ ବିଜେଡିରେ ସାମିଲ
- ବିଜେପି ନିଜ କର୍ମକର୍ତ୍ତାଙ୍କ ସହିତ ପ୍ରତାରଣା କରିଛି



ଭୁବନେଶ୍ୱର, ୨୮।୧୦(ସଂଚାର ବ୍ୟୁରୋ): ନୂଆପଡା ଉପନିର୍ବାଚନ ମାହୋଲ ସରଗରମ ହୋଇଥିବା ବେଳେ ଆଜି ବିଜେପିର ପୂର୍ବତନ ସଭାପତି ତଥା ନୂଆପଡାର ପୂର୍ବତନ ବିଧାୟକ ବସନ୍ତ ପଣ୍ଡାଙ୍କ ପୁତୁରା ହରିଶ୍ଚନ୍ଦ୍ର ପଣ୍ଡା, ସରପଞ୍ଚ ସଙ୍ଘର ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲା ଉପସଭାପତି ଟେକରାମ ସାହୁ, ପୂର୍ବତନ ନୂଆପଡା ନଗର ସଭାପତି ଉମେଶ ସହିଷ, ଆଜି ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଶ୍ରୀ ପଣ୍ଡା ଆଜି ସନ୍ଧ୍ୟାରେ ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ଶଙ୍ଖ ଭବନରେ ଆନୁଷ୍ଠାନିକ ଭାବେ ତାଙ୍କୁ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଦିବ୍ୟଶଙ୍କର ମିଶ୍ର ତାଙ୍କୁ ସ୍ୱାଗତ କରିଥିଲେ। ଉଲ୍ଲେଖଯୋଗ୍ୟ, ହରିଶଚନ୍ଦ୍ର ପଣ୍ଡା ନୂଆପଡାରେ ଜଣେ ଦୃଢ଼ ସଂଗଠକ। ନିର୍ବାଚନ ପରିଚାଳନାରେ, ଶ୍ରୀ ପଣ୍ଡାଙ୍କର ସକ୍ରିୟ ଅନୁଭୂତି ରହିଛି। ଶ୍ରୀ ପଣ୍ଡା, ଶ୍ରୀ ସାହୁ ଓ ଶ୍ରୀ ସହିଷଙ୍କୁ ଦଳକୁ ସ୍ୱାଗତ କରିବା ସହିତ, ଏମାନଙ୍କ ଯୋଗଦାନ ପରେ ନୂଆପଡାରେ ବିଜୁ ଜନତା ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ଶ୍ରୀ ମିଶ୍ର କହିଥିଲେ। ନୂଆପଡାରେ ବିଜେଡି ସ୍ଥିତି ମଜବୁତ ରହିଛି। ନୂଆପଡା ଉପନିର୍ବାଚନରେ ବିଜେଡିର ବିପୁଳ ବିଜୟ ହେବ। ଆଗାମୀ ସପ୍ତାହରେ ବିଜେପିର ଶତାଧିକ କର୍ମୀ ବିଜେଡିରେ ଯୋଗଦେବେ। ନୂଆପଡାବାସୀ ଏହି ନିର୍ବାଚନରେ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବେ।



ବାତ୍ୟା ‘ମୋନ୍ଥା’ ପାଇଁ ରେଳ ବିଭାଗ ପକ୍ଷରୁ ବିଭିନ୍ନ ଟ୍ରେନ ବାତିଲ କରାଯିବା ପରେ ଯାତ୍ରୀମାନେ ଭୁବନେଶ୍ୱର ରେଳଷ୍ଟେଶନରେ ଆଶ୍ରୟ ନେଇଛନ୍ତି।

### ଦେଓଗାଁରେ ଯୁବକଙ୍କୁ ହତ୍ୟା ମାମଲା

## ୩ ସାଙ୍ଗଙ୍କୁ କୋର୍ଟ ଚାଲାଣ କଲା ପୋଲିସ

ବଲାଙ୍ଗୀର,୨୮।୧୦(ସଂଚାର ବ୍ୟୁରୋ): ଦେଓଗାଁ ଆତଂଲା ଗାଁରେ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ବଲାଙ୍ଗୀର ପୋଲିସ। ହତ୍ୟା ଘଟଣାରେ ସଂପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଗିରଫ ତିନିଜଣ ହେଲେ ଦେଓଗାଁ ଥାନା ଅନ୍ତର୍ଗତ ବନ୍ଧପଡ଼ାର ରାଜା କଟା, ଓମ୍ ନନ୍ଦ ଓ ଡଙ୍ଗରପଡ଼ାର ଇରଫାନ ଚତ୍ରିଆ। ଏହି ୩ ସାଙ୍ଗ ମୃତ ସୁଜିତ ଭୋଇଙ୍କ ପିଲାଦିନର ସାଙ୍ଗ। ସୂଚନା ଅନୁସାରେ, ଗତ ୨୬ ତାରିଖ ସନ୍ଧ୍ୟା ୭ଟା ସମୟରେ ୪ ଜଣ ସାଙ୍ଗ ଅନ୍ତର୍ଲା ଗାଁର ପତରଫଡ଼ିଠାରେ ଏକାଠି ବସି ମଦ ପିଉଥିଲେ। ଏହି ସମୟରେ ରାଜାର ମାଆ ଫୋନ କରିଥିଲେ। ଆଉ ରାଜା ସମସ୍ତଙ୍କୁ ଚୁପ୍ ରହିବାକୁ କହିଥିଲେ। ମାତ୍ର ସୁଜିତ ତା’ କଥା ନଶୁଣି ଗାଳି ଗୁଲଜ କରିଥିଲେ। ଫଳରେ ଏଥିରେ ଅନ୍ୟ ୩ ସାଙ୍ଗ ସୁଜିତକୁ ମାଡ଼ ମାରିବା ସହ ନିଶା ଯୋଗୁ ପାଖରେ ଥିବା ହତିଆରରେ ବେକକୁ ହାଣି ହତ୍ୟା କରିଥିଲେ। ଏନେଇ ମଙ୍ଗଳବାର ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବଲାଙ୍ଗୀର ଏସଡିପିଓ। ସେପଟେ ହତ୍ୟାର ମୁଖ୍ୟ ଅଭିଯୁକ୍ତ ରାଜା ନିଶା ଯୋଗୁ ଏଭଳି କରିଥିବା କହିବା ସହ ନିଜ ଦୋଷ ସ୍ୱୀକାର କରିଛି। ଗିରଫ ତିନିଜଣ ଦୁଲୁଦୁଲି ବଜାରେ ବଜା ବଜାଇବା କାମ କରୁଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ

କେନ୍ଦ୍ରାପଡ଼ା,୨୮।୧୦(ସଂଚାର ବ୍ୟୁରୋ): ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡ଼ାର ଆଡହକ ଫାଷ୍ଟଟ୍ରାକ ଅତିରିକ୍ତ ସେସନ୍ସ କୋର୍ଟ ବିଚାରପତି ଅଭିଯୁକ୍ତକୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହିତ ୧୧ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି ଡେରାବିଶ ଥାନା ଅଞ୍ଚଳର ବାବୁଲି ଓରଫ କୁଳମଣି ସାମଲ।

ମାମଲାର ବିବରଣୀ ଅନୁଯାୟୀ ଅଭିଯୁକ୍ତ ଜଣକ ହେଉଛନ୍ତି ନାବାଳିକାଙ୍କ ପଡୋଶୀ। ସେ ନାବାଳିକାଙ୍କ ଘରକୁ ଯିବା ଆସିବା କରିଥାନ୍ତି। ୨୦୨୩ ମସିହା ଜୁଲାଇ ୨୩ ତାରିଖରେ ନାବାଳିକାଙ୍କ ମା’ ଥାନାରେ ଅଭିଯୋଗ କରିଥିଲେ ଯେ, ଘରେ କେହିନଥିବାର ସୁଯୋଗ ନେଇ ନାବାଳିକାକୁ ଅଭିଯୁକ୍ତ ଘରୁ ଉଠାଇ ନେଇଥିଲେ। ସେଠାରୁ କିଛି ଦୂରରେ ଥିବା ସ୍କୁଲ ପଛପଟ ପରିତ୍ୟକ୍ତ ସ୍ଥାନକୁ ନେଇ ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ବଳାତ୍କାର କରିଥିଲା। ଫଳରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ନାବାଳିକାଙ୍କ ମାସିକ ଋତୁସ୍ରାବ ବନ୍ଦ ହେବା କାରଣରୁ ମା’ର ସନ୍ଦେହ ହୋଇଥିଲା। ଏନେଇ ମା’ଝିଅକୁ ଡାକ୍ତରଖାନା ନେଇ ଯାଇଥିଲେ। ସେତେବେଳକୁ ନାବାଳିକା ଜଣଙ୍କ ୫ ମାସର ଗର୍ଭବତୀ ଥିବା ଡାକ୍ତର ପରୀକ୍ଷା କରି କହିଥିଲେ। କିନ୍ତୁ ଗର୍ଭ ନଷ୍ଟ କରିବା ଡାକ୍ତରଙ୍କ ପକ୍ଷରେ ସମ୍ଭବ ନଥିଲା। କାରଣ ଗର୍ଭ ନଷ୍ଟ କରିଥିଲେ ନାବାଳିକାଙ୍କ ଜୀବନ ପ୍ରତି ବିପଦ ରହିଥିଲା। ତେଣୁ ପରିବାର ଲୋକେ ଡାକ୍ତରଙ୍କ ପରାମର୍ଶ ମାନି ଗର୍ଭ ନଷ୍ଟ କରିନଥିଲେ। ଏହାର କିଛିମାସ ପରେ ନାବାଳିକା ଜଣଙ୍କ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଅଭିଯୁକ୍ତ ବିରୋଧରେ ଡେରାବିଶ ଥାନାରେ ନାବାଳିକାଙ୍କ ମା’ ଦେଇଥିବା ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି କୁଳମଣିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲକୁ ପଠାଇ ଦିଆଯାଇଥିଲା। ଡେରାବିଶ ଥାନା ପୋଲିସ ୨୦୨୩ମସିହା ସେପ୍ଟମ୍ବରମାସ ୨୯ ତାରିଖରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା।

### ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଚଢ଼ାଉ

## କଳାବଜାରୀ ରୋକିବାକୁ ଯାଞ୍ଚ କଡ଼ାକଡ଼ି



ଭୁବନେଶ୍ୱର, ୨୮।୧୦(ସଂଚାର ବ୍ୟୁରୋ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଚଢ଼ାଉ ହୋଇଛି। କଳାବଜାରୀ ରୋକିବା ଏବଂ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ପାଇଁ ଯାଞ୍ଚ କଡାକଡି କରାଯାଇଛି। ସମ୍ଭାବ୍ୟ ବାତ୍ୟା ‘ମୋନ୍ଥା’ର ପ୍ରଭାବ ଆଜିଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଯେଭଳି କୌଣସି ବ୍ୟବସାୟୀ କଳାବଜାରୀ ଓ ଅନାବଶ୍ୟକ ଭାବେ ଖାଦ୍ୟ ସାମଗ୍ରୀ ମହଜୁଦ କରି ନ ରଖନ୍ତି ଏଥିନିମନ୍ତେ ଏହି ଚଢ଼ାଉ କରାଯାଇଛି। ଚୁଡା, ଗୁଡ଼, ଚିନି, ଡାଲି, ଖାଇବା ତେଲ, ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିମାଣ ପ୍ରଚୁର ଭାବେ ଉପଲବ୍ଧ ହେବା ଓ ଖାଉଟି ମାନଙ୍କ ମଧ୍ୟରେ ଏ ସବୁ ସାମଗ୍ରୀ ବଜାରରେ କମ ମିଳିବା ନେଇ କୌଣସି ସଂଶୟ ନରୁହେ ଏଥିପ୍ରତି ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ଗତକାଲି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ମାନଙ୍କୁ ଅବଗତ କରାଯାଇଥିଲା। ଏପରିକି ବାତ୍ୟା ପ୍ରଭାବରେ ଅଧିକ ପରିମାଣର ବର୍ଷା ହେବା ନେଇ ଆକଳନ କରାଯାଇଥିବା ଜିଲ୍ଲା ଗୁଡିକରେ ମଧ୍ୟ୍ୟ ପର୍ଯ୍ୟାପ୍ତ ପରିମାଣର ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ରହିଛି। ଏପରିକି ଯୋଗାଣ ଶୃଙ୍ଖଳ ନିରବଚ୍ଛିନ୍ନ ଥିବା ଏବଂ ଉଚିତ ମୂଲ୍ୟରେ ଖାଉଟିମାନେ ଅତ୍ୟାବଶ୍ୟକୀୟ ସାମଗ୍ରୀ ପାଉଥିବା ନେଇ ଜଣାପଡିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୩୦ ହଜାର କର୍ମଚାରୀଙ୍କୁ ଛଟେଇ କରିବ ଆମାଜନ୍!

ନୂଆଦିଲ୍ଲୀ, ୨୮।୧୦: ବହୁ ସଂଖ୍ୟକ କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା କରୁଛି ଇ-କମର୍ସ କମ୍ପାନି ଆମାଜନ୍। ରଏଟର୍ସ ଅନୁଯାୟୀ, ଖର୍ଚ୍ଚ ହ୍ରାସ କରିବା ପାଇଁ ଆମାଜନ ପ୍ରାୟ ୩୦ ହଜାର ଲୋକଙ୍କୁ ଛଟେଇ କରିବାକୁ ଯୋଜନା କରୁଛି। ତେବେ ଦେଖିବାକୁ ଗଲେ କମ୍ପାନିର କର୍ମଚାରୀଙ୍କ ତୁଳନାରେ ଏହା ଏକ କ୍ଷୁଦ୍ର ଅଂଶ। କମ୍ପାନିରେ ସର୍ବମୋଟ ୧.୫୫ ନିୟୁତ କର୍ମଚାରୀ ରହିଛନ୍ତି। ୨୦୨୨ ମସିହା ଶେଷ ପରଠାରୁ ଏହା ଆମାଜନ୍‌ର ସବୁଠାରୁ ବଡ଼ ଛଟେଇ ହେବ। କାରଣ ସେ ସମୟରେ କମ୍ପାନି ୨୭ ହଜାର କର୍ମଚାରୀଙ୍କର ଛଟେଇ କରିଥିଲା।

ଆମାଜନର ଜଣେ ମୁଖପାତ୍ର ଏହି ବିଷୟରେ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି। ଆମାଜନ ଗତ ଦୁଇ ବର୍ଷ ଧରି ବିଭିନ୍ନ ବିଭାଗରୁ ଛୋଟ ଧରଣର ଛଟେଇ ଅଭିଯାନ ଆରମ୍ଭ କରିଛି। ଏଥର କମ୍ପାନି ୩୦ ହଜାରର ଟାର୍ଗେଟ ରଖିଛି। କମ୍ପାନିର ଏହି ନିଷ୍ପତ୍ତି ମାନବ ସମ୍ବଳ, ଲୋକ ଅଭିଜ୍ଞତା ଓ ପ୍ରଯୁକ୍ତିବିଦ୍ୟା, ପରିଚାଳନା, ଡିଭାଇସ୍ ଓ ସେବା, ଆମାଜନ ୱେବ୍ ସେବା ସମେତ ଅନେକ ବିଭାଗକୁ ପ୍ରଭାବିତ କରିପାରେ। ଆମାଜନର ସିଇଓ ଏଣ୍ଡି




ଜେସି ଜୁନ୍ ମାସରେ କହିଥିଲେ ଯେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପକରଣର ବର୍ଦ୍ଧିତ ବ୍ୟବହାର ଆହୁରି ଲୋକଙ୍କ ଚାକିରିକୁ କମାଇପାରେ। ଏହି ନୂତନ ପଦକ୍ଷେପ ସୂଚାଉଛି କି ଆମାଜନ କର୍ପୋରେଟ୍ ଦଳ ମଧ୍ୟରେ ଏଆଇ-ଆଧାରିତ ଉତ୍ପାଦକତା ବୃଦ୍ଧି କରୁଛି। ଯାହାଦ୍ୱାରା କର୍ମଚାରୀଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇବ। ମାନବ ସମ୍ବଳ ବିଭାଗ ୧୫% ହ୍ରାସର ସମ୍ମୁଖୀନ ହୋଇପାରେ ଏହି ପର୍ଯ୍ୟାୟ ପୂରା କେତେ ଜଣଙ୍କୁ ଛଟେଇ କରାଯିବା ଠିକ୍ ଭାବେ ସ୍ପଷ୍ଟ ହୋଇନାହିଁ। କିଛି ଜଣାଶୁଣା ଲୋକ କହୁଛନ୍ତି ଯେ ଆମାଜନ୍‌ର ଆର୍ଥିକ ପ୍ରାଥମିକତା ବଦଳିବା ସହିତ କର୍ମଚାରୀଙ୍କ ସଂଖ୍ୟା ବି ବଦଳିବ। ଫର୍ଚ୍ୟୁନ୍ ପୂର୍ବରୁ ରିପୋର୍ଟ କରିଥିଲା ଯେ ମାନବ ସମ୍ବଳ ବିଭାଗ ପ୍ରାୟ ୧୫% କର୍ମଚାରୀ ହ୍ରାସର ସମ୍ମୁଖୀନ ହୋଇପାରେ। କର୍ମଚାରୀମାନଙ୍କୁ ସପ୍ତାହକୁ ପାଞ୍ଚ ଦିନ ଅଫିସକୁ ଫେରାଇ ଆଣିବା ପାଇଁ ଏହିବର୍ଷ ଆରମ୍ଭରେ ହୋଇଥିବା ଏକ କାର୍ଯ୍ୟକ୍ରମ ଯଥେଷ୍ଟ ନିଯୁକ୍ତି ସୃଷ୍ଟି କରିବାରେ ବିଫଳ ହୋଇଥିଲା। ଦୁଇ ଜଣ ଲୋକ ଏହାକୁ ବଡ଼ ଧରଣର ଛଟେଇର ଅନ୍ୟ ଏକ କାରଣ ବୋଲି ଉଲ୍ଲେଖ କରିଥିଲେ।

## ସୁନା ୨୩୪୦ ଟଙ୍କା କମିଲା



ଭୁବନେଶ୍ୱର,୨୮।୧୦(ସଂଚାର ବ୍ୟୁରୋ): ସୁନା ଓ ରୁପା ଦରରେ ହ୍ରାସର ଧାରା ଚଳିତ ସପ୍ତାହରେ ମଧ୍ୟ ଅବ୍ୟାହତ ରହିଛି। ଗତ ସପ୍ତାହରୁ ଆରମ୍ଭ ହୋଇଥିବା ଏହି ଧାରାରେ ଉଭୟ ସୁନା ଓ ରୁପା ଶସ୍ତା ହେଉଛି। ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୨୧୫୦ ଟଙ୍କା ହ୍ରାସ ପାଇ ୧,୧୩,୦୦୦ ଟଙ୍କାକୁ ଖସିଆସିଛି। ସେହି ସମୟରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୨୩୪୦ ଟଙ୍କା ହ୍ରାସ ପାଇ ୧,୨୩,୨୮୦ ଟଙ୍କା ହୋଇଛି। ରୁପା କେଜି ଦାମ୍ ୧,୭୦,୦୦୦ ଟଙ୍କାରେ ଅପରିବର୍ତ୍ତିତ ରହିଛି। ଗତ ଧନତେରସ୍ ବେଳକୁ ରୁପା ଦାମ୍ ରେକର୍ଡ ୨,୦୭,୦୦୦ ଟଙ୍କାକୁ ବୃଦ୍ଧି ପାଇଥିଲା। ଇତି ମଧ୍ୟରେ ସେଥିରେ ୩୭ ହଜାର ଟଙ୍କାର ହ୍ରାସ ହୋଇଛି। ତେବେ ଲଗାତାର ତିନିଦିନ ଧରି ରୁପା ଦାମ୍‌ରେ କୌଣସି ପରିବର୍ତ୍ତନ ହୋଇନାହିଁ। ପାର୍ବଣ ସମୟରେ ହଠାତ୍ ସୁନା ଓ ରୁପା ଦର ବଢ଼ିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚଢ଼ା ଶୁଳ୍କ ନୀତି, ଭୂରାଜନୈତିକ ସଙ୍କଟ ଓ ବାଣିଜ୍ୟ ନୀତିରେ ଅନିଶ୍ଚିତତା ଆଦି କାରଣ ପାଇଁ ନିବେଶକମାନେ ସୁନାରେ ନିବେଶ ବଢ଼ାଇଥିଲେ। ସେଥିପାଇଁ ଚଳିତ ବର୍ଷ ଗହଣା ତୁଳନାରେ ସୁନା ବାର୍ ଓ କଏନ୍ ଅଧିକ ବିକ୍ରି ହୋଇଥିଲା। ଏବେ ନିବେଶକମାନେ ଲାଭ ପାଇବା ଆଶାରେ ସୁନା ଓ ରୁପା ବିକ୍ରି କରୁଥିବାରୁ ଦାମ୍ କମ୍ ହେଉଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୨,୪୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୨,୨୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୨,୪୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୨,୨୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୨,୪୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୨,୨୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୨,୬୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୨,୩୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୩,୨୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୩,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୨,୪୬୦ ଓ ୧,୧୨,୨୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୫୧,୦୦୦ ଟଙ୍କା ହୋଇଛି।

# ଭୋଡା ଆଇଡିଆକୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୭/୧୦: ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଟେଲିକମ୍ କମ୍ପାନି ଭୋଡାଫୋନ୍ ଆଇଡିଆକୁ ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। କମ୍ପାନିର ଗ୍ରସ୍ ଆଡ୍‌ଜଷ୍ଟେଡ୍ ରେଭିନ୍ୟୁ (ଏଜିଆର୍) ବକେୟା ଉପରେ ପୁନର୍ବିଚାର କରିବାକୁ କେନ୍ଦ୍ର ସରକାରଙ୍କୁ କୋର୍ଟ କହିଛନ୍ତି। କିନ୍ତୁ କୋର୍ଟ ସ୍ପଷ୍ଟ କରିଛନ୍ତି ଏହି ମାମଲା ସରକାରଙ୍କ ନୀତିଗତ ପରିସର ଅଧୀନରେ ଆସୁଛି। ତେଣୁ କୌଣସି ପଦକ୍ଷେପ ଗ୍ରହଣ କରିବାରୁ ସରକାରଙ୍କୁ ରୋକିହେବ ନାହିଁ। ପ୍ରଧାନ ବିଚାରପତି ବି ଆର୍ ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠରେ ମାମଲାର ଶୁଣାଣି କରାଯାଇଥିଲା। ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ ଯୁକ୍ତି ଶୁଣିବା ପରେ ଏହି ରାୟ ଦିଆଯାଇଥିଲା। ସେ କୋର୍ଟଙ୍କୁ ଜଣାଇଥିଲେ ଯେ




### କମ୍ପାନି ଉପରେ ୫,୬୦୬ କୋଟି ବକେୟା

### ପୁନର୍ବିଚାର କରିବେ ସରକାର

ଯଦି ଭୋଡାଫୋନ୍ ଆଇଡିଆ ବନ୍ଦ ହୋଇଯିବ ତେବେ ଗ୍ରାହକମାନେ ଅସୁବିଧା ଭୋଗିବେ। ନକଲି ବିଲିଂ ଓ ଅତିରିକ୍ତ ବିଲିଂ ଭଳି କେତେକ ସମସ୍ୟା ମଧ ରହିଛି। ସେହି ଦୃଷ୍ଟିରୁ ଏଜିଆର୍‌ର ପୁନର୍ବିଚାର କରିବା ଆବଶ୍ୟକ। ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ ଯେ ଏଜିଆର୍ ଉପରେ ଟେଲିକମ୍ ବିଭାଗର ହିସାବ ଚୂଡ଼ାନ୍ତ ବିଚାର କରାଯିବ। କୌଣସି କମ୍ପାନି ଏହାର ପୁବର୍ବିଚାର କରିବାକୁ ଦାବି କରିପାରିବେ ନାହିଁ। ତେବେ ଭୋଡାଫୋନ୍ ଆଇଡିଆକୁ ଏହି ମାମଲାରେ ସୁପ୍ରିମକୋର୍ଟ ଆଶ୍ୱସ୍ତ କରିବା ପରେ କମ୍ପାନିର ସେୟାର ମୂଲ୍ୟରେ ୧୦ ପ୍ରତିଶତ ବୃଦ୍ଧି ହୋଇଛି। ଭୋଡାଫୋନ୍ ଆଇଡିଆ ଉପରେ ୫୬୦୬ କୋଟି ଟଙ୍କାର ଅତିରିକ୍ତ ଏଜିଆର୍ ବକେୟା ରହିଛି। ୨୦୧୬-୧୭ରେ କମ୍ପାନି କରିଥିବା ହିସାବରେ ଗାଣିତିକ ତ୍ରୁଟି ଥିବା କମ୍ପାନି କହୁଥିବା ବେଳେ ଏଜିଆର୍‌କୁ ପୁନର୍ବାର ହିସାବ କରିବାକୁ ଦାବି କରୁଛି। ଏଜିଆର୍ ହେଉଛି ଟେଲିକମ୍ କମ୍ପାନିଗୁଡ଼ିକର ଆୟର ସେହି ଅଂଶ ଯାହା ଉପରେ ସରକାର ଲାଇସେନ୍ସ ଫି' ଓ ସ୍ପେକ୍ଟ୍ରମ୍ ଉପଯୋଗ ଫି' ଲାଗୁ କରୁଛନ୍ତି।

# 'ଲାପତା ବିହାରୀବାବୁ', ଛଟ୍‌ପୂଜାରେ ଆସନସୋଲରେ ଲାଗିଲା ପୋଷ୍ଟର

କୋଲକାତା,୨୮।୧୦(ସଂଚାର ବ୍ୟୁରୋ): ଲାପତା ବିହାରୀବାବୁ! ଛଟ୍‌ପୂଜା ସମୟରେ ଆସାନସୋଲର ତୃଣମୂଳ ସାଂସଦ ଶତ୍ରୁଘ୍ନ ସିହ୍ନା ନିଖୋଜ। କୁଲଟି ଏବଂ ବରାକରରେ ସମାନ ନିଖୋଜ ପୋଷ୍ଟର ଦେଖିବାକୁ ମିଳିଛି। କୁଲଟି ଷ୍ଟେସନ ଏବଂ ବରାକର ବସ୍ ଷ୍ଟାଣ୍ଡ ସଂଲଗ୍ନ ଅଞ୍ଚଳରେ ସାଂସଦ ଶତ୍ରୁଘ୍ନ ସିହ୍ନାଙ୍କ ନିଖୋଜ ପୋଷ୍ଟର ଦେଖିବାକୁ ମିଳିଛି। ପୋଷ୍ଟର ତଳେ "ଆସାନସୋଲ କି ଜନତା" ଲେଖାଯାଇଛି! କିନ୍ତୁ ଏହି ଜନତା କିଏ, ଏହା ନିଶ୍ଚିତ ଭାବରେ ରହସ୍ୟମୟ। ତେବେ, ତୃଣମୂଳ ନେତୃତ୍ୱ ବିଜେପିକୁ କାଠଗଡ଼ାରେ ଛିଡ଼ା କରିଛି। ସ୍ଥାନୀୟ ତୃଣମୂଳ ନେତାମାନେ ଅଭିଯୋଗ କରିଛନ୍ତି ଯେ ଶସ୍ତା ରାଜନୀତି କରିବା ପାଇଁ ସେମାନେ ହିଁ ଏପରି ପୋଷ୍ଟର ଲଗାଉଛନ୍ତି। ବିପରୀତରେ, ସେମାନେ ଅଭିଯୋଗ କରିଛନ୍ତି ଯେ କୁଲଟିର ବିଜେପି ବିଧାୟକଙ୍କୁ ବର୍ଷସାରା ଦେଖାଯାଏ ନାହିଁ। କୁଲଟିର ତୃଣମୂଳ ବ୍ଲକ ଅଧ୍ୟକ୍ଷା କାଞ୍ଚନ ରାୟ କହିଛନ୍ତି, "ଏହା ବିଜେପିର କାମ। ପ୍ରକୃତରେ, ସେମାନେ ଆମ ସହିତ ରାଜନୈତିକ ଭାବରେ ଲଢ଼ି ପାରିବେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ, ଆମର ପ୍ରତ୍ୟେକ କର୍ମୀ, ନେତା, ବିଧାୟକ, ମନ୍ତ୍ରୀ ମଳୟ ଘଟକ ଏବଂ ଅନ୍ୟମାନେ ଛଟ୍ ପୂଜା ସମୟରେ ସ୍ଥାନୀୟ ଲୋକଙ୍କୁ ସାହାଯ୍ୟ




କରୁଛନ୍ତି। ସାଂସଦ ପ୍ରତି ମାସରେ ଏଠାକୁ ଆସନ୍ତି। ସେ ଆମ ସହିତ ରୁହନ୍ତି। ସେ ପ୍ରତ୍ୟେକ ସମସ୍ୟା ବିଷୟରେ ପଚାରନ୍ତି। ପ୍ରକୃତରେ, ସେମାନେ ଏହାକୁ ଏକ ପ୍ରସଙ୍ଗ କରୁଛନ୍ତି।

ବିଜେପି ନେତୃତ୍ୱ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେମାନେ ଏହା ତୃଣମୂଳ ଗୋଷ୍ଠୀବାଦର ଏକ ପ୍ରକାଶ ବୋଲି ପ୍ରତିଆଗ୍ରହ ପ୍ରକାଶ କରନ୍ତି। ଜିଲ୍ଲା ବିଜେପି ଉପାଧକ୍ଷ କେଶବ ପୋଦ୍ଦାର କହିଛନ୍ତି, "ଆମେ ଏକ ଖବର ସଂସ୍ଥାରୁ ଖବର ପାଇଲୁ ଯେ ରେଳ ଷ୍ଟେସନ ପାଖରେ କୌଣସି ସ୍ଥାନରେ ଏପରି ପୋଷ୍ଟର ଲଗାଯାଇଛି। ଏହା ପଛରେ ତୃଣମୂଳର କେହି ଜଣେ ଅଛନ୍ତି। ତୃଣମୂଳ ନେତାଙ୍କ ଏକ ଗୋଷ୍ଠୀ ଏଠାରେ କ୍ଷମତାକୁ ଆସିଛି, ଏବଂ ଯେଉଁମାନେ ଏହା ପାଇ ନାହାଁନ୍ତି ସେମାନେ ହିଁ ଏପରି ପୋଷ୍ଟର ଲଗାଇଛନ୍ତି।" ତେବେ, ସାଂସଦଙ୍କ ସମ୍ପର୍କରେ ସେ କହିଛନ୍ତି, "ଏହା ସତ୍ୟ, ଶାସକ ଦଳ ଅଭିନେତାଙ୍କୁ ଏଠାରୁ ବିହାରୀ ପ୍ରତିନିଧି ଭାବରେ ସଂସଦକୁ ପଠାଇଥିଲା। ସେ ଆଜି ବିହାରୀଙ୍କ ଏତେ ବଡ଼ ଉତ୍ସବରେ ଏଠାରେ ନାହାନ୍ତି। ସେ ଦୁର୍ଗାପୂଜାରେ ମଧ ଉପସ୍ଥିତ ନଥିଲେ।

ଉଲ୍ଲେଖଯୋଗ୍ୟ ଯେ ଗତ ବର୍ଷାରେ ଆସାନସୋଲରେ ପାଣି ପଶିଯାଇଥିଲା। ତୃଣମୂଳ ବିଧାୟକ ଏବଂ ମନ୍ତ୍ରୀମାନେ ଡିଭିସିକୁ ନେଇ ମୈଥାନ, ପଞ୍ଚେତ୍, ଦୁର୍ଗାପୁରରେ ଲଗାତାର ବିରୋଧ କରିଥିଲେ। ସେତେବେଳେ ମଧ ସାଂସଦଙ୍କୁ ସେହି ଅଞ୍ଚଳରେ ଦେଖାଯାଇ ନଥିଲା। ସାଂସଦ ଶତ୍ରୁଘ୍ନ ସିହ୍ନାଙ୍କୁ ଆସାନସୋଲରେ କୌଣସି ଦୁର୍ଗାପୂଜା ଉଦଘାଟନ କିମ୍ବା କାର୍ନିଭାଲରେ ଦେଖାଯାଇ ନଥିଲା। ତାଙ୍କୁ କାଳୀପୂଜା କିମ୍ବା ଦୀପାବଳିରେ ମଧ ଦେଖାଯାଇ ନଥିଲା। ଏଥର, ସେ ଛଟ୍ ପୂଜାରେ ମଧ ଉପସ୍ଥିତ ନଥିଲେ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଧନୀକଙ୍କ ସହର ସୂଚୀର ୧ ନମ୍ବର ସ୍ଥାନରେ ପୁଣି ନ୍ୟୁୟର୍କ

ନୂଆଦିଲ୍ଲୀ ୨୮।୧୦: ବିଶ୍ୱର ସବୁ ଧନବାନ ଲୋକଙ୍କ ଏକ ବଡ଼ ଭାଗ କିଛି ବଛାବଛା ସହରରେ ରହନ୍ତି। ଏହି ଦୌଡରେ ଆମେରିକା ପୁଣି ଥରେ ସମସ୍ତଙ୍କୁ ପଛରେ ପକାଇ ଦେଇଛି। ଆମେରିକାର ନ୍ୟୁୟର୍କ ସହର ବିଶ୍ୱର ଧନୀ ଲୋକଙ୍କ ସହର ସୂଚୀର ୧ ନମ୍ବର ସ୍ଥାନ ପାଇଛି।ଅଲ୍ଟ୍ରାଟାର ୱାର୍ଲଡ ଅଲଟ୍ରା ୱେଲଥ୍ ରିପୋର୍ଟରୁ ଏହି ସୂଚନା ମିଳିଛି। ଏଥିରେ ବିଶ୍ୱରେ ଧନୀକଙ୍କ ସଂଖ୍ୟା ବଢୁଥିବାର କୁହାଯାଇଛି। ଏଥିରୁ ୨୧,୩୮୦ ଜଣ ଅତି ଧନୀ ଲୋକେ ନ୍ୟୁୟର୍କ ସହରରେ ବସବାସ କରୁଥିବା କୁହାଯାଇଛି।

ଜୁନ ୨୦୨୫ ସୁଦ୍ଧା ୩କୋଟି ୟୁଏସ୍ ଡଲାରରୁ ଅଧିକ ସମ୍ପତ୍ତି ଅର୍ଥାତ ୨୫୦ କୋଟି ଟଙ୍କାରୁ ଅଧିକ ସମ୍ପତ୍ତିର ମାଲିକଙ୍କ ସଂଖ୍ୟା ବଢ଼ି ୫,୧୦,୮୧୦ ହୋଇଯାଇଛି। ଏହି ସୁପର ଧନୀକଙ୍କ ମୋଟ ସମ୍ପତ୍ତିରେ ୬.୭% ଅଭିବୃଦ୍ଧି ହୋଇଛି। ଯାହା ଏବେ ୫୯.୮ ଟ୍ରିଲିୟନ



ଆମେରିକୀୟ ଡଲାର ହୋଇଯାଇଛି। ଅର୍ଥାତ ଆମେରିକାର ବାର୍ଷିକ ଜିଡିପିର ୨ ଗୁଣାରୁ ଅଧିକ। ଏହି ଧନିକମାନଙ୍କୁ ହାଇ ନେଟ ୱର୍ଥ (ଏଚଏନଡବ୍ଲୁ) କ୍ୟାଟଗରୀରେ ରଖା ଯାଇଛି। ଏହି ଏଚଏନଡବ୍ଲୁଙ୍କ ଏକ ବଡ଼ ସଂଖ୍ୟା ନ୍ୟୁୟର୍କ ସହରରେ ରହୁଛନ୍ତି।

ନ୍ୟୁୟର୍କ ପଛକୁ ହଂକଂ ସହର ଥିବା ବେଳେ ତା ପଛକୁ ଆମେରିକାର ଲସଏଞ୍ଜେଲସ୍, ସାନଫ୍ରାନସିସ୍କୋ, ଚିକାଗୋ ଆଦି ସହର ଅଛନ୍ତି। ଜାପାନ ରାଜଧାନୀ ଟୋକିଓର ନମ୍ବର ୬ରେ ରହିଛି। ଯଦିଓ ଜାପାନ ରାଜଧାନୀରେ ଧନୀକଙ୍କ ସଂଖ୍ୟା କମିଛି ତଥାପି ଟୋକିଓ ସହର ଏବେବି ସୁପର ରିଚ୍ ଙ୍କଲାଗି ଏକ ଠିକଣା ହୋଇ ରହିଛି। ଏହା ପଛକୁ ଲଣ୍ଡନ ସପ୍ତମ ସ୍ଥାନରେ ଥିବା ବେଳେ ଅଷ୍ଟମ ସ୍ଥାନରେ ଡଲାସ ଓ ନବମ ସ୍ଥାନରେ ୱାସିଂଟନ ଡିସି ଅଛି। ଏହି ସୂଚୀର ଏକାଦଶତମ ସ୍ଥାନରେ ଭାରତ ଥିବା ବେଳେ ଏଠାରେ ୧୧,୮୬୫ ଅଲ୍ଟ୍ରା ରିଚ୍ ଲୋକେ ବସବାସ କରୁଛନ୍ତି।

ଯଦିଓ ଭାରତରେ ଧନୀକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ହେଲେ ବିଶ୍ୱର ଟପ ୫ କି ୬ ନମ୍ବର ସହର ସୂଚୀରେ କୌଣସି ଭାରତୀୟ ସହର ନାହାନ୍ତି। ତେବେ ରିପୋର୍ଟରୁ ଏହା ସ୍ପଷ୍ଟ ଦେଖା ଯାଉଛି ଆଗାମୀ ସମୟରେ ଭାରତର ବଡ଼ ସହର ଖୁବ୍ ଶୀଘ୍ର ଧନୀକଙ୍କ ଦୌଡରେ ଉପରକୁ ଆସିବେ। ଖାସ କରି ୪ ଭାରତୀୟ ସହର ଏହି ଗ୍ରୋଥରେ ସବୁଠୁ ଆଗରେ ଅଛନ୍ତି। ଏହି ତାଲିକାରେ ବେଙ୍ଗାଲୁରୁ ସବୁଠୁ ଦ୍ରୁତ ଅଭିବୃଦ୍ଧି କରୁଛି। ୨୦୨୫ ରେ ଏହି ସହରରେ ୫୯୦ ଜଣ ଅତି ଧନୀବ୍ୟକ୍ତି ରହୁଥିବା ଜଣାପଡିଛି, ଯାହା ୨୦୩୦ ବେଳକୁ ବଢ଼ି ୧,୦୭୬ ହେବାର ଅନୁମାନ କରାଯାଉଛି।

## ନଭେମ୍ବର ପ୍ରଥମ ସପ୍ତାହରେ ଆସିବ କିଷାନ ସମ୍ମାନ ନିଧି ଯୋଜନାର ୨୧ କିସ୍ତି

ନୂଆଦିଲ୍ଲୀ, ୨୮।୧୦: କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ ଦେଶର କୋଟି କୋଟି ଚାଷୀଙ୍କୁ ଲାଭ ପାଉଛନ୍ତି। ଏହି ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ମୋଟ ୨୦ଟି କିସ୍ତି ପଠାଯାଇଛି। ଏବେ ଚାଷୀମାନେ ୨୧ତମ କିସ୍ତି ପାଇଁ ଅପେକ୍ଷା କରିଛନ୍ତି, ଯାହା ନଭେମ୍ବର ପ୍ରଥମ ସପ୍ତାହରେ ପ୍ରଦାନ କରାଯିବ ବୋଲି ଅନୁମାନ କରାଯାଉଛି। ଗତବର୍ଷ ସରକାର ସମାନ ସମୟ ମଧରେ ୧୦ମ, ୧୪ତମ ଏବଂ ୨୦ତମ କିସ୍ତି ପ୍ରଦାନ କରିଥିଲେ। ତେଣୁ ଏଥର ମଧ କୃଷକମାନଙ୍କ ଆକାଉଣ୍ଟକୁ ସମୟ ଅନୁସାରେ ପାଣ୍ଠି ସ୍ଥାନାନ୍ତରିତ ହେବ ବୋଲି ଅନୁମାନ କରାଯାଉଛି। ଏହି ଯୋଜନା ଅଧୀନରେ ଚାଷୀମାନଙ୍କୁ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଟଙ୍କା ବଣ୍ଟନ କରାଯାଇଛି। ଯଦି ଜଣେ ଚାଷୀଙ୍କ ଆକାଉଣ୍ଟ କିମ୍ବା ଆଧାର-ସମ୍ବନ୍ଧୀୟ ପ୍ରକ୍ରିୟା ଅସମ୍ପୂର୍ଣ୍ଣ ଥାଏ, ତେବେ ସେମାନଙ୍କ ପାଖକୁ ଟଙ୍କା ଆସିବାରେ ବିଳମ୍ବିତ ହୋଇପାରେ। ୨୧ତମ କିସ୍ତି ଜାରି ହେବା ପୂର୍ବରୁ ଚାଷୀମାନଙ୍କୁ ଏହି ଦୁଇଟି କାମ କରିବାକୁ ହେବ। ଏହାଛଡା ଭୂ-ସତ୍ୟାପନ କରିବା ଜରୁରୀ। ଯେଉଁଥିରେ ଚାଷୀଙ୍କ ଜମିର ରେକର୍ଡ ରାଜ୍ୟର ରାଜସ୍ୱ ପୋର୍ଟାଲରେ ଭେରିଫାଏ ହୋଇଥାଏ। ଏହି ଦୁଇଟି ପ୍ରକ୍ରିୟା ଅସଂପୂର୍ଣ୍ଣ ଥିଲେ, କିସ୍ତି ଚାଷୀଙ୍କ ଆକାଉଣ୍ଟକୁ ଆସିବ ନାହିଁ। ଅନେକ ଚାଷୀଙ୍କ ପଛ କିସ୍ତି କେବଳ ଏହି କାରଣ ପାଇଁ ଅଟକି ରହିଥିଲା। ତେଣୁ ସରକାର ବାରମ୍ବାର ଚାଷୀଙ୍କୁ ଅପିଲ୍ କରି ଦୁଇଟି କାମ କରିବାକୁ କହୁଛନ୍ତି। ଏହି ଦୁଇଟି ପ୍ରକ୍ରିୟା ହେବା ପରେ କିସ୍ତି ଆପେ ଆପେ ଚାଷୀଙ୍କ ଆକାଉଣ୍ଟକୁ ଆସିଯିବ।

## ଅଗଷ୍ଟରେ ଓଡ଼ିଶାରେ ଜିଓ ଯୋଡ଼ିଛି ୧.୪୯ ଲକ୍ଷ ନୂତନ ମୋବାଇଲ୍ ଗ୍ରାହକ: ଟ୍ରାଇ

ଭୁବନେଶ୍ୱର, ୨୮।୧୦: ଓଡ଼ିଶାରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରି, ରିଲାଏନ୍ସ ଜିଓ ଅଗଷ୍ଟ ମାସରେ ରାଜ୍ୟରେ ସର୍ବାଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ିଛି। ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ଅଗଷ୍ଟ ୨୦୨୫ ରେ ଓଡ଼ିଶାରେ ପ୍ରାୟ ୧.୪୯ ଲକ୍ଷ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି। ଏଥିସହିତ, ଓଡ଼ିଶାରେ ଜିଓ ନେଟୱାର୍କରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୧ କୋଟି ୬୫ ଲକ୍ଷ ଅତିକ୍ରମ କରିଛି ଏବଂ ଜିଓ ୪୬.୫ ପ୍ରତିଶତ ଗ୍ରାହକ ବଜାର ଅଂଶ ହାସଲ କରିଛି। ଓଡ଼ିଶାର ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ସୁଲଭ ଜିଓଭାରତ ୪ଜି ଫୋନ୍ ହଜାର ହଜାର ୨ଜି ଗ୍ରାହକଙ୍କୁ ୪ଜି କୁ ଅପଗ୍ରେଡ୍ କରିବାରେ ସକ୍ଷମ କରିଛି। ତଥ୍ୟ ଅନୁଯାୟୀ, ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ଅଗଷ୍ଟ ମାସରେ ୨.୪୬ ଲକ୍ଷ ବୃଦ୍ଧି ପାଇ ୩୧ ଅଗଷ୍ଟ, ୨୦୨୫ ସୁଦ୍ଧା ୩.୫୬ କୋଟି ଅତିକ୍ରମ କରିଛି। ଜାତୀୟ ସ୍ତରରେ, ଜିଓ ଅଗଷ୍ଟ ୨୦୨୫ରେ ସର୍ବାଧିକ ୧୯.୪୯ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି।

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ରାଜଭାଷା ସମାରୋହ

ଭୁବନେଶ୍ୱର, ୨୮।୧୦: ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସରେ ରାଜଭାଷା ସମାରୋହ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଅଞ୍ଚଳର ମୁଖ୍ୟ ଦିଲ୍ଲୀପ କୁମାର ରାଉଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗୃହମନ୍ତ୍ରୀଙ୍କ ବାର୍ତ୍ତା ପଠନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦେଶର ଅଧିକାଂଶ ଲୋକ ହିନ୍ଦୀ ବୁଝନ୍ତି। ତେଣୁ ବ୍ୟବସାୟିକ ଓ ସାମ୍ବିଧାନିକ ଆବଶ୍ୟକତା ଦୃଷ୍ଟିରୁ ଅଧିକରୁ ଅଧିକ କାମ ହିନ୍ଦୀ ଭାଷାରେ କରିବା ସହ ଗ୍ରାହକମାନଙ୍କୁ ସେମାନଙ୍କ ଭାଷାରେ ବ୍ୟାଙ୍କ ସେବା ଯୋଗାଇ ଦେବା ଉପରେ ଶ୍ରୀ ରାଉଳ ଆଲୋକପାତ କରିଥିଲେ। ହିନ୍ଦୀ ମାସ ଅନ୍ତର୍ଗତ ହିନ୍ଦୀ ପ୍ରତିଯୋଗିତା ନିମନ୍ତେ ଏକ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଜେତାମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା।

# ଛଟ୍ ପୂଜାରେ ନଦୀ ପଠାରେ ଶ୍ରଦ୍ଧାଳୁ ଦେଲେ ସୂର୍ଯ୍ୟଙ୍କୁ ଅର୍ଘ୍ୟ



ବାରିପଦା,୨୮।୧୦ (ସଂଚାର ବ୍ୟୁରୋ): ବିହାରୀ ସମ୍ପ୍ରଦାୟ ପକ୍ଷରୁ ଅନାଦି କାଳରୁ ଚାଲି ଆସୁଅଛି ଛୋଟ ମହାପର୍ବ। ଏହି ପର୍ବ କୁ ବାରିପଦାରେ ଧୂମଧାମରେ ପାଳିତ କରିଛନ୍ତି। ବୁଢ଼ାବଳଙ୍ଗ ତୀରରେ ୩ ସ୍ଥାନରେ ଛୋଟ ପୂଜା ପାଳିତ ହୋଇଛି ।ପୋଡାଅସ୍ତିଆ ପୋଲ ପାଖରେ ଶ୍ରଦ୍ଧାଳୁ ମାନେ ବହୁତ ସଂଖ୍ୟାରେ ଉପସ୍ଥିତ ହୋଇ ଆଜି ସଖାଳୁ ସୂର୍ଯ୍ୟ ଙ୍କୁ ଅର୍ଘ୍ୟ ଦେଇଥିଲେ । ଏହି ପର୍ବ ପ୍ରତ୍ୟେକ ବର୍ଷ ୪ ଦିନ ଧରି ପାଳିତ ହୁଏ । ପ୍ରଥମ ଦିନ ଅରୁଆ ଅନ୍ନ ସହ ଲାଉସୁଲା ଡାଲି ଭକ୍ଷଣ ବିଧି ପୂର୍ବକ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଏ।ଦ୍ୱିତୀୟ ଦିନ ପର୍ବକୁ ଖରନା ବୋଲି କୁହା ଯାଏ। ଏହିଦିନ ସକାଳୁ ବ୍ରତୀ ଅନ୍ନ ଜଳ ବିନା ବ୍ରତ ପାଳନ କରିଥାଏ । ସନ୍ଧ୍ୟା ପରେ ଚନ୍ଦ୍ର ଦର୍ଶନ ପରେ ନିଷ୍ଠାର ସହ ଗୁଡ଼ ଖିରି ଭକ୍ଷଣ କରା ଯାଇଥାଏ। ତୃତୀୟ ଦିନ ସମ୍ପୂର୍ଣ୍ଣ ଦିନରାତି ଅନ୍ନ ଜଳ ବିନା ବ୍ରତ ପାଳନ କରାଯାଏ। ରୀତି ଅନୁସାରେ ଠେକୁଆ ପିଠା ସହ ନାନାଦି ଫଳମୂଳ ସହ ଅସ୍ତଗାମୀ ଜଳାଶୟରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଏ। ଚତୁର୍ଥ ଦିନ ଉଦିତ ସୂର୍ଯ୍ୟଙ୍କୁ ଫଳ ମୂଳ ପିଠା ସହ ଅର୍ଘ୍ୟ ପ୍ରଦାନ ଓ ହୋମାଦି କାର୍ଯ୍ୟ କରି ବ୍ରତ ସମାପନ କରାଯାଏ। ଏଥିରେ ସୂର୍ଯ୍ୟ ଦେବତାଙ୍କ ପୂଜା ବିଧି ରହିଥାଏ ।

# ବିଦ୍ୟାଳୟ ସମ୍ମୁଖ ପାଲଟିଛି ଡମ୍ପିଂୟାର୍ଡ

## ପଚା ଦୁର୍ଗନ୍ଧ ଯୋଗୁଁ ଛାତ୍ରଛାତ୍ରୀ ଓ ସାଧାରଣ ଜନତା ହନ୍ତସନ୍ତ

**ବୋରିଗୁମ୍ମା,୨୮।୧୦ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ସଦର ମୋହକୁମା ଅଧିନସ୍ଥ ୱାର୍ଡ ମାନଙ୍କର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ ସହରର ମୁଖ୍ୟ ରାସ୍ତା କଡ଼ ଏବଂ ଗଳି କନ୍ଦିରେ କୁଡ଼ କୁଡ଼ ଅଳିଆ ଆବର୍ଜନା ଦୀର୍ଘ ସମୟ ଧରି ପଡି ରହୁଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସରକାରୀ ଦାସିରିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ।



ଦୈନିକ ବାହାରୁଥିବା ଅଳିଆ ଆବର୍ଜନା ଗୁଡିକୁ ସହର କିଛି ଅସାଧୁ ଦୋକାନୀ ଓ ବ୍ୟବସାୟୀ ବିଦ୍ୟାଳୟ ସମ୍ମୁଖରେ ଫୋପାଡ଼ି ଦେଉଥିବାରୁ ସେଠାରେ ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ଏହି ଦୁର୍ଗନ୍ଧ ଏତେ ଚରମ ସୀମାରେ ପହଁଚିଲାଣି ଯେ ସ୍କୁଲରେ ବସି ପାଠ ପଢ଼ିବା ମଧ ଛାତ୍ରଛାତ୍ରୀଙ୍କ ପାଇଁ ସମ୍ଭବପର ହେଉନାହିଁ । ଏହି ଦୁର୍ଗନ୍ଧ ଦ୍ୱାରା ଆଗାମୀ ଦିନରେ ଛାତ୍ରଛାତ୍ରୀ ଯଦି କୌଣସି ରୋଗରେ ପଡନ୍ତି ତାହାହେଲେ କିଏ ଦାୟି ରହିବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜନସାଧାରଣ ପ୍ରତିଦିନ ସେହି ରାସ୍ତା ଦେଇ ମନ୍ଦିର, ବ୍ୟାଙ୍କ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ଆସିବା କରିବା ସମୟରେ ଅସ୍ୱସ୍ତିକର ଅନୁଭବ କରୁଛନ୍ତି। ଅଳିଆ ଆବର୍ଜନା ପକାଇବା ଦ୍ୱାରା ଡ୍ରେନଟି ପତି ହୋଇଯାଉଛି, ଫଳରେ ବର୍ଷା ଜଳ ସେହିବାଟ ଦେଇ ପ୍ରବାହିତ ହେବା ସମୟରେ ଅଳିଆ ଆବର୍ଜନା ଗୁଡିକ ରାସ୍ତାରେ ଭାସୁଥିବା ଦେଖିବାକୁ ମିଳୁଛି।

ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ବୋରିଗୁମ୍ମା ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷଙ୍କ ବହୁବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ତାର କୌଣସି ସୁଫଳ ମିଳିପାରିନାହିଁ । କେବଳ କାଗଜ କଲମରେ ବୋରିଗୁମ୍ମା ସହରକୁ ସରସ ସୁନ୍ଦର ପ୍ରୟାସ ଜାରି ରହିଛି। ଯାହାକୁ ନେଇ ବୋରିଗୁମ୍ମା ସହରବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । କୁଢ଼ କୁଢ଼ ଅଳିଆ ଅବର୍ଜନାରେ ବିଦ୍ୟାଳୟ ସମ୍ମୁଖ ଭାଗ ଆଜି ଭରପୁର ହୋଇ ପଡିଛି । ଯାହାଫଳରେ ସହରରେ ମଶା ବଂଶ ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ବ୍ଲକ ପ୍ରଶାସନ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ପାଇ ଏନବିବି କଫି ଟେବୁଲରେ ପାଇଲା ସ୍ଥାନ

ଯାଜପୁର,୨୮।୧୦ (ସଂଚାର ବ୍ୟୁରୋ): ବରୀ ବ୍ଲକ ଅନ୍ତର୍ଗତ କିମ୍ରିଆପାଳ ପଞ୍ଚାୟତ ନବଭାରତୀ ସରକାରୀ ଉଚ୍ଚ ବିଦ୍ୟାଳୟ ମୋ ସ୍କୁଲ କାର୍ଯ୍ୟକ୍ରମ ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ପୁରାତନ ଛାତ୍ର ସଂସଦ ସଭାପତି ଡାକ୍ତର କୈଳାସ ଚନ୍ଦ୍ର ପତି ଓ ଟିମ, ଗ୍ରାମବାସୀ ଙ୍କ ଅକୁଣ୍ଠ ସହଯୋଗରେ ପୂର୍ବତନ ପ୍ରଧାନ ଶିକ୍ଷକ ଡ଼କ୍ଟର ଗିରିଶ ବିହାରି ମିଶ୍ର ସମାପନ କରି ବିଦ୍ୟାଳୟକୁ ଉନ୍ନତି ଶୀର୍ଷରେ ପହଞ୍ଚାଇ ଥିଲେ। ବିଶେଷ କରି ମୋ ସ୍କୁଲ ଅଭିଯାନକୁ ତ୍ୱରାନ୍ୱିତ କରି ବିଦ୍ୟାଳୟରେ ବ୍ୟାପକ ଉନ୍ନତି କରାଇ ଆସିଥିଲେ ଯାହାଦ୍ୱାରା ବର୍ତ୍ତମାନ ଜିଲ୍ଲାରେ ଏକ ନମ୍ବର ସ୍ଥାନ ପାଇବା ପାଇଁ କଫି ଟେବୁଲ ମାଗାଜିନରେ ପୁରସ୍କାର ପାଇବାକୁ ଯୋଗ୍ୟ ହୋଇଥିବା ଜଣାପଡ଼ିଛି। ଡ଼କ୍ଟର ମିଶ୍ର ଙ୍କ ଅବଦାନ ପାଇଁ ଏହା ସମ୍ଭବ ହୋଇଛି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି।

# ଜିଲ୍ଲାସ୍ତରୀୟ କୋଟିଆ ଆଦିବାସୀଙ୍କ ବିଶାଳ ସମାବେଶ

ବୋରିଗୁମ୍ମା/କୋଟପାଡ଼,୨୮।୧୦ (ସଂଚାର ବ୍ୟୁରୋ): କୋଟପାଡ଼ ବ୍ଲକ ଅନ୍ତର୍ଗତ କଲୋନୀ ନଂ - ୭( ପୁରୁଷଓତ୍ତମ୍ ପୁର) ଠାରେ ଜିଲ୍ଲା ସ୍ତରୀୟ କୋଟିଆ ଆଦିବାସୀ ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ମହାସମାବେଶରେ କୋଟପାଡ଼ ନିର୍ବାଚନ ମଣ୍ଡଳୀର ବିଧାୟକ ରୁପୁ ଭତରା ଉପସ୍ଥିତ ହୋଇ ଶିକ୍ଷା, ସ୍ୱାସ୍ଥ୍ୟ ଓ କୋଟିଆ ଆଦିବାସୀଙ୍କ ସଂସ୍କୃତି, ପରମ୍ପରା ଓ ଚାଲିଚଳନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କଲୋନୀ ନଂ- ୭ ଗ୍ରାମର ସମସ୍ୟା ପଚାରି ବୁଝିବା ସହ ସମସ୍ୟା ସବୁକୁ ସମାଧାନ କରିବାକୁ ଫୋନ୍‌ଯୋଗେ ବ୍ଲକ୍ ପ୍ରଶାସନଙ୍କୁ ଅବଗତ କରାଇଥିଲେ।




କୋରାପୁଟ ଜିଲ୍ଲା କୋଟିଆ ଆଦିବାସୀ ସମାଜ ବିକାଶ ପରିଷଦର ସଭାପତି ମାଧବ ଦୋରାଙ୍କ ଅଧକ୍ଷତାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରଯାଇଥିଲା।

ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ବିଭିନ୍ନ ବ୍ଲକରୁ କୋଟିଆ ଆଦିବାସୀ ଭାଇ ଓ ଭଉଣୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଏଥିରେ କୋଟିଆ ସମ୍ପ୍ରଦାୟର ସଂସ୍କୃତି, ଚାଲିଚଳନ, ପରମ୍ପରା, ଜୀବନ ଜୀବିକା, ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପାଞ୍ଚ ଗୋଟି ବ୍ଲକ୍, ବୈପାରିଗୁଡା, କୁନ୍ଦ୍ରା, ଜୟପୁର, ବୋରିଗୁମ୍ମା, ଓ ଆୟାଯୋକ୍ କୋଟପାଡ଼ ବ୍ଲକ୍‌ରୁ ୪୦୦ରୁ ଅଧିକ ମାତ୍ରାରେ କୋଟିଆ ଆଦିବାସୀ ଭାଇ, ଭଉଣୀମାନେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକ ରପୁ ଭତରାଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ପରିଶେଷେ କୋଟପଡ ବ୍ଲକର କୋଟିଆ ଆଦିବାସୀ ସଭାପତି ଡମ୍ବରୁ ଗାବଙ୍ଗ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭା କାର୍ଯ୍ୟ ସାଙ୍ଗ କରିଥିଲେ।

# ବାଇକ୍ ଧକ୍କାରେ ଦୁଇ ଗୁରୁତର

**କନ୍ଧମାଳ,୨୮।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ଥାନା ଅନ୍ତର୍ଗତ ଆଡାସି ପଡା ପଞ୍ଚାୟତ ବଡ଼ ଭୁଇଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଆଜି ଅପରାହ୍ନ ୩ ଘଣ୍ଟିକା ସମୟରେ ଦୁଇ ବାଇକ୍ ମଧରେ ଧକ୍କା ହୋଇଛନ୍ତି । ଯାହା ଫଳରେ ଦୁଇଜଣ ଗୁରୁତର ହୋଇଥିବା ଜଣାପଡିଛି। ଗୁରୁତରମାନେ ହେଲେ ଆଡାସିପଡା ପଞ୍ଚାୟତ କାବର ଗ୍ରାମର ଆକାଶ ବେହେରା ଓ ପଧାନ ପଡା ଗ୍ରାମର ଟୁଟୁ ସାହାଣୀ । ଉଭୟଙ୍କୁ ବଲସକୁମ୍ପା ବିଜେପି ମଣ୍ଡଳ ସାଧାରଣ ସମ୍ପାଦକ ଦେବାଶିଷ ସାହାଣୀ,ରାଜିବ କହଁର, ରାଜେଶ ପ୍ରଧାନ, ସୁବଳ ସାହାଣୀ, ଶ୍ରୀକାନ୍ତ ବିଷୋୟୀ ଓ ଭୀମସେନ ଉଦ୍ଧାର କରି ଆମ୍ବୁଲାନ୍ସ ୧୦୮କୁ ଯୋଗାଯୋଗ କରିବାରୁ ବିଳମ୍ବ ହେବାରୁ ୧୦୨ ମାଧମରେ ଜଣକୁ ଏବଂ ଅନ୍ୟ ଜଣକୁ ନିଜସ୍ୱ ବାଇକରେ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟ ପଠାଇଛନ୍ତି। ଘଟଣା ସ୍ଥଳରେ ଖଜୁରୀପଡ଼ା ପୋଲିସ ପହଞ୍ଚି ଅଧିକ ତଦନ୍ତ କରିଛି ।

# ୩୪୦ ଦେଶୀ ରନ୍ଧାମଦ ଓ ୫୨୦୦ କେଜି ପୋଚ ଜବତ

ବାରିପଦା,୨୮।୧୦ (ସଂଚାର ବ୍ୟୁରୋ): ମଦ ମାଫିଆମାନଙ୍କୁ ବେଆଇନ ମଦ ପ୍ରସ୍ତୁତ, ବିକ୍ରୟ କରି ମାଲେମାଲ ହେବା ନିଶା ଘାରିଛି। ଗାଁ ଗଣ୍ଡାର ବେକାର ଯୁବକମାନଙ୍କୁ ହାତ କରି ବିଭିନ୍ନ ରାଜନୈତିକ ଦଳର ପ୍ରୋତ୍ସାହନ ପାଇ ଚୋରା ମଦ କାରବାର କରିବା ପାଇଁ ଅଣ୍ଟା ଭିଡିଛନ୍ତି।



କରୋନା ପରଠାରୁ ଚୋରା ମଦ କାରବାର ଦୃତ ଗତିରେ ବଢ଼ି ଚାଲିଛି। ଅବକାରୀ ବିଭାଗ,ପୋଲିସ ବିଭାଗ ଯେତେ କଠୋର ହେଲେ ବିମାଫିଆ ମାନଙ୍କର ଭ୍ରୂକ୍ଷେପ ନାହିଁ କି ଭୟ ନାହିଁ। ଆଇନର ଗଳାବାଟ ଦେଇ ବେଲ ପାଇବାଟା ଅତି ସହଜ ହୋଇ ଯାଉଥିବାରୁ ସେମାନଙ୍କ ସାହସ ବଢ଼ି ଚାଲିଛି। ଅପରପକ୍ଷରେ ପୋଲିସ ବିଭାଗ ଏବଂ ଅବକାରୀ ବିଭାଗରେ କର୍ମଚାରୀ ମରୁଡି। ତେଣୁ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ପାରୁ ପର୍ଯ୍ୟନ୍ତ ଚଢ଼ାଉ କରାଯାଉଛି।

ଆଜି ରାଇରଙ୍ଗପୁର ଅବକାରୀ ଉପ ଅଧୀକ୍ଷକ ସୌମ୍ୟ ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ରାଇରଙ୍ଗପୁର, ବିଶୋଇ, ବହଳଦା, ଯଶିପୁର, କରଞ୍ଜିଆ ଏବଂ ଠାକୁରମୁଣ୍ଡା ଅବକାରୀ ଥାନାଧିକାରୀ ମାନେ ମିଳିତ ଭାବେ ତେଣ୍ଟପୋଷୀ ଏବଂ ପିଠାକୁଟୁଣୀ ଗ୍ରାମ୍ୟ ଜଙ୍ଗଲରେ ବେଧଡକ ଚୋରା ମଦ ରୋଷେଇ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଅତର୍କିତ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୩୪୦ ଲିଟରଦେଶୀ ରନ୍ଧାମଦ, ୫୨୦୦ ମହୁଲ ପୋଡି, ମଦ ସାମଗ୍ରୀ ଜବତ କରିଥିଲେ। ଚଢ଼ାଉ ସମୟରେ ମଦ ମାଫିଆମାନେ ଜାଣିପାରି ପ୍ରାଣ ବିକଳରେ ଜଙ୍ଗଲ ଭିତରକୁ ପଳାଇଯାଇ ଲୁଚି ଯାଇଥିଲେ । ଘଟଣାକୁ ଅବକାରୀ ବିଭାଗ ତରଫରୁ ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରାଯାଇଛି ।

# ବିଭିନ୍ନ ଦାବି ନେଇ ପରିଚାରିକା ମହାସଂଘର ବିକ୍ଷୋଭ




**କଟକ,୨୮।୧୦ (ସଂଚାର ବ୍ୟୁରୋ):** ବିଭିନ୍ନ ଘରମାନଙ୍କରେ କାମ କରୁଥିବା ପରିଚାରିକା ମାନଙ୍କୁ ସାମାଜିକ ସୁରକ୍ଷା ଓ ବିଭିନ୍ନ ସହାୟତା ଦାବିରେ ନୂଆପଡାରେ ଥିବା କଟକ ଜିଲ୍ଲା ଲେବର ଅଫିସ ସମ୍ମୁଖରେ ପରିଚାରିକା ମହାସଂଘ ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି।

ଲିଗାଲ ହେୟାର ସାର୍ଟିଫିକେଟ ନଥିବା ଅଣସଂଗଠିତ ଶ୍ରମିକ ମାନଙ୍କୁ ମୃତ୍ୟୁକାଳିନ ସହାୟତା ପ୍ରଦାନ କରିବା, ପରିଚାରିକା ମାନଙ୍କ ପିଲାଙ୍କ ପାଠପଢା ଓ ଝିଅ ବିଭାଘର ସହାୟତା ଦେବା, ପରିଚାରିକା ମାନଙ୍କ ବିମା, ପେନସନ, ପ୍ରସୂତି କାଳୀନ ଛୁଟି ଓ ସହାୟତା ବ୍ୟବସ୍ଥା କରିବା, ପରିଚାରିକା ମାନଙ୍କ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରିବା, ପରିଚାରିକା ମାନଙ୍କର ଦୁର୍ଘଟଣାଜନିତ ସହାୟତା ଘୋଷଣା କରିବା, ପରିଚାରିକା ମାନଙ୍କୁ କର୍ମକ୍ଷେତ୍ରରେ ସାମାଜିକ ସୁରକ୍ଷା ଓ ନିରାପତ୍ତା ବେବସ୍ତା କରିବା ପ୍ରମୁଖ ଦାବି ବିକ୍ଷୋଭକାରୀଙ୍କ ପକ୍ଷରୁ କରାଯାଇଛି।

ଏହି ଦାବିରେ ଏକ ସ୍ମାରକପତ୍ର ଜିଲ୍ଲା ଲେବର ଅଫିସରଙ୍କ ଜରିଆରେ ଲେବର କମିଶନରଙ୍କୁ ଦିଆଯାଇଛି। ପରିଚାରିକା ମହାସଂଘ ସଭାପତି ଖଗେଶ୍ୱର ସେଠୀ, ଏଆଇୟୁଟିୟୁସି ଜିଲ୍ଲା ସଂପାଦକ ରାଜକିଶୋର ମଲ୍ଲିକ, ଏଆଇୟୁଟିୟୁସି ଜିଲ୍ଲା ନେତା ପ୍ରିୟଦର୍ଶିନ ପାଭେଲ, ମହାସଂଘର ନେତ୍ରୀ ସ୍ୱାଧିନୀ ବେହେରା, ଏନ୍ ରାଜୁ, ପରିଚାରିକା ମହାସଂଘ ପକ୍ଷରୁ ସନ୍ଧ୍ୟା ନାୟକ, ଉନ୍ନତି ନାୟକ, ମାମି ବେହେରା, ନମିତା ବେହେରା, ଶ୍ରଦ୍ଧାଞ୍ଜଳି ପାତ୍ର ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଘେରାଉ

ବାରିପଦା,୨୮।୧୦ (ସଂଚାର ବ୍ୟୁରୋ): ଫ୍ୟାକ୍ଟୋରୀ ଆଇନ ୨୦୨୫କୁ କୁଠାରାଘାତ କରି ଦୈନିକ ଶ୍ରମ ସମୟ ୮ ଘଣ୍ଟା ପରିବର୍ତ୍ତେ ୧୦ଘଣ୍ଟା ଘୋଷଣା କରି କର୍ମଚାରୀ ସଂଖ୍ୟା ହ୍ରାସ, ନୂତନ ନିଯୁକ୍ତି ବନ୍ଦ କରିବା ପ୍ରତିବାଦରେ ଏବଂ ଓଡ଼ିଶାରେ ବିଜେପି ଶାସନ ଅମଳରେ ମହିଳାଙ୍କ ପ୍ରତି ହିଂସା ବଢୁଥିବା ବଳେ ସପସ୍ ଆଣ୍ଡ କମର୍ସିଆଲ ଏଷ୍ଟାବ୍ଲିଶମେଣ୍ଟ ଆକ୍ଟର ପରିବର୍ତ୍ତନ କରି ମହିଳାମାନଙ୍କୁ ରାତ୍ର ସମୟ ଡିଉଟି ଦେବା ଆହୁରି ଅସୁରକ୍ଷା ବୃଦ୍ଧି ସମ୍ଭାବନା ପ୍ରତିବାଦରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସ୍ୱାଧୀନ ଫେଡେରେସନଙ୍କ ଆହ୍ୱାନ କ୍ରମେ ଆଜି ବାରିପଦା ସ୍ଥିତ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଅଛି।



ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ ଏବଂ ଏଆଇୟୁଟିୟୁସି ଇତ୍ୟାଦି ଶ୍ରମିକ ସଂଗଠନ ଏହି ବିକ୍ଷୋଭ ସମାବେଶରେ ସାମିଲ ଥିଲେ। ବରିଷ୍ଠ ଏଆଇଟିୟୁସି ନେତା କାହ୍ନୁ ଚରଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶ୍ରମିକ ସମାବେଶ ଅବସରରେ ଏକ ଦାବିପତ୍ର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଅଛି।

# ବାତ୍ୟା ଆଶ୍ରୟସ୍ଥଳ ବୁଲି ଦେଖିଲେ ତହସିଲଦାର

**ଜୟପୁର, ୨୮।୧୦ (ସଂଚାର ବ୍ୟୁରୋ):** ମୋନ୍ଥାର ପ୍ରଭାବରେ ଜୟପୁର ତହସିଲର ଲୋକେ ଯେପରି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥି ନିମନ୍ତେ ଜୟପୁର ତହସିଲର ବାଲିଆ ଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳକୁ ତହସିଲଦାର ଅନୁଧ୍ୟାନ କରି ଫେରିଛନ୍ତି। ତହସିଲଦାର ସବ୍ୟସାଚୀ ଜେନା କହିଛନ୍ତି ଗତକାଲି ଜୟପୁର ତହସିଲରେ ସମସ୍ତ ଆର ଆଇ ଓ କର୍ମଚାରୀଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ଉକ୍ତ ବୈଠକରେ ମୋନ୍ଥା ବାତ୍ୟାରେ ତଦାରଖ କରିବା ପାଇଁ ତାଗିଦ କରାଯାଇଥିଲା। ସମସ୍ତ ଆରଆଇଙ୍କୁ ଟାରପଲିନ ଦିଆଯାଇଛି ଏବଙ୍ଗ ଏଲର୍ଟ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଆଶ୍ରୟ ସ୍ଥଳରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ବିଷୟରେ ଅନୁଧ୍ୟାନ କରାଯାଇଥିଲା। ଆଜି ଅପରାହ୍ନ ସୁଦ୍ଧା ଜୟପୁର ତହସିଲରେ ସେପରି କିଛି ଦେଖା ଦେଇନାହିଁ। ଯଦି କିଛି ହୁଏ ତେବେ ସମସ୍ତ କର୍ମଚାରୀ ସଜାଗ ହୋଇ ରହିଛନ୍ତି ବୋଲି ପ୍ରକାଶ କରିଥିଲେ। ଆଜି ଏହି ପରିଦର୍ଶନ ସମୟରେ ଅତିରିକ୍ତ ତହସିଲଦାର ଚିତରଞ୍ଜନ ପଟ୍ଟନାୟକ, ସୁପରଭାଇଜର ହରିହର ଶତପଥୀଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ଅଭିଭାବକ ସମ୍ମିଳନୀ

**ନବରଙ୍ଗପୁର,୨୮।୧୦ (ସଂଚାର ବ୍ୟୁରୋ):** ରବିବାର ଦିନ ମେଦ୍ରୀସାହି ସ୍ଥିତ ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ଅଭିଭାବକ/ ଅଭିଭାବିକା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଶ୍ରେଣୀ- ଅରୁଣ, ଉଦୟ, କିରଣ ଏବଂ ପ୍ରଥମ ଶ୍ରେଣୀର ଅଭିଭାବକ ଓ ଅଭିଭାବିକାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।



ପ୍ରଥମ ପର୍ଯ୍ୟାୟରେ ମାସିକ ଗୀତ, ଧ୍ୟାନ୍, ସରସ୍ୱତୀ ବନ୍ଦନା ଗାଇଥିଲେ ଏବଂ ଏସ୍. ରୂପାରାଣୀ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ପ୍ରଧାନ ଗୁରୁଜୀ ଶ୍ରୀ ରବି ଶଙ୍କର ସାହୁ ସର୍ବ ପ୍ରଥମେ ଅଭିଭାବକ, ଅଭିଭାବିକାଙ୍କୁ ସ୍ୱାଗତ ଜଣାଇଥିଲେ। ଶିଶୁ ମାନଙ୍କର ବୌଦ୍ଧିକ କାର୍ଯ୍ୟଧାରା, ଶିଶୁଙ୍କର ଉନ୍ନତିରେ ପିତା, ମାତା କିପରି ଯୋଗଦାନ କରି ଶିଶୁଙ୍କୁ ଆଗେଇ ନେବେ ତାହା ସେ ଭଲଭାବରେ ବୁଝାଇଥିଲେ। ଶିଶୁଙ୍କ ପାଠ ପଢ଼ା ଠାରୁ ଶାରୀରିକ, ମାନସିକ, ବୌଦ୍ଧିକ ତଥା ଶିଶୁର ଆଚାର,ବିଚାର ସମ୍ପର୍କରେ ମଧ ମତବ୍ୟକ୍ତ କରିଥିଲେ। ଶିଶୁ ଆଗାମୀ କାଲିର ଭବିଷ୍ୟତ କେବଳ ଗୁରୁଜୀ ଗୁରୁମା ନୁହନ୍ତି ପିତା ମାତା ମଧ ଶିଶୁର ଉନ୍ନତିରେ ସକ୍ରିୟ ଭାବରେ ଆଗେଇ ଆସିବା ଉଚିତ୍ ବୋଲି ଭାଷଣ ପ୍ରସଙ୍ଗରେ କହିଥିଲେ। ତତ୍‌ସହିତ ମୋବାଇଲ୍ ବ୍ୟବହାର ତଥା ବ୍ୟବହାରିକ ଜ୍ଞାନ ବିଷୟରେ ପ୍ରାଞ୍ଜଳ ଭାବରେ ସମସ୍ତଙ୍କୁ ବୁଝାଇଥିଲେ।

# କ୍ରାଣ୍ଡିବାଲି ପଞ୍ଚାୟତରେ ଦୁର୍ନୀତି ନିବାରଣ ସପ୍ତାହ ଓ ଶପଥ ପାଠ

**ଫିରିଙ୍ଗିଆ,୨୮।୧୦ (ସଂଚାର ବ୍ୟୁରୋ):** ଚଳିତ ମାସ ଅକଟୋବର ୨୭ ତାରିଖ ଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଚାଲିଥିବା ବେଳେ ଫିରିଙ୍ଗିଆ ବ୍ଲକରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ମଧ ଦୁର୍ନୀତି ନିବାରଣ ସପ୍ତାହ ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତରେ ଏହି ଦୁର୍ନୀତି ମୁକ୍ତ ସପ୍ତାହ ପାଳନ କାର୍ଯ୍ୟକ୍ରମରେ କ୍ରାଣ୍ଡି ବାଲି ସରପଞ୍ଚ ଲକ୍ଷ୍ମୀ କହଁର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଟାଇଟସ କୁମାର ନାୟକ, ଏଓ ଲକ୍ଷ୍ମୀପ୍ରିୟା ନାୟକ, ଏଲଆଇ ସଂଗ୍ରାମ କେଶ୍ୱରୀ ପୃଷ୍ଟି, ଏଡିଇଓ ଶ୍ରବଣ କୁମାର ପ୍ରଧାନ, ନାଏବ ସରପଞ୍ଚ ଦାମୋଦର ପ୍ରଧାନ, ଯୋଗାଣ ସହାୟକ ଶତ୍ରୁଘନ ପ୍ରଧାନ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ଦୁର୍ନୀତି ସପ୍ତାହ ପାଳନ ଅବସରରେ ଉପସ୍ଥିତ ସମସ୍ତେ ଦୁର୍ନୀତିର ମୁଳୋତ୍ପାଟନ ନମନ୍ତେ ସର୍ବାଧିକ ସାଧୁତା ଓ ସତ୍ୟନିଷ୍ଠାରେ ପ୍ରତିବଦ୍ଧ ରହି ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବା ସହିତ ପ୍ରତ୍ୟକ୍ଷ ସଚୋଟତା ଏବଂ ଆଇନର ଶାସନକୁ ଅନୁପାଳନ କରିବା ପାଇଁ ସାଧୁତାର ଶପଥ ପାଠ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟରେ ଅନ୍ୟାନ୍ୟ କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ।



# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଶୋଭାଯାତ୍ରା

**ସମ୍ବଲପୁର, ୨୮।୧୦ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଅକ୍ଟୋବର ୨୭ ତାରିଖ ଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପ୍ରତ୍ୟେକ ପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସାଧାରଣ ନାଗରିକଙ୍କୁ ଦୁର୍ନୀତି ନିବାରଣ ସମ୍ପର୍କରେ ସଚେତନ କରାଇବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଭିଜିଲାନ୍ସ ବିଭାଗର ମିଳିତ ସହଯୋଗରେ ସମ୍ବଲପୁରର ସିଏସବି ଜିଲ୍ଲା ସ୍କୁଲରୁ ଗୋଲବଜାର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ କୁମାର ଭୋଇ, ସମ୍ବଲପୁର ଖଣ୍ଡର ଦୁର୍ନୀତି ନିବାରଣ ବିଭାଗୀୟ ଏସପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ଅଂଶ ଗ୍ରହଣ କରିଥିଲେ।

# ବିହାରୀ ସମ୍ପ୍ରଦାୟର ଛଟ ପର୍ବ ପାଳିତ

**ବଲାଙ୍ଗିର, ୨୮।୧୦ (ସଂଚାର ବ୍ୟୁରୋ):** ସମଗ୍ର ଦେଶରେ ଆସ୍ଥା ଓ ବିଶ୍ୱାସର ବିହାରୀ ସମ୍ପ୍ରଦାୟର ସୂର୍ଯ୍ୟଙ୍କ ଉପାସନା ପାଇଁ ମହାନ ଛଟ ପର୍ବ ବଲାଙ୍ଗିରରେ ପାଳିତ ହୋଇଯାଇଛି। ଗତକାଲି କାର୍ତ୍ତିକ ମହାନ ଷଷ୍ଠି ତିଥିରେ ଅସ୍ତଗାମି ସୂର୍ଯ୍ୟଙ୍କ ଉପାସନା ପାଇଁ ଏହି ସମ୍ପ୍ରଦାୟର ସବୁ ବର୍ଗର ମହିଳା ମାନେ ସ୍ଥାନୀୟ ରାଣୀବନ୍ଧ ଆଡି ଓ ସିଲିକନ ଭେଲି ନିକଟ ସାଲେପାଲି ଜଳ ଉତସ ଜଳାଶୟରେ ଛଟ ପାଳନ କମିଟି ଦ୍ୱାରା ପାଳିତ ହୋଇଥିଲା ବେଳେ ଆଜି ସକାଳେ ଏହି ପୋଖରୀରେ ଉଦୟଗାମି ସୂର୍ଯ୍ୟ ଭଗବାନଙ୍କୁ ପୂଜା କରାଯାଇଥିଲା। ଗୁଡ଼ ଅଟାରେ ନିର୍ମିତ ନୈବେଦ୍ୟ ଦିଆଯାଇଥିଲା ବେଳେ ଭୋଗ ଶ୍ରଦ୍ଧାଳୁ ମାନଙ୍କୁ ଦିଆଯାଇଥିଲା। ୨୬ ତାରିଖ ସନ୍ଧ୍ୟାରେ କ୍ଷୀରପ୍ରସାଦ ସେବନ, ୨୭ ତାରିଖ ସନ୍ଧ୍ୟା ୫ଟା ୨୪ ରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ ଓ ଆଜି ସକାଳ ୫ଟା ୫୬ ରେ ଉଷା ଅର୍ଘ୍ୟ ଅର୍ପଣ ହୋଇଥିଲା।

# କାର୍ଯ୍ୟ ଆରମ୍ଭ ନ ହେଉଣୁ ବାରି ହେଉଛି ଦୁର୍ନୀତିର ଗନ୍ଧ

**ବୈଶିଙ୍ଗା,୨୮।୧୦ (ସଂଚାର ବ୍ୟୁରୋ):** "ବିକଶିତ ଗାଁ ବିକଶିତ ଓଡ଼ିଶା" ନାମରେ ବେତନଟୀ ବ୍ଲକ ଅଧିନରେ ଯେତେ ସବୁ କାର୍ଯ୍ୟ ଚାଲିଛି ସବୁଥିରେ ଦୁର୍ନିତିର ଗନ୍ଧ ବାରି ହୋଇ ପଡୁଥିବାର ଅଭିଯୋଗ ହେଉଛି । ବର୍ତ୍ତମାନ ଶାସକ ବିଜେପି ଯେତେ ବେଳେ ବିରୋଧି ଦଳ ଆସନରେ ଥିଲେ ସେତେବେଳେ କହୁଥିଲେ ଆମେ ସରକାର କୁ ଆସିଲେ ପିସି କୁ ସଂପୂର୍ଣ୍ଣ ମୂଳ ପୋଛ କରିଦେବୁ। ମାତ୍ର ତାହା କିପରି କାର୍ଯ୍ୟକାରୀ ହେଉଛି ତାହା ବେତନଟୀ ବ୍ଲକ ଅଧିନସ୍ଥ ସମସ୍ତ ପଞ୍ଚାୟତର ବିକାଶ କାର୍ଯ୍ୟରୁ ଜାଣି ହେବ । ଅନାମଧେୟ କମ୍ପାନୀର ସିମେଣ୍ଟ , ଖରାପ ମେଟାଲ ଏବଂ ମାଟି ମିଶ୍ରିତ ବାଲି ରେ କାର୍ଯ୍ୟକୁ ବିରୋଧ କରିଲେ ବିଡିଓ ମହାଶୟ କହୁଛନ୍ତି, କାର୍ଯ୍ୟକୁ ବିରୋଧ କରିଲେ ଜେଲ ପଠାଇ ଦେବି। ଏହା ମୂଳରେ କଣ କାରଣ ତାହା ଅନୁମାନ କରାଯାଇ ପାରେ। ସନ୍ତରା ପଞ୍ଚାୟତ ଅଧିନ ଇଶାଣପୁର ଗ୍ରାମ ରାସ୍ତା କଙ୍କ୍ରୀଟ ପକ୍କା ରାସ୍ତା ପାଇଁ ତିନି ଲକ୍ଷ ଟଙ୍କା ମଞ୍ଜୁରୀ ପାଇବା ପରେ ସେହି ଗ୍ରାମର ଗ୍ରାମବାସୀ କାର୍ଯ୍ୟ ନ ପାଇ ବାହାର ଗ୍ରାମର ଲୋକ କାମ କରିବେ କାରଣ ଏହା ବିଭାଗୀୟ ଜେଇ ଙ୍କ ନାମରେ କାର୍ଯ୍ୟାଦେଶ ରହିଛି। ତେଣୁ ସେ ମନ ଇଚ୍ଛା ଯାହା କରି ପାରିବେ । ବିରୋଧ କରିବା ପରେ ଧମକ ଦିଆଯାଉଛି । ଏଥିରୁ ବିକଶିତ ଗାଁ ବିକଶିତ ଓଡ଼ିଶା କେତେ ଫଳପ୍ରଦ ଅନୁମାନ କରାଯାଇପାରେ ।




# ପବିତ୍ର ଅଁଳା ନବମୀ ଉପଲକ୍ଷେ ଦେବନୀତି ନିର୍ଘଣ୍ଟ

**ପୁରୀ, ୨୮।୧୦ (ସଂଚାର ବ୍ୟୁରୋ):** ଶ୍ରୀ ଶ୍ରୀ ସାକ୍ଷୀଗୋପାଳ ମନ୍ଦିରରେ ଚଳିତ ମାସ ୩୧ ତାରିଖରେ ଅନୁଷ୍ଠିତ ହେବ ପ୍ରସିଦ୍ଧ ଅଁଳା ନବମୀ ଓ ରାଧା ପାଦ ଦର୍ଶନ। ଶ୍ରୀ ଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ପକ୍ଷରୁ ଏଥିପାଇଁ ଦେବ ନୀତି ନିର୍ଘଣ୍ଟ ହୋଇଛି।

ଗତକାଲି ଅପରାହ୍ନରେ ପଞ୍ଚସଖା ସ୍ମୃତି ଭବନ ଠାରେ ଅନୁଷ୍ଠିତ ଦ୍ୱିତୀୟ ସମନ୍ୱୟ ବୈଠକରେ ଏହାକୁ ସେବାୟତ ସଂଘ ପକ୍ଷରୁ ସାର୍ବଜନୀନ କରାଯାଇଥିଲା। ଦ୍ୱାରଫିଟା ପୂର୍ବ ରାତ୍ର ୧୨ ଟାରୁ ୧ଟା, ମଙ୍ଗଳ ଆଳତୀ ରାତ୍ର ୧ଟା ରୁ ରାତ୍ର ୧ଟା ୩୦ ମିନିଟ, ବେଶ, ମଇଲମ, ମର୍ଦ୍ଦନ ଅବକାଶ ରାତ୍ର ୧ଟା ୩୦ ମିନିଟରୁ ୨ଟା, ନଟବର ବେଶ ରାତ୍ର ୨ଟାରୁ ୨ଟା ୩୦ ମିନିଟ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ବଲ୍ଲଭ ରାତ୍ର ୨ଟା ୩୦ ରୁ ୩ଟା, ସକାଳ ଧୂପ, ବାଳଧୂପ ଓ ମଦନ ମୋହନ ଭୋଗ ରାତ୍ର ୩ ରୁ ୪ଟା, ସେବାୟତ ଓ କର୍ମଚାରୀ ପରିବାର ଦର୍ଶନ ଭୋର ୪ ଟାରୁ ୫ଟା, ସର୍ବସାଧାରଣ ଦର୍ଶନ ସାହାଣ ମେଲା ଭୋର ୫ଟା ରୁ ରାତ୍ର ୧୨ଟା ୩୦ ମିନିଟ, ସେବାୟତ ଓ କର୍ମଚାରୀ ପରିବାର ଦର୍ଶନ ଅପରାହ୍ନ ୪ଟା ୩୦ ମିନିଟ ଠାରୁ ଅପରାହ୍ନ ୫ଟା, ସାଧାରଣ ଦର୍ଶନ ଅପରାହ୍ନ ୫ଟାରୁ ରାତ୍ର ୧୨ଟା ୩୦ ମିନିଟ, ପରବର୍ତ୍ତୀ ଦେବନୀତି ଆରମ୍ଭ ଓ ପହୁଡ଼ ଅନୁଷ୍ଠିତ ହେବ।

ସେହିପରି ନଭେମ୍ବର ୨ ତାରିଖ ବଡ ଏକାଦଶୀ ପାଇଁ ଦ୍ୱାର ଫିଟା ପୂର୍ବ ରାତ୍ର ୧ଟାରୁ, ମଙ୍ଗଳ ଆଳତୀ, ବେଶ, ମଇଲମ, ମର୍ଦ୍ଦନ ଅବକାଶ ରାତ୍ର ୨ଟା, ଲକ୍ଷ୍ମୀ ନାରାୟଣ ବେଶ ରାତ୍ର ୨ଟାରୁ ରାତ୍ର ୨ଟା ୩୦ ମିନିଟ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ ରାତ୍ର ୨ଟା ୩୦ ମିନିଟରୁ ରାତ୍ର ୩ଟା, ସକାଳ ଧୂପ, ବାଳ ଧୂପ ଓ ମଦନ ମୋହନ ଭୋଗ ରାତ୍ର ୩ଟାରୁ ୪ଟା, ସେବାୟତ ଓ କର୍ମଚାରୀ ପରିବାର ଦର୍ଶନ ଭୋର ୪ ଟାରୁ ୫ଟା, ସର୍ବସାଧାରଣ ଦର୍ଶନ ସାହାଣ ମେଲା ଭୋର ୫ଟା ଠାରୁ ଅପରାହ୍ନ ୩ଟା, ପାଳିଆ ପରିବର୍ତ୍ତନ ଅପରାହ୍ନ ୩ ଟାରୁ ଅପରାହ୍ନ ୩ଟା ୩୦ ମିନିଟ, ସର୍ବସାଧାରଣ ଦର୍ଶନ ଅପରାହ୍ନ ୩ଟା ୩୦ ମିନିଟରୁ ରାତ୍ର ୧୧ଟା, ପରବର୍ତ୍ତୀ ଦେବନୀତି ଆରମ୍ଭ ଓ ପହୁଡ଼ ଅନୁଷ୍ଠିତ ହେବ ବୋଲି ସେବାୟତ ସଂଘର ସମ୍ପାଦକ ଅବଗତ କରାଇଛନ୍ତି।

# ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ଓଜନ ଧରପଗଡ଼

**ପୁରୀ, ୨୮।୧୦ (ସଂଚାର ବ୍ୟୁରୋ):** ବୈଧ ଓଜନ ମାପ ନିୟନ୍ତ୍ରକଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ପୁରୀର ବିଭିନ୍ନ ଏଲପିଜି ଡିଲରଙ୍କ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ସିଲିଣ୍ଡର ଓଜନ ପାଇଁ ବ୍ୟବହାର ହେଉଥିବା ଓଜନ ମେସିନର ଯାଞ୍ଚ୍ ମଧ୍ୟ କରାଯାଇଥିଲା। ଏଲପିଜି ସିଲିଣ୍ଡରର ଓଜନ ଠିକ ରହିଥିଲା ବେଳେ ଅନ୍ୟ ନିୟମ ଉଲଙ୍ଘନ ପାଇଁ ୧୨ ହଜାର ଟଙ୍କାର ଜୋରିମାନା ଆଦାୟ କରାଯାଇଥିଲା।



## ଶଙ୍ଖା ସିନ୍ଦୂରରେ ମୋ ସଂସ୍କୃତି

ବାସନ୍ତୀ ଲତା ଜେନା

ଓଡ଼ିଆ ସଂସ୍କୃତି ତାର ପରମ୍ପରା
ହିନ୍ଦୁ ନାରୀ ପାଳି ଥାଏ
ଦୁଇ ପଟ ଶଙ୍ଖା ଟୋପାଏ ସିନ୍ଦୂର
ପରିଚୟ ବଦଳାଏ ( ଘୋଷା )

ଐତିହ୍ୟ ତାହାର ଅତୀବ ସୁନ୍ଦର
ପ୍ରଥା ତାର ମଧୁ ଝରା
ବିବାହ ବେଦିରେ ବର କନ୍ୟା ଦୁଇ
ହସ୍ତ ଗଣ୍ଠି ତ ନିଆରା
ବର ଯେ ପିନ୍ଧାନ୍ତି କନ୍ୟାକୁ ସିନ୍ଦୂର
ମନ୍ତ୍ର ପାଠ ହେଉ ଥାଏ
ଦୁଇ ପଟ ଶଙ୍ଖା... ।୧।

ଦଶ ଦିଗପାଳ ସାକ୍ଷୀ ରହି ଥାନ୍ତି
ଶଙ୍ଖା ସିନ୍ଦୂରର ସ୍ମୃତି
ସଧବା ନାରୀର ସୁହାଗ ସିନ୍ଦୂର
ମନରେ ଦିଅଇ ଶାନ୍ତି
ସିନ୍ଦୂର ଟୋପାଏ କପାଳରେ ଥିଲେ
ନାରୀ ଭାଗ୍ୟବତୀ ହୁଏ
ଦୁଇ ପଟ ଶଙ୍ଖା.... ।୨।

ଶଙ୍ଖା ସିନ୍ଦୂର ଯେ ନାରୀର ଭୂଷଣ
ମୁଲ ତା ଅମୁଲ ମୁଲ
ସଉଭାଗ୍ୟବତୀ ସେ ନାରୀ ହୁଅଇ
ସନ୍ତୋଷରେ ତା ମହଲ
ପାପି ନଜରକୁ ଏଡାଇ ଦିଏ ସେ
ସମ୍ମାନ ସେ ପାଇ ଥାଏ
ଦୁଇ ପଟ ଶଙ୍ଖା.... ।୩।

ସକାଳୁ ଉଠି ସେ ନିତ୍ୟ କର୍ମ ସାରି
ସ୍ନାନ କର୍ମ ସାରି ଥାଏ
ଦର୍ପଣ ଆଗରେ ସିନ୍ଦୂର ପିନ୍ଧଇ
ସିନ୍ତାଣି ତା ଭରି ଯାଏ
ବୃନ୍ଦାବତୀ ମୂଳେ ଜଳ ଦାନ କରେ
ଶୁଭ ମାନସୀ ସେ ଥାଏ
ଦୁଇ ପଟ ଶଙ୍ଖା.... ।୪।

ଶଙ୍ଖା ଓ ସିନ୍ଦୂର ହିନ୍ଦୁ ରମଣୀର
ସର୍ବସ୍ୱ ଯେ ହୋଇ ଥାଏ
ଓଷା ବ୍ରତ କରେ ସ୍ୱାମୀଙ୍କ ପାଇଁ ସେ
ସ୍ୱାମୀଙ୍କ ମଙ୍ଗଳ ଚାହେଁ
ଦୀର୍ଘ୍ୟ ଜୀବି ହେଉ ସ୍ୱାମୀଙ୍କ ଆୟୁଷ
ଏତିକି ସେ ଚାହିଁ ଥାଏ
ଦୁଇ ପଟ ଶଙ୍ଖା.... ।୫।

ଆଜି କାଲି ନାରୀ ସିନ୍ଦୂର ନ ପିନ୍ଧି
କପାଳ ଶୂନ୍ୟ କରନ୍ତି
ହାତ ଖାଲି କରି ଘଣ୍ଟା ପିନ୍ଧି ଥାନ୍ତି
ଆଧୁନିକ ବୋଲାଅନ୍ତି
ଆମର ସଂସ୍କୃତି ଅପଭ୍ରଂଶ ହୁଏ
ସଂସ୍କାର ବିରୋଧୀ ହୁଏ
ଦୁଇ ପଟ ଶଙ୍ଖା..... ।୬।

ଗାନ୍ଧୀନଗର, ପୋଷ୍ଟ/ ଜିଲ୍ଲାଃ ନବରଙ୍ଗପୁର



## କାଗଜ ଡଙ୍ଗା

ନିବେଦିତା ପଣ୍ଡା

ଦୁନିଆର ଗତି ଆଗକୁ ଆଗକୁ
ଜୀବନର ଗତି ରହସ୍ୟାବୃତ,
ସେଦିନ ଓ ଆଜି ଭିତରେ ଦେଖିଲେ
ଆକାଶ ପାତାଳ ଲାଗେ ତଫାତ।

ସେଦିନ ବି ଥିଲା ଆଜି ବି ରହିଛି
କାଗଜ ଡଙ୍ଗାର ସ୍ମୃତି ମନରେ,
ସେଦିନର ସେହି ସୁନେଲି ମୁହୂର୍ତ୍ତ
ହଜିଯାଇଛି ନିରାଶା ଅନ୍ଧାରେ।

ପିଲାଦିନେ ଥିଲା କାଗଜ ଡଙ୍ଗା ଯେ
କେବେଠାରୁ ଛାଡ଼ି ଆସିସାରିଛି,
ତଥାପି ତାହାର ସମ୍ମୋହନ ସତେ
ପଛକୁ କାହିଁକି ଟାଣି ନେଉଛି।

ଜାଣିଛି ସେଦିନ ଫେରି ଆସିବନି
ତଥାପି ମନରେ ଜାଗୁଛି ଖୁସି,
ଲାଗେ ବେଳେ ବେଳେ ସ୍ମୃତି ସହ କିନ୍ତୁ
ସେହି ଦିନ ସତେ ଯାଉଛି ଆସି।

ଅତୀତର ପୃଷ୍ଠା ସାମ୍ନାରେ ଆସିଲେ
ନଜରେ ଆସଇ କାଗଜ ଡଙ୍ଗା,
ପୃଷ୍ଠା ଖୋଜୁ ଖୋଜୁ ଆଖି ଭିଜିଯାଏ
ଆଜିର ଦିନରେ କେତେ ମହଙ୍ଗା।

ସ୍ମୃତି ସହ ଅଛି କାଗଜ ଡଙ୍ଗାଟି
ରହିଛ ରହିବ ଜୀବନ ସାରା,
ଯେବେ ମନେ ପଡେ ସେହି କଥା ମୋର
ଆଖି ହୁଏ ମୋର ଲୋତକଭରା।

ରଫ୍ ଖାତା ଚିରି ଡଙ୍ଗା ମୁଁ କରିଛି
ଭସାଇ ଦେଇଛି ବରଷା ଧାରେ,
ଅଫୁରନ୍ତ ଖୁସି ସାଉଁଟି ଥିଲି ତ
ବରଷା ଭିଜା ସେ ଗାଁ।

କାରଣ ଜାଣିନି ଖୋଜି ବି ପାଉନି
କାହିଁକି ଆସୁଛି ସେଦିନ ସ୍ମୃତି,
ଯେଉଁ ସ୍ମୃତି ସହ ସମୟ ହଜିଛି
ବଦଳି ଯାଇଛି ସେ ପରିସ୍ଥିତି।

ହେ ମୋର ଅତୀତ କାହିଁକି ତୁ ଡାକୁ,
ମୋ ମନ ବା କାହିଁ ହୁଏ ଅଧୀରା,
ସପନ ରାଇଜ ପରି ଟିଏ ପରି
ମନରେ ରହିଛି ତା' ଅପାଶୋରା।

ବିତିଯିବା କାଳ ବହିଯିବା ଜଳ,
କଥା ଅଛି କେବେ ଆସେନା ଫେରି,
ମୋ ମନ ତଥାପି ବୁଝେନା କାହିଁକି,
ବୃଥାରେ ତାକୁ ମୁଁ ହେଉଛି ଝୁରି।

ଫେରୁ କି ନଫେରୁ ସେଦିନଟି ମୋର,
ମାନସ ଚକ୍ଷୁରେ ଅଛି ତା ରୂପ,
ନୀଳ ଅନ୍ଧାରରେ ତୋଫା ତୋଫା ଦିଶେ,
ଜହ୍ନ ଫୁଲିଆ ସେ ସୁନ୍ଦର ଛାପ ।

ରାଉରକେଲା



## ସେ ଆସେ

ଡ.ଚନ୍ଦ୍ରକଳା ନାୟକ

ସତେ ତ...... ବରଷା ଆସେ
କଳା ଭସା ବାଦଲର ଆକାଶରେ
ପ୍ରଶସ୍ତ ସାଜସଜା ଭିତରେ
ମେଘ ସ୍ୱନର ବାଣ ଫୁଟାଇ, ଆଉ
ରୋଷଣୀର ପଟୁଆର ନେଇ ।
ବିସ୍ତାରିତ କରି ଆକାଶର ବକ୍ଷକୁ
ଦୌପଦୀର ଘନ କେଶ ବିନ୍ୟାସକୁ
ପୁଣି, ଆସେ ପାହାଡ଼କୁ ଆଲିଙ୍ଗନ କରି ।
ଫୁଙ୍ଗୁଳା ସକାଳଟାରେ ଆସେ
ଚାମର ହଲାଇ ଗାଁ ଦାଣ୍ଡଟାରେ
ଭିଜାଇ ଦେବାକୁ ଦରଫଟା ମାଟିକୁ
ଲହୁଣି ପରି ନରମି ଦେବାକୁ ମାଆ କୋଳକୁ ।
ଫୁଲକୁ ଚୁମ୍ବନ ଦେଇ ଫୁଟିବାକୁ ଆସେ
କାଶତଣ୍ଡୀ କାଇଁଚକୁ ଗର୍ଭବତୀ କରି
ନଦୀର ଗର୍ଭକୁ ପରିପୂର୍ଣ୍ଣ କରିବାକୁ
ତା ଦେହରେ ମାଧୁର୍ଯ୍ୟ ଭରି
ସେ ଆସେ ବିମୁଗ୍ଧା ସାଜିବାକୁ ।
ଏଥର ତ ସେ ଅଚାନକ ଆସେ
ପିନ୍ଧି ଘୂର୍ଣ୍ଣି ବଳୟର କଳା ଘାଗରାକୁ
ଅସ୍ତବ୍ୟସ୍ତ କରିବାକୁ ପାର୍ବଣର ପରମ୍ପରା
ସେ ତ ଅଭିମାନିନୀ ରାଧା ନୁହେଁ
ତେବେ ଏତେ କିଆଁ ଅହଂକାର ତାର ।
ଓ ହୋ, ସେ ବୋଧେ ଏଥର ଆସିଛି
ମାନବକୁ ଶିକ୍ଷା ଦେବା ପାଇଁ
ରାତ୍ରିର ସୁରାରେ ମାତାଲ କରି
କାମାତୁର ମଣିଷକୁ ଚେତାଇ ଚେତାଇ
ପ୍ରଳୟ ପୟୋଧୀ କରି ସଜାଡି ଦେବାକୁ
ଏ ସଂସାରର ଯେତକ ବିପଥୀ ମାନଙ୍କୁ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର**
**ମୋବାଇଲ୍: ୯୪୩୭୯୫୭୬୧୭**



## ବୋଉ

ଡକ୍ଟର ମନୋରଞ୍ଜନ ବିଷୋୟୀ

ବୋଉ...ଫେରାଇ ନେ
ମୋ ଯୌବନ
ଫେରାଇ ଦେ ମୋତେ
ମୋ ପିଲାଦିନ।
ବେଶ ଭଲ ଥିଲା
ମୋ ପିଲାଦିନ
ତୋର ପଣତ କାନିର
ନିରାପଦ ଦୁର୍ଗ
ଆଉ ସଦା ଜାଗ୍ରତ ଦୃଷ୍ଟିର
ସଂରକ୍ଷିତ ସାମ୍ରାଜ୍ୟ।
କୁଆଡ଼େ ଗଲା ବୋଉ
ସେ ସବୁ ଦିନ?
ତୁ ମତେ କାହିଁ ଦେଲୁ
ଏ ଯୌବନ?
ତୁ କ'ଣ ଜାଣିନୁ
ଏଠି ସ୍ୱାର୍ଥର ନିକିତିରେ
ମପାହୁଏ
ଜୀବନ ଯୌବନ ଆଉ ପ୍ରେମ।
ଏଠି କେହି ତୋ ଭଳି ଭଲ ପାଏନି
କି ପଥ ଚାହିଁ ରହେନି
ଧୂଳି ଦାଗ ଝାଡ଼ିଦେଇ
କୋଳକୁ ଟେକି ନିଏନି।
ତେଣୁ ବୋଉ
ମୋତେ ଫେରାଇଦେ
ସାତ ରଙ୍ଗର ସ୍ୱପ୍ନରେ
ଭରା ମୋ ପିଲାଦିନ।
ପୁଣିଥରେ ତୋ ଛାତିରେ
ଲୋଟି ପଡ଼ିବି
ଆଉ ଛନ୍ଦି ଦେବି ହାତ
ତୋ ଗଳାରେ
ତୁ ମୋତେ
ଆଉଜାଇ ନେବୁ
ତୋ କୋଳକୁ
ତୋ ବକ୍ଷର ପୀୟୂଷ ଧାରାରେ
ଭିଜାଇ ଦେବି ମୋ
ତୃଷିତ ପ୍ରାଣକୁ।
-0-

ଦାମୋଦରପୁର, ଗଂଜାମ
ମୋ:୮୮୯୫୧୪୧୭୨୭



## ପବିତ୍ର ପ୍ରେମ

ସ୍ୱାଗତିକା ସାହୁ

ପ୍ରେମର ସବୁଜିମା ବହଳରେ ହୃଦୟ ଆବୃତ୍ତ
ଦେହ ଦାହ ଉର୍ଦ୍ଧ୍ୱେ ପ୍ରେମ
ଚିର ଅମଳିନ ସେ....!
କେତେ ଜନ୍ମ ପୂଣ୍ୟ ପ୍ରାପ୍ତିର
ମନ୍ଦାକିନୀ ଧାରା ସେ...;
ଦୁନିଆରେ ସବୁଠୁଁ ଦୁର୍ଲ୍ଲଭ ଅମୂଲ୍ୟ ପ୍ରେମ

ସେ ରୂପସୀ ରାଗିଣୀ ଅଳକାନନ୍ଦା ରାଧାଙ୍କ
ଶାଶ୍ୱତ ଚୀର ପ୍ରେମ କୃଷ୍ଣ ଙ୍କ ପ୍ରତି ହେଉ
ସ୍ନିଗ୍ଧ ଶୀତଳ ନିବିଡ଼ ପଣର ପ୍ରେମ
ନିଷ୍କପାପ କଇଁ ସହ ଜହ୍ନର..
ଚେତନାର ଚିତ୍ରପଟ୍ଟରେ ମାତୃର ବାତ୍ସଲ୍ୟ ପ୍ରେମ
ତ୍ୟାଗ ସମର୍ପଣର ଅଶ୍ଳେଷ ବନ୍ଧନ...

ପ୍ରେମମୟ ଭକ୍ତି ଶରଣା ଗତି ଲଭେ
ପ୍ରେମର ଉପମା ବସୁନ୍ଧରା, ଚୀର ଶାଶ୍ୱତ
ଜୀବନ ଗଣିତ, ପ୍ରେମ ସୂତ୍ରରେ କଷି ଜାଣିଲେ ସୁନ୍ଦର
ଜୀବନ ବଇଁଶୀ ପ୍ରେମରେ ବଜାଇ
ମିଳେ ସବୁଜ ସଂଯୋଗର ସମ୍ଭାବନା
ସମୟ ସ୍ରୋତରେ ଆବଦ୍ଧ ନୁହେଁ ସେ...

ଅନୁରାଗ ବିନା ପ୍ରେମ ଅସମ୍ଭବ
ପ୍ରେମ ବିନା ଶକ୍ତି ନାହିଁ,ପ୍ରେମ ହିଁ ମୁକ୍ତିର ଦ୍ୱାର
ସେହି ପ୍ରେମ ପରା ଅଗମ୍ୟ ଅଭେଦ୍ୟ
ସକଳ ପ୍ରାଣୀଙ୍କ ହୃଦୟରେ ବିରାଜିତ
ସାଜିଛି ପ୍ରତି ହୃଦେ ପୂଣ୍ୟର ମୋହର

ମୀରା ପ୍ରେମର ଉଷୁମ ସେହେନାଇ
ବିଦଗ୍ଧ କୃଷ୍ଣ ହୃଦ କଲା ବାଇ
ପ୍ରେମ ଏକ ଆସନ୍ନ ସୂର୍ଯୋଦୋୟର
ପୁଲକିତ ଗାଥା....!
ଏକ ପ୍ରତିଶ୍ରୁତି ମୁକ୍ତିଝରା ଛନ୍ଦ
ପୂର୍ଣ୍ଣ ପରିଧିର ମେଞ୍ଚାଏ ଆନନ୍ଦ

ବିଭୋର ହୁଏ ରୂପସୀ ରଜନୀ
ଅଙ୍ଗେ ଅଙ୍ଗେ ଭାରି ପ୍ରେମଶିକ୍ତ ରବିରଶ୍ମୀ
ପ୍ରିୟା, ପୁଲକରେ ଯାଦୁ ସୃଷ୍ଟି କରି
ଜୀବନର ଛନ୍ଦଲୟ କୁ ଭରେ
ତା ସୁଗନ୍ଧିତ ପ୍ରେମରେ...
ବିଶ୍ୱାସ ବଳୟରେ ତଲ୍ଲୀନ ହୁଏ ତନୁ
ପ୍ରେମ କରେ ପ୍ରଗଳଭା ଶିକ୍ତ ସିନ୍ଧୁରେ
ସେ ତ ଅସୁମାରୀ ପୁଲକର ଗୁଂଜନ...
ଏକ ଅମୃତତ୍ୱର ପରିଭାଷା...!

ଉମରକୋଟ,ନବରଙ୍ଗପୁର



## କେହି ତ ପଢ଼ିବେ ମୋ କବିତା ?

ଭାରତୀ ହୋତା

ନ ହେଲା ନାଇଁ କେହି ନ ପଢ଼ନ୍ତୁ
କବିତାଟିଏ ତ ଲେଖିବି ...
ଲେଖନୀରେ ନାହିଁ ସେ ଶବ୍ଦ ଚାତୁର୍ଯ୍ୟ
ତୁମ ଛାତିର ବିଶାଳତା ପାଇଁ
ମୋ ଶବ୍ଦ ଖଣ୍ଡିଆ ଖାବରା
କେଉଁ ଆଦିମ କାଳରୁ,
ହେଲେ ବି ମୁଁ ଲେଖିବି ତୁମ ପାଇଁ
କାରଣ ତୁମେ ହିଁ ତ ସେ ଆଦି ପୁରୁଷ
ମାଟିର ପ୍ରଥମ ଗନ୍ଧ
ଘନଘଟା ଜଙ୍ଗଲ ନିଛାଟିଆ ବିସ୍ତୀର୍ଣ୍ଣ ପ୍ରାନ୍ତର।।

ତୁମକୁ କହି ଦେଉଛି ଆଗରୁ
ମୁଁ ତ ନିଜକୁ ନିଜ ଭିତରେ ଖୋଜି ହେଉଥିବା
ଏକ ଅପରିଚିତ ସତ୍ତା
ମୋତେ ଗିଳି ସାରିଲାଣି ଗୋଟେ ବିବର୍ଣ୍ଣ ସଭ୍ୟତା
ମୋ ଚାରିଆଡେ ବିସ୍ତାରିତ ନଷ୍ଟ ମାନବିକତା ।।

ତୁମେ ଶୁଣ କି ନ ଶୁଣ
ମୁଁ ଗୀତ ଗାଇବି
କେବଳ ତୁମ ପାଇଁ
ତୁମ ସବୁଜ ପତ୍ରର ହରିତ୍ କଣିକା
ଗଛ ଗୁଡ଼ିକର ଯାଇଲେମ୍ - ଫ୍ଲୋଏମ୍ ରେ ପ୍ରବାହିତ ରସ
ଫଳ ପୁଷ୍ପ ଚେର ମୂଳ ପାଇଁ ।।

ତୁମେ ହିଁ ତ ମାନବର ସେଇ ଅତୁଳନୀୟ ସୃଷ୍ଟି
ଯିଏ କର୍ଷଣ କରିଥିଲା ଭୂମି
ତୁମେ ହିଁ ପ୍ରଥମ ଶର
ଯାହା ଭେଦି ଯାଇଥିଲା ଦୂର ଦିଗ୍ ବଳୟକୁ
ତୁମେ ହିଁ ତ ସେଇ ପ୍ରଥମ ସଙ୍ଗୀତ
ଯିଏ ଲହଡ଼ି ହୋଇ ସ୍ପର୍ଶ କରିଥିଲା କୂଳ
ତୁମେ ହିଁ ପ୍ରଥମ ଓଁକାର ଧ୍ୱନି
ଯାହା ବ୍ୟାପି ଯାଇଥିଲା ମାଟିରୁ ଆକାଶ
ଭୂମିରୁ ଭୂମା
ତେଣୁ କବିତାଟିଏ ତ ଲେଖିବି
କେବଳ ତୁମ ପାଇଁ ।।

**ଖରିଆର ରୋଡ଼, ନୂଆପଡ଼ା**



## ନିଃଶ୍ୱାସରେ ତୁମେ ବିଶ୍ୱାସରେ ତୁମେ

ଅନୁପମା ବିଶ୍ୱାଳ

ସୀତାଙ୍କ ବିରହେ ରାମ ବୁଲନ୍ତି ବନରେ
ମାତଙ୍ଗ ଋଷି ଆଶ୍ରମ ଦେଖିଲେ ପାଖରେ
ପଥେ କୁସୁମ ବିଛାଇ
ଶ୍ରୀରାମ ନାମ ତୁଣ୍ଡରେ ଶବରୀ ଧରଇ।
ଇଚ୍ଛାମୟ ପ୍ରଭୁ ଗଲେ ତାହାରି ଅନ୍ତିକ
ଦେଖି ନୟନରେ ମଣେ ଜୀବନ ସାର୍ଥକ
ମୁହିଁ ସଉଭାଗ୍ୟବତୀ
ବାରମ୍ବାର ପଦେ ତାଙ୍କ ଜଣାଏ ପ୍ରଣତି।
ତିମିତ ନୟନେ ଦେଖି ପ୍ରଭୁଙ୍କୁ ତାହାର
କମଳ ନୟନ ଦୁଇ ଭାଇ ଶ୍ୟାମ ଗୌର
ତଳେ ଲୋଟଇ ଶବରୀ
ପ୍ରେମ ରସ ଆସ୍ୱାଦନେ ଉଠେ ହୃଦ ପୂରି।
ରିକ୍ତ ହସ୍ତେ ପ୍ରଭୁ ପାଦ କେମନ୍ତେ ପୂଜିବି
ବାରମ୍ବାର ଲୋଟୁଥାଏ ଭକ୍ତି ଅନୁଭବି
ପଦ ସାଦରେ ଧୋଇଲା
ବସାଇ ଆସନେ ତାଙ୍କୁ ପୂଜା ବିଧି କଲା।
ଲାବଣ୍ୟନିଧି ରାମଙ୍କୁ ପକ୍ୱ ଫଳ ଦେଇ
କରଯୋଡି ପ୍ରଭୁ ପାଦ ସ୍ତୁତି କରୁଥାଇ
ଭୁଞ୍ଜି ଉଚ୍ଛିଷ୍ଟ ଫଳକୁ
କହିଲେ ନବଧା ଭକ୍ତି ବୁଝାଇ ତାହାକୁ।
କୁସୁମ ସମ ହୃଦୟ ହେ ଶବରୀ ତୋ'ର
ତୋହଠାରେ ସବୁମନ୍ତେ ଭକ୍ତିଅଛି ପୂର
ମୋର ପଦେ ଅନୁରାଗ
ଗାଇବ ଯେ ଏ ମହିମା ହେବ ଭାଗ୍ୟଯୋଗ।
ଗମନ କାଳେ ପ୍ରଭୁଙ୍କୁ କହିଲା ଶବରୀ
ମୋ ନିଃଶ୍ୱାସ ବିଶ୍ୱାସରେ ଅଛ ତୁମେ ହରି
ଜନ୍ମ ସାର୍ଥକ ହୋଇଲା
ଏମନ୍ତ କହି ପୟରେ ଶରଣ ପଶିଲା।
ଲାଖିଗଲା ଆଖି ମୋର ଦେଖି ତୁମ ରୂପ
ମୁଁ ଅଚ୍ଛୁତ ଜାତି ଅଟେ ଜ୍ଞାନ ବି ଅଳପ
ଥିଲି ତୁମ ଅପେକ୍ଷାରେ
ଏ ଜୀବନ ଗତିକରୁ ତୁମ ସ୍ମରଣରେ।



## ତଥାପି ପ୍ରତୀକ୍ଷା

ଡ. ଶୁଭେନ୍ଦୁ ମେହେର

ଯୁଗଯୁଗ ଧରି ଥିଲି ଅନୁସରି ଦୀର୍ଘ ପ୍ରତୀକ୍ଷାର ହୁରି
ବୀରହ ବିଧୁର ବନ୍ଧନ ଭାଙ୍ଗି ଫେରିଗଲା ହେମଗୋରୀ।
ଆଶାର କିରଣ ମଉଳି ହଜିଲା ପାହାଡ଼ର ଆରପାଖ
ବିନିଦ୍ର ବେଳାରେ ସାଗର କୂଳରେ ଲୁଚିଗଲା ତା'ର ମୁଖ।।
ନଈପଠା ବାଲି ଶୁଖିଲା ପଡିଲା ସ୍ରୋତ ଗଲା ଅପସରି
ମୃଦୁ କମ୍ପନେ ପ୍ରୀତି ଅଙ୍ଗନେ ଶୂନ୍ୟସ୍ଥାନ ଦେଲା ଭରି।
ଚାରିଦିଗ ହେଲା ଘନ ଅନ୍ଧାର ବାଟ ମୁଁ ପାଇଲି ନାହିଁ
ଚାରୁ ଚର୍ଚ୍ଚିତ ଚନ୍ଦ୍ର ହାସିନୀ କୋଣେଇଁ ଚାହିଁଲା ନାହିଁ।।
ଦୀର୍ଘ ଦିନର ସପନ ହଜିଲା ଗାଧୁଆ ଘାଟରେ ଆଜି
ନିଜ ବିବେକକୁ ପଚାରେ ଆଜି ମୁଁ ନିଜ ଯୋଗ୍ୟତା ହେଜି।
କେତେ ନିବିଡ଼ତା ବନ୍ଧନୀ ଦେଇ ବାନ୍ଧିଥିଲା ସେ' ମୋତେ
ଆଜି କିଆଁ ଗଲା ଫେରି ନ ଚାହିଁଲା ଭୁଲିଗଲା ସ୍ମୃତିଯେତେ।।
ନଈକୂଳ ସାକ୍ଷୀ ଚନ୍ଦ୍ରମାମୁଖି ଏଠି ଦେଇଥିଲା କଥା।
ଏହିଠାରେ ଆଜି ଛାଡ଼ି ଦେଇଗଲା ଦେଇ ଯନ୍ତ୍ରଣା ବ୍ୟଥା।।

**ଯାଲୋଏ, ସୁବର୍ଣ୍ଣପୁର**

## ନାରୀ

ସୁନିତା ମହାନ୍ତି

ନାରୀ ସେ ଭଗିନୀ, ଜାୟା ଓ ଜନନୀ
ଶକ୍ତି ସ୍ୱରୂପିଣୀ ମାଆ
ଜୀବନ ଦର୍ଶନ ତା ଇତିହାସ କୁ
ବର୍ଣ୍ଣିହେବ ନାହିଁ ଯାହା ।

ମମତା ମୟୀ ସେ ସନ୍ତାନ ବତ୍ସଳା
ପ୍ରେମ ପ୍ରୀତି ଭରା ହୃଦୟ
କରୁଣାମୟୀ ସେ ଶକ୍ତି ସ୍ୱରୂପିଣୀ
ଜ୍ଞାନଦାତ୍ରୀ ବନ୍ଦନୀୟା ।

କୋମଳ ହୃଦୟ ଛାତି ତା ପଥର
ସହିଷ୍ଣୁତା ବୀର ପ୍ରସବିନି
ତା ଆଶିଷ ଯାହା ମସ୍ତକେ ରହିଛି
ସବୁ କାର୍ଯ୍ୟରେ ସେ ଅଗ୍ରଣୀ ।

ତୁଳସୀ ପରି ସେ ପବିତ୍ର ନିର୍ମଳ
ସାବିତ୍ରୀ ଦ୍ରୌପଦୀ, ସୀତା
ନାମ ତା ଅନେକ ଯୁଗେ ଯୁଗେ ଖ୍ୟାତ
ନାରୀ ସେ ଜଗତ ଜିତା ।

ଗର୍ବ, ଅହଂକାର ,ମିଥ୍ୟା, ଅବିଚାର
ବ୍ୟଭିଚାର କରେ ନାଶ
ଦୁର୍ଗା, କାଳୀ ରୂପେ ଜଗତ ର ହିତେ
ଦୁଷ୍ଟ କରେ ସେ ବିନାଶ ।

ଝିଅ ରୂପେ ଜନ୍ମି ବୋହୁ ରୂପ ନିଏ
ସଂସାର ହିତରେ ଥାଏ
ଦୁଇ କୂଳ ହିତା ଜଗତ ବନ୍ଦିତା
କଲ୍ୟାଣ ମୟୀ ଟି ସିଏ ।

**ଆଳି, କେନ୍ଦ୍ରାପଡ଼ା**



## ସତରେ ନାହିଁ କି ମୋ ପ୍ରଶ୍ନର ଉତ୍ତର

ଏଲିନା ପାଣିଗ୍ରାହୀ

ସେଥର........
ଚାନ୍ଦିପୁରର......
ସମୁଦ୍ର ବେଳାରେ......
ଝାଉଁ ବଣରେ ପବନର ଭିନ୍ ଭିନ୍ ଶବ୍ଦ
ଡାକି ଠିଆ କରେଇ ଦେଲା ମୋତେ
ଲୁହ ସବୁ ଧୁ ଧୁ ହୋଇ ଜଳି ଉଠିଲେ
ସ୍ତବ୍ଧ ହୋଇଗଲା ସମୟ
ନିସ୍ତବ୍ଧ ହୋଇଗଲା ସମୁଦ୍ର
କେବଳ ନୀଳ ବିସ୍ତୃତ ଗହିରା ପାଣିରେ
ଲହରିଟିଏ ଭଉଁରୀ କାଟି ଖୋଜୁଥିଲା
ମୋ ପାଦ ଚୁମିବାକୁ
ଓଦା ବାଲି ତଳୁ
ମୃଦୁ ମୃଦୁ ସିଝା ବାମ୍ଫ ମୋତେ
ବୋଧେ ପଚାରୁଥିଲା
ତୋ ଦିର୍ଘଶ୍ୱାସରେ ଏତେ ଉଷ୍ଣତା କାହିଁକି?
ଆକାଶର ନୀଳରଙ୍ଗ
ଲୁଚାଇ ଇସାରାରେ କହିଦେଲା
ଏତେ ଦିନ ସମୁଦ୍ରର ନୀଳ ସହ
ନିଜ ରଙ୍ଗ ମାପୁ ମାପୁ
ଏବେ ଆଶ୍ଚର୍ଯ୍ୟ ହେଉଛି
ତୋ ଆଖିର ନିଳୀମାର ଚାହାଣି ଦେଖି
ସମୁଦ୍ର ଆସ୍ତେ ଆସ୍ତେ ନିସ୍ତେଜରୁ
ଉଠି ବସି ମୋତେ କହି ବସିଲା
ଛାତିରେ ଛାତିଏ ଦୁଃଖ ଭରି
କେମିତି ନୀରବରେ
ଲୁଣି ଲୁହ ସବୁ ପିଇ ପାରୁଛୁ
ପାରୁଛୁ ତ ମୋ ଲୁହରେ ତୋ ଲୁହକୁ
ମିଶେଇ ଦେ
ମୁଁ ତ ସବୁବେଳେ ସେମିତି
ନିଜକୁ ଭାଙ୍ଗୁଥିବି
ନିଜ ଲୁହକୁ ଚାଖି ଚାଖି ବୋଲି ଦେଉଥିବି
ଆଉ କାହା ଚିବୁକରେ
ଏହି ସବୁ ପ୍ରଶ୍ନର ଉତ୍ତର ଖୋଜୁ ଖୋଜୁ
ସମୟର ଚେନାଏ ବରଫକୁ
ଆସ୍ତେ ଆସ୍ତେ ବୋଳିଦେଇ ଦେଖୁଛି
କଳା ବାଦଲର ଆସ୍ତରଣ ଭିତରେ
ଉଦାସୀନ ମୁହୂର୍ତ୍ତ ମାନଙ୍କର ଲମ୍ବା ଓହଳରେ
ଝୁଲୁଥିବା ମଲା ବାଦୁଡ଼ିଙ୍କର
ଗୋଲାପୀ ଆଖିରେ
ମୋ କୁଡ଼ କୁଡ଼ ସ୍ୱପ୍ନର ସମାଧିର ପ୍ରତିବିମ୍ବ
ଉଙ୍କି ମାରେ ମୋ ପ୍ରଶ୍ନରେ
କୃଶବିଦ୍ଧ ଆଦମ୍ ଆଖିରେ
ଇଭ୍ ପାଇଁ ଗୋଲାପୀ କାରୁଣ୍ୟ
ସବୁ ଭିତରେ ମୁଁ ପଥର ଟିଏ
ନୀଳ ଗରଳର ଚଟାଣ
ଚାରି ଆଡ଼େ କଳା କୌଫିନ୍
କେବଳ ଯାହା
ସମୟ ଛାତିରେ ହାତ ରଖି
ମୁଁ ଡୋଳା ବୁଲାଇ ଖୋଜି ବୁଲୁଛି
ସତରେ ନାହିଁକି ମୋ ପ୍ରଶ୍ନର ଉତ୍ତର?

**ବାଲେଶ୍ୱର**



## ରଜନୀଗନ୍ଧା

ଡଃ ତାନଶ୍ରୀ ପାଣିଗ୍ରାହୀ

କେଉଁ ଶୁଭକ୍ଷଣେ ଜନ୍ମ ତୁମରି
କୁହ ହେ ରଜନୀଗନ୍ଧା
କାହିଁକି ହୋଇଛ ଏତେ ଆପଣାର
ସଭିଙ୍କ ପାଖରେ ବନ୍ଧା...

ସବୁ ଫୁଲଠାରୁ ଅନନ୍ୟା ତୁମେ
ସ୍ରଷ୍ଟାଙ୍କ ମଧୁ ସୃଷ୍ଟିରେ
ଲୋଟିଯାଅ ତୁମେ ପଲଙ୍କ ଶେଯରେ
ମିଳନର ଅଭିସାରେ...

ତୁମ ହସ ସାଥେ ଜହ୍ନର ଆଲୁଅ
ସଦା ଝରେ ତୁମ ବାସ୍ନା
ପ୍ରଣୟ ମଧୁର ମିଳନର ସ୍ୱର
ତୁମେ ତ ଶୀତଳ ଜ୍ୟୋତ୍ସ୍ନା...

ତୁମେ ଆଣିପାର ବସନ୍ତ ମଳୟ
ତୁମେ ହିଁ ପ୍ରୀତି ଅଙ୍କୁର
ତୁମେ କୋକିଳର ମଧୁଛନ୍ଦ ତୋଳ
ପ୍ରିୟ ପ୍ରିୟା ଓଠର...

ଚାହାଁଣିରେ ତୁମ କେତେ ମାଦକତା
ଛଳନା ନାହିଁଟି ତିଳେ
ପ୍ରତି ପଲକରେ ଅନେକ ସପନ
ପ୍ରୀତିର ତରଙ୍ଗ ଖେଳେ...

ଝଲସି ଉଠଇ ତୁମ ଶୁଭ୍ର ଜ୍ୟୋତି
ସୁରଭିତ ତୁମ ବାସ୍ନାରେ
କେମିତି ହେଲ ଗୋ ଏତେ ଆପଣାର
ସଭିଙ୍କ ହୃଦ ମନ୍ଦିରେ ।।

ବାଲେଶ୍ୱର
ମୋବୋଇଲ୍: ୯୩୩୭୩୦୪୨୯୫

# ବାତ୍ୟା ମୋନ୍ଥା ପ୍ରଭାବରେ ଭାଙ୍ଗିଲା ଲାଇଟ ଗେଟ୍



ଯାଜପୁର ରୋଡ଼,୨୮।୧୦ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଞ୍ଚଳ ସହରରେ ବାତ୍ୟା ମୋନ୍ଥା ପ୍ରଭାବରେ ଆଜି ଅପରାହ୍ନ ସମୟରେ ଦେଖିବାକୁ ମିଳିଛି। ସ୍ଥାନୀୟ କଲେଜ ଛକ ସମ୍ମୁଖରେ ଥିବା ମା' କାଳୀଙ୍କର ଏକ ଲାଇଟ୍ ଗେଟ୍ ଭାଙ୍ଗି ଯାଇଛି। ଧବଳଗିରି ଓ କଲେଜ ଛକ କାଳିପୂଜା ଅନୁଷ୍ଠାନ ଏରିଆରେ ଅପରାହ୍ନ ସମୟରେ ସାମାନ୍ୟ ବର୍ଷା ହେବା ସହିତ ହଠାତ୍ ଟିକେ ଜୋରରେ ପବନ ବହିବା ଯୋଗୁଁ ଏହି ଲାଇଟ୍ ଗେଟ୍'ଟି ଭାଙ୍ଗି ଯାଇଥିଲା। ଅଚଳରେ ପୂଜା ପରିଚାଳନା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଯୋଗୁଁ ରାସ୍ତା ଉପରେ ପଡ଼ିଥିବା ଏହି ଲାଇଟ୍ ଗେଟ୍ ଯୋଗୁଁ କୌଣସି ଟ୍ରାଫିକ ସମସ୍ୟା ଉପୁଜିନଥିବା ଦେଖିବାକୁ ମିଳିଛି। କିନ୍ତୁ ଆଜି ସହରରେ କାଳୀ ପୂଜା ଉତ୍ସବକୁ ଏହି ବାତ୍ୟା ମୋନ୍ଥା ଫିକା ପକାଇ ଦେଇଛି। ଏଥିପାଇଁ ପୂଜା ଲାଗି ସହରକୁ ଆସିଥିବା ବହୁ ସଂଖ୍ୟାର ଦୋଳି ଦୋକାନ, ମେଲୋଡି କାର୍ଯ୍ୟକ୍ରମ, ଶହ ଶହ ଅସ୍ଥାୟୀ ଦୋକାନୀ ମାନଙ୍କର ମନରେ ଦୁଃଖ ଆସିଛି। ସେମାନଙ୍କ ବେପାର ବଣିଜ ଉପରେ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି।

# ପାଠ ଛାଡ଼ି ପରିବା କାଟୁଛନ୍ତି ଛାତ୍ରଛାତ୍ରୀ



ଜଗତସିଂହପୁର,୨୮।୧୦ (ସଂଚାର ବ୍ୟୁରୋ): ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରାଥମିକ ସ୍ତରରେ ଶିକ୍ଷାର ମାନ ବୃଦ୍ଧି ନିମନ୍ତେ ବିଭିନ୍ନ ଉନ୍ନତ ମାନର କାର୍ଯ୍ୟକ୍ରମ ବିଦ୍ୟାଳୟ ଗୁଡିକରେ କରାଉଛନ୍ତି। ସେଥି ମଧ୍ୟରୁ ଶିଶୁ ମହୋତ୍ସବ ସୁରଭି ସବୁଠୁ ନିଆରା, କାରଣ ବହି ଖାତା ରୁ ବାହାରି କିଛି ନୂଆ କରିବା ର ସୁଯୋଗ ଅଛି ଏହି କାର୍ଯ୍ୟକ୍ରମରେ। ହେଲେ ଆଶ୍ଚର୍ଯ୍ୟର ବିଷୟ ସେହି ସୁରଭି କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ରୋଷେଇ ପାଇଁ ପରିବା କାଟିବା ଆଶ୍ଚର୍ଯ୍ୟ ର ବିଷୟ। ନିକଟରେ ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅଧିନସ୍ତ ବାୟା ଅବଧୂତ ସରକାରୀ ଉଚ୍ଚ ବିଦ୍ୟାଳୟ, କନିମୁଳ ଠାରେ। ସୂଚନା ଅନୁସାରେ ଗତ ୨୪ ତାରିଖ ଦିନ ତିର୍ତ୍ତୋଲ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ-୨୫ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ରେ ମଣ୍ଡଳ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରା ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହିଥିବା ବେଳେ ସ୍ଥାନୀୟ ସି.ଆର.ସି ପ୍ରଣବ ସାହୁ ପ୍ରମୁଖ ମଞ୍ଚାସିନ ରହିଥିଲେ। ହେଲେ ଆଶ୍ଚର୍ଯ୍ୟ ର ବିଷୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଆସିଥିବା ଛାତ୍ରଛାତ୍ରୀ ମାନେ ପରିବା କାଟୁଥିବା ଦେଖିବାକୁ ମିଳିଥିଲା। ଏଭଳି ସମ୍ବେଦନଶୀଳ ଘଟଣା ବିଷୟରେ ଉଭୟ ସି.ଆର.ସିସି ଏବଂ ବିଇଓ ଙ୍କ ଏହି ଘଟଣା ବିଷୟରେ ପଚାରିବାରୁ ଉଭୟେ ଙ୍କ ଉତ୍ତର ସମାନ ଏ ବିଷୟରେ ଆମେ ଜାଣି ନାହୁଁ। ନିକଟରେ ନୂତନ ଭାବେ ରାଜ୍ୟ ଶିଶୁ ରାଜ୍ୟ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ଏହି ବ୍ଲକ ଗ୍ରସ୍ତ କରିଥିବା ବେଳେ ସେ ଯିବାର କେଇଟା ଦିନ ହୋଇନି କିନ୍ତୁ ଏଭଳି ଅବସ୍ଥା ସ୍କୁଲ୍ ରେ ଶିଶୁ ମାନଙ୍କର। ଯଦି ତାହେଲେ କଣ ବୁଝିବାକୁ ପଡ଼ିବ ପାଠ ପଢ଼ା ଛାଡ଼ି ରୋଷେଇ ପାଇଁ ଛାତ୍ରଛାତ୍ରୀ ମାନେ ହିଁ ଉତ୍ତମ ବିକଳ୍ପ ବୋଲି ସ୍କୁଲ୍ ଆସୁଛନ୍ତି ଏହା ଏକ ଜ୍ୱଳନ୍ତ ଉଦାହରଣ। ନୂଆ ସରକାର ଆସିବା ପରେ ଯେପରି ସରକାର ଙ୍କୁ ଟିକେ ବି ଖାତିର ନାହିଁ ଏହି ମାନଙ୍କର। ବି.ଇ.ଓ ମହାଶୟ ନିକଟସ୍ତ ଦୁଇଟି ବ୍ଲକ ରେ କାର୍ଯ୍ୟରତ ଥିବାବେଳେ, ତାଙ୍କୁ ଯୋଗା ଯୋଗ କରିବା ପାଇଁ ଆମ ପ୍ରତିନିଧି ଫୋନ୍ କଲାପରେ ମଧ୍ୟ ମହାଶୟ ଫୋନ୍ ନ ଉଠାଇ ଏହି କଥାକୁ ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଗନ୍ଧ ବାରି ହେଉଛି। ଦେଖାଯାଉ ଏହା ଉପରେ ରାଜ୍ୟ ସରକାର କିଭଳି ପଦକ୍ଷେପ ନେଉଛନ୍ତି ଦେଖିବାକୁ ବାକି ରହିଲା।

# ୧୦ ମୋବାଇଲ ଫେରିପାଇଲେ ଉପଭୋକ୍ତା



ବୋରିଗୁମ୍ମା,୨୮।୧୦ (ସଂଚାର ବ୍ୟୁରୋ): ସାଇବର କ୍ରାଇମ ରୋକିବାକୁ ଟେଲିକମ ମନ୍ତ୍ରଣାଳୟ ନୂଆ ପଦକ୍ଷେପ। ଉପଭୋକ୍ତା ମାନେ ସଂଚାର ସାଥୀ ପୋର୍ଟାଲ ମାଧ୍ୟମରେ ହଜିଥିବା ମୋବାଇଲ ବିଷୟରେ ରେଜିଷ୍ଟ୍ରେସନ କରିଥିଲେ ମୋବାଇଲ ପାଇପାରିବେ ବୋଲି ପୁଲିସ ବିଭାଗ ପକ୍ଷରୁ ଏହିପରି ପଦକ୍ଷେପ ନିଆଯାଇଛି। ଆଜି ବୋରିଗୁମ୍ମା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ଏସଡିପିଓ ସତ୍ୟବ୍ରତ ଲେଙ୍କା ଏବଂ ବୋରିଗୁମ୍ମା ଥାନା ଅଧିକାରୀ ଶ୍ୱେତ ପଦ୍ମା ସେଠ ଓ ଇନ୍ସପେକ୍ଟର ରଚିତା ମାଡକାମୀ ଉପସ୍ଥିତ ରହି ବିଗତ ଦିନରେ ବୋରିଗୁମ୍ମା ସହରର ବିଭିନ୍ନ ସ୍ଥାନରେ ଚୋରି ହୋଇଥିବା ୧୦ଟି ମୋବାଇଲ ଉଦ୍ଧାର କରି ଉପଭୋକ୍ତାଙ୍କୁ ଫେରାଇଛନ୍ତି। ଏସଡିପିଓ ଶ୍ରୀ ଲେଙ୍କା କହିଛନ୍ତି ସଂଚାର ସାଥୀ ପୋର୍ଟାଲ ଜରିଆରେ ଜଣେ ବ୍ୟକ୍ତି ନିଜର ହଜିଥିବା କିମ୍ବା ଚୋରି ହୋଇଥିବା ମୋବାଇଲ ଫୋନକୁ ତୁରନ୍ତ ବ୍ଲକ କିମ୍ବା ଠାବ କରିପାରିବେ। ଏଣୁ ସମସ୍ତେ ମୋବାଇଲ ହଜିବା ପରେ ତୁରନ୍ତ ଏହି ପୋର୍ଟାଲରେ ରେଜିଷ୍ଟ୍ରେସନ କରିବାକୁ ଅନୁରୋଧ କରିଥିଲେ।

● ଇକୋ ସେନସିଟିଭ ଜୋନକୁ ବିରୋଧ

# କୃଷକମଞ୍ଚର ଆନ୍ଦୋଳନକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସମର୍ଥନ

ନୀଳଗିରି,୨୮।୧୦ (ସଂଚାର ବ୍ୟୁରୋ): ନୀଳଗିରି କୃଷକ ମଞ୍ଚ ପକ୍ଷରୁ କୁଲଡିହା ଅଭୟାରଣ୍ୟର ୫ କିମି ବ୍ୟାସାର୍ଦ୍ଧ ମଧ୍ୟରେ ରହିଥିବା ରାଜସ୍ୱ ଗ୍ରାମ ଓ ବସ୍ତିଗୁଡ଼ିକୁ ରଖିବାକୁ କେନ୍ଦ୍ରସରକାରଙ୍କ ଜଙ୍ଗଲ ବିଭାଗର ନିଷ୍ପତ୍ତିକୁ ବିରୋଧ କରି ଚଳାଉଥିବା ପ୍ରତିବାଦ ଆନ୍ଦୋଳନକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ବାଲେଶ୍ୱର ଜିଲ୍ଲା ସମ୍ପୂର୍ଣ୍ଣ ସମର୍ଥନ କରିବା ସହ ଇକୋ ସେନସିଟିଭ ଜୋନରୁ ରାଜସ୍ୱ ଗ୍ରାମ, ବସ୍ତି, ଅଙ୍ଗନବାଡ଼ି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ସହ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ବାଦ ଦେବା ପାଇଁ ଦୃଢ଼ ଦାବି କରୁଛନ୍ତି। ଏ ସମ୍ପର୍କରେ ଗତ ସୋମବାର ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକରେ ଏକ ପ୍ରସ୍ତାବ ଗୃହିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର, ଦୁଇ ଜଣ ସହ ସମ୍ପାଦକ ଜୟନ୍ତ ଦାସ, କ୍ଷୀରୋ ରାଦ ସିଂଦେଓ ସମେତ ପୂର୍ବତନ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ଯୋଗଦେଇ ଏହି ଜନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ।

# ଗଠିତ ହେଲା ଜିଲ୍ଲା ଏଡିଓ ସଂଘ



କନ୍ଧମାଳ,୨୮।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ର ନୂଆଗାଁ ବ୍ଲକ ମହାସିଂ ଥରେ ଥିବା ପଥ ପ୍ରାନ୍ତ ସେବାକେନ୍ଦ୍ର ଥରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ମାନଙ୍କରେ କାର୍ଯ୍ୟରତ ଏଡିଓ ମାନଙ୍କ ର ଏକ ସଂଗଠନ ନୂତନ ଭାବରେ ଗଠିତ ହୋଇଯାଇଛି। ସଙ୍ଘ ର ଅସ୍ଥାୟୀ ସଭାପତି ପୁଷ୍ପଲତା ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ରେ ଜିଲ୍ଲାର ପ୍ରାୟ ପ୍ରତେକ ବ୍ଲକ ର ଏଡିଓ ମାନେ ଉପସ୍ଥିତ ଥିବା ବେଳେ ସର୍ବ ସମ୍ମତି କ୍ରମେ ସଂଜୀବ କୁମାର ମିଶ୍ର ଙ୍କୁ ସଭାପତି ଭାବରେ ଚୟନ କରାଯାଇଥିବା ବେଳେ କାନସିରାମ ଦିଗାଲ ଙ୍କୁ ସାଧାରଣ ସମ୍ପାଦକ ଭାବରେ ଚୟନ କରାଯାଇଛି। ସେହିଭଳି ସଂଘର କୋଷାଧ୍ୟକ୍ଷ ଭାବରେ ଶଙ୍କର ପ୍ରଧାନ ଙ୍କୁ ଚୟନ କରାଯାଇଥିବା ବେଳେ ରାକେଶ କୁମାର ପଣ୍ଡା ଓ ରୋଜାଲିନ ପାରିଛା ଙ୍କୁ ଉପ ସଭାପତି ଭାବରେ ଚୟନ କରାଯାଇଛି। ସେହିଭଳି ପୁଷ୍ପଲତା ସାହୁ, ସହଦେଓ୍ୱ ନାଏକ, ମାମୁନି ରଥ, ଶିଶିର କୁମାର ପାଟଶାଣୀ ଓ କେଦାରନାଥ ସାହୁ ଙ୍କୁ ସଙ୍ଘ ର ଉପଦେଷ୍ଟା ଭାବରେ ଚୟନ କରାଯାଇଛି। ଏହି ଅବସରରେ ନୂତନ ଭାବରେ ଦାୟିତ୍ୱ ପାଇଥିବା କର୍ମକର୍ତା ମାନଙ୍କୁ ସ୍ୱାଗତନକରାଯାଇଥିବା ବେଳେ ନିର୍ବାଚନ ପରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା।

# ବ୍ଲକସ୍ତରୀୟ ଆଥଲେଟିକ ମିଟ



ବରଗଡ଼,୨୮।୧୦(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ଲେଣ୍ଡା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ବ୍ଲକ ସ୍ତରୀୟ ଏଥେଲେଟିକ ମିଟ ୨୦୫/୨୬ ବରପାଲି ବିଇଓ ମୁକୁନ୍ଦ ମହାର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ସାଗରଲାଲ ବାରିକ, ସମ୍ମାନିତ ଅତିଥି ନିବେଦିତା ସ୍ୱାଇଁ, ପ୍ରଧାନ ଶିକ୍ଷୟତ୍ରୀ ଲେଣ୍ଡା ଉଚ୍ଚ ବିଦ୍ୟାଳୟ, ମନୋଜ କୁମାର ସାହୁ, ଖେଳ ଶିକ୍ଷକ ବରପାଲି ଉଚ୍ଚ ବିଦ୍ୟାଳୟ ଯୋଗଦାନ କରିଥିଲେ। ଏହି ଅବସରରେ ସାଗରଲାଲ ବାରିକ ଏବଂ ନିବେଦିତା ସ୍ୱାଇଁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ କୁ ଭଟିଗାଁ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ କୌସ୍ତୁଭ ସାହୁ ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷକ ଜୀବର୍ଧନ ସାହୁ ଚିକିନିପାଲି ଉଚ୍ଚ ବିଦ୍ୟାଳୟ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଖେଳ ଶିକ୍ଷକ ସମୀର ପାଣିଗ୍ରାହୀ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ରାଜେନ୍ଦ୍ର ଭୋଇ, ଗୋବିନ୍ଦ ଭୋଇ, ଟିକେଶ୍ୱର ଭୋଇ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ସହଦେବ ସାହୁ ସହଯୋଗ କରିଥିଲେ। ପରିଶେଷରେ ଲେଣ୍ଡା ଉଚ୍ଚ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ସରୋଜ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



ଭବାନୀପାଟଣା,୨୮। ୧୦(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ତରଫରୁ କଳାହାଣ୍ଡି ଜିଲ୍ଲା ପରିଷଦର ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଥିଲା। ଏହି ଅବସରରେ, ଛାତ୍ରଛାତ୍ରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ, ପୁରୁଣା ବୁସଷ୍ଟାଣ୍ଡ, ଘୋଡାଘାଟ ଛକ, ନୂଆବସଷ୍ଟାଣ୍ଡ, ଜିଲ୍ଲା କାରାଗାର ଦେଇ ଜିଲ୍ଲାପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସଚେତନତା ଶୋଭାଯାତ୍ରା ପରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଏକ ସଚେତନତା ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଭି.ସି ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳାହାଣ୍ଡି ଡଃ ନିବେଦିତା ନାଥ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତନ୍ମୟ କୁମାର ଦରୱାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ି, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଉପ ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ବିଭାଗ, ପ୍ରଦୀପ କୁମାର ଆଇ ନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବକ୍ତା ଭାବେ ଡକ୍ଟର ଉମେଶ ଚନ୍ଦ୍ର ଶତପଥି ଯୋଗଦେଇ ଦୁର୍ନୀତି ନିବାରଣ ସପ୍ତାହ ପାଳନ ର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ।

# ନଭେମ୍ବର ୧ରୁ ଖୋଲିବ କୁଲଡିହା ଅଭୟାରଣ୍ୟ
# ବିକାଶକୁ ନେଇ ସାଧାରଣରେ ବଢୁଛି ଅସନ୍ତୋଷ




ନୀଳଗିରି,୨୮। ୧୦(ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡର ବଣ ପାହାଡ଼ଘେରା ଓ ତତ୍ ସଂଲଗ୍ନ ଜଙ୍ଗଲର ଅପରୂପ ସୌନ୍ଦର୍ଯ୍ୟମୟୀ କୁଲଡିହା ଅଭୟାରଣ୍ୟ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ନଭେମ୍ବର ୧ ରୁ ଖୋଲିବ। ଏନେଇ ନୀଳଗିରି କେସିପୁର ପଞ୍ଚାୟତ ବାଲିଆନାଳ ଫାଟକ ଦେଇ କୁଲଡିହା ଅଭୟାରଣ୍ୟକୁ ପର୍ଯ୍ୟଟକ ମାନେ ସକାଳ ୧୦ଟା ସମୟରେ ପ୍ରବେଶ କରିବେ। ବର୍ଷାଋତୁ ପାଇଁ ଗତ ଜୁନ୍ ୧୫ରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥିବା ବେଳେ ଆସନ୍ତା ନଭେମ୍ବର ୧ରୁ ଜୁନ୍ ୧୫ ତାରିଖ୍ ପର୍ଯ୍ୟନ୍ତ ଅଭୟାରଣ୍ୟ ଖୋଲିବ। ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ଏହି କୁଲଡିହା ଅଭୟାରଣ୍ୟରେ ହାତୀ, ବାଘ, ଭାଲୁ, ସମ୍ବର, ହରିଣ, ଠେକୁଆ, ନୀଳଗାଇ, ବଳିଆ କୁକୁର, ବଜ୍ରକାପ୍ଟା, ମୟୂର ଇତ୍ୟାଦି ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଦେଶୀ ଏବଂ ବିଦେଶୀ ପକ୍ଷୀ ଦେଖାଯାଆନ୍ତି। ଏହା ସହ ନେଚର୍ସ କ୍ୟାମ୍ପ ପାଖରେ ପର୍ଯ୍ୟଟକଙ୍କ ବୋଟିଂ ପାଇଁ ରିସିଆ ଡ୍ୟାମ ଭିତରେ ବୋଟିଂ ବ୍ୟବସ୍ଥା ରହିଥିଲା। କିନ୍ତୁ ଗତ କିଛି ବର୍ଷହେବ କୁଲଡିହା ବନବିଭାଗ ବିକାଶର ପ୍ରସ୍ତୁତିରେ ଉପରେ ଦୃଷ୍ଟି ଦେଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

# ଜିଲ୍ଲା ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ ସମ୍ପୂର୍ଣ୍ଣ ସଜାଗ

ନବରଙ୍ଗପୁର,୨୮। ୧୦(ସଂଚାର ବ୍ୟୁରୋ): ସାମୁଦ୍ରିକ ଝଡ଼ ମନ୍ଥା ର ମୁକାବିଲା ପାଇଁ ନବରଙ୍ଗପୁର ଜିଲ୍ଲା ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ ସମ୍ପୂର୍ଣ୍ଣ ସଜାଗ ଓ ପ୍ରସ୍ତୁତ ରହିଛି। ଅଗ୍ନିଶମ କେନ୍ଦ୍ର ର କେନ୍ଦ୍ରାଧିକାରୀ ଭାଗିରଥି ବାଣୁଆ ସୂଚନା ଦେଇଛନ୍ତି। ଲାଇଫ ଜ୍ୟାକେଟ, କଟର, ଲାଇଟ ଓ ରବର ବୋଟ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ସେ କହିବା ସହ ପାଣିରେ ବୁଡିଗଲେ କିମ୍ବା ଭୂ ସ୍ଖଳନ, କିମ୍ବା ଗଛ ପଡ଼ି ରାସ୍ତା ଅବରୋଧ ର ସୂଚନା ଆସିବା ମାତ୍ରେ ତୁରନ୍ତ ବିଭାଗ ସେଠାରେ ପହଂଚିବ ବୋଲି ସେ କହିଛନ୍ତି। ଜିଲ୍ଲାର ସମସ୍ତ ଆଗ୍ନିକ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛନ୍ତି, ଏହା ସହ ବଲାଙ୍ଗୀର ରୁ ଏକ ଓଡ୍ରାଫ ଟିମ ଜିଲ୍ଲା ସଦର ବନ୍ୟା ଆଶ୍ରୟ ସ୍ଥଳରେ ସଜାଗ ଅଛନ୍ତି ବାତ୍ୟା ସମୟରେ ପ୍ରକୃତିକ ଦୁର୍ବିପାକ ର ମୁକାବିଲା କରିବା ନିମନ୍ତେ।

# ଡୁମୁଣି ମାରାଣ୍ଡିଙ୍କୁ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ

ବାରିପଦା,୨୮।୧୦ (ସଂଚାର ବ୍ୟୁରୋ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜୁନିୟର ଆସିଷ୍ଟାଣ୍ଟ ରୂପେ କାର୍ଯ୍ୟରତ ଡୁମୁଣି ମାରାଣ୍ଡି ଭାରତୀୟ ସିନିୟର ରଗ୍‌ବି ଦଳର ଉପଅଧିନାୟକ ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥି ନିମନ୍ତେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ତାଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିତ୍ତ ନିୟନ୍ତ୍ରକ ଭରତଚନ୍ଦ୍ର ଦେହୁରୀ, ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା ପ୍ରମୁଖ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। କୁଳପତି ପ୍ରଫେସର ଶତପଥୀ ଡୁମୁଣି ମାରାଣ୍ଡିଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ତାଙ୍କର ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟ ତଥା ଏ ମୟୂରଭଞ୍ଜ ମାଟି ଗର୍ବିତ ବୋଲି କହିଥିଲେ।

# ଉତ୍କଳ ଆଲୁମିନା ପକ୍ଷରୁ କିଶୋରୀଙ୍କ ପାଇଁ
# ୯୦ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ



ରାୟଗଡ଼ା,୨୮।୧୦ (ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲାର ଟିକିରି ଅଞ୍ଚଳର ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନାସନାଲ ଲିମିଟେଡ୍, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ଏକ ସଂସ୍ଥା, ସମାଜିକ ଦାୟିତ୍ୱ ସିଏସଆର ଅଧୀନରେ କିଶୋରୀମାନଙ୍କ ପାଇଁ ୯୦ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ କରିଛି। ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ କିଶୋରୀମାନଙ୍କୁ ସୁରକ୍ଷିତ, ସଶକ୍ତ ଓ ଆତ୍ମବିଶ୍ୱାସୀ ଭାବେ ଗଢ଼ି ତୋଳିବା। ଉକ୍ତ ଶିବିରର ଉଦଘାଟନ ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ହୋଇଥିଲା। ଅତିଥି ଭାବେ ଉପସ୍ଥିତ ଥିଲେ ଏସଡିପିଓ ଗୌରହରି ସାହୁ, ଟିକିରି ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗ୍, ଦୋରାଗୁଡ଼ା ଥାନା ଅଧିକାରୀ କିରଣ ସାମଲ, ବ୍ଲକ ଶିକ୍ଷା ଅଧିକାରୀ ଉଗ୍ରସେନ ନାଏକ, ପ୍ରଧାନ ଶିକ୍ଷକ ବକୁଳାରାଣୀ ଦାସ ଓ ସିଏସଆର ଏଫଏଚ ଲୋପମୁଦ୍ରା ମିଶ୍ର। ଶିବିର ଜିଲ୍ଲାପାଳଙ୍କ ସମ୍ମତିକ୍ରମେ ଆୟୋଜିତ ହୋଇଥିଲା। ଆଗାମୀ ୯୦ ଦିନ ଧରି ଏହି ପ୍ରଶିକ୍ଷଣ କାଶୀପୁର ବ୍ଲକର ୫ଟି ବିଦ୍ୟାଳୟର ୫୦୦ କିଶୋରୀଙ୍କୁ ପ୍ରଦାନ କରାଯିବ। ଏହି ଶିବିରରେ କାରାଟେ, ତାଇକୋଣ୍ଡୋ ଓ ଓ୍ୱୁସୁ ଭଳି ଯୁଦ୍ଧକଳାର ମୂଳ କୌଶଳ ଶିଖାଯିବ, ଯାହା ଦ୍ୱାରା କିଶୋରୀମାନେ ନିଜେ ଆତ୍ମସୁରକ୍ଷା କରିପାରିବେ। ପ୍ରଶିକ୍ଷକମାନଙ୍କ ଦ୍ୱାରା ଆତ୍ମରକ୍ଷା କୌଶଳ ପ୍ରଦର୍ଶନ ହେବା ସମୟରେ ଉପସ୍ଥିତ ଦର୍ଶକମାନଙ୍କ ମଧ୍ୟରେ ଭାରି ଉତ୍ସାହ ଦେଖାଗଲା।

# ବାତ୍ୟାକୁ ନେଇ ଆଜି ଶିମିଳିପାଳ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ



ବାରିପଦା,୨୮। ୧୦(ସଂଚାର ବ୍ୟୁରୋ): ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବାତ୍ୟା ଜିନିତ ଭୀଷଣ ବୃଷ୍ଟିପାତ ପାଇଁ ମୟୁରଭଞ୍ଜ ଜିଲ୍ଲା କୁ ୟଲ ଓ୍ୱାର୍ନିଙ୍ଗ ଜାରି କରାଯାଇଅଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତା କାଲି ଅକ୍ଟୋବର ୨୯ ତାରିଖ ଦିନ ଶିମିଳିପାଳ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ବୋଲି କ୍ଷେତ୍ର ନିର୍ଦ୍ଦେଶକ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ତଥା ରିଜଅନାଲ ସିସିଏଫ ବାରିପଦା ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ପ୍ରଦାନ କରିଛନ୍ତି ।

# ଘର ଭୁଶୁଡ଼ି ମା' ଓ ଝିଅ ଆହାତ



କଣାସ,୨୮। ୧୦(ସଂଚାର ବ୍ୟୁରୋ): ସାମୁଦ୍ରିକ ଝଡ ମନ୍ଥା ପ୍ରଭାବରେ ଦୁଇଦିନ ହେଲା ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ଅଞ୍ଚଳରେ ତୁହାକୁ ତୁହା ବର୍ଷା ଲାଗିରହିବା ସହିତ ମଝିରେ ମଝିରେ ପବନ ବହୁଛି। ଆଜି ଦିନ ୧୧ଟା ସମୟରେ ବର୍ଷା ଯୋଗୁଁ ସାହୁପଡ଼ା ଗ୍ରାମପଞ୍ଚାୟତର ସାହୁପଡ଼ା ଗ୍ରାମର ରୋହିତ କୁମାର ମାର୍ଥାଙ୍କ ଚାଳଛପର ବାସଗୃହର କାନ୍ଥ ଭୁସୁଡି ପଡ଼ିବାରୁ ରୋହିତଙ୍କ ପତ୍ନି ସୁଚରିତା ମାର୍ଥା ଓ ୯ବର୍ଷର ଝିଅ ଶୁଭସ୍ମିତା ମାର୍ଥା ଆହାତ୍ ହୋଇଥିଲେ। ମାଆ ଓ ଝିଅ ଆହାତ୍ ହେବାପରେ ସେମାନଙ୍କୁ ସାହୁପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଝିଅର ମୁଣ୍ଡରେ ଆଘାତ୍ ଲାଗିଥିଲେ ମଧ୍ୟ ସେ ଚିକିତ୍ସା ହୋଇ ଘରକୁ ଫେରିଆସିଥିବା ଜଣାପଡ଼ିଛି।

# ସ୍ୱାମୀର କଟୁରୀ ଚୋଟରେ ସ୍ତ୍ରୀ ଗୁରୁତର ହୋଇ ବାଲେଶ୍ୱରରେ ଚିକିତ୍ସିତ



ବୈଶିଙ୍ଗା,୨୮।୧୦ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅର୍ନ୍ତଗତ ଗଡ଼ଦେଉଳିଆ ପଞ୍ଚାୟତର ଲାଖବିନ୍ଧା ଗ୍ରାମରେ ସ୍ୱାମୀଙ୍କ ଦାଉଲି ଚୋଟରେ ଗୁରୁତର ସ୍ତ୍ରୀ ଗୁରୁତର ଭାବେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଭଳି ଘଟଣା ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ମିଳିଥିବା ସୂଚନା ମୁତାବକ ରୁକ୍ମିଣୀ ( ୩୮ ବର୍ଷ ) ସ୍ୱାମୀଙ୍କ ପାରିବାରିକ ଅତ୍ୟାଚାରରେ ଅତିଷ୍ଠ ହୋଇ ଦୀର୍ଘ ତିନି ବର୍ଷ ହେବ ସେହି ଗ୍ରାମରେ ତାଙ୍କ ସମ୍ପର୍କୀୟ ଧରମ ବାପା ରେଣ୍ଟା ଟୁଡୁ ଙ୍କ ଘରେ ଆଶ୍ରୟ ନେଇଥିଲେ ଏବଂ ଲୋକଙ୍କ ଚାଷ କାର୍ଯ୍ୟରେ ସହାୟତା କରି ଯାହା ପାରିଶ୍ରମିକ ମିଳୁଥିଲା ସେଥିରେ ଗୁଜୁରାଣ ମେଣ୍ଟାଉ ଥିଲେ। ମଙ୍ଗଳବାର ସକାଳେ ସେ କୂଅରୁ ପାଣି ଟାଣୁଥିବା ବେଳେ ହଠାତ ତାଙ୍କ ସ୍ୱାମୀ ୪୪ ବର୍ଷିୟ ଧୁମା ଓରଫ କଙ୍କା କିସ୍କୁ ଏକ ଦାଉଲି ଧରି ତାଙ୍କ ବେକରେ ଚୋଟ ମାରିଥିଲେ। ତେବେ ରୁକ୍ମିଣୀ ପଛକୁ ବୁଲିପଡ଼ିବା ଯୋଗୁଁ ଦାଉଲି ଚୋଟ ବେକରେ ନବାଜି ତାଙ୍କ ପାଟି ରେ ବାଜିଥିଲା ଏବଂ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପାଖରେ ଥିବା କିଛି ଲୋକ ଦୌଡ଼ି ଆସି କଙ୍କା ଙ୍କୁ ମାଡ଼ିବସି ବାନ୍ଧି ପକାଇଥିଲେ ଏବଂ ପୋଲିସକୁ ଖବର ଦେଇଥିଲେ। ଗୁରୁତର ରୁକ୍ମିଣୀ ଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ରୁକ୍ମିଣୀଙ୍କ ବିବାହିତା ଝିଅ ଚମ୍ପା ମାଝୀ ଙ୍କ ଲିଖିତ ଅଭିଯୋଗ ମୂଳେ ବୈଶିଙ୍ଗା ପୋଲିସ ପକ୍ଷରୁ ୫୫୦/୨୫ନଂ ରେ ଏକ ମାମଲା ରୁଜୁ କରାଯାଇ ସଙ୍ଗେସଙ୍ଗେ ଘଟଣାସ୍ଥଳରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ଧାରୁଆ ଦାଉଲି ଜବତ କରାଯାଇ ଏସ ଆଇ ଅଶୋକ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଚାଲିଛି।

# ଅବସର ପ୍ରାପ୍ତ ମହିଳା ଇଞ୍ଜିନିୟର ଦ୍ୱାରା ପ୍ରୟାସ ଟ୍ରଷ୍ଟ ଗଠନ



ବାଲିକୁଦା,୨୮।୧୦ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକର ସଂଗ୍ରାମପୁର ଗ୍ରାମର ସ୍ୱର୍ଗତ ବୃନ୍ଦାବନ ଚନ୍ଦ୍ର ମହାନ୍ତି ଏବଂ ତାଙ୍କର ସହ ଧର୍ମିଣୀ ସ୍ୱର୍ଗତା ରତ୍ନମଣି ଦେଇଙ୍କ ସ୍ମୃତି ଉଦେଶ୍ୟରେ ପ୍ରୟାସ ଟ୍ରଷ୍ଟ ଗଠନ କରାଯାଇଅଛି। ସ୍ୱର୍ଗତ ବୃନ୍ଦାବନ ଚନ୍ଦ୍ର ମହାନ୍ତି ଜଣେ ଉଚ୍ଚକୋଟିର ଶିକ୍ଷକ ଥିଲେ ଏବଂ ଶିକ୍ଷାର ପ୍ରସାରଣ ପାଇଁ ସେ ଅନବରତ ପ୍ରଚେଷ୍ଟା ଜାରି ରଖିଥିଲେ। ସ୍ୱର୍ଗତ ରତ୍ନମଣି ଦେଇ ଜଣେ ସରଳ ଧର୍ମ ପରାୟଣ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ସୁପରିଚିତ ଥିଲେ। ତାଙ୍କର ସୁକନ୍ୟା ରେଣୁବାଳା ମହାନ୍ତି (ଓଡିଶା ର ପ୍ରଥମ ମେକାନିକାଲ ଇଞ୍ଜିନିୟର) ତାଙ୍କର ନିଜସ୍ୱ ଅର୍ଥ ବିନିଯୋଗ କରି ଉକ୍ତ ଟ୍ରଷ୍ଟଟି ଗଠନ କରିଛନ୍ତି। ଏହି ଟ୍ରଷ୍ଟ ସ୍ଥାନୀୟ ଅଞ୍ଚଳରେ ଥିବା ଆର୍ଥିକ ଅନଗ୍ରସର ପରିବାରର ପିଲାମାନଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟରେ ଉନ୍ନତି କରଣ ଦିଗରେ କାର୍ଯ୍ୟ କରିବ ବୋଲି ମହାନ୍ତି ପ୍ରକାଶ କରିଛନ୍ତି। ଯେଉଁମାନେ ଏହି ଟ୍ରଷ୍ଟର ସହାୟତା ପାଇବାପାଇଁ ଇଚ୍ଛୁକ ସେମାନେ ମୋବାଇଲ ନମ୍ବର -୯୯୩୭୦୫୫୦୪୫ରେ ଯୋଗାଯୋଗ କରିପାରିବେ ବୋଲି ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଅଛି।

# ବାତ୍ୟା ମୁକାବିଲା ପାଇଁ ବ୍ଲକ ପ୍ରଶାସନର ପ୍ରସ୍ତୁତି

କଣାସ,୨୮। ୧୦(ସଂଚାର ବ୍ୟୁରୋ): ସାମୁଦ୍ରିକ ଝଡ ମନ୍ଥାର ମୁକାବିଲା ପାଇଁ ପୁରୀ ଜିଲ୍ଲା କଣାସ ବ୍ଲକ ପ୍ରଶାସନ ଗତକାଲି ତାର ମୁକାବିଲା କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍, ତହସିଲଦାର ହିମାଂଶୁଶେଖର ଗିରି, ଦମକଳ ବାହିନୀ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ବିଦ୍ୟୁତ୍ ବିଭାଗ ଅଧିକାରୀ, ପାନୀୟଜଳ ଯୋଗାଣ ଅଧିକାରୀ ଉପସ୍ଥିତ ରହିଥିଲେ। ବାତ୍ୟାର ମୁକାବିଲା ପାଇଁ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ଥିବା ୨୪ବାତ୍ୟା ଆଶ୍ରୟସ୍ଥଳିକୁ ସଜାଗ ରଖାଯାଇଛି ଓ ଶୁଖିଲା ଖାଦ୍ୟ, ଗୋ ଖାଦ୍ୟ ଥିବା ବିଡିଓ ଶ୍ରୀ ସ୍ୱାଇଁଙ୍କ ଠାରୁ ପ୍ରକାଶ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଉପ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ପର୍ଯ୍ୟପ୍ତ ପରିମାଣର ଔଷଧ ଗଚ୍ଛିତ ରଖାଯାଇଥିବା ସ୍ୱାସ୍ଥ୍ୟ ଭାରପ୍ରାପ୍ତ ଅଧିକରୀ ଡାକ୍ତର କ୍ଷମାନିଧି ସେଠିଙ୍କ ଠାରୁ ପ୍ରକାଶ। ଯଦି ଅତ୍ୟାଧିକ ପବନ ଯୋଗୁଁ ଗଛଭାଙ୍ଗି ରାସ୍ତା ଅବରୋଧ ହୁଏ ସଂଗେ ସଂଗେ ରାସ୍ତା ସଫା କରିବା ପାଇଁ ଦମକଳ ବାହିନୀର କର୍ମଚାରୀମାନେ ପ୍ରସ୍ତୁତ ହୋଇରହିଛନ୍ତି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପରିପ୍ରେକ୍ଷୀରେ ସଚେତନତା ଶୋଭାଯାତ୍ରା



ବାରିପଦା,୨୮। ୧୦(ସଂଚାର ବ୍ୟୁରୋ): ଚଳିତ ଅକ୍ଟୋବର ମାସ ୨୭ ତାରିଖ ରୁ ଆଗାମୀ ନଭେମ୍ବର ମାସ ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳନ ପରିପ୍ରେକ୍ଷୀରେ ଆଜି ବାରିପଦା ଠାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଓ କ୍ରୀଡା ଛାତ୍ରାବାସ ଛାତ୍ର ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସକାଳ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଜିଲ୍ଲା ପ୍ରଶାସନ ଓ ବାରିପଦା ଭିଜିଲାନ୍ସ ୟୁନିଟ ତରଫରୁ ଆୟୋଜିତ ଉକ୍ତ ରାଲିକୁ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ ଏହି ରାଲିର ମୁଖ୍ୟ ଉଦେଶ୍ୟ ହେଉଛି ସମାଜରୁ ଦୁର୍ନୀତିକୁ ମୁଳୋତ୍ପାଟନ ନିମନ୍ତେ ସମାଜର ସବୁ ବର୍ଗର ଲୋକମାନଙ୍କ ମଧ୍ୟରେ ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା। କାରଣ ସମସ୍ତଙ୍କ ସହଭାଗୀତାରେ ହିଁ ଦୁର୍ନୀତିର ନିରାକରଣ ହୋଇପାରିବ। ଚଳିତ ବର୍ଷ ଏହି ସଚେତନତା ସପ୍ତାହ ପାଳନର ବିଷୟ ବସ୍ତୁ ରହିଛି ଦୁର୍ନୀତି ନିବାରଣ: ଆମ ସାମୂହିକ ଦାୟିତ୍ୱ।

# ବର୍ଷା ଓ ପବନ ଯୋଗୁଁ ଥୋଡୁଅ ଧାନ ଫସଲ ନଷ୍ଟ



କଣାସ,୨୮। ୧୦(ସଂଚାର ବ୍ୟୁରୋ): ସାମୁଦ୍ରିକ ଝଡ ମନ୍ଥା ଯୋଗୁଁ ଦୁଇଦିନ ହେଲା ପୁରୀ ଜିଲ୍ଲାର ଭାତହାଣ୍ଡି ରୂପେ ପରିଚିତ କଣାସ ବ୍ଲକର ଥୋଡୁଅ ଧାନଗୁଡିକ ଜମିରେ ଶୋଇ ପଡ଼ିଥିବା ଯୋଗୁଁ ଚାଷୀମାନେ ଚିନ୍ତାରେ ରହିଛନ୍ତି। ତୁହାକୁ ତୁହା ବର୍ଷା ସାଙ୍ଗକୁ ମଝିରେ ମଝିରେ ପବନ ବହିବା ଯୋଗୁଁ ଅନେକ ଜମିରେ ଥୋଡୁଅ ଧାନ ଗଛ ଶୋଇପଡ଼ି ଜମିରେ ଥିବା ପାଣି ମଧ୍ୟରେ ବୁଡିରହିଛି। ଶୋଇପଡ଼ିଥିବା ଧାନଗଛ ଗୁଡିକ ବର୍ତ୍ତମାନ କ୍ଷୀର ନେଉଥିବାରୁ ସେଗୁଡିକ ଅଗାଡି ହୋଇଯିବାର ଅଧିକ ସମ୍ଭାବନା ଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। କଣାସ ବ୍ଲକର ୮୦ଭାଗ ଲୋକ ଚାଷ ଉପରେ ନିର୍ଭର କରିଥାଆନ୍ତି।